# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୧୯/୨୦୨୧ (୧୨ ପୃଷ୍ଠା) | Bhubaneswar, Wednesday, May 19/2021 | ★★★★

୪୭ଶ ଭାଗ ୧୭୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପୁଅ, ମୁଁ ସବୁ ବାପାଙ୍କ ମା'**

ଟ୍ରୋଲରଙ୍କୁ ଜବାବ ଦେଇ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ କହିଛନ୍ତି, 'ମୁଁ ସବୁ ବାପାଙ୍କ ମା'। ଆଗକୁ ଔକାତରେ ରହି କଥା କୁହ'।

୧୦

୧୨

**ଇଂଲଣ୍ଡ ଟୁର୍ ପାଇଁ ରିଦ୍ଧିମାନ ଉପଲବ୍ଧ**

କରୋନାରୁ ଆରୋଗ୍ୟ ପରେ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା ଭାରତର ଇଂଲଣ୍ଡ ଟୁର୍‌ପାଇଁ ଉପଲବ୍ଧ ହୋଇଛନ୍ତି।



# ୧ ଯାଏ ବଢ଼ିଲା ଲକ୍‌ଡାଉନ

- ପୂର୍ବଭଳି ଜାରିରହିବ ସପ୍ତାହାନ୍ତ ଶଟ୍‌ଡାଉନ
- ପନିପରିବା କିଣିବାକୁ ମିଳିବ ୪ ଘଣ୍ଟା ସମୟ
- କଳକାରଖାନା, କୃଷି କାର୍ଯ୍ୟକୁ ଅନୁମତି



ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟରେ କୋଭିଡ୍‌-୧୯ ଦୈନିକ ସଂକ୍ରମଣ ହାର ୧୦ହଜାର ଉପରେ ରହୁଛି। ଯଦିଓ କିଛିଦିନ ହେବ ରାଜ୍ୟରେ ସଂକ୍ରମଣ ହାର ସ୍ଥିର ରହିଛି ତଥାପି ଉଦ୍‌ବେଗଜନକ ସ୍ଥିତିରେ ରହୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବୁଧବାରଠାରୁ ଜୁନ୍ ୧ତାରିଖ ସକାଳ ୫ଟା ଯାଏ ପୁଣି ସମଗ୍ର ରାଜ୍ୟରେ ଲକ୍‌ଡାଉନ ଘୋଷଣା କରିଛନ୍ତି। ଏଥିସହିତ ସପ୍ତାହାନ୍ତ ଶଟ୍‌ଡାଉନ ମଧ୍ୟ ପୂର୍ବଭଳି ଜାରି ରହିବ। ଶୁକ୍ରବାର ସନ୍ଧ୍ୟା ୬ଟାରୁ ସୋମବାର ସକାଳ ୫ଟା ଯାଏ ଶଟ୍‌ଡାଉନ ଜାରିରହିବ। ଲକ୍‌ଡାଉନ ସମୟରେ ଲୋକମାନଙ୍କ ଯାତାୟାତ ଉପରେ ବିଶେଷ କଟକଣା ରହିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ଗତ ୫ ତାରିଖରୁ ୧୯ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ଏହି ସମୟରେ ସୋମବାରରୁ ଶୁକ୍ରବାର ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପନିପରିବା, ମାଛ, ମାଂସ, ତେଜରାତି, ଦୁଗ୍ଧ ଆଦି ଜିନିଷ କିଣିବା ପାଇଁ ଅନୁମତି ମିଳୁଥିଲା। ହେଲେ ଏବେ ଏହି ସମୟ ସୀମାକୁ ହ୍ରାସ କରାଯାଇଛି। ଏବେ ☞ପୃଷ୍ଠା-୪

## ଭୋଜି ମନା

**ବାହାଘର ପାଇଁ ୨୫, ଶୁଦ୍ଧିକାର୍ଯ୍ୟ ଲାଗି ୨୦ ଜଣଙ୍କୁ ଅନୁମତି**

ଭୁବନେଶ୍ୱର,୧୮।୫(ବ୍ୟୁରୋ)

ରାଜ୍ୟ ସରକାର ଲକ୍‌ଡାଉନ ଅବଧି ଜୁନ୍ ପହିଲା ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ବାହାଘର, ବ୍ରତଘର ଓ ଶୁଦ୍ଧିକାର୍ଯ୍ୟରେ ଅଧିକ ସଂଖ୍ୟାରେ ଲୋକମାନେ ଯୋଗଦେବା ଓ ଭୋଜିଭାତ ଆୟୋଜନ ଯୋଗୁ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବା ଯଥେଷ୍ଟ ଆଶଙ୍କା ରହିଛି। ଏଥିପାଇଁ ବାହାଘର, ବ୍ରତଘର ଓ ଶୁଦ୍ଧିକାର୍ଯ୍ୟ ପାଇଁ କଟକଣାକୁ ଆହୁରି କଡ଼ାକଡ଼ି କରାଯାଇଛି। ବାହାଘର କାର୍ଯ୍ୟରେ ସର୍ବାଧିକ ୫୦ଜଣ ଉପସ୍ଥିତ ରହିପାରିବେ ବୋଲି ପୂର୍ବରୁ ଅନୁମତି ଦିଆଯାଇଥିଲା। ହେଲେ ଏଣିକି ବାହାଘରରେ ୫୦ବଦଳରେ ବର, କନ୍ୟା, ପୂଜକ ଓ ଉଭୟ ପକ୍ଷଙ୍କୁ ମିଶାଇ ମୋଟ ୨୫ ଜଣ ଉପସ୍ଥିତ ରହିପାରିବେ। ବ୍ରତଘର ଓ ଶୁଦ୍ଧିକାର୍ଯ୍ୟରେ ସର୍ବାଧିକ ୨୦ଜଣ ଉପସ୍ଥିତ ରହିପାରିବେ। ବାହାଘର, ବ୍ରତଘର ☞ପୃଷ୍ଠା-୪

# ଦାନା ବାନ୍ଧୁଛି ବାତ୍ୟା

## ମେ' ୨୬ରେ ଓଡ଼ିଶା, ପଶ୍ଚିମବଙ୍ଗ ଦେଇ ସ୍ଥଳଭାଗ ଅତିକ୍ରମ କରିପାରେ

ଭୁବନେଶ୍ୱର,୧୮।୫(ବ୍ୟୁରୋ)



କରୋନା ମହାମାରୀ ବିପଦରେ ଘାଣ୍ଟି ହେଉଥିବା ଓଡ଼ିଶା ଆଉ ଏକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ଯାଉଛି। ଆରବସାଗର ପରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ବାତ୍ୟା ଦାନାବାନ୍ଧୁଛି। ଆସନ୍ତା ୨୦ କିମ୍ବା ୨୧ ତାରିଖରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ୨୩ ତାରିଖ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବ। ଏହା ଧୀରେ ଧୀରେ ଘନୀଭୂତ ହୋଇ ବାତ୍ୟାରେ ରୂପାନ୍ତରିତ ହେବାର ସମ୍ଭାବନା ରହିଛି। ଆସନ୍ତା ୨୫ ତାରିଖରେ ଏହା ଭୟଙ୍କର ବାତ୍ୟାରେ ପରିଣତ ହୋଇ ସ୍ଥଳଭାଗ ଆଡ଼କୁ ମାଡ଼ିଆସିବ। ତେବେ ପ୍ରାଥମିକ ଆକଳନ ଅନୁଯାୟୀ ବାତ୍ୟାର ବେଗ ୯୦ରୁ ୧୧୦ କି.ମି. ରହିବ ବୋଲି ଅନୁମାନ କରାଯାଉଛି। ଏହା ଓଡ଼ିଶାର ଜଗତ୍‌ସିଂହପୁର ଓ ବାଲେଶ୍ୱର ମଧ୍ୟଦେଇ ମେ' ୨୬ ତାରିଖରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ଯଦି ବାତ୍ୟା ଗତିପଥ ବଦଳାଏ, ତେବେ ତାହା ପଶ୍ଚିମବଙ୍ଗ କିମ୍ବା ବାଂଲାଦେଶ ମଧ୍ୟରେ ସ୍ଥଳଭାଗ ଛୁଇଁବା ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସନ୍ତା ୨୧ ତାରିଖରେ ଦକ୍ଷିଣ ଆଣ୍ଡାମାନ ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ଏଥିଯୋଗୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆସନ୍ତା ୨୩ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଲଘୁଚାପର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ୨୨ ତାରିଖରେ ଲଘୁଚାପର ସ୍ଥିତି ଓ ବେଗ ସମ୍ପର୍କରେ ପୂର୍ବାନୁମାନ କରାଯାଇପାରିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ନିର୍ଦ୍ଦେଶକ ଏଚ୍.ଆର. ବିଶ୍ୱାସ କହିଛନ୍ତି।

ଲଘୁଚାପ ଯଦି ବାତ୍ୟାରେ ପରିଣତ ହୁଏ, ତେବେ ତାହା ବଙ୍ଗୋପସାଗରରେ ଚଳିତ ବର୍ଷର ପ୍ରଥମ ବାତ୍ୟା ହେବ। ଅନ୍ୟ ପକ୍ଷରେ ଆରବସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ତଉକ୍ତାଏ ସ୍ଥଳଭାଗ ଅତିକ୍ରମ କରି ସାରିଥିବାରୁ ରାଜ୍ୟରେ ପାଗ ଶୁଖିଲା ରହିବା ସହ ପ୍ରବଳ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ଏହାର ପ୍ରଭାବରେ ଆସନ୍ତା ୨୦ ଏବଂ ୨୧

**୨୩ରେ ଲଘୁଚାପ**

**ସ୍ଥିତି ଉପରେ ନଜର ରଖାଯାଇଛି: ପାଣିପାଗ ବିଭାଗ**

ତାରିଖରେ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ଶୁଖିଲା ରହିବା ସହ ଉପକୂଳ ଓଡ଼ିଶାରେ ଗୁଳୁଗୁଳି ବଢ଼ିବା ନେଇ ପୂର୍ବାନୁମାନ କରାଯାଇଛି। ରାଜ୍ୟରେ ଗତ ଦୁଇଦିନ ହେବ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରିରହିଛି। ସର୍ବୋଚ୍ଚ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସକୁ ଛୁଇଁଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ସୋନପୁରରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସମ୍ବଲପୁର ୪୧.୨, ସୁନ୍ଦରଗଡ଼ ୪୧, ତାଳଚେର ୪୦.୭, ଭବାନୀପାଟଣା ୪୦.୫, ଫୁଲବାଣୀ ୪୦.୪, ଟିଟିଲାଗଡ଼ ୪୦.୨, ମାଲକାନଗିରି ୪୦ ଏବଂ ବୌଦ୍ଧରେ ସର୍ବାଧିକ ୪୧.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ପେଟ୍ରୋଲ ୨୭, ଡିଜେଲ ୩୨ ପଇସା ବଢ଼ିଲା

**ନୂଆଦିଲ୍ଲୀ/ଭୁବନେଶ୍ୱର,୧୮।୫:** କରୋନା ମହାମାରୀ ସମୟରେ ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା ଉପଭୋକ୍ତାଙ୍କୁ ବାଧୁଛି। ଦିନକର ବିରତି ପରେ ପୁଣି ମଙ୍ଗଳବାର ବଢ଼ିଛି ତେଲ ଦର। ଫଳରେ ସାରା ଦେଶରେ ତେଲ ଦର ରେକର୍ଡ ସ୍ତର ଡେଇଁବା ସହ ଓଡ଼ିଶା ବଜାରରେ ମଧ୍ୟ ସର୍ବକାଳୀନ ରେକର୍ଡ କରିଛି। ଚଳିତ ବର୍ଷ ପେଟ୍ରୋଲ ଓ ଡିଜେଲ ଆଗ ପଛ ହୋଇ ୯୦ ଟଙ୍କା ପାର କରିଥିବା ଓଡ଼ିଶାର ତୈଳ ଡିଲରମାନେ ସୂଚନା ଦେଇଛନ୍ତି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୨୭ ପଇସା ଏବଂ ଡିଜେଲ ୩୨ ପଇସା ବୃଦ୍ଧି ଘଟିଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୩.୫୬ ଟଙ୍କାକୁ ବୃଦ୍ଧି ଘଟିଥିବା ବେଳେ ଡିଜେଲ ୯୦.୯୮ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୨୭ ପଇସା ଏବଂ ଡିଜେଲ ୨୯ ପଇସା ବଢ଼ିଥିବା ସୂଚନା ମିଳିଛି। ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୯୨.୮୫ ଟଙ୍କା ଓ ଡିଜେଲ ଲିଟର ପିଛା ୮୩.୫୧ ଟଙ୍କାରେ ପହଞ୍ଚିଛି। ଦେଶର ଅନ୍ୟ ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୯୪.୫୪ ଟଙ୍କା, ୯୨.୯୨ ଟଙ୍କା ଏବଂ ୯୯.୧୪ ଟଙ୍କାକୁ ଛୁଇଁଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଲିଟର ପିଛା ୮୮.୩୪ ଟଙ୍କା, ୮୬.୩୫ ଟଙ୍କା ଏବଂ ୯୦.୭୧ ଟଙ୍କାରେ କାରବାର ହେଉଥିବା ଜଣାପଡ଼ିଛି।




# ନୈତିକ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ଲିଭ୍-ଇନ୍ ସମ୍ପର୍କ

ଚଣ୍ଡିଗଡ଼,୧୮।୫

**ଯୋଡ଼ିଙ୍କୁ ସୁରକ୍ଷା ଦେବାକୁ ମନା କଲେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ**



ଲିଭ୍-ଇନ୍ ରିଲେଶନଶିପ୍ ନୈତିକ ତଥା ସାମାଜିକ ଦୃଷ୍ଟିରୁ ଗ୍ରହଣୀୟ ନୁହେଁ ବୋଲି ପଞ୍ଜାବ ଓ ହରିୟାଣା ହାଇକୋର୍ଟ ବିଚିତ୍ର ଟିପ୍ପଣୀ ଦେଇଛନ୍ତି। ଏହାସହ ଆବେଦନକାରୀ ଯୋଡ଼ିଙ୍କୁ ସୁରକ୍ଷା ଦେବାକୁ ମନା କରି ସେମାନଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ହାଇକୋର୍ଟଙ୍କ ଏଭଳି ରକ୍ଷଣଶୀଳ ଓ ପୁରୁଣାକାଳିଆ ଆଭିମୁଖ୍ୟକୁ ସାମାଜିକ ଗଣମାଧ୍ୟମରେ ତୀବ୍ର ବିରୋଧ କରାଯାଇଛି। ଟୁଇଟରରେ କେତେଜଣ ୟୁଜର୍ସ ହାଇକୋର୍ଟଙ୍କୁ ଖାପ୍ ପଞ୍ଚାୟତ ସହ ତୁଳନା କରିଛନ୍ତି।

ଉତ୍ତରପ୍ରଦେଶର ଜଣେ ୧୯ ବର୍ଷୀୟ ଯୁବତୀ ଓ ପଞ୍ଜାବର ୨୨ ବର୍ଷୀୟ ଯୁବକ ଲିଭ୍-ଇନ୍ ସମ୍ପର୍କରେ ରହୁଥିଲେ। ଯୁବତୀଙ୍କ ପରିବାର ପକ୍ଷରୁ ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା କରି ଉଭୟେ ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁରକ୍ଷିତ ଭାବେ ଏକାଠି ରହିବା ପାଇଁ ସ୍ୱାଧୀନତା ପ୍ରଦାନ ନିମନ୍ତେ ପଞ୍ଜାବ ପୋଲିସକୁ ନିର୍ଦ୍ଦେଶ ଦେବା ଲାଗି ଆବେଦନକାରୀ ଯୋଡ଼ି ହାଇକୋର୍ଟଙ୍କୁ ନିବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ପିଟିଶନ ଦାଏର କରି ଆଇନଜୀବୀ ଜେ.ଏସ୍. ଠାକୁର ଦର୍ଶାଇଥିଲେ ଯେ, ଉଭୟେ ୪ ବର୍ଷ ହେଲା ଲିଭ୍-ଇନ୍ ସମ୍ପର୍କରେ ରହିଆସୁଛନ୍ତି। ଦୁହେଁ ଭିନ୍ନ ଜାତିର ହୋଇଥିବାରୁ ଯୁବତୀଙ୍କ ପରିବାର ଏହାକୁ ବିରୋଧ କରୁଛି। ଏପରି କି ତାଙ୍କ ପରିବାର ଲୋକେ ସେମାନଙ୍କୁ ଧମକ ମଧ୍ୟ ଦେଇଛନ୍ତି। ଜୀବନ ଭୟରେ ସେ ଘର ଛାଡ଼ି ପଳାଇଆସିଛନ୍ତି। ଏନେଇ ଗତ ଏପ୍ରିଲରେ ଏହି ଯୋଡ଼ି ପଞ୍ଜାବ ପୋଲିସକୁ ଇ-ମେଲ୍ ଜରିଆରେ ଗୁହାରି କରିଥିଲେ। ଦୁହେଁ ପରସ୍ପରକୁ ବିବାହ କରିବାକୁ ଚାହୁଁଥିବାରୁ ସେମାନଙ୍କୁ ଆଇନତଃ ସୁରକ୍ଷା ଦିଆଯାଉ। ଜଷ୍ଟିସ୍ ଏଚ୍.ଏସ୍. ମଦାନଙ୍କ ଜଣିକିଆ ଖଣ୍ଡପୀଠ ଏହି ପ୍ରସଙ୍ଗରେ ☞ପୃଷ୍ଠା-୪

### ସୋସିଆଲ ମିଡିଆରେ ନିନ୍ଦା

ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ସଦ୍ୟ ରାୟକୁ ଟୁଇଟରରେ ବିରୋଧ କରିଛନ୍ତି ୟୁଜର୍ସ। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ ଦେଶର ପ୍ରତ୍ୟେକ ନାଗରିକଙ୍କୁ ଜୀବନ ଧାରଣ ଓ ସ୍ୱାଧୀନତାର ମୌଳିକ ଅଧିକାର ଦେଇଛି। କିନ୍ତୁ ଆମ ଅଦାଲତ ଏଭଳି ଆଇନକୁ କାର୍ଯ୍ୟକାରୀ କରିବାକୁ ଚାହୁଁ ନ ଥିବା ସାକେତ ଗୋଖଲେ ନାମକ ଜଣେ ସାମାଜିକ କର୍ମୀ ଟୁଇଟ୍ କରିଛନ୍ତି। ନୂଆଦିଲ୍ଲୀର କୁନାଲ କୁମାରଙ୍କ ମତରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଆଲ୍ଲାହାବାଦ ହାଇକୋର୍ଟଙ୍କଠାରୁ ଶିକ୍ଷାଲାଭ କରିବା ଉଚିତ। ସେମାନେ ଏପରି ସମ୍ବେଦନଶୀଳ ପ୍ରସଙ୍ଗରେ ଟିପ୍ପଣୀ ଦେବା ଆଗରୁ ପୂର୍ବ ରାୟଗୁଡ଼ିକ ସମ୍ପର୍କରେ ଭଲ ଭାବେ ଅନୁଧ୍ୟାନ ଓ ବିଚାର କରିବା ଉଚିତ। ସେହିପରି ଅନ୍ୟ ଜଣେ ୟୁଜର କହିଛନ୍ତି, ହାଇକୋର୍ଟ ସୁପ୍ରିମକୋର୍ଟଙ୍କ ଏସମ୍ପର୍କିତ ରାୟକୁ ଅବଜ୍ଞା କରିଛନ୍ତି।

# ମୃତ୍ୟୁ ତଥ୍ୟକୁ ନେଇ ବିବାଦ

ଭୁବନେଶ୍ୱର,୧୮।୫(ବ୍ୟୁରୋ)

କରୋନାର ଦ୍ୱିତୀୟ ଲହର ମାରାତ୍ମକ ସାବ୍ୟସ୍ତ ହୋଇଛି। ଦେଶରେ ଗତ କିଛିଦିନ ହେଲା କରୋନା ଆକ୍ରାନ୍ତଙ୍କ ମୃତ୍ୟୁସଂଖ୍ୟା ସରକାରୀ ତଥ୍ୟ ଅନୁସାରେ ହାରାହାରି ପ୍ରାୟ ୪୦୦୦ ରହୁଛି। ଓଡ଼ିଶାରେ ମଧ୍ୟ ମୃତ୍ୟୁସଂଖ୍ୟା ଚିନ୍ତାଜନକ ଥିବାବେଳେ ତଥ୍ୟକୁ ନେଇ ବିବାଦ ସୃଷ୍ଟି ହେଉଛି। ଅନେକେ ସରକାରୀ ତଥ୍ୟକୁ ବିଶ୍ୱାସ ନ କରି ତଥ୍ୟ ଲୁଚାଉଥିବା ଅଭିଯୋଗ ଆଣିଛନ୍ତି। ରାଜ୍ୟରେ କେତେଜଣଙ୍କ କରୋନାରେ ମୃତ୍ୟୁ ଘଟିଛି ତାହା ରାଜ୍ୟବାସୀ ଜାଣିବା ପାଇଁ ପ୍ରତିଦିନ ସ୍ୱାସ୍ଥ୍ୟ ବିଭାଗର ଟୁଇଟର ଆକାଉଣ୍ଟରେ ତଥ୍ୟ ପ୍ରକାଶ ପାଉଛି, ଯେଉଁଥିରେ ମୃତକଙ୍କ ବୟସ, ଲିଙ୍ଗ ଓ ସେ କେଉଁ ଜିଲାର ଉଲ୍ଲେଖ ରହୁଛି। ହେଲେ ରାଜ୍ୟ ସରକାରଙ୍କ ଉକ୍ତ ସୋସିଆଲ ମିଡିଆ



Reena Behera
@ReenaBe88691487
Replying to @HFWOdisha
I lost my Father yesterday in Corona. Where is his data? Please don't do this. Exact data is not available to public. How can public become more cautious.
10:02 · 18 May 21 · Twitter for Android
36 Likes

Koushik @rKoushikTweet · 10h
Replying to @ReenaBe88691487 and @HFWOdisha
Same happen to us not a single person from my district, even he died in govt hospital. What's going on here? Why even they publishing these data.

ଆକାଉଣ୍ଟରେ ମୃତକଙ୍କ ପରିବାର ସଦସ୍ୟମାନେ ସିଧାସଳଖ ପ୍ରମାଣ



ସହିତ ପ୍ରଶ୍ନ କରୁଛନ୍ତି ଯେ, ସେମାନଙ୍କ ପରିବାର ସଦସ୍ୟଙ୍କ ମୃତ୍ୟୁ ତଥ୍ୟ କାହିଁକି ଦିଆଯାଉନାହିଁ। ରାଜ୍ୟର ପ୍ରତ୍ୟେକ ସହରର ପ୍ରତି ଗଳିରୁ ପ୍ରଶ୍ନ ଉଠୁଛି ଯେ ଏଭଳି ସାଂଘାତିକ ଖେଳ କାହିଁକି। ଆମ ପରିବାର ସଦସ୍ୟଙ୍କ ମୃତ୍ୟୁ ବିଷୟ କାହିଁକି ସରକାରୀ ତଥ୍ୟରେ ଉଲ୍ଲେଖ ହେଉନାହିଁ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି। ଭାତହାଣ୍ଡିରୁ ଗୋଟିଏ ପରଖିବା ଭଳି ଧରିତ୍ରୀର ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀଙ୍କ ସାନଭାଇ ଅବନୀକାନ୍ତ ପାଣିଗ୍ରାହୀଙ୍କ ଗତ ୧୫ ତାରିଖରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। କିନ୍ତୁ ଏହି ମୃତ୍ୟୁ ବିଷୟ ଆଜି ଯାଏ ସ୍ୱାସ୍ଥ୍ୟ ବିଭାଗର ଟୁଇଟର ତଥ୍ୟରେ ଉଲ୍ଲେଖ କରାଗଲାନାହିଁ। ଏହି ଘଟଣାରୁ ସ୍ପଷ୍ଟ ହେଉଛି ଯେ, ସାଧାରଣ ଲୋକଙ୍କ ମନରେ ସୃଷ୍ଟି ହେଉଥିବା ଅବିଶ୍ୱାସ କେତେ ଯଥାର୍ଥ।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ସାଂଘାତିକ ତଥ୍ୟ ରାଜ୍ୟବାସୀଙ୍କୁ ଗଭୀରଭାବେ ମର୍ମାହତ କରିଛି। ସରକାର ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ଯେଉଁ ପରିସଂଖ୍ୟାନ ପ୍ରତିଦିନ ଦେଉଛନ୍ତି ତାହା ☞ପୃଷ୍ଠା-୪

# ସିଙ୍ଗାପୁର ଷ୍ଟ୍ରେନ୍‌ରେ ତୃତୀୟ ଲହର ଆଶଙ୍କା

**ଶିଶୁଙ୍କ ପାଇଁ ବିପଦ ହୋଇପାରେ**

**ବିମାନ ଚଳାଚଳ ବନ୍ଦ ଦାବି କଲେ କେଜ୍‌ରିଓ୍ୱାଲ**

ନୂଆଦିଲ୍ଲୀ, ୧୮।୫

ସିଙ୍ଗାପୁରରେ ଚିହ୍ନଟ ହୋଇଥିବା କରୋନା ଭାଇରସ୍‌ର ନୂଆ ଷ୍ଟ୍ରେନ୍ ଭାରତରେ ତୃତୀୟ ଲହରକୁ ଡାକିଆଣିପାରେ। ତେଣୁ ତୁରନ୍ତ ପଦକ୍ଷେପ ନିଆଯାଇ ସିଙ୍ଗାପୁର ସହ ସମସ୍ତ ବିମାନ ଚଳାଚଳ ବନ୍ଦ କରାଯାଉ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଦାବି କରିଛନ୍ତି।

କେଜ୍‌ରିଓ୍ୱାଲଙ୍କ ମତରେ ସିଙ୍ଗାପୁର ଷ୍ଟ୍ରେନ୍‌ରେ ଶିଶୁମାନେ ଅଧିକ ସଂକ୍ରମିତ ହେବାର ଆଶଙ୍କା ରହିଛି। ତେଣୁ ପିଲାମାନଙ୍କ ଟିକାକରଣ ପାଇଁ କେନ୍ଦ୍ର ସରକାର ଯୁଦ୍ଧକାଳୀନ ଭିତ୍ତିରେ ଭାକ୍ସିନ ପ୍ରସ୍ତୁତ କରନ୍ତୁ ବୋଲି ସେ ଟୁଇଟ୍ କରିଛନ୍ତି। ସିଙ୍ଗାପୁରରେ କରୋନା ଭୂତାଣୁର ନୂଆ ଷ୍ଟ୍ରେନ୍ ଦେଖାଯିବା ପରେ ଏଥିରେ ଶିଶୁମାନେ ଆକ୍ରାନ୍ତ ହେବାର ଆଶଙ୍କା ରହିଥିବା ସେଠାକାର ଶିକ୍ଷା ମନ୍ତ୍ରୀ ଚାନ୍ ଚୁନ୍ ସିଙ୍ଗ୍ ମାନିଛନ୍ତି। ତେଣୁ ବୁଧବାରଠାରୁ ମେ ୨୮ ପର୍ଯ୍ୟନ୍ତ ସେଠାରେ ସମସ୍ତ ସ୍କୁଲ ବନ୍ଦ କରାଯିବାକୁ ଘୋଷଣା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତରୁ ସିଙ୍ଗାପୁର ଯାଉଥିବା ଓ ସେଠାରୁ ଆସୁଥିବା ବିମାନ ଚଳାଚଳ ଉପରେ କଟକଣା ଲଗାଇବାକୁ କେଜ୍‌ରିଓ୍ୱାଲ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

**ଆଜିର ସମ୍ପାଦକୀୟ**

ପଦ୍ମ ଭଳି ଟିକା

**ଆଜିର ମନ୍ତବ୍ୟ**

"ମିଛ ପ୍ରଚାର କରିବାରେ ସମୟ ନ ସାରି କେନ୍ଦ୍ର ସରକାର ଲୋକଙ୍କ ଜୀବନ ରକ୍ଷା କରନ୍ତୁ।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା

## ସଂକ୍ଷେପରେ

### ପଦ୍ମଶ୍ରୀ ଡା. କେ. କେ. ଅଗ୍ରୱାଲଙ୍କ ପରଲୋକ

ନୂଆଦିଲ୍ଲୀ, ୧୮।୫: ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ତଥା ଇଣ୍ଡିଆନ ମେଡିକାଲ ଆସୋସିଏଶନର ପୂର୍ବତନ ଅଧକ୍ଷ ଡାକ୍ତର କେ. କେ.



ଅଗ୍ରୱାଲଙ୍କ ସୋମବାର ପରଲୋକ ହୋଇଛି। ତାଙ୍କୁ ୬୨ ବର୍ଷ ହୋଇଥିଲା। କରୋନାରେ ସଂକ୍ରମିତ ହୋଇ ସେ ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଗତ ସପ୍ତାହରୁ ସେ ଭେଣ୍ଟିଲେଟର ସପୋର୍ଟରେ ରହିଥିଲେ। ହୃଦ୍‌ରୋଗ ବିଶେଷଜ୍ଞ ଡା. ଅଗ୍ରୱାଲ ହାର୍ଟ କେୟାର ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ମୁଖ୍ୟ ଥିଲେ। ୨୦୦୫ରେ ସେ ଡକ୍ଟର ବି. ସି. ରୟ୍ ପୁରସ୍କାର ଏବଂ ୨୦୧୦ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ। ନାଗପୁର ୟୁନିଭର୍ସିଟିରେ ସେ ଏମ୍‌ବିବିଏସ୍ କରିଥିଲେ।

### 'ଭାରତକୁ ସହାୟତା ଜାରି ରଖିବ ଆମେରିକା'

**ୱାଶିଂଟନ୍, ୧୮।୫:** ଭାରତ ଆମେରିକାର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଏବଂ କରୋନା ସହ ଲଢୁଥିବା ଭାରତକୁ ଆମେରିକା ଆଗକୁ ସହାୟତା ପ୍ରଦାନ ଜାରି ରଖିବ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରି ଜେନ୍ ସାକି କହିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ ଭାରତକୁ ୧୦୦ ମିଲିୟନ ଡଲାର ସହାୟତା ପ୍ରଦାନ ପାଇଁ ଘୋଷଣା କରିଥିବାବେଳେ ଅନ୍ୟାନ୍ୟ ସାହାଯ୍ୟ ନିମନ୍ତେ କାମ କରୁଥିବା ଜେନ୍ ସୋମବାର ସୂଚନା ଦେଇଛନ୍ତି। ଆର୍ଥିକ ଅନୁଦାନ ଓ ସହାୟତା ସାମଗ୍ରୀ ଥିବା ୭ଟି ବିମାନ ଭାରତକୁ ପଠାଯାଇଛି। ବାଣିଜ୍ୟିକ ପରିବହନ କେନ୍ଦ୍ର ମାଧମରେ ଅତିରିକ୍ତ ଅକ୍ସିଜେନ କନ୍‌ସେନଟ୍ରେଟର ନେଇ ସପ୍ତମ ବିମାନ ସୋମବାର ଭାରତକୁ ଯାଇଥିବା ସେ କହିଛନ୍ତି।

### ଜଷ୍ଟିସ୍ ଅରୁଣା ସୁରେଶଙ୍କ ପରଲୋକ



**ନୂଆଦିଲ୍ଲୀ, ୧୮।୫:** ଦିଲ୍ଲୀ ଏବଂ ଓଡ଼ିଶା ହାଇକୋର୍ଟରେ ବିଚାରପତି ଥିବା ଜଷ୍ଟିସ୍ ଅରୁଣା ସୁରେଶଙ୍କ ମଙ୍ଗଳବାର ସକାଳେ ପରଲୋକ ହୋଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ୧୯୭୨ରେ ଦିଲ୍ଲୀ ୟୁନିଭର୍ସିଟିରେ ଏଲ୍‌ଏଲ୍‌ବି ଡିଗ୍ରୀ ହାସଲ କରିଥିଲେ। ୧ ଫେବୃୟାରୀ ୧୯୭୩ରେ ଦିଲ୍ଲୀ ଜୁଡିସିଆଲ ସର୍ଭିସ୍‌ରେ ଯୋଗ ଦେଇଥିଲେ। ୩୦ ମେ ୧୯୯୧ରେ ଦିଲ୍ଲୀ ହାୟର ଜୁଡିସିଆଲ ସର୍ଭିସ୍‌ରେ ଆଡିସିନାଲ ଡିଷ୍ଟ୍ରିକ୍ଟ ଆଣ୍ଡ ସେସନ୍ସ ଜଜ୍ ଭାବେ ସେ ପଦୋନ୍ନତି ପାଇଥିଲେ। ୪ ଜୁଲାଇ ୨୦୦୬ରେ ଜଷ୍ଟିସ୍ ଅରୁଣା ଦିଲ୍ଲୀ ହାଇକୋର୍ଟରେ ଅତିରିକ୍ତ ଜଜ୍ ହୋଇଥିଲେ। ୧୧ ଫେବୃୟାରୀ ୨୦୦୮ରେ ସେ ସ୍ଥାୟୀ ବିଚାରପତି ନିଯୁକ୍ତି ପାଇଥିଲେ। ୨୮ ଅକ୍ଟୋବର ୨୦୦୮ରେ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ଶପଥ ଶପଥ ନେଇଥିଲେ। ୧୮ ଫେବୃୟାରୀ ୨୦୧୨ରେ ସେ ଅବସର ନେଇଥିଲେ।

### ଭୁଲ୍ କୋଭିଡ୍ ତଥ୍ୟ ପ୍ରତି ସତର୍କ ରୁହ



**ୱାଶିଂଟନ୍, ୧୮।୫:** ଭାରତରେ କରୋନାର ଘାତକ ଦ୍ୱିତୀୟ ଲହର ଜାରି ଥିବାବେଳେ ଭାରତୀୟ-ଆମେରିକୀୟ ଏବଂ ଭାରତୀୟଙ୍କୁ କରୋନା ସମ୍ପର୍କିତ ମିଥ୍ୟା ଖବର ପ୍ରତି ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଆମେରିକାର ସର୍ଜନ ଜେନେରାଲ ବିବେକ ମୂର୍ତ୍ତି। ବିଶେଷ କରି ସୋସିଆଲ ମିଡିଆରେ ପ୍ରଚାର ହେଉଥିବା ଖବର ବିଶ୍ୱାସ କରିବା ପୂର୍ବରୁ ସଚେତନ ରହିବାକୁ ସେ କହିଛନ୍ତି। ଭୁଲ୍ ତଥ୍ୟ ଏକ ପ୍ରକାର ଭାଇରସ୍ ଏବଂ ଏହା ମଧ ଲୋକଙ୍କ କ୍ଷତି ଘଟାଇଥାଏ। ଏହା ବେଳେବେଳେ ଲୋକଙ୍କୁ ଏପରି କାର୍ଯ୍ୟ କରିବାକୁ ବାଧ କରିଥାଏ ଯାହାଦ୍ୱାରା ସେମାନେ ନିଜେ ଏବଂ ଅନ୍ୟମାନେ ବିପଦରେ ପଡ଼ିଥାନ୍ତି।



## ପୃଥିବୀରେ ୫ ହଜାର କୋଟି ପକ୍ଷୀ

ସିଡ୍‌ନୀ: ପ୍ରାୟ ୫୦ ବିଲିୟନ ବା ୫୦୦୦ କୋଟି ପକ୍ଷୀ ପୃଥିବୀରେ ବାସ କରନ୍ତି। ଏହି ସଂଖ୍ୟା ବିଶ୍ୱର ମୋଟ ଲୋକ ସଂଖ୍ୟାର ୬ ଗୁଣ। ଏ ନେଇ ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ନ୍ୟୁ ସାଉଥ ୱେଲ୍‌ସ ୟୁନିଭର୍ସିଟିର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ୟୁନିଭର୍ସିଟିର ୱିଲିୟମ କର୍ନୱେଲଙ୍କ ନେତୃତ୍ୱରେ ଏକ ଟିମ୍ ପେଙ୍ଗୁଇନ୍, ଏମସ୍, କୁକାବୁରା ଆଦି ୯,୭୦୦ ପ୍ରଜାତିର ପକ୍ଷୀଙ୍କ ତଥ୍ୟ ଉପରେ ଅଧ୍ୟୟନ କରାଯାଇଥିଲା। ସେହି ପ୍ରଜାତିରୁ ଅନେକ ପୃଥିବୀରୁ ଧୀରେ ଧୀରେ ବିଲୁପ୍ତ ହେଉଥିବା ଜଣାଯାଇଛି। ସବୁଠାରୁ ଅଧିକ ସଂଖ୍ୟାରେ ୧.୬ ବିଲିୟନ ଘର ଚଟିଆ ରହିଥିବାବେଳେ ୧.୩ ବିଲିୟନ ୟୁରୋପୀୟ ଷ୍ଟାରଲିଙ୍ଗ୍, ୧.୨ ବିଲିୟନ ରିଙ୍ଗ୍-ବିଲ୍ଡ ଗଲ୍ ଏବଂ ୧.୧ ବିଲିୟନ ବାର୍ନ ସାଲୋ ପକ୍ଷୀ ରହିଛନ୍ତି।

## ଦ୍ୱିତୀୟ ଧନୀରୁ ଖସିଲେ ମସ୍କ



ୱାଶିଂଟନ୍: ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଆମେରିକା ଉଦ୍ୟୋଗପତି ତଥା ଟେସ୍‌ଲା କମ୍ପାନୀ ମାଲିକ ଏଲନ ମସ୍କ(୪୯)ଙ୍କ ସମ୍ପତ୍ତି ଗତ ଜାନୁୟାରୀରୁ ୨୪ ପ୍ରତିଶତ ହ୍ରାସ ପାଇଛି। ଫଳରେ ସେ ତାଙ୍କ ଦ୍ୱିତୀୟ ଧନୀ ମାନ୍ୟତା ହରାଇଛନ୍ତି। ଫ୍ରାନ୍ସ କମ୍ପାନୀ ଏଲ୍‌ଭିଏମ୍‌ଏଚ୍‌ର ଚେୟାରମ୍ୟାନ ବର୍ନାଡ ଆର୍‌ନଲ୍ଟ(୭୨) ମସ୍କଙ୍କ ସ୍ଥାନ ନେଇଛନ୍ତି। ଚାଇନାରେ ବୈଦ୍ୟୁତିକ ଯାନ ନିର୍ମାଣକାରୀ କମ୍ପାନୀ ଟେସ୍‌ଲାର ବ୍ୟବସାୟ କମିବାରୁ ଏବଂ ଏହାର ଶେୟାର ମୂଲ୍ୟ ହ୍ରାସ ପାଇବା ଯୋଗୁ ମସ୍କ ତୃତୀୟକୁ ଖସିଛନ୍ତି। ଚଳିତ ବର୍ଷ ମସ୍କଙ୍କ ସମ୍ପତ୍ତି ୯.୧ ବିଲିୟନ ଡଲାର କମିଥିବା ଜଣାଯାଇଛି। ବର୍ତ୍ତମାନ ତାଙ୍କ ସମ୍ପତ୍ତି ୧୬୦ ବିଲିୟନ ଡଲାର ରହିଛି। ଅନ୍ୟପକ୍ଷରେ ଆର୍‌ନଲ୍ଟଙ୍କ ସମ୍ପତ୍ତି ୪୭ ବିଲିୟନ ଡଲାର ବୃଦ୍ଧି ପାଇ ୧୬୧.୨ ବିଲିୟନ ଡଲାରରେ ପହଞ୍ଚିଛି।

# ଅବସ୍ଥା କହୁଛି ନେତୃତ୍ୱ କେମିତି

## ୨୪ ଘଣ୍ଟାରେ ଭୂତାଣୁ ନେଇଛି ୪,୩୨୯ ଜୀବନ

- ମୃତ୍ୟୁରେ ନୂଆ ରେକର୍ଡ
- ଆରୋଗ୍ୟ ବି ସର୍ବାଧିକ

ନୂଆଦିଲ୍ଲୀ, ୧୮।୫

ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ନିକଟରେ କୋଭିଡ୍-୧୯ ମହାମାରୀକୁ ଦେଶ ପାଇଁ ସ୍ୱାଧୀନତା ପରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଅଭିହିତ କରିଥିଲେ। ଏହାସହ ଦେଶର ନେତୃତ୍ୱ କେମିତି ରହିଛି ତାହା ସାମ୍ପ୍ରତିକ ଅବସ୍ଥାରୁ ଜଣାପଡ଼ିଥାଏ ବୋଲି କହିଥିଲେ। ଏହି ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ମନ୍ତବ୍ୟ ସାମ୍ପ୍ରତିକ ସ୍ଥିତିରେ ଅତି ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଏ। ବିଶେଷକରି ଯେତେବେଳେ କରୋନା ଭାଇରସ୍ ୨୪ ଘଣ୍ଟା ମଧ୍ୟରେ ୪,୩୨୯ ଜଣଙ୍କ ଜୀବନ ନେବାରେ ସକ୍ଷମ ହୋଇଛି ଭାରତୀୟଙ୍କ ମନରେ ଦେଶର ନେତୃତ୍ୱ ପ୍ରତି ସନ୍ଦେହ ଜାତ ହେବା ଅସ୍ୱାଭାବିକ ନୁହେଁ। କାରଣ ଭୂତାଣୁ ମାଡ଼ରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାର ଦୟନୀୟ ଚିତ୍ର ଅନ୍ତର୍ଜାତୀୟ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ପୋଲିସ ପ୍ରଶାସନ, ସରକାର ସମସ୍ତେ ଅସହାୟ। ସତେଯେମିତି ଟୋଟାଲ ସିଷ୍ଟମ୍ ଆଣ୍ଠେଇ ପଡ଼ିଛି ଅଦୃଶ୍ୟ ଭୂତାଣୁର ଦ୍ୱିତୀୟ ଲହର ଆଗରେ। କେଉଁଠି ନିଆଁ ଲିଭୁନାହିଁ ତ ପୁଣି କେଉଁଠାରେ ଅଳିଆ



ଦିଲ୍ଲୀର ଏକ ଶ୍ମଶାନରେ ଜଣେ କୋଭିଡ୍ ମୃତକଙ୍କ ଶବ ସତ୍କାର କରାଯାଉଛି।

ଗଦାରେ ଶଢୁଛି ଭେଣ୍ଡିଆ ପୁଅର ଅନାଥ ମୃତଦେହ। ଆଖିରୁ ଲୁହ ଶୁଖୁନାହିଁ। ସର୍ବତ୍ର ମୃତ୍ୟୁର ଆତଙ୍କ ଓ ଶ୍ମଶାନ ନୀରବତା।

ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଙ୍ଗଳବାର ସକାଳ ୮ଟାରେ କୋଭିଡ୍ ଡାଟା ଅପ୍‌ଡେଟ୍ କରିଛି। ଏଥିରେ କୁହାଯାଇଛି ଯେ, ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୪,୩୨୯ ଜଣ କରୋନା ସଂକ୍ରମିତ ପ୍ରାଣ ହରାଇଛନ୍ତି। ଭୂତାଣୁ ଆସିବା ପରଠାରୁ କୌଣସି ଦିନ ଏତେ ସଂଖ୍ୟକ ସଂକ୍ରମିତଙ୍କ ଜୀବନ ଯାଇ ନ ଥିଲା। ଏଥିସହ ଦେଶରେ ମୋଟ କରୋନାଜନିତ ମୃତ୍ୟୁସଂଖ୍ୟା ୨,୭୮,୭୧୯ରେ ପହଞ୍ଚିଥିବା କୁହାଯାଉଛି, ଯାହାକୁ ବିଶେଷଜ୍ଞମାନେ ଗ୍ରହଣ କରିପାରୁ ନାହାନ୍ତି। ପ୍ରକୃତ ସଂଖ୍ୟା ଢେର ଅଧିକ ବୋଲି ବିଭିନ୍ନ ମହଲରେ କୁହାଯାଉଛି। ସରକାରୀ ରିପୋର୍ଟ ଅନୁସାରେ ମହାରାଷ୍ଟ୍ରରେ ସର୍ବାଧିକ ୧,୦୦୦, କର୍ନାଟକ ୪୭୬, ଦିଲ୍ଲୀରେ ୩୪୦, ତାମିଲନାଡୁ ୨୭୨, ଉତ୍ତରପ୍ରଦେଶରେ ୨୨୩ ଜଣ ଦିନକ ମଧ୍ୟରେ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷେ ୨୪ ଘଣ୍ଟାରେ ୨.୬୩ ଲକ୍ଷ ନୂଆ ସଂକ୍ରମିତ ଚିହ୍ନଟ ହେବା ପରେ ଏହାକୁ ୨୮ ଦିନ ମଧ୍ୟରେ ସର୍ବନିମ୍ନ ସଂକ୍ରମଣ ବୋଲି କୁହାଯାଉଛି। ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୫୨,୨୮,୯୯୬ରେ ପହଞ୍ଚିଛି।

ସେହିପରି ଦିନକରେ ୪.୨୨ ଲକ୍ଷ ସଂକ୍ରମିତ ଆରୋଗ୍ୟ ହେବା ଏକ ବଡ଼ ଉପଲବ୍ଧି ବୋଲି କେନ୍ଦ୍ର ସରକାର ବିବେଚନା କରିଛନ୍ତି।

ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାର ନିଜ ଅପାରଗତା ଲୁଚାଇବାକୁ ଯାଇ ଯେପରି ଭାବେ ହଜାର ହଜାର ମୃତଦେହକୁ ଗଙ୍ଗାନଦୀ ବାଲିରେ ପୋତି ଦେଇଥିଲେ, ତାହା ସମସ୍ତଙ୍କୁ ବ୍ୟଥିତ କରିଥିଲା। କିନ୍ତୁ ଏବେ ସେହି ଉତ୍ତରପ୍ରଦେଶରେ ଏକ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଂସଦୀୟ ଆସନ ବାରାଣସୀ ସମେତ ଅନେକ ସ୍ଥାନରେ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ କରୋନା ମୃତକଙ୍କ ଶବକୁ ସମାଧି ନ ଦେଇ ହିନ୍ଦୁଙ୍କ ଭଳି ଦାହ କରୁଥିବା ସାମ୍ନାକୁ ଆସିଛି। ସମାଧିଗୁଡ଼ିକରେ ସ୍ଥାନାଭାବ ଯୋଗୁ ଏପରି କରାଯାଉଥିବା ବନାରସ୍ ଖ୍ରୀଷ୍ଟିୟାନ୍ ସିମେଟେରି ବୋର୍ଡ ସମ୍ପାଦକ ଫାଦର ବିଜୟ ଶାନ୍ତିରାଜ କହିଛନ୍ତି।

> କେନ୍ଦ୍ର ସରକାର ସମସ୍ତଙ୍କୁ ସୁବିଧାରେ ଭାକ୍ସିନ ଯୋଗାଇ ଦେଇଥିଲେ ଆଜି ଦେଶରେ ଏଭଳି ଯନ୍ତ୍ରଣାଦାୟ ଅବସ୍ଥା ସୃଷ୍ଟି ହୋଇ ନ ଥାଆନ୍ତା। ମୋଦି 'ସିଷ୍ଟମ୍'ରେ ପ୍ରଶ୍ନ କରୁଥିବା ଲୋକଙ୍କୁ ଯେତେ ସହଜରେ ଗିରଫ କରାଯାଉଛି ସେତେ ସହଜରେ ଟିକା ଉପଲବ୍ଧ କରାଯାଇଥିଲେ ଭିନ୍ନ ସ୍ଥିତି ଥାଆନ୍ତା।
>
> -ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜିମ୍ ଟ୍ରେନରଙ୍କୁ ପିଟି ହତ୍ୟା



ଗୁରୁଗ୍ରାମ, ୧୮।୫

ହରିୟାଣାର ମେୱାତଠାରେ ମଙ୍ଗଳବାର ଜଣେ ଜିମ୍ ଟ୍ରେନରଙ୍କୁ ପଥର ମାଡ଼ ସହ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଆସିଫ୍ ଖାନ (୨୫) ଜଣେ ଜିମ୍ ଟ୍ରେନର। ଆସିଫ୍ ଓ ତାଙ୍କ ଦୁଇ ଜଣ ସମ୍ପର୍କୀୟ ଭାଇ ଔଷଧ କିଣି ଘରକୁ ଫେରୁଥିବାବେଳେ ନୁହ୍‌ର ମେୱାତଠାରେ କେତେଜଣ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଏଥିରେ ଆସିଫ୍‌ଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଗୁରୁତର ହୋଇଛନ୍ତି। ପରେ ଆସିଫ୍‌ଙ୍କ ମୃତଦେହକୁ ସୋହନ୍‌ାର ଏକ ଗାଁରେ ଅଭିଯୁକ୍ତମାନେ ଫିଙ୍ଗି ଦେଇଥିଲେ। ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ୟକ୍ତ ଲୋକେ ଗୁରୁଗାଁ-ଅଲୱାର ରାସ୍ତା ଅବରୋଧ କରିଥିଲେ। ଆନ୍ଦୋଳନକାରୀଙ୍କୁ ହଟାଇବାକୁ ଚେଷ୍ଟା କରୁଥିବାବେଳେ ଲୋକେ ପୋଲିସ ଉପରକୁ ଟେକା ପଥର ମାଡ଼ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ୬ ଜଣଙ୍କୁ ଗିରଫ କରିଛି।

## ୨ରୁ ୧୮ ବର୍ଷଙ୍କ ପାଇଁ କୋଭାକ୍ସିନ ଟ୍ରାଏଲ

ନୂଆଦିଲ୍ଲୀ, ୧୮।୫

ଆଗାମୀ ୧୦ରୁ ୧୨ ଦିନ ମଧ୍ୟରେ ଦେଶରେ ୨ରୁ ୧୮ ବର୍ଷ ବୟସ ବର୍ଗଙ୍କ ପାଇଁ ଭାରତ ବାୟୋଟେକ୍‌ର 'କୋଭାକ୍ସିନ' ଟିକା ଟ୍ରାଏଲ ଆରମ୍ଭ ହେବ। ଏ ନେଇ ନୀତି ଆୟୋଗ(ସ୍ୱାସ୍ଥ୍ୟ)ର ସଦସ୍ୟ ଭି. କେ. ପଲ୍ ମଙ୍ଗଳବାର ସୂଚନା ଦେଇଛନ୍ତି। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଗତ ସପ୍ତାହରେ କୋଭାକ୍ସିନର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲକୁ ମଞ୍ଜୁରୀ ପ୍ରଦାନ କରିଥିଲା।

ଡିଆର୍‌ଡିଓ ପକ୍ଷରୁ ପ୍ରସ୍ତୁତ ଔଷଧ ୨-ଡିଜିର ବ୍ୟବହାର ନେଇ ସେ କହିଛନ୍ତି, ଚିକିତ୍ସା ପ୍ରୋଟୋକଲ ଅନୁଯାୟୀ ଏହାର ସମୀକ୍ଷା




କରାଯିବ। କୋଭିଡ-୧୯ ରୋଗୀଙ୍କ ଉପଚାର ଲାଗି ଏହା ଉପଯୋଗୀ ହୋଇପାରିବ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀ ଲଭ୍ ଅଗ୍ରୱାଲ କହିଛନ୍ତି, ଭାରତର ମୋଟ ଜନସଂଖ୍ୟାର ୧.୮ ପ୍ରତିଶତ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହାର ଅର୍ଥ ପାଖାପାଖି ୯୮ ପ୍ରତିଶତ ସଂକ୍ରମିତ ହେବାର ଆଶଙ୍କା ରହିଛି।

## କରୋନା ଚିକିତ୍ସାରୁ ପ୍ଲାଜ୍‌ମା ଥେରାପି ବାଦ୍

**ନୂଆଦିଲ୍ଲୀ, ୧୮।୫:** କରୋନାର ପ୍ରଥମ ଲହରବେଳେ ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ପ୍ଲାଜମା ଥେରାପିର ବହୁଳ ବ୍ୟବହାର କରାଯାଇଥିବାବେଳେ ଏବେ ଏହି ପଦ୍ଧତିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ହଟାଇ ଦିଆଯାଇଛି। ପ୍ଲାଜମା ଥେରାପି କରୋନା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧାରିବାରେ ପ୍ରଭାବୀ ହୋଇପାରୁନି ବୋଲି ସୋମବାର ଜାତୀୟ କୋଭିଡ୍ ଟାସ୍କଫୋର୍ସର ଏକ ବୈଠକରେ କୁହାଯାଇଛି। ଏମ୍ସ, ଆଇସିଏମ୍‌ଆର ପକ୍ଷରୁ କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ନୂଆ ଗାଇଡଲାଇନ ଜାରି କରାଯାଇଛି। କୋଭିଡ୍‌ରେ ଆକ୍ରାନ୍ତ ବୟସ୍କ ରୋଗୀଙ୍କ ଚିକିତ୍ସାରୁ ପ୍ଲାଜମା ଥେରାପି ବ୍ୟବହାରକୁ ହଟାଇବା ଉଚିତ। ଏହା ପ୍ରଭାବଶାଳୀ ନୁହେଁ ଏବଂ ଅନେକ କ୍ଷେତ୍ରରେ ଏହାର ଭୁଲ୍ ବ୍ୟବହାର ହେଉଛି ବୋଲି ବୈଠକରେ ଉପସ୍ଥିତ ସଦସ୍ୟମାନେ ଏକମତ ହୋଇଥିଲେ।



ସାମୁଦ୍ରିକ ଝଡ଼ ତଉକ୍‌ତାଏ ଯିବା ପରେ ମୁମ୍ବାଇର ଗେଟ୍‌ୱେ ଅଫ୍ ଇଣ୍ଡିଆରେ ପୁନଃ ନିର୍ମାଣ କାର୍ଯ୍ୟ ଚାଲିଛି।

# ଗାଜାରେ ଥମୁନି ସଂଘର୍ଷ

## ଇସ୍ରାଏଲ୍‌ର ସୁରକ୍ଷା କବଚ ଆଇରନ୍ ଡୋମ୍

ଜେରୁଜେଲମ୍/ଗାଜା ସିଟି, ୧୮।୫

ବିବାଦୀୟ କ୍ଷେତ୍ର ଜେରୁଜେଲମ୍‌କୁ ନେଇ ଗତ ସପ୍ତାହରେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଆରମ୍ଭ ହୋଇଥିବା ରକ୍ତାକ୍ତ ସଂଘର୍ଷ ଥମିବାର ନାଁ ନେଉନାହିଁ। ଗାଜା ଷ୍ଟ୍ରିପ୍‌ରେ ୬୧ ଶିଶୁଙ୍କ ସମେତ ୨୧୨ ଜଣଙ୍କ ମୃତ୍ୟୁ ଘଟିସାରିଲାଣି। ସେହିପରି ଇସ୍ରାଏଲ୍‌ରେ ୨ ଶିଶୁଙ୍କ ସମେତ ୧୦ ଜଣ ନିହତ ହେଲେଣି। ଗାଜାରେ ପ୍ରାଣ ହରାଇଥିବା ଅଧିକାଂଶ ହମାସ କଠୋରପନ୍ଥୀ ବୋଲି ଇସ୍ରାଏଲ୍ ଦାବି କରିଛି। ଏହି ସଂଘର୍ଷ



ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଛି। ଅନେକ ରାଷ୍ଟ୍ରର ମାନବୀୟ ସହାୟତା ଉପଲବ୍ଧ କରାଉଥିବା ସଂସ୍ଥାଗୁଡ଼ିକ ସଂଘର୍ଷ ରୋକିବାକୁ ଉଭୟ ପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

ଘମାଘୋଟ ଲଢ଼େଇ ମଧ୍ୟରେ ଇସ୍ରାଏଲ୍ ସେନା କହିଛି ଯେ, ହମାସ ଓ ପାଲେଷ୍ଟାଇନ୍‌ର ଅନ୍ୟ ସଙ୍ଗଠନଗୁଡ଼ିକ ପକ୍ଷରୁ ପ୍ରାୟ ୪,୦୦୦ ରକେଟ ମାଡ଼ କରାଯାଇଛି। କିନ୍ତୁ ସେଥିରୁ ଅଧିକାଂଶ ରକେଟ ଇସ୍ରାଏଲ୍‌ର ସୁରକ୍ଷା କବଚ କାରଣରୁ ଭୂମି ସ୍ପର୍ଶ କରିବା ପୂର୍ବରୁ ନଷ୍ଟ ହୋଇଯାଇଛି। ଇସ୍ରାଏଲ୍ ପାଇଁ ଢାଲ ସାଜିଥିବା ଏହି ଆଣ୍ଟାଇ ମିସାଇଲ ଡିଫେନ୍ସ ସିଷ୍ଟମ୍‌କୁ ଆଇରନ୍ ଡୋମ୍ କୁହାଯାଏ। ଏହା ୯୦% ସଫଳ ହେଉଥିବା ଇସ୍ରାଏଲ୍ ଦାବି କରିଛି। ଏହା ରକେଟ୍‌କୁ ଜନବସତି ଅଞ୍ଚଳରେ ଖସିବା ପୂର୍ବରୁ ଟାର୍ଗେଟ କରିଥାଏ। ଏହି ସିଷ୍ଟମ୍‌କୁ ୨୦୧୧ ମସିହାରୁ ବ୍ୟବହାର କରାଯାଉଛି। ପ୍ରତ୍ୟେକ ଇଣ୍ଟରସେପ୍ଟରର ମୂଲ୍ୟ ପ୍ରାୟ ୧.୫ ଲକ୍ଷ ଡଲାର। ୨୦୦୬ରେ ଇସ୍‌ଲାମିକ୍ ସମୂହ ହିଜ୍‌ବୁଲ୍ଲା ବିଦ୍ରୋହୀଙ୍କ ସହ ଲଢ଼େଇ ପରେ ଇସ୍ରାଏଲ୍ ଏହି କାରିଗରି ଉପରେ କାମ ଆରମ୍ଭ କରିଥିଲା। ହିଜ୍‌ବୁଲ୍ଲା ଇସ୍ରାଏଲ୍‌କୁ ଟାର୍ଗେଟ କରି ହଜାର ହଜାର ରକେଟ ଛାଡ଼ିଥିଲେ। ଏଥିରେ ବହୁସଂଖ୍ୟକ ଇସ୍ରାଏଲୀ ନିହତ ହୋଇଥିଲେ। ଏହି ଆକ୍ରମଣର ବର୍ଷେ ପରେ ଇସ୍ରାଏଲର ସରକାରୀ କମ୍ପାନୀ ରାଫାଲ୍ ଡିଫେନ୍ସ ସୁରକ୍ଷା ଦୃଷ୍ଟିରୁ ଦେଶ ପାଇଁ ଏକ ମିସାଇଲ ଢାଲ ତିଆରି କରିବାକୁ ନିଷ୍ପତ୍ତି ନେଇଥିବା କହିଥିଲା। ଉକ୍ତ ପ୍ରୋଜେକ୍ଟ ପାଇଁ ଇସ୍ରାଏଲ୍‌କୁ ଆମେରିକା ପକ୍ଷରୁ ୨୦ କୋଟି ଡଲାର ସହାୟତା ମିଳିଥିଲା।

### ଅସ୍ତ୍ରବିରତି ପାଇଁ ବାଇଡେନ୍‌ଙ୍କ ପରାମର୍ଶ

ଗାଜାରେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଚାଲିଥିବା ସଂଘର୍ଷର ୮ ଦିନ ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଅସ୍ତ୍ରବିରତି ଦାବିକୁ ସମର୍ଥନ ଦେଇଛନ୍ତି। ତେବେ ଆମେରିକା ପୁଣି ଥରେ ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ହିଂସା ବନ୍ଦ କରିବା ପାଇଁ ବିବୃତି ଜାରି ପ୍ରୟାସରେ ବାଧା ଦେଇଛି। ଇତିମଧ୍ୟରେ ଅସ୍ତ୍ରବିରତି ପରାମର୍ଶ ସତ୍ତ୍ୱେ ଉଭୟ ପକ୍ଷରୁ ଆକ୍ରମଣ ଓ ପ୍ରତିଆକ୍ରମଣ ଜାରି ରହିଛି। ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି ଏକ ବିବୃତି ମୁତାବକ ବାଇଡେନ୍ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କୁ କହିଛନ୍ତି ଯେ, ଆମେରିକା ଗାଜାରେ ହିଂସା ରୋକିବା ପାଇଁ ଇଜିପ୍ଟ ଓ ଅନ୍ୟ ଦେଶଗୁଡ଼ିକ ସହ ମିଶି କାମ କରୁଛି। ନିରୀହ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଇସ୍ରାଏଲ୍ ଯଥାସମ୍ଭବ ଉଦ୍ୟମ କରୁ ବୋଲି ବାଇଡେନ୍ କହିଛନ୍ତି। ସେହିପରି ଜାତିସଂଘ ସୁରକ୍ଷା ପରିଷଦରେ ବିତର୍କ ବେଳେ ସୋମବାର ଭାରତର ରାଷ୍ଟ୍ରଦୂତ ଟି.ଏସ୍. ତିରୁମୂର୍ତ୍ତି ଉଭୟ ପକ୍ଷଙ୍କୁ ସଂଯମ ରହିବାକୁ ପରାମର୍ଶ ଦେଇଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୭୪,୫୬,୧୮୬ | ୩୪,୧୧,୭୨୩ | ୧୪,୩୫,୭୬,୧୨୮ |
| ଭାରତ | ୨,୫୪,୭୮,୭୩୬ | ୨,୮୨,୯୦୬ | ୨,୧୯,୭୬,୯୦୬ |
| ଓଡ଼ିଶା | ୬,୩୩,୩୦୨ | ୨୩୫୭(+୫୩) | ୫,୩୬,୫୯୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ପୂର୍ବତନ ବିଧାୟକ କମଳାକାନ୍ତ ନାଏକଙ୍କ ପରଲୋକ



ବାରିପଦା ଅଫିସ,୧୮।୫: ମୟୂରଭଞ୍ଜ ଜିଲା ଯଶିପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କମଳାକାନ୍ତ ନାଏକ(୭୦)ଙ୍କର ମଙ୍ଗଳବାର ପରଲୋକ ଘଟିଛି। କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ସେ ମୟୂରଭଞ୍ଜ ଜିଲା ଶୁକ୍ରୁଳି ଥାନା ଅଧୀନ ଜାମୁଡି ଗ୍ରାମରେ ୧୯୫୪ ଫେବୃଆରୀ ୧ତାରିଖରେ ଜନ୍ମଗ୍ରହଣ କରିଥିଲେ। ଓଡ଼ିଶା ପ୍ରଶାସନିକ ସେବା ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେବା ପରେ ବିଜୁ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜନୀତିରେ ଯୋଗଦେଇଥିଲେ। ୧୯୯୬ରେ ପ୍ରଥମେ ଜନତା ଦଳରୁ ପ୍ରାର୍ଥୀ ହୋଇଥିଲେ। ୨୦୦୪ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ପରେ ବିଜୁ ଜନତା ଦଳ ଟିକେଟରେ ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ଯଶୀପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। କିଛି ଦିନ ପୂର୍ବରୁ ସେ ବିଜେଡିରୁ ଇସ୍ତଫା ଦେଇ ଭାଜପାରେ ଯୋଗ ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଯାଜପୁରରେ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

**ଭୁବନେଶ୍ୱର/ଯାଜପୁର ଟାଉନ,୧୮।୫ (ବ୍ୟୁରୋ/ଡି.ଏନ୍.ଏ.):** କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଯାଜପୁରରେ ଘରୋଇ ସହାୟତାରେ ଏକ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ ଖୋଲିବା ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମତି ପ୍ରଦାନ କରିଛନ୍ତି। ଏହାଫଳରେ ଯାଜପୁର ତଥା ଆଖପାଖ ଜିଲାର ଗୁରୁତର କୋଭିଡ୍ ରୋଗୀମାନଙ୍କୁ ଚିକିତ୍ସା ପାଇଁ ଆଉ କଟକ କିମ୍ବା ଭୁବନେଶ୍ୱର ଯିବାକୁ ପଡ଼ିବ ନାହିଁ। ଯାଜପୁରର ଭୂମିକା ମଲ୍ଟିସ୍ପେଶିଆଲିଟି ହସ୍ପିଟାଲ ସରକାରୀ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟ କରିବ। ରୋଗୀମାନେ ସେଠାରେ ସମ୍ପୂର୍ଣ୍ଣ ମାଗଣାରେ କୋଭିଡ୍ ଚିକିତ୍ସା ସୁବିଧା ପାଇପାରିବେ। ଚିକିତ୍ସାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏହି ହସ୍ପିଟାଲରେ ୧୫୦ ଅକ୍ସିଜେନ ସଂଯୁକ୍ତ ବେଡ୍ ସହିତ ୫୦ଟି ଆଇସିୟୁ ବେଡ୍ ମଧ ରହିବ।

### କୋଭିଶିଲ୍ଡ ଦ୍ୱିତୀୟ ଡୋଜ୍ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୮।୫(ବ୍ୟୁରୋ):** ରାଜ୍ୟରେ କୋଭିଶିଲ୍ଡ ଟିକାର ଦ୍ୱିତୀୟ ଡୋଜ୍ ଅବଧି ବୃଦ୍ଧି କରାଯାଇଛି। ପ୍ରଥମ ଡୋଜ୍ ନେବାର ୧୨ରୁ ୧୬ ସପ୍ତାହ ମଧ୍ୟରେ ଦ୍ୱିତୀୟ ଡୋଜ୍ ଟିକା ନିଆଯିବ। ଏ ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ପ୍ରଥମ ଡୋଜ୍‌ର ୮୪ ଦିନରୁ କମ୍ ଥିଲେ ହିତାଧିକାରୀ ଟିକା ମିଳିବ ନାହିଁ। ତେବେ ଯେଉଁମାନେ ଦ୍ୱିତୀୟ ଡୋଜ୍ ପାଇଁ ପୂର୍ବରୁ ପଞ୍ଜୀକରଣ କରିସାରିଛନ୍ତି ସେମାନେ ଟିକା ନେଇପାରିବେ। କୋୱିନ ପୋର୍ଟାଲ ଏହାକୁ ଗ୍ରହଣ କରିବ।

### ସିବିଏସ୍‌ଇ ଦଶମ ଟାବୁଲେଶନ ଅବଧି ବୃଦ୍ଧି

**ଭୁବନେଶ୍ୱର, ୧୮।୫(ବ୍ୟୁରୋ):** କେନ୍ଦ୍ରୀୟ ମାଧମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ମଙ୍ଗଳବାର ଦଶମ ପରୀକ୍ଷାଫଳ ପାଇଁ ଟାବୁଲେଶନ ଅବଧି ବୃଦ୍ଧି କରିଛି। ଦଶମ ଶ୍ରେଣୀ ପିଲାଙ୍କ ମାର୍କ ଟାବୁଲେଟ୍ କରି ବୋର୍ଡ ପାଖରେ ଦାଖଲ କରିବା ପାଇଁ ଜୁନ୍ ୩୦ ଶେଷ ତାରିଖ ରଖାଯାଇଛି। ପୂର୍ବରୁ ଏହି ପ୍ରକ୍ରିୟା ଜୁନ୍ ୧୧ ସୁଦ୍ଧା ଶେଷ କରିବା ପାଇଁ କୁହାଯାଇଥିଲା ଏବଂ ଜୁନ୍ ୨୦ ସୁଦ୍ଧା ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ବୋର୍ଡ ଘୋଷଣା କରିଥିଲା। କିନ୍ତୁ ଏବେ ଦେଶର ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ଜାରି ରହିଛି। ତେଣୁ ଶିକ୍ଷକ ଓ କର୍ମଚାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବୋର୍ଡ ଟାବୁଲେଶନ ଅବଧି ବୃଦ୍ଧି କରିଛି। ଏ ନେଇ ନିଜ ଅଧୀନ ସମସ୍ତ ସ୍କୁଲ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଛି ସିବିଏସ୍‌ଇ।

# ଓଡ଼ିଶା ସମେତ ୬ ରାଜ୍ୟରେ ସଂକ୍ରମଣ ସ୍ଥିର

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ଆସାମ, ପଣ୍ଡିଚେରୀ, ପଶ୍ଚିମବଙ୍ଗ ଓ ନାଗାଲାଣ୍ଡ ଆଦି ୬ ରାଜ୍ୟରେ ସଂକ୍ରମଣ ହାର ସ୍ଥିର ରହିଛି କିମ୍ବା ହ୍ରାସ ପାଇବା ଆରମ୍ଭ କରିଛି। ମେ' ପ୍ରଥମ ସପ୍ତାହରେ ଓଡ଼ିଶାର ହାରାହାରି ସଂକ୍ରମଣ ହାର ୨୪.୪ ପ୍ରତିଶତ ଥିବାବେଳେ ଦ୍ୱିତୀୟ ସପ୍ତାହରେ ତାହା ୨୩.୩ ପ୍ରତିଶତକୁ ହ୍ରାସ ପାଇଛି। ଏବେ ପ୍ରାୟ ୧୮.୨ ପ୍ରତିଶତକୁ ଖସିଯାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଯୁଗ୍ମ ସଚିବ ଲବ୍ ଅଗ୍ରୱାଲ କହିଛନ୍ତି। ମଙ୍ଗଳବାର ମନ୍ତ୍ରଣାଳୟ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଓଡ଼ିଶାରେ ଗତ ୨୪ଘଣ୍ଟାରେ ୫୬,୬୮୪ ନମୂନା ପରୀକ୍ଷା ହୋଇଥିଲା। ଏହାର ୧୮.୨ ପ୍ରତିଶତ ଅର୍ଥାତ ୧୦,୩୨୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେପଟେ ପୁଣି ଖୋର୍ଦ୍ଧାରେ ଲମ୍ଫ ଡିଆଁ ମାରିଛି କରୋନା। ସୋମବାର ଏହି ଜିଲାରୁ ମୋଟ ୯୦୯ ଆକ୍ରାନ୍ତ

## ରାଜ୍ୟରୁ ଆଉ ୧୦,୩୨୧ ଚିହ୍ନଟ, ୨୨ ମୃତ

- ସଂକ୍ରମଣ ହାର ୧୮.୨ ପ୍ରତିଶତକୁ ଖସିଲା
- ପୁଣି ଦୈନିକ ସଂକ୍ରମଣର ଶୀର୍ଷକୁ ଗଲା ଖୋର୍ଦ୍ଧା
- ମୃତ୍ୟୁ ହାର କମୁନି

ଚିହ୍ନଟ ହେବା ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲା। ୯୭୩ ସହ ଦୈନିକ ସଂକ୍ରମଣର ଶୀର୍ଷରେ ରହିଥିଲା କଟକ। ହେଲେ ମଙ୍ଗଳବାର ପୁଣି ଶୀର୍ଷକୁ ଚାଲିଯାଇଛି ଖୋର୍ଦ୍ଧା। ଏଠାରୁ ସର୍ବାଧିକ ୧,୫୬୬ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୮୧୯, କଟକ ୭୩୧, କଳାହାଣ୍ଡି ୫୯୯, ପୁରୀ ୪୭୨, ଅନୁଗୋଳ ୪୭୧, ମୟୂରଭଞ୍ଜ ୪୫୮, ସମ୍ବଲପୁର ୪୦୫, ଭଦ୍ରକ ୩୫୦, କୋରାପୁଟ ୩୩୮, ନବରଙ୍ଗପୁର ୩୩୪, ଯାଜପୁର ୩୩୦, ବରଗଡ଼ ୩୨୦, ଝାରସୁଗୁଡ଼ା ୩୧୨, ବଲାଙ୍ଗୀର ୨୯୧, ନୟାଗଡ଼ ୨୭୩, ବାଲେଶ୍ୱର ୨୬୯, ବୌଦ୍ଧ ୨୫୦, କେନ୍ଦୁଝର ୨୦୪ ଓ ଗଞ୍ଜାମରୁ ୨୦୩ ଜଣ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାର ସଂକ୍ରମଣ ଏହା ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତ ସଂଖ୍ୟା ୬,୩୩,୩୦୨ରେ ପହଞ୍ଚିଛି।

ଅନ୍ୟପକ୍ଷରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା କମିବାରେ ନାଁ ଧରୁନି। ପୁଣି ୨୨ଜଣଙ୍କ ଜୀବନ ନେଇଛି ମହାମାରୀ। ମୃତକଙ୍କ ମଧ୍ୟରେ ୯ଜଣ ମହିଳା ଥିବାବେଳେ ୧୨ଜଣ ପୁରୁଷ ରହିଛନ୍ତି। ଭୁବନେଶ୍ୱର, ସୁନ୍ଦରଗଡ଼, ବୌଦ୍ଧ, କଳାହାଣ୍ଡି ଓ ନୂଆପଡ଼ାରୁ ୩ଜଣ ଲେଖାଏ ଥିବାବେଳେ ରାୟଗଡ଼ା, କୋରାପୁଟ, ଗଜପତିରୁ ୨ଜଣ ଲେଖାଏ ଏବଂ ବଲାଙ୍ଗୀରରୁ ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ କରୋନା ମୃତ୍ୟୁ ସଂଖ୍ୟା ୨,୩୫୭କୁ ବୃଦ୍ଧି ପାଇଛି।

ସେପଟେ ଓଡ଼ିଶାରେ ଆରୋଗ୍ୟ ହାର ଆଶ୍ୱସ୍ତି ଦେଇଛି। କିଛିଦିନ ହେବ ଦୈନିକ ୧୦ ହଜାରରୁ ଉର୍ଦ୍ଧ୍ୱ ସୁସ୍ଥ ହେଉଥିବାବେଳେ ଗତ ୨୪ଘଣ୍ଟାରେ ଆଉ ୧୦,୨୪୨ଜଣ ଆରୋଗ୍ୟ ଲାଭ କରିଛନ୍ତି। ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୪୧୮ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ଆରୋଗ୍ୟ ସଂଖ୍ୟା ୫,୩୬,୫୯୫ରେ ପହଞ୍ଚିଥିବାବେଳେ ୯୪,୨୯୭ଜଣ ସକ୍ରିୟ ରୋଗୀ ରହିଛନ୍ତି।



ଲକ୍‌ଡାଉନ୍ ନିୟମ ନ ମାନି ମଙ୍ଗଳବାର ଭୁବନେଶ୍ୱର ରାଜମହଲରୁ ଏଜି ଛକ ରାସ୍ତାରେ ପ୍ରବଳ ଭିଡ଼।

# ପାରାଦୀପ ବନ୍ଦରରେ ଲାଗିଲା ୨ ଅକ୍ସିଜେନ ସିଲିଣ୍ଡର ବୋଝେଇ ଜାହାଜ



**ପାରାଦୀପ,୧୮।୫(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପୋତାଶ୍ରୟରେ ମଙ୍ଗଳବାର ରାତିରେ ସିଙ୍ଗାପୁରରୁ ଆସିଥିବା ୨ ଅକ୍ସିଜେନ୍ ସିଲିଣ୍ଡର ବୋଝେଇ ଜାହାଜ ଲାଗିଛି। ଏଥିରେ ୫୯ଟି ସିଲିଣ୍ଡର ରହିଛି। ପାରାଦୀପ ବନ୍ଦର ଇତିହାସରେ ପ୍ରଥମକରି ଏହି ମେଡିକାଲ ଉପକରଣ କାରବାର ହୋଇଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏମ୍‌ଭି ଆନ୍ନାମାରିଆ ନାମକ ଜାହାଜରେ ୪୦ ଲିଟର କ୍ଷମତା ବିଶିଷ୍ଟ ୨୪ଟି ସିଲିଣ୍ଡର ରହିଛି, ଯାହାକୁ ଓଡ଼ିଶା ସରକାର ଆଣିଛନ୍ତି। ସରକାରଙ୍କ ପକ୍ଷରୁ ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର ଏହାକୁ ଗ୍ରହଣ କରିଛନ୍ତି। ଏଥିସହ ଅକ୍ସିଜେନ୍ ରେଗୁଲେଟର, ହ୍ୟୁମିଡିଫାଇରର୍ସ ଆଦି ରହିଛି। ଏହାକୁ ପାରାଦୀପ ବନ୍ଦର ହ୍ୟାଣ୍ଡଲିଂ କରୁଛି। ଏତଦ୍‌ବ୍ୟତୀତ ୫ଟି ମେଡିକାଲ ଅକ୍ସିଜେନ୍ ସିଲିଣ୍ଡର ରହିଛି। ସେହିପରି ପିଆଇସିଟି (ପାରାଦୀପ ଇଣ୍ଟର ନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରେ ଏମ୍‌ଭି ଗ୍ଲୋରି ଆମଷ୍ଟରଡାମ ନାମକ ଜାହାଜରେ ୧୦ ଲିଟର କ୍ଷମତା ବିଶିଷ୍ଟ ୩୦ଟି ଅକ୍ସିଜେନ୍ ସିଲିଣ୍ଡର ଆସିଛି। ଏହା ମଧ ସିଙ୍ଗାପୁରରୁ ଆସିଛି। ଶିପିଂ ଲାଇନ ଲୁଇସ୍ ଡ୍ରେଫସ୍ କମ୍ପାନୀ ଫ୍ରାଇଟ ଏସିଆ ଏହାକୁ ପଠାଇଛି। ସେଲ(ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ)ଓ ସୀମାଶୁଳ୍କ ବିଭାଗ ଏହାର ହ୍ୟାଣ୍ଡଲିଂ କରିଛି। ଏହିସବୁ ଅକ୍ସିଜେନ୍ ସିଲିଣ୍ଡର ବୁଧବାର ଯୁଦ୍ଧକାଳୀନ ଭିତ୍ତିରେ ଓଡ଼ିଶାର ବିଭିନ୍ନ ହସ୍ପିଟାଲକୁ ଯୋଗାଣ କରାଯିବ ବୋଲି କୁହାଯାଇଛି।

# ଅକ୍ସିଜେନ ସୁପରିଚାଳନା ପାଇଁ ଟାସ୍କଫୋର୍ସ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

ରାଜ୍ୟରେ ଅକ୍ସିଜେନ ସୁପରିଚାଳନା ପାଇଁ ସରକାର ଏକ ରାଜ୍ୟସ୍ତରୀୟ ଟାସ୍କଫୋର୍ସ ଗଠନ କରିଛନ୍ତି। ଏ ନେଇ ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ୯ ଜଣିଆ ଏହି ଟାସ୍କଫୋର୍ସରେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଅଧକ୍ଷ ରହିବେ। ସେହିପରି ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ, ପୂର୍ତ୍ତ ବିଭାଗ ସଚିବ, ଇପିକଲ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ଔଷଧ ନିଗମ ପରିଚାଳନା ନିର୍ଦ୍ଦେଶକ, ଶିଳ୍ପ ବିଭାଗ ନିର୍ଦ୍ଦେଶକ, ଡ୍ରଗ୍ସ କଣ୍ଟ୍ରୋଲର, ନ୍ୟାଶନାଲ ଇଣ୍ଡଷ୍ଟ୍ରି ପାର୍ଟନର ଭାବେ ଫିକିର ପ୍ରତିନିଧି ଏବଂ ସ୍ଥାନୀୟ ଇଣ୍ଡଷ୍ଟ୍ରି ପାର୍ଟନର ଭାବେ ଉତ୍କଳ ଚାମ୍ବର ଅଫ୍ କମର୍ସର ପ୍ରତିନିଧି ଏହି ଟାସ୍କଫୋର୍ସର ସଦସ୍ୟ ରହିଛନ୍ତି। ଏହା ରାଜ୍ୟରେ ମେଡିକାଲ ଅକ୍ସିଜେନ ଉତ୍ପାଦନ ବୃଦ୍ଧି ଓ ବିତରଣ ଉପରେ ପଦକ୍ଷେପ ନେବ। ମେଡିକାଲ ଅକ୍ସିଜେନ ସିଲିଣ୍ଡର ଉପଲବ୍ଧତା ପାଇଁ ବିଭିନ୍ନ ଷ୍ଟେକ୍ ହୋଲ୍ଡରଙ୍କ ସହ ଯୋଗାଯୋଗରେ ରହିବେ। ଅକ୍ସିଜେନ୍ ରିଫିଲିଂ ବୃଦ୍ଧି ସହ ପାଇପ୍ ମାଧ୍ୟମରେ ଅକ୍ସିଜେନ ଯୋଗାଇବା ପାଇଁ ବ୍ୟବସ୍ଥା କରିବେ। ମେଡିକାଲ ଅକ୍ସିଜେନ ଉପରେ ଦୀର୍ଘମିଆଦୀ ଯୋଜନା କରିବ ଏହି ଟ୍ୟାସ୍କଫୋର୍ସ।

# କଲେଜ ଜମିଜମା ସମସ୍ୟା ସମାଧାନ ନେଇ ମନ୍ତ୍ରୀଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟଗୁଡ଼ିକର ଜମିଜମା ସଂକ୍ରାନ୍ତ ସମସ୍ୟା ଲାଗି ରହିଛି। ଏହାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭର୍ଚ୍ଚୁଆଲ୍ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ମନ୍ତ୍ରୀ ସାହୁ ଅଧକ୍ଷତା କରିଥିବାବେଳେ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ନାମରେ ଜମି ରେକର୍ଡ ନ ଥିବାରୁ ନାକ୍ ମାନ୍ୟତା ସମେତ ବିଭିନ୍ନ ଅନୁଦାନ ମିଳିବାରେ ବାଧା ସୃଷ୍ଟି ହେଉଛି। ରାଜ୍ୟର ବହୁ ପ୍ରମୁଖ ମହାବିଦ୍ୟାଳୟର ଜମିଜମା ସଂକ୍ରାନ୍ତ ସମସ୍ୟା ଦୀର୍ଘଦିନ ହେଲା ସମାଧାନ ନ ହୋଇ ପଡ଼ି ରହିଥିବାବେଳେ ଆବଶ୍ୟକ ଭିତ୍ତିଭୂମିର ବିକାଶ ହୋଇପାରୁନାହିଁ। ତେଣୁ ଏ ଦିଗରେ ସମାଧାନର ପନ୍ଥା ନିର୍ଦ୍ଧାରଣ ହୋଇପାରିଲେ ମହାବିଦ୍ୟାଳୟଗୁଡ଼ିକର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଯେଉଁସବୁ ମହାବିଦ୍ୟାଳୟର ଜମିଜମା ସମସ୍ୟା ରହିଛି ସେସବୁ ମହାବିଦ୍ୟାଳୟର ଅଧକ୍ଷମାନେ ଜମିଜମାର ସ୍ଥିତାବସ୍ଥା ସମ୍ପର୍କରେ ବିସ୍ତୃତ ବିବରଣୀ ବିଭାଗକୁ ପ୍ରଦାନ କରିବା ପାଇ କୁହାଯାଇଛି। ଜମିଜମା ରେକର୍ଡ ନିୟମିତ କରିବା ଦିଗରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ନୀତିଗତ ନିଷ୍ପତ୍ତି ଗ୍ରହଣ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମିଶିବ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

## ସେପ୍ଟେମ୍ବର ୧ରୁ ମିଶ୍ରଣ

- ସମସ୍ତ ରେଗୁଲାର କର୍ମଚାରୀ ଓ ଛାତ୍ରୀଛାତ୍ର ସ୍ଥାନାନ୍ତର ହେବେ
- ଅଗଷ୍ଟ ୯ ସୁଦ୍ଧା ସମସ୍ତ ସମ୍ପତ୍ତି ହସ୍ତାନ୍ତର ନିର୍ଦ୍ଦେଶ
- ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସିଓଏଫ୍‌ଙ୍କ ବଦଳି



ଅସ୍ତିତ୍ୱ ହରାଇବ ଖଲ୍ଲିକୋଟ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ। ଆସନ୍ତା ସେପ୍ଟେମ୍ବର ୧ରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ମିଶିଯିବ ଏହି ପ୍ରମୁଖ ଉଚ୍ଚ ଶିକ୍ଷାନୁଷ୍ଠାନ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ମିଶ୍ରଣ ନେଇ ମଙ୍ଗଳବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ଏକକ ବିଶ୍ୱବିଦ୍ୟାଳୟ ହେବାପରେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ନ ଥିବା ଦର୍ଶାଇ ଉଚ୍ଚଶିକ୍ଷା ବିଭାଗ ଏପରି ନିଷ୍ପତ୍ତି ନେଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରିଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ଅଗଷ୍ଟ ୩୦ ପରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟକୁ ବନ୍ଦ କରିଦିଆଯିବ। ଏହାର ସମସ୍ତ ରେଗୁଲାର କର୍ମଚାରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରେଗୁଲାର କର୍ମଚାରୀ ଭାବେ କାର୍ଯ୍ୟ କରିବେ। ସେମାନେ ଅକ୍ଟୋବର ୧ରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଦରମା ଉଠାଇବେ। ସମସ୍ତ ଅସ୍ଥାବର ସମ୍ପତ୍ତି ଅଗଷ୍ଟ ୯ ସୁଦ୍ଧା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ହସ୍ତାନ୍ତର କରାଯିବ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପାଇଁ ଚିହ୍ନଟ ସରକାରୀ ଜମିକୁ ଜିଲା ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ଅଗଷ୍ଟ ୩୦ ସୁଦ୍ଧା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମସ୍ତ ୟୁଜି ଓ ପିଜି ପରୀକ୍ଷା କରିବା ସହିତ ଫଳାଫଳ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାପରେ ଆପେ ପିଲାମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର ହୋଇଯିବେ। ଅଗଷ୍ଟ ୩୦ ପରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଯେଉଁ ଛାତ୍ରୀଛାତ୍ର ଗବେଷଣା କରୁଥିଲେ ସେମାନେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ପ୍ରି-ଡକ୍ଟରାଲ କ୍ରେଡିଟ୍ ସହ ସ୍ଥାନାନ୍ତର ହେବେ। ସେହିପରି ଗବେଷଣା ପାଇଁ ଅନୁମୋଦନ ହୋଇଥିବା ଫଣ୍ଡ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ସ୍ଥାନାନ୍ତର ହେବ। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ସମସ୍ତ ଅଫିସିଆଲ୍ ଫାଇଲ/ରେକର୍ଡସ/ଡକ୍ୟୁମେଣ୍ଟସ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ହସ୍ତାନ୍ତର କରିବେ।

ସେପଟେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ କମ୍ପ୍ଟ୍ରୋଲର ଅଫ୍ ଫାଇନାନ୍ସ(ସିଓଏଫ୍) ମିନତୀ ସାହୁଙ୍କୁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲକୁ ବଦଳି କରାଯାଇଛି। ବିଶ୍ୱବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟାକୁ ସୁରୁଖୁରୁରେ କରିବା ପାଇଁ ତାଙ୍କୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ସିଓଏଫ୍ ଭାବେ କାର୍ଯ୍ୟ କରିବାକୁ ଅନୁମତି ଦେବାକୁ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଅର୍ଥ ବିଭାଗକୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରଥମେ କ୍ଲଷ୍ଟର ବିଶ୍ୱବିଦ୍ୟାଳୟ ଓ ପରେ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଥିଲା।

# ପୁଣି ଫେଲ ମାରିଲା କ୍ରୋମ୍ ଇ-ନିଲାମ

**ଯାଜପୁର ଅଫିସ,୧୮।୫**



ଓଏମ୍‌ସି କ୍ରୋମ୍ ଖଣି।

- ବିକ୍ରି ନ ହୋଇ ପଡ଼ିରହିଛି ୭ ହଜାର ଏମ୍‌ଟି କ୍ରୋମ୍
- ସରକାର ହରାଇଲେ ୧୦ କୋଟି ଟଙ୍କାର ରାଜସ୍ୱ

ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଦ୍ୱାରା ସୋମବାର ଅର୍ଥାତ୍ ୧୭।୫।୨୦୨୧ରେ ଆହୂତ ଇ-ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏହି ନିଲାମରେ ବିକ୍ରି ପାଇଁ ରଖାଯାଇଥିବା ୭ ହଜାର ମେଟ୍ରିକ ଟନ୍ (ଏମ୍‌ଟି) କ୍ରୋମାଇଟ୍ ବିକ୍ରି ହୋଇ ପାରିନାହିଁ। ଏଥିଯୋଗୁ ରାଜ୍ୟ ସରକାର ପ୍ରାୟ ୧୦ କୋଟି ଟଙ୍କାର ରାଜସ୍ୱ ହରାଇଛନ୍ତି। ନିଗମର ଭୁଲ ମୂଲ୍ୟ ନିର୍ଦ୍ଧାରଣ ନୀତି ଯୋଗୁ ଏହି ନିଲାମ ପ୍ରକ୍ରିୟାରେ କୌଣସି ଶିଳ୍ପ ସଂସ୍ଥା ଭାଗ ନ ନେବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଓଏମ୍‌ସିକୁ ଏକ ବଡ଼ ଧକ୍କା ଲାଗିଛି। ଏହା ଉପରେ ନିର୍ଭରଶୀଳ ନିୟମିତ ଅର୍ଥାତ୍ ଦୀର୍ଘମିଆଦୀ ୧୪ଟି ଶିଳ୍ପ ସଂସ୍ଥା ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରା ନ ଗଲେ ପ୍ରାୟ ୩୦ ହଜାର କର୍ମଚାରୀ ଓ ଶ୍ରମିକ ଜୀବିକା ହରାଇବା ନିଶ୍ଚିତ ବୋଲି ଶ୍ରମିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି।

ମିଳିଥିବା ତଥ୍ୟ ମୁତାବକ, ଓଏମ୍‌ସି ଫେରୋକ୍ରୋମ୍ ବଜାର ମୂଲ୍ୟର ୧୩.୫ ପ୍ରତିଶତ ହିସାବରେ କ୍ରୋମାଇଟ୍‌ର ମୂଳ ମୂଲ୍ୟ ରଖିଆସୁଛି। ଏହି ହିସାବରେ ସୋମବାର ଆହୂତ ଇ-ନିଲାମ ପ୍ରକ୍ରିୟାରେ କ୍ରୋମାଇଟ୍‌ର ମୂଳ ମୂଲ୍ୟ ଟନ୍ ପିଛା ୧୨,୨୧୪ ଟଙ୍କା ଧାର୍ଯ୍ୟ ହେବା କଥା। କିନ୍ତୁ ଓଏମ୍‌ସି ମୂଳ ମୂଲ୍ୟ ଉପରେ ଆଉ ୩୦୭୦ ଟଙ୍କା ବୃଦ୍ଧି କରିଥିଲା । ଫଳରେ ନିଲାମ ପ୍ରକ୍ରିୟାରେ ମୂଳ ମୂଲ୍ୟ ୧୫,୨୮୪ ଟଙ୍କା ଧାର୍ଯ୍ୟ ହୋଇଥିଲା। ଏଣୁ ସୋମବାର ନିଲାମ ପ୍ରକ୍ରିୟାରେ ବିକ୍ରି ପାଇଁ ରଖାଯାଇଥିବା ୭ ହଜାର ଏମ୍‌ଟି କ୍ରୋମାଇଟ୍‌ରୁ ଏକ ଟନ୍ ମଧ୍ୟ ବିକ୍ରି ହୋଇନାହିଁ। ଓଏମ୍‌ସିର ଏହି ଭୁଲ ମୂଲ୍ୟ ନିର୍ଦ୍ଧାରଣ ନୀତି ଯୋଗୁ ଗତ ୨୩।୪।୨୦୨୧ ତାରିଖରେ ନିଲାମ ପାଇଁ ରଖାଯାଇଥିବା ୩୫,୧୦୦ ଏମ୍‌ଟି କ୍ରୋମାଇଟ୍‌ରୁ ମାତ୍ର ୧୪,୮୦୦ ଏମ୍‌ଟି ବିକ୍ରି ହୋଇ ପାରିଥିଲା। ସେହିଭଳି ଗତ ୧୧।୧।୨୦୨୧, ୧୦।୨।୨୦୨୧, ୧୫।୩।୨୦୨୧ରେ ହୋଇଥିବା ନିଲାମ ପ୍ରକ୍ରିୟାରେ ରଖାଯାଇଥିବା କ୍ରୋମାଇଟ୍ ସମ୍ପୂର୍ଣ୍ଣ ବିକ୍ରି ହୋଇ ପାରି ନ ଥିଲା।

କଳିଙ୍ଗ ନଗର ଶିଳ୍ପ ସଂଘ ଓ ଅନ୍ୟ ଶିଳ୍ପ ସଂଘର ପ୍ରତିନିଧିମାନେ ରାଜ୍ୟ ସରକାରଙ୍କ ସମେତ ଓଏମ୍‌ସିର ଅଧିକାରୀମାନଙ୍କୁ କ୍ରୋମାଇଟ୍‌ର ମୂଳ ମୂଲ୍ୟ ନିର୍ଦ୍ଧାରଣ ନୀତିକୁ ସଂଶୋଧନ କରି ବୈଷୟିକ ସଂସ୍ଥା ପିଡବ୍ଲୁସି (ପ୍ରାଇସ୍ ୱାର କପର) ଦ୍ୱାରା ପ୍ରସ୍ତାବିତ ଫେରୋକ୍ରୋମ୍ ମୂଲ୍ୟର ୧୨.୬୫% ହିସାବରେ ଧାର୍ଯ୍ୟ କରିବା ପାଇଁ ବାରମ୍ବାର ଅନୁରୋଧ କରିଛନ୍ତି । ଅଥଚ ବୈଷୟିକ ସଂସ୍ଥା କେପିଏମ୍‌ଜି (କ୍ଲିନ୍‌ଭେଲ୍ଡ ପିଟ ମାକରୱିକ ଗୋରଡେଲର) ଦ୍ୱାରା ପ୍ରସ୍ତାବିତ ଫେରୋକ୍ରୋମର ବଜାର ମୂଲ୍ୟର ୧୩.୫% ରଖାଯାଉଛି। ଏଭଳି ସମ୍ବେଦନଶୀଳ ଘଟଣାକୁ ଓଏମ୍‌ସି କର୍ଣ୍ଣପାତ କରୁ ନ ଥିବା ସ୍ପଷ୍ଟ ବାରି ହେଉଛି। ବିଶ୍ୱ ବଜାରରେ ଫେରୋକ୍ରୋମ ମୂଲ୍ୟ ଯଥେଷ୍ଟ କମିଛି । ବିଶେଷଜ୍ଞଙ୍କ ମତରେ ଏହି ମୂଲ୍ୟ ଆହୁରି କମିବାର ଅଛି। ଏହି ପରିସ୍ଥିତିରେ ଓଏମ୍‌ସି ଦ୍ୱାରା ଆହୂତ ନିଲାମ ବାରମ୍ବାର ବିଫଳ ହେବା ପରେ ମଧ ଓଏମ୍‌ସି ନୀତି ପରିବର୍ତ୍ତନ କରିବା ପରିବର୍ତ୍ତେ ମୂଲ୍ୟ ବୃଦ୍ଧି କରି ଚାଲିଛି ବୋଲି ବିଭିନ୍ନ ଶିଳ୍ପ ସଂଘ ଅଭିଯୋଗ କରିଛନ୍ତି। ଯାହାଫଳରେ ନିଲାମ ପାଇଁ ଗଚ୍ଛିତ କ୍ରୋମାଇଟ୍ ବିକ୍ରି ହୋଇ ପାରୁନାହିଁ। ଏହାଦ୍ୱାରା କାରଖାନା, ଖଣି ନିଗମ ଓ ରାଜ୍ୟ ରାଜକୋଷର ବିପୁଳ କ୍ଷତି ହେଉଛି ବୋଲି ମତପ୍ରକାଶ ପାଇଛି।

କ୍ୟାପ୍ଟିଭ ଖଣି ନ ଥିବା ଶିଳ୍ପ ସଂସ୍ଥାଗୁଡ଼ିକ କ୍ରୋମାଇଟ୍ ପାଇଁ ଓଏମ୍‌ସି ଉପରେ ନିର୍ଭରଶୀଳ। ତେବେ ଓଏମ୍‌ସି ଧାର୍ଯ୍ୟ କରୁଥିବା ମୂଲ୍ୟରେ କ୍ରୋମାଇଟ୍ କିଣି ବଜାରରେ ଫେରୋକ୍ରୋମ ବିକ୍ରି କରିବା କ୍ଷତି ସାପେକ୍ଷ ହେଉଛି। ଏହି କ୍ରମରେ ଏବେ ମାଲିକ ଓ କାର୍ଯ୍ୟରତ ଶ୍ରମିକ କର୍ମଚାରୀ କାରଖାନା ବନ୍ଦ ହେବା ଆଶଙ୍କାରେ ଚିନ୍ତାରେ ଅଛନ୍ତି। ଏ ସଂକ୍ରାନ୍ତରେ ଓଏମ୍‌ସିର ଯାଜପୁରରୋଡ ଆଞ୍ଚଳିକ ଅଧିକାରୀ ପି.କେ. ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ସେଲ୍ କମିଟି ଦ୍ୱାରା ନିଲାମ ହୋଇଥାଏ। ନିଲାମ ହୋଇ ସାରିବା ପରେ କଞ୍ଚାମାଲ ଦେବା ତାଙ୍କ କାମ। ତେଣୁ ସେ ଏନେଇ କିଛି କହିପାରିବେ ନାହିଁ ବୋଲି କହିଛନ୍ତି।

# ଏକାଠି ଜଳିଲା ଶାଶୁ, ବୋହୂଙ୍କ ଜୁଇ

**ବାଲିପାଟଣା,୧୮।୫(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଭାପୁର ପଞ୍ଚାୟତ ଦିୱାନିପାଟଣା ମୁଦୁଲିସାହିରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଗୋଟିଏ ଦିନରେ ଏକାଠି ଜଳିଛି ଶାଶୁ, ବୋହୂଙ୍କ ଜୁଇ। ସୂଚନା ମୁତାବକ, ଏହି ଗ୍ରାମର ନେତ୍ରମଣି ମୁଦୁଲି(୯୦)ଙ୍କ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ବାର୍ଦ୍ଧକ୍ୟ ଜନିତ ରୋଗରୁ ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଓ ସମ୍ପର୍କୀୟମାନେ ଶବଦାହ କରିବାକୁ ଯାଇଥିବା ବେଳେ ଅପରାହ୍ନ ପ୍ରାୟ ୨ଟା ୩୦ରେ ବୋହୂ ଉର୍ବଶୀ ମୁଦୁଲି (୬୦)ଙ୍କ ହଠାତ ଦେହ ଖରାପ ହୋଇପଡ଼ିଥିଲା। ପରିବାର ଲୋକେ ତାଙ୍କୁ ମେଡିକାଲ ନେବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଉର୍ବଶୀଙ୍କ ଆଗରୁ ହୃଦ୍ ଅସ୍ତ୍ରୋପଚାର କରାଯାଇଥିବା ନେଇ ପରିବାର ପକ୍ଷରୁ ସୂଚନା ମିଳିଛି। ପରେ ଶାଶୁଙ୍କ ଚିତା ଲିଭି ନ ଥିବାବେଳେ ପାଖରେ ବୋହୂଙ୍କ ଶବ ଦାହ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରିଙ୍କି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଇଲା ମାଳି, ମାଇଲା ତାଳି ଧରି ପଳାଇଲା ଖେଚୁଡ଼ି ଥାଳି।**

କେତେଜଣ ବ୍ୟକ୍ତି ଅତ୍ୟନ୍ତ ଧୂର୍ତ୍ତ ପ୍ରକୃତିର ହୋଇଥାନ୍ତି। ଆଖିରେ ଆଙ୍ଗୁଠି ଗେଞ୍ଜି ସବୁକିଛି ଏପରି ଆତ୍ମସାତ କରିନିଅନ୍ତି ଯେ ତା'ର ଟେର ବି କେହି ପାଇ ପାରି ନଥାନ୍ତି। ଅନ୍ୟକୁ ବୋକା ବା ଭକୁଆ ବନେଇ ସାର ପଦାର୍ଥ ଧରି ଚମ୍ପଟ ମାରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଜିର ମଲ୍ଲୁ କାଲିକି ବଇଦ।**

ମଣିଷ ବିପଦରେ ପଡିଲେ ସେଥିରୁ ବର୍ତ୍ତିବା ପାଇଁ ଚେଷ୍ଟାକରେ, ଫଳସ୍ୱରୂପ ବୁଦ୍ଧି ଖଟେଇ କିଛି ଶିକ୍ଷା ହାସଲ କରେ। ବିପଦ ହିଁ ମଣିଷକୁ ଅଭିଜ୍ଞ କରାଏ। ଅଭିଜ୍ଞତାରୁ ଶିଖି କୌଣସି ବିଷୟରେ ଅଭିଜ୍ଞ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ


ନୂଆଦିଲ୍ଲୀର ନୋଏଡାରେ ମଙ୍ଗଳବାର ଡ୍ରାଇଭ୍ ଇନ୍ ଭାକ୍ସିନେସନ୍ ବେଳେ ଜଣେ ବ୍ୟକ୍ତିଙ୍କୁ କୋଭିଡ୍ ଟିକା ଦିଆଯାଉଛି।

# ମୃତକଙ୍କ ପାଖ ମାଡ଼ିଲେନି ଆତ୍ମୀୟ

- କରୋନା ଭୟ
- ପ୍ରଶାସନ କଲା ମୃତଦେହ ସଂସ୍କାର

ନାଉଗାଁ,୧୮।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକର ଶିଖର ଗ୍ରାମରେ ସୋମବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ପରେ କରୋନା ଭୟରେ ଆତ୍ମୀୟସ୍ୱଜନମାନେ ପାଖ ମାଡ଼ି ନ ଥିଲେ। ପରେ ବ୍ଲକ ପ୍ରଶାସନ ଏ ସମ୍ପର୍କରେ ଖବରପାଇ ରାତିରେ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କରିଛି। ସେ ହେଲେ ଜଗତ୍‌ସିଂହପୁର ବ୍ଲକ ପଳାଶୋଳ ଗ୍ରାମର ବଳରାମ ଜେନା। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିଲେ। କିଛି ଦିନ ହେବ ଝିଅ, ଜ୍ୱାଇଁଙ୍କ ଘରେ ରହୁଥିଲେ। ୩ ଦିନ ତଳେ ଝିଅ, ଜ୍ୱାଇଁ ସଂକ୍ରମିତ ହୋଇ ଗୃହ ସଙ୍ଗରୋଧରେ ଥିଲେ। ସୋମବାର ସନ୍ଧ୍ୟାରେ ବଳରାମଙ୍କ ମୃତ୍ୟୁ ଘଟିଥିଲା। ମାତ୍ର କରୋନା ଭୟରେ କେହି ପାଖକୁ ଆସି ନ ଥିଲେ। ଫଳରେ ମୃତଦେହ ସଂସ୍କାର ହୋଇ ନ ପାରି ଘରେ ପଡ଼ି ରହିଥିଲା। ଏ ବିଷୟରେ ବିଡିଓ ରଶ୍ମିରେଖା ମଲିକଙ୍କୁ ସରପଞ୍ଚ ଅକ୍ଷୟ ଜେନା ଅବଗତ କରାଇ ଥିଲେ। ପରେ ବିଡିଓ ମଲିକ ଓ ଥାନା ଅଧିକାରୀ ସେଠାରେ ପହଞ୍ଚି ମହାପରାୟଣ ଗାଡ଼ିର ବ୍ୟବସ୍ଥା କରିଥିଲେ। ମାତ୍ର ମୃତଦେହ ଗାଡ଼ି ପର୍ଯ୍ୟନ୍ତ ନେବାକୁ କେହି ରାଜି ହୋଇ ନ ଥିଲେ। ଦୀର୍ଘ ସମୟ ପରେ ଗାଁର ୩ ଜଣ ଲୋକ ପିପିଇ କିଟ୍ ପିନ୍ଧି ମୃତଦେହ ଗାଡ଼ିକୁ ନେଇଥିଲେ। ପରେ ପ୍ରଶାସନ ପକ୍ଷରୁ ଜଗତ୍‌ସିଂହପୁର ପୌରପରିଷଦସ୍ଥିତ ଶ୍ମଶାନରେ ବଳରାମଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।


ମୃତଦେହକୁ ପିପିଇ କିଟ୍ ପିନ୍ଧି ସଂସ୍କାର ପାଇଁ ନିଆଯାଉଛି।

classifieds Everyday 0674-2580101, 2549302




**BRIDE WANTED**

Khandayat groom 5'9", 36+ graduate well established, Sober, educated and cultured family own house BBSR father (Retrd. teacher (KVS) looks for suitable matching bride early marriage preferred. 9437494216. D-46553

**GROOM WANTED**

ସରକାରୀ ଛାତ୍ରାବାସ ୱାର୍ଡେନ ଚାକିରିରେ କାର୍ଯ୍ୟରତ ଅବିବାହିତା 41 ବୟସ୍କା କରଣ ଝିଅଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ। 8763709841. D-67593

52ବୟସ୍କା ଖଣ୍ଡାୟତ ବିଧବା ଏକାକୀ ରହି ସରକାରୀ ଚାକିରି କରୁଥିବା ଝିଅଙ୍କୁ ଯେକୌଣସି ଜାତିର ବର ଦରକାର। 7681044808. D-67592

# ୧୦% କର୍ମଚାରୀରେ ଚାଲିବ ସରକାରୀ କାର୍ଯ୍ୟାଳୟ

## ୩୩%ରେ ବେସରକାରୀ



ଭୁବନେଶ୍ୱର, ୧୮।୫ (ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ସରକାରୀ ଓ ବେସରକାରୀ ଅଫିସ ଲାଗି ରାଜ୍ୟ ସରକାର ନୂତନ ଗାଇଡ୍‌ଲାଇନ ଜାରି କରିଛନ୍ତି। ଅତ୍ୟାବଶ୍ୟକ ସେବା କାର୍ଯ୍ୟରେ ନିୟୋଜିତ ଥିବା ସରକାରୀ କାର୍ଯ୍ୟାଳୟ ବ୍ୟତୀତ ଅନ୍ୟ ସବୁ ସରକାରୀ ଅଫିସ୍‌ରେ କର୍ମଚାରୀ ସଂଖ୍ୟାରେ ହ୍ରାସ କରାଯାଇଛି। ଅଣ ଅତ୍ୟାବଶ୍ୟକ ସେବା ସରକାରୀ ଅଫିସ୍‌ଗୁଡ଼ିକ ମାତ୍ର ୧୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିବ। ଜିଲା ପ୍ରଶାସନ ଓ ଟ୍ରେଜେରି ଅଫିସରେ ଷ୍ଟାଫ୍ ଯଥେଷ୍ଟ କମାଯିବ। ସେହିପରି ବେସରକାରୀ ଓ କର୍ପୋରେଟ୍ ଅଫିସଗୁଡ଼ିକ ୩୩% କର୍ମଚାରୀରେ ଚାଲିବ। ତେବେ ପୋଲିସ, ହୋମ୍‌ଗାର୍ଡ ଓ ଅଗ୍ନିଶମ କର୍ମଚାରୀଙ୍କ ପାଇଁ କୌଣସି କଟକଣା ନାହିଁ। କର୍ମଚାରୀମାନେ ହେଡ୍‌କ୍ୱାର୍ଟର୍ସ ଛାଡ଼ି ନ ଯିବାକୁ ପରାମର୍ଶ ଦିଆଯାଇଛି। ସବୁ ସମୟରେ ଟେଲିଫୋନ ଯୋଗେ ଉପଲବ୍ଧ ରହିବାକୁ କୁହାଯାଇଛି। ଆବଶ୍ୟକ ପଡ଼ିଲେ କର୍ମଚାରୀମାନଙ୍କୁ ଟେଲିଫୋନ ଯୋଗେ ଡକାଯାଇପାରେ।

## ପ୍ରଥମ ପୃଷ୍ଠାରୁ...

### ମୃତ୍ୟୁ ତଥ୍ୟକୁ...

ଭୁଲ୍ ଏବଂ ବିଭ୍ରାନ୍ତିକର। ନିରଞ୍ଜନ ଏକ ପ୍ରେସ୍ ବିବୃତ୍ତିରେ ମଙ୍ଗଳବାର କହିଛନ୍ତି, ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଯେଉଁ ତଥ୍ୟ ସବୁ ପ୍ରକାଶ ପାଇଛି ତାହା ଗଭୀର ଉଦ୍‌ବେଗଜନକ। ଏହା ଏକ ଧର୍ତ୍ତବ୍ୟ ଏବଂ ଜଘନ୍ୟ ଅପରାଧ ବୋଲି କହିଲେ ଭୁଲ୍ ହେବନାହିଁ। ସରକାର ଚଳିତ ମାସରେ ପ୍ରତିଦିନ ହାରାହାରି ୨୦ଜଣ ଲେଖାଏଁ କୋଭିଡ୍‌ରେ ମୃତ୍ୟୁ ଘଟୁଥିବା ଘୋଷଣା କରୁଛନ୍ତି। ଗତ ୧୪ ତାରିଖରେ ସର୍ବାଧିକ ଥିଲା ୨୨ ଜଣ। ମାତ୍ର ସତ୍ୟନଗର ଶ୍ମଶାନକୁ ଦେଖିଲେ, ଚଳିତମାସରେ ପ୍ରତିଦିନ ୪୫ ଶବ ସତ୍କାର ହୋଇଥିବାର ତଥ୍ୟ ସେଠାକାର କର୍ମଚାରୀମାନଙ୍କଠାରୁ ଜଣାପଡ଼ିଛି; ଯେଉଁଥିରୁ ୩୦ ଜଣଙ୍କ କୋଭିଡ୍ ନିୟମ ମୁତାବକ ଶବଦାହ ହୋଇଛି। ଏହି ମାସରେ ବର୍ତ୍ତମାନ ସୁଦ୍ଧା ୬୫୦ ଜଣଙ୍କ ଶବ ଏହି ଶ୍ମଶାନରେ ଦାହ ହୋଇଛି। କରୋନାର ୨ୟ ଲହର ଆରମ୍ଭରୁ ଓଡ଼ିଶାରେ ମୋଟ ୩୯୫ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି ବୋଲି ସରକାର କହୁଛନ୍ତି। ଅର୍ଥାତ୍ ଦିନକୁ ହାରାହାରି ୬ ଜଣ ମରିଛନ୍ତି। କିନ୍ତୁ ରାଜ୍ୟର ବିଭିନ୍ନ ମଶାଣିରୁ ଯେଉଁ ତଥ୍ୟ ସାମ୍ନାକୁ ଆସିଛି ତାହା ସରକାରୀ ପରିସଂଖ୍ୟାନଠାରୁ ବହୁତ ଅଧିକ ବୋଲି ଜଣାପଡ଼ିଛି। ଏହି ତଥ୍ୟ ଅନୁଯାୟୀ ମେ ୧ରୁ ୧୪ ଭିତରେ ରାଜ୍ୟରେ ୨ ହଜାର ଶବ ସତ୍କାର କରାଯାଇଛି। ଏହାର ଏକ ଉଦାହରଣ ହେଉଛି ସତ୍ୟନଗର, କଟକ ସତୀଚଉରା ଇତ୍ୟାଦି ମଶାଣିରେ ନିର୍ବାପିତ ହେଉ ନ ଥିବା ଜୁଇ। ସୂଚନା ଅଧିକାର ଆଇନ ଜରିଆରେ ଆସିଥିବା ତଥ୍ୟ ମୁତାବକ, ଗତବର୍ଷ ସେପ୍ଟେମ୍ବରରେ ୧୨୮୮ ଶବ ଦାହ ହୋଇଛି। କିନ୍ତୁ କରୋନାରେ ସେହି ମାସରେ ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ୩୫୬ ଜଣ ପ୍ରାଣ ହରାଇଥିବା କୁହାଯାଇଥିଲା। ଏହା ପଛରେ ରହସ୍ୟ କ'ଣ ରହିଛି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ସରକାର ଏବେ ଭୁବନେଶ୍ୱର, କଟକ ସମେତ ସମ୍ବଲପୁର, ଝାରସୁଗୁଡ଼ା ଇତ୍ୟାଦି ସହରରେ ଥିବା ମଶାଣିଗୁଡ଼ିକର ସମ୍ପ୍ରସାରଣ ଓ ନୂଆ ମଶାଣି ପ୍ରତିଷ୍ଠା କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯଦି ଦିନକୁ ରାଜ୍ୟରେ ହାରାହାରି ୨୦ ଜଣ ମରୁଛନ୍ତି ତେବେ ଏହି ନୂତନ ମଶାଣି ତିଆରି ପାଇଁ ସରକାର ତତ୍ପର କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। କରୋନା ମୃତ୍ୟୁ କ୍ଷେତ୍ରରେ ଓଡ଼ିଶା ସରକାର ଗୁଜରାଟ ମଡେଲକୁ ଅନୁକରଣ କରୁଛନ୍ତି କି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।


Reena Behera @ReenaBe88691487 · 1d
Replying to @HFWOdisha
Please release the exact data. Yesterday only my Great Grandmother and 11 others died in Corona in Jharsuguda. Where are there data.
1 3 18

Mousumi Bose @Mousumi24818906 · 1d
Replying to @HFWOdisha
Yesterday our uncle died in covid hospital of cuttack.where is his data
1

Biswajit Satapathy @Biswaji91408... · 3d
Replying to @HFWOdisha
3 people's died in bhadrak district but no mention here good work by odisha govt
1 6

sachinandan das @sachinandanda... · 1d
Replying to @HFWOdisha
Absolute fake report. In cuttack more than 10 demise of covid in my knowledge. But you have not showing a single. Strange
1

Amarjit Biswal @amarjit_biswal · 1d
Replying to @HFWOdisha
@HFWOdisha why u hide the data of real no. Of deaths...from mahanga(cuttack)dist. there are 2 persons succumb to covid19 whom i know.....bt in your past 2days data there is no death reported in cuttack dist....
2

### ୧ ଯାଏ ବଢ଼ିଲା...

ଏହାକୁ ସକାଳ ୭ଟାରୁ ପୂର୍ବାହ୍ନ ୧୧ଟା କରାଯାଇଛି। ପୂର୍ବଭଳି ଲୋକେ ନିକଟସ୍ଥ ଦୋକାନକୁ ଚାଲି ଚାଲି ଯାଇ ଜିନିଷ କିଣିବେ। ରାସ୍ତାରେ ବସୁଥିବା ଦୋକାନ ମଧ୍ୟରେ ଦୂରତ୍ୱ ଅତିକମ୍‌ରେ ୩୦ଫୁଟ ରହିବ। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି ଯେ ଲକ୍‌ଡାଉନ ସମୟରେ ସର୍ବସାଧାରଣ ଯାତାୟାତ ଉପରେ କଟକଣା ଜାରି କରାଯାଇଥିବାବେଳେ ମାଲ ପରିବହନ ପୂର୍ବଭଳି ଜାରିରହିବ। ଲକ୍‌ଡାଉନ ବେଳେ ଟିକାକରଣ ଚାଲୁ ରହିବ। ଟିକା ନେବା ପାଇଁ ଯୋଗ୍ୟ ବ୍ୟକ୍ତି ନିକଟସ୍ଥ କୋଭିଡ୍ ଟିକାକରଣ କେନ୍ଦ୍ର(ସିଭିସି)କୁ ଟାକ୍ସି, ଅଟୋରିକ୍ସା କିମ୍ବା ନିଜର ଯାନବାହନ ସାହାଯ୍ୟରେ ଯାଇପାରିବେ। ଏଥିସହିତ ଲୋକମାନେ ସରକାରୀ କିମ୍ବା ଘରୋଇ କୋଭିଡ୍ ପରୀକ୍ଷା କେନ୍ଦ୍ରକୁ ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ। ଲକ୍‌ଡାଉନ ସମୟରେ ବସ୍ ଚାଲିବ ନାହିଁ। ମେଡିକାଲ କାରଣ ବ୍ୟତୀତ ଅନ୍ୟ କୌଣସି ବାହାନା ଦେଖାଇ ଲୋକମାନେ ଅନ୍ୟ ରାଜ୍ୟକୁ ଯାଇପାରିବେ ନାହିଁ। ସମସ୍ତ ପ୍ରକାର ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ସମସ୍ତ ପ୍ରକାର ବ୍ୟବସାୟିକ ମେଳା, ବୈଠକ ଆଦି ଉପରେ କଟକଣା ଜାରି କରାଯାଇଛି। ସମସ୍ତ ସିନେମା ହଲ୍, ମଲ୍, ମାର୍କେଟ କମ୍ପ୍ଲେକ୍ସ, ଜିମ୍‌ନାସିୟମ, ସ୍ପୋର୍ଟସ କମ୍ପ୍ଲେକ୍ସ, ସୁଇମିଂ ପୁଲ୍, ଥିଏଟର, ପାର୍କ, ବାର୍, ଅଡିଟୋରିୟମ, ମିନାବଜାର ଇତ୍ୟାଦି ବନ୍ଦ ରହିବ। ସେହିପରି ଯାତ୍ରା, ଖୋଲା ମଞ୍ଚ ଉପରେ କଟକଣା ଜାରି କରାଯାଇଛି। ସମସ୍ତ ସେଲୁନ, ବିୟୁଟି ପାର୍ଲର, ସ୍ପା ଇତ୍ୟାଦି ବନ୍ଦ ରହିବ। ସମସ୍ତ ପ୍ରକାର ସାମାଜିକ, ଧାର୍ମିକ, ରାଜନୈତିକ, ସାଂସ୍କୃତିକ କାର୍ଯ୍ୟକଳାପ ବନ୍ଦ ରହିବ। ଦୈନିକ ଓ ସାପ୍ତାହିକ ହାଟ ବନ୍ଦ ରହିବ।

ତେବେ ଲକ୍‌ଡାଉନ ସମୟରେ ହସ୍ପିଟାଲ, କ୍ଲିନିକ୍, ଟେଲି ମେଡିସିନ, ସମସ୍ତ ପ୍ରକାର ଔଷଧ ଦୋକାନ, ମେଡିକାଲ ଉପକରଣ ଦୋକାନ, ମେଡିକାଲ ଲାବୋରେଟୋରି, କଲେକ୍ସନ ସେଣ୍ଟର ଖୋଲା ରହିବ। ବ୍ୟାଙ୍କ, ଏଟିଏମ୍ କାଉଣ୍ଟର, କୋଅପରେଟିଭ କ୍ରେଡିଟ୍ ସୋସାଇଟି ଖୋଲା ରହିବ। ରେଷ୍ଟୁରାଣ୍ଟ ଓ ଢାବାଗୁଡିକରେ କେବଳ ପାର୍ସଲ ବ୍ୟବସ୍ଥା ରହିବ। ହୋମ୍ ଡେଲିଭରି, ଇଣ୍ଟରନେଟ୍, ଟେଲି କମ୍ୟୁନିକେଶନ, ଇଲେକ୍ଟ୍ରୋନିକ, ଛାପା ଗଣମାଧ୍ୟମକୁ ଅନୁମତି ପ୍ରଦାନ କରାଯାଇଛି। ଗ୍ୟାରେଜ, ଯାନବାହନ ମରାମତି ଦୋକାନ ଖୋଲା ରହିବ। ସମସ୍ତ ପ୍ରକାର କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ଜାରି ରହିବ। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ ଅନୁଯାୟୀ ରେଳ, ଡାକ ଓ ବିମାନ ସେବା ଜାରି ରହିବ। ଛାତ୍ରୀଛାତ୍ରଙ୍କ ପଢ଼ାବହି ଦୋକାନ, ଇଲେକ୍ଟ୍ରି, ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନ, ଏସି, କୁଲର, ୱାଟର ପ୍ୟୁରିଫାୟର ମରାମତି ଦୋକାନ, କମ୍ପ୍ୟୁଟର, ମୋବାଇଲ ମରାମତି ଦୋକାନ, ସିମେଣ୍ଟ, ରଡ୍, ଟିମ୍ବ ଆଦି ନିର୍ମାଣ ସାମଗ୍ରୀ ଦୋକାନ ଖୋଲା ରହିବ। କେବଳ କ୍ଷୀର ବିକିବାକୁ ଓମ୍‌ଫେଡ ଦୋକାନ ଖୋଲା ରହିବ। ସକାଳ ୫ଟାରୁ ୮ଟା ପର୍ଯ୍ୟନ୍ତ ଖବରକାଗଜ ବିତରଣ ଅନୁମତି ଦିଆଯାଇଛି। ଜାତୀୟ ରାଜପଥରେ ଥିବା ଟୋଲ୍‌ଗେଟ୍‌ଗୁଡ଼ିକରେ ଟ୍ରାଫିକ୍ ଭିଡ଼କୁ କମାଇବା ପାଇଁ ଗ୍ରୀନ୍ କରିଡର କରିବାକୁ କୁହାଯାଇଛି। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶିଳ୍ପାନୁଷ୍ଠାନଗୁଡ଼ିକ ସ୍ୱାଭାବିକ ଭାବେ କାର୍ଯ୍ୟ କରିବେ। ଏଥିରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ନିୟମିତ ଆସିପାରିବେ। ଲକ୍‌ଡାଉନକୁ କଡ଼ାକଡ଼ି ଭାବେ ପରିଚାଳନା କରିବାକୁ ସମସ୍ତ ଜିଲାର ଏସ୍‌ପି, ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ନୈତିକ ଦୃଷ୍ଟିରୁ ଗ୍ରହଣୀୟ...

ଶୁଣାଣି କରି କହିଛନ୍ତି, ଆବେଦନକାରୀ ଦ୍ୱୟ କେବଳ ନିଜ ସମ୍ପର୍କକୁ ସ୍ୱୀକୃତି ପ୍ରଦାନ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି, ଯାହାକି ନୈତିକ ଓ ସାମାଜିକ ରୂପେ ଗ୍ରହଣୀୟ ନୁହେଁ। ବାସ୍ତବରେ ଆବେଦନକାରୀ ବର୍ତ୍ତମାନ ପିଟିଶନ ଦାଏର କରିବା ଆଳରେ ନିଜ ଲିଭ୍-ଇନ୍ ରିଲେଶନ୍‌ଶିପ୍ ଉପରେ ସ୍ୱୀକୃତିର ମୋହର ଲଗାଇବାକୁ ଦାବି କରୁଛନ୍ତି। ତେଣୁ ଏହି ପିଟିଶନରେ କୌଣସି ସୁରକ୍ଷା ଆଦେଶ ଦିଆଯାଇ ପାରିବ ନାହିଁ। ଏଭଳି ଟିପ୍ପଣୀ ଦେବା ସହ ହାଇକୋର୍ଟ ସେମାନଙ୍କ ପିଟିଶନକୁ ଖାରଜ କରିଦେଇଛନ୍ତି। ପ୍ରକାଶ ଯେ, ମାତ୍ର ୬ ଦିନ ପୂର୍ବରୁ ଜଷ୍ଟିସ୍ ଅନିଲ କ୍ଷେତ୍ରପାଳଙ୍କ ଖଣ୍ଡପୀଠ ଅନ୍ୟ ଏକ ଲିଭ୍-ଇନ୍ ଯୋଡ଼ିଙ୍କ ସୁରକ୍ଷା ପିଟିଶନକୁ ଖାରଜ କରିଦେଇଥିଲେ। ଯଦି ଏଭଳି ଭାବେ ସୁରକ୍ଷା ମାଗୁଥିବା ଯୋଡ଼ିଙ୍କୁ ଅନୁମତି ଦିଆଯାଏ ତେବେ ସମାଜର ସମରସତା ବିଗିଡ଼ିଯିବ ବୋଲି ହାଇକୋର୍ଟ ଦର୍ଶାଇଥିଲେ।

### ଭୋଜି ମନା...

ଓ ଶୁଦ୍ଧିକାର୍ଯ୍ୟରେ ଭୋଜିଭାତକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଘରକୁ ଡାକି ଅତିଥିମାନଙ୍କୁ ଭୋଜିଭାତ ଦିଆଯାଇପାରିବ ନାହିଁ। ଅତିଥିମାନଙ୍କୁ କେବଳ ପ୍ୟାକେଟ ଜରିଆରେ ଖାଦ୍ୟ ଦିଆଯାଇପାରିବ। ସରକାରଙ୍କ ଗାଇଡ୍‌ଲାଇନ ଉଲ୍ଲଂଘନ କରି ଲୋକମାନେ ବାହାଘର ଭୋଜିଭାତରେ ଆୟୋଜନ କରୁଛନ୍ତି। ଏହାଦ୍ୱାରା ଗ୍ରାମାଞ୍ଚଳରେ ମଧ୍ୟ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସାମାଜିକ କାର୍ଯ୍ୟକ୍ରମ ଉପରେ କଡ଼ା କଟକଣା ଲଗାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାକୁ ଉଲ୍ଲଂଘନ କଲେ ଆୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## କାହା ମୁହଁରେ ମାସ୍କ ନାହିଁ


ଉତ୍ତରପ୍ରଦେଶର ପ୍ରୟାଗରାଜସ୍ଥିତ ସଙ୍ଗମରେ ମଙ୍ଗଳବାର 'ବଡ଼ାମଙ୍ଗଳ' ଅବସରରେ ବୁଡ଼ ପକାଇବାକୁ ଯାଉଥିବା ଶ୍ରଦ୍ଧାଳୁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆପଣଙ୍କର ଉଚ୍ଚମନ, ଉତ୍କୃଷ୍ଟ ବିଚାରଧାରା, ପାରିବାରିକ ସହଯୋଗ କାର୍ଯ୍ୟସିଦ୍ଧି ପାଇଁ ଅନୁକୂଳ ରହିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଦକ୍ଷତାହେତୁକ ସାମାଜିକ ସ୍ତରରେ ଉଚ୍ଚାସନ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ଭଲରେ ଚାଲିବ।

**ବୃଷ** ଆପଣଙ୍କ ଚିନ୍ତା ଓ ଯୋଜନାନୁଯାୟୀ ପ୍ରତ୍ୟେକ କାମ ସମ୍ପନ୍ନ କରିବାରେ ଅସୁବିଧା ହେବ ନାହିଁ। ଉପର ଅଧିକାରୀଙ୍କ ସହାନୁଭୂତି ଯୋଗୁଁ ଖୁସି ହେବେ। ଆଇନ, ଯୋଗାଯୋଗ, ସଭାସମିତି, ଗଠନମୂଳକ କାମ ଓ ପ୍ରଶାସନିକ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ପାରିବାରିକ ସମସ୍ୟା ସୁଧାରି ନେବା ସକାଶେ ବିଭିନ୍ନ ଚେଷ୍ଟା କରିପାରନ୍ତି।

**ମିଥୁନ** ଆଜି ପ୍ରତ୍ୟେକ କ୍ଷେତ୍ରରେ ପାଇବେ ଯେତିକି ଅଧିକ ଦେବାକୁ ପଡିପାରେ। ବୁଝାମଣା ଅଭାବରୁ ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କର୍ମକ୍ଷେତ୍ରରେ ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କଲେ ସଫଳତା ମିଳିବ। ଆର୍ଥିକ ଦିଗରୁ ଦିନଟି ବହୁତ ଭଲ ରହିବା ଏକ ପ୍ରକାର ଆଶ୍ୱସ୍ତିର କାରଣ ହୋଇପାରେ।

**କର୍କଟ** ପରିସ୍ଥିତି ଓ ପରିଣାମକୁ ଆଖି ଆଗରେ ରଖି କାମ କଲେ ସଫଳତା ମିଳିବ। ପରୋକ୍ଷ ପରୀକ୍ଷା ଓ ଅନୁସନ୍ଧାନ ନ କରି କୌଣସି ସିଦ୍ଧାନ୍ତରେ ଉପନୀତ ହେବା ଠିକ୍ ହେବ ନାହିଁ। ଅଶ୍ଳେଷାର ପ୍ରତିବନ୍ଧକ ଲାଗି ରହିବା କାରଣରୁ ଯୋଜନାଗୁଡିକ ଠିକ୍ ଭାବେ କାର୍ଯ୍ୟକାରୀ ନ ହୋଇପାରେ। ଗଠନମୂଳକ କାର୍ଯ୍ୟରେ ପ୍ରଶଂସିତ ହେବେ।

**ସିଂହ** ସମସ୍ୟା ଓ ପ୍ରତିବନ୍ଧକକୁ ହଟାଇ କାର୍ଯ୍ୟହାସଲ କରିବାରେ ଅସୁବିଧା ରହିବ ନାହିଁ। ଅଭାବବୋଧ ଲାଗିରହୁଥିବାରୁ ପାରିବାରିକ କ୍ଷେତ୍ରରେ ସମସ୍ତଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ଅସାବଧାନତା ବଶତଃ ଭଲ କରିବାକୁ ଯାଇ ସମସ୍ୟା ଭିତରକୁ ଟାଣି ହୋଇଯିବେ। ଅତୀତ ଘଟଣାକୁ ବାରମ୍ବାର ଚିନ୍ତା କରି ମାନସିକ ଅଶାନ୍ତି ଅନୁଭବ କରିବେ।

**କନ୍ୟା** ଯାହାକୁ ନିଜର ବୋଲି ଭାବିବେ ସେ ସରଳତାର ସୁଯୋଗ ନେବାକୁ ପଛାଇବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ନିର୍ମାଣ, ପରିବହନ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ। ଆଜି କୌଣସି ଆନୁଷ୍ଠାନିକ କାମରେ ଯୋଗ ଦେଇ ସମ୍ମାନିତ ହୋଇପାରନ୍ତି।

**ତୁଳା** ବୃଥାଶଙ୍କା ଓ ଅସୁବିଧା କଳ୍ପନା କରି ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ବିଶାଖା ନକ୍ଷତ୍ର ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଘରକାମ କରିବାକୁ ବାଧ ହେବେ। ମନର ଭାବକୁ ବନ୍ଧୁ ନିକଟରେ ପ୍ରକାଶ ହେତୁ ଭୁଲ୍ ବୁଝାମଣାର ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ନୀତିଗତ କାମକୁ ପ୍ରାଧାନ୍ୟ ଦେଇ ପାରନ୍ତି।

**ବିଛା** ଆଜି ଆପଣ ମନକଥାକୁ ଗୋପନ ରଖି କାମ ହାସଲର ଆନୁଷଙ୍ଗିକ ପଦ୍ଧତିକୁ ଅନୁସରଣ କରିପାରନ୍ତି। ଅନୁରାଧା ନକ୍ଷତ୍ରର ସମସ୍ତ ସୁବିଧା ଥାଇ କୌଣସି କାମରେ ମନ ଲାଗିବ ନାହିଁ। କର୍ମକ୍ଷେତ୍ରରେ ବହୁଦିନର ମନାନ୍ତରର ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ୍ ବୁଝାମଣା ରହିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ଧନୁ** ଆଜି କୌଣସି କାମ ଶୃଙ୍ଖଳିତ ନ ହେବା କାରଣରୁ ଧୈର୍ଯ୍ୟଚ୍ୟୁତି ଆଶଙ୍କା ରହିଛି। ପ୍ରକଳ୍ପକାର୍ଯ୍ୟ, ବ୍ୟବସାୟ ଓ ପରିବହନରେ କେତେକ ଆଧୁନିକୀକରଣ କରି ପାରନ୍ତି। ନିର୍ମାଣ କ୍ଷେତ୍ରରେ ଆବଶ୍ୟକୀୟ ଜିନିଷ ଅଭାବରୁ କାର୍ଯ୍ୟ ସ୍ଥଗିତ ରହିପାରେ। ଫେରନ୍ତା ବାଟରେ ଘର ପାଇଁ ମନଲାଖି ଜିନିଷ କିଣିବା ସକାଶେ ମନ ବଳିବ।

**ମକର** କର୍ମକ୍ଷେତ୍ର ଓ ବ୍ୟବସାୟିକ ଦିଗଟି ମନ୍ଦ ହେବ ନାହିଁ କିନ୍ତୁ ପ୍ରତିବନ୍ଧକ ଲାଗି ରହିବ। ଦିନ ତମାମ କଠୋର ପରିଶ୍ରମଜନିତ ସାମୟିକ କ୍ଳାନ୍ତି ଅନୁଭବ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବକୁ ନେଇ ନିର୍ମାଣାଧୀନ ଗୃହକୁ ଶେଷ ସ୍ପର୍ଶ ଦେଇପାରନ୍ତି। ପରିବାରରେ ଛୋଟ କଥାକୁ ବଡକରି ସମସ୍ୟା ଭିତରକୁ ଟାଣି ହୋଇଯିବାର ସୂଚନା ରହିଛି।

**କୁମ୍ଭ** ଘରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା ହେତୁ କିମ୍ବା କାମଗୁଡିକ ଠିକ୍ ଭାବେ ନ ହେବାରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। ଅଫିସ୍ କାର୍ଯ୍ୟ ତ୍ୱରାନ୍ୱିତ ହେବ ଏବଂ ସମସ୍ୟା ଦୂରେଇ ଯିବ। ଗୃହ, ଭୂମି, ଗାଡିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ, ମାତ୍ର ବିଶେଷ ଅସୁବିଧା ହେବ ନାହିଁ।

**ମୀନ** କାର୍ଯ୍ୟବ୍ୟସ୍ତତା କାରଣରୁ ପରିବାର ପାଇଁ ଆଜି ବେଶି ସମୟ ଦେଇପାରିବେ ନାହିଁ। ବନ୍ଧୁଙ୍କ ଦ୍ୱାରା ପ୍ରଶଂସା, ଆତ୍ମୀୟଙ୍କ ଅନୁରାଗ, ପାଖ ପଡୋଶୀଙ୍କ ସ୍ନେହ ଓ ଶ୍ରଦ୍ଧା ପାଇବେ। ବୃତ୍ତି, ବାଣିଜ୍ୟ, ଆଲୋଚନା, ଆନୁଷ୍ଠାନିକ କାମ କେତେକାଂଶରେ ସନ୍ତୋଷଜନକ ନ ହୋଇପାରେ। ଶୁଭଖବର ପାଇ କେତେକାଂଶରେ ଖୁସୀ ହୋଇପାରନ୍ତି।

ଆଜି ବୈଶାଖ ଶୁକ୍ଳ ସପ୍ତମୀ ଯୁକ୍ତ ଅଷ୍ଟମୀ ବୁଧବାର, ମେ ୧୯ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୭.୪୯ମି. ଗତେ ଘ.୧୧.୧୭ମି. ମଧ୍ୟେ, ଘ.୦୧.୫୩ମି. ଗତେ ଘ.୦୫.୨୧ମି. ମଧ୍ୟେ, ଘ.୦୩.୩୭ମି. ଗତେ ଘ.୦୪.୧୯ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୧.୪୩ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ଧାଉଡ଼ିଆ ପଦାରେ ପହଞ୍ଚିଲେ ଚିକିତ୍ସକ ଟିମ୍

ବାଲିଚନ୍ଦ୍ରପୁର,୧୮।୫(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତ ଧାଉଡ଼ିଆପଦା ଗ୍ରାମର ପ୍ରଦୀପ ପଲେଇଙ୍କ ଦୁଇଟି ମଇଁଷି ଗତ ୧୫ ଦିନ ମଧ୍ୟରେ ସଂକ୍ରମଣ ଯୋଗୁ ମରିଥିବା ବେଳେ ସୋମବାର ସୁଦ୍ଧା ତାଙ୍କର ଅନ୍ୟ ୬ଟି ଆକ୍ରାନ୍ତ ହୋଇଛନ୍ତି। ଏହି ଖବର ପ୍ରକାଶ ପାଇବା ପରେ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଗୋଷ୍ଠୀ ପ୍ରାଣୀ ସମ୍ପଦ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରଇପୁର ଅତିରିକ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀକାନ୍ତ ଜେନା, ଅରୁଣ କୁମାର ତ୍ରିପାଠୀ, ପ୍ରଣବ କୁମାର ସାମଲ, ରଞ୍ଜନ କୁମାର ଦାସ ପ୍ରମୁଖଙ୍କ ସମେତ ଏକ ଭ୍ରାମ୍ୟମାଣ ଚିକିତ୍ସକ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମଇଁଷିମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ମଇଁଷିପଲଙ୍କ ମଳ, ମୂତ୍ର ଓ ରକ୍ତ ନମୁନା ସଂଗ୍ରହ କରାଯାଇ ଫୁଲନଖରାସ୍ଥିତ ପ୍ରାଣୀଧନ ଗବେଷଣା କେନ୍ଦ୍ରକୁ ପଠାଯିବ ବୋଲି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ମଙ୍ଗଳବାର ପୁଣି ୯ଟି ମଇଁଷି ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ଏକ ବିଶେଷଜ୍ଞ ଟିମ୍ ମାଧ୍ୟମରେ ତୁରନ୍ତ ଚିକିତ୍ସା ସେବା ଯୋଗାଇଦେବାକୁ ଧାଉଡ଼ିଆପଦା ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ପଲେଇଙ୍କ ୨ ମଇଁଷି ଗତ ୧୫ ଦିନ ତଳେ ଅଜଣା ରୋଗରେ ମୃତ୍ୟୁବରଣ କରିଥିଲେ।

### ମୃତ ଦହିବରା ବିକାଳି ପରିବାରକୁ ସହାୟତା

ପାଣିକୋଇଲି,୧୮।୫(ଡି.ଏନ୍.ଏ.): ପାଣିକୋଇଲି ଥାନା ଅଧୀନ ଷଠିପୁରଠାରେ ଗତ ମାସ ୮ ତାରିଖରେ ଏକ ପିକ୍ଅପ୍ ଧକ୍କା ଦେବା ଫଳରେ ସେଠାରେ ଦହିବରା ବିକୁଥିବା କରଦା ସାହୁ ସାହିର ପ୍ରମୋଦ କୁମାର ସାହୁଙ୍କ ଗଛରେ ଚାପିହୋଇ ମୃତ୍ୟୁ ହୋଇଥିଲା। ଫଳରେ ତାଙ୍କ ପରିବାର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥିଲେ। ମୃତ ପ୍ରମୋଦଙ୍କ ୪ ଝିଅ ଅଛନ୍ତି। ସେହି ପରିବାରକୁ ସ୍ଥାନୀୟ ଅଞ୍ଚଳର ଲୋକେ ସହାୟତାର ହାତ ବଢ଼ାଉଛନ୍ତି। ପାଣିକୋଇଲି ପଥରପଦାର କେତେଜଣ ଯୁବକ ମାସକର ରାଶନ ସାମଗ୍ରୀ, ପିଲାମାନଙ୍କ ପାଠ ପଢ଼ିବା ପାଇଁ ବହି ଖାତା ପ୍ରଦାନ କରିଛନ୍ତି। ରୁଦ୍ର ପ୍ରତାପ ପାଢ଼ୀ, ଜିତେନ୍ଦ୍ର ସାହୁ, ରାହୁଲ କୁମାର ସାହୁ, ସଂଗ୍ରାମ ଗିରି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

# ପ୍ରକୃତ ଚାଷୀ ତାଲିକାକୁ ନେଇ ଚିନ୍ତା

**ରସୁଲପୁର ବ୍ଲକ୍**
- ଚାଷୀଙ୍କ ତାଲିକାରେ ତାଳମେଳ ନାହିଁ
- ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି ଚାଷୀ

ରସୁଲପୁର,୧୮।୫(ଡି.ଏନ୍.ଏ.)

୨୦୧୯ ଫେବୃୟାରୀରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ କିଷାନ ଓ ରାଜ୍ୟ ସରକାରଙ୍କ କାଳିଆ ଯୋଜନା ଶୁଭାରମ୍ଭ ହୋଇଥିଲା। ସେବେଠାରୁ ଉଭୟ ଯୋଜନା ପାଇଁ ପ୍ରକୃତ ହିତାଧିକାରୀ ଚିହ୍ନଟ ହୋଇ ପାରୁନାହାନ୍ତି। କାଳିଆ ଯୋଜନାରୁ ସହାୟତା ପାଉଥିବା ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ଲାଭ ମିଳୁନାହିଁ। ଏଭଳି ସ୍ଥିତି ଯାଜପୁର ଜିଲା ରସୁଲପୁର ଭଳି ଏକ କୃଷିପ୍ରଧାନ ବ୍ଲକରେ ଦେଖିବାକୁ ମିଳିଛି। ଏହି ବ୍ଲକରେ କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସାମିଲ ହିତାଧିକାରୀଙ୍କ ତାଲିକାରେ ତାଳମେଳ ରହୁନାହିଁ। ଉଭୟ ଯୋଜନାରେ ଏବେ ବି ବହୁ ଯୋଗ୍ୟ ଚାଷୀ ସାମିଲ ହୋଇପାରି ନାହାନ୍ତି ବୋଲି ଅଭିଯୋଗ ହେଉଛି। ରାଜ୍ୟ ସରକାରଙ୍କ ପୁରସ୍କାରପ୍ରାପ୍ତ ଚାଷୀ ଶିଶିର ରାଉତ କାଳିଆ ଯୋଜନାରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। କେବଳ ଶିଶିର ନୁହନ୍ତି, ତାଙ୍କ ପରି ବହୁ ଚାଷୀ ଏପରି ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି।।

ଗତ ଅକ୍ଷୟତୃତୀୟାରେ ଉଭୟ ସରକାର ଚାଷୀମାନଙ୍କ ଜମାଖାତାରେ ସହାୟତା ରାଶି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ କିଷାନ ଯୋଜନାର ୮ମ କିସ୍ତି ଚାଷୀମାନଙ୍କୁ ଦିଆଯାଇଛି। ତେବେ ୨୦୧୯ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର କାଳିଆ ଯୋଜନାରେ ରସୁଲପୁର ବ୍ଲକର ୬୦ ହଜାର ଚାଷୀଙ୍କ ଜମାଖାତାକୁ ଟଙ୍କା ପ୍ରଦାନ କରିଥିଲେ। ପରବର୍ତ୍ତୀ ସ୍ଥିତିରେ ଚାଷୀ ପଞ୍ଜୀକରଣରେ ତ୍ରୁଟି ଥିବା ଦର୍ଶାଇ ସର୍ଭେ ନିର୍ଦ୍ଦେଶ ଦିଆଯାଇଥିଲା। ବହୁ ଅଯୋଗ୍ୟ ହିତାଧିକାରୀ କାଳିଆ ଟଙ୍କା ହାତେଇଥିବା ଜଣାପଡ଼ିଥିଲା। ଏହାପରେ କାଳିଆ କିସ୍ତି ବନ୍ଦ କରିଦିଆଗଲା। ସରକାର ଓଡ଼ିଶା ଦିବସରେ ପୁଣି ଏହି ଯୋଜନାକୁ କାର୍ଯ୍ୟକାରୀ କଲେ। ଦ୍ୱିତୀୟ ଦଫାରେ ସରକାର ଦ୍ୱିତୀୟ କିସ୍ତି ପ୍ରଦାନ କରିଛନ୍ତି। ହେଲେ ଯୋଗ୍ୟ ଚାଷୀଙ୍କ ତାଲିକା କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ପ୍ରଦାନ କରି ନ ଥିବାରୁ ଉଭୟ ଯୋଜନାରେ ହିତାଧିକାରୀଙ୍କ ତାଳମେଳ ରହୁନାହିଁ। ଏହି କ୍ରମରେ ଦେଖିଲେ ରସୁଲପୁର ବ୍ଲକ ଅଞ୍ଚଳର ପ୍ରାୟ ୨୫ ହଜାରରୁ ଊର୍ଦ୍ଧ୍ୱ ଯୋଗ୍ୟ ଚାଷୀ ପରିବାର କାଳିଆ ଯୋଜନାର ଦ୍ୱିତୀୟ କିସ୍ତି ପାଇ ସାରିଛନ୍ତି। ହେଲେ ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ୨୦ ହଜାରରୁ କମ୍ ଚାଷୀ ଏହି ସହାୟତା ପାଇଛନ୍ତି ବୋଲି ଖବର ମିଳିଛି। ଏହାପଛରେ କେତେକ କାରଣ ରହିଛି। କାଳିଆ ଯୋଜନାରେ ସହାୟତା ହସ୍ତାନ୍ତର କରିବା ପାଇଁ ଆଧାର କାର୍ଡ ନମ୍ବରକୁ ବ୍ୟବହାର କରାଯାଉଛି। ଏହି ନମ୍ବର ବ୍ୟବହାର ଯୋଗୁ ହିତାଧିକାରୀଙ୍କ ନାମରେ ଥିବା ଯେକୌଣସି ଜମାଖାତାକୁ ସହାୟତା ରାଶି ଯାଇପାରୁଛି। ମାତ୍ର ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ସେଭଳି ହେଉନାହିଁ। ଚାଷୀ ପରିବାର ନାମ ପଞ୍ଜୀକରଣ କରିବା ସମୟରେ ଯେଉଁ ଜମାଖାତା ନମ୍ବର ଦେଇଥିଲେ, ସେହି ଆକାଉଣ୍ଟକୁ ଟଙ୍କା ହସ୍ତାନ୍ତର ହେଉଛି। କେତେକ ସ୍ଥାନରେ ବ୍ୟାଙ୍କ ମିଶ୍ରଣ ହେବା ଦ୍ୱାରା ପୁରୁଣା ଆକାଉଣ୍ଟ ନମ୍ବର କାମରେ ଲାଗୁନି। ସେଭଳି ସ୍ଥଳେ ହିତାଧିକାରୀ ନୂଆ ଜମାଖାତା ଖୋଲିନାହାନ୍ତି। ଏଥିଯୋଗୁ ବହୁ ଚାଷୀ ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଅର୍ଥ ପାଇବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷେ ଚାଷୀଙ୍କ ନାମ ପଞ୍ଜୀକରଣ ଏକ ନିରନ୍ତର ପ୍ରକ୍ରିୟା। ଦୈନିକ ଶତାଧିକ ଯୋଗ୍ୟ ଚାଷୀ ପରିବାରଙ୍କ ନାମ ପଞ୍ଜୀକରଣ ହେଉଛି। ମାତ୍ର ଉକ୍ତ ତାଲିକା ରାଜ୍ୟ ସରକାର କେନ୍ଦ୍ରକୁ ସୂଚାଇବାରେ ବିଳମ୍ବ କରୁଥିବାରୁ ବହୁ ଚାଷୀ କେନ୍ଦ୍ରୀୟ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏ ସବୁ କାରଣରୁ ଉଭୟ ଯୋଜନାର ଚାଷୀ ତାଲିକାରେ ତାଳମେଳ ରହୁନାହିଁ ବୋଲି ଅଭିଯୋଗ ହୋଇଛି।

ଏ ନେଇ ରସୁଲପୁର ବ୍ଲକ ସହକାରୀ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରୁ ସେ କୁହନ୍ତି, ମୁଁ କେବଳ ଯୋଗ୍ୟ ଚାଷୀ ପରିବାରକୁ ଚିହ୍ନଟ କରିବା ସହ ଅନ୍‌ଲାଇନରେ ଯୋଡୁଛି। ଅଧିକାଂଶ ଚାଷୀ ସେମାନଙ୍କ ନାମକୁ ଜନସେବା କେନ୍ଦ୍ର ଜରିଆରେ ପଞ୍ଜୀକରଣ କରୁଛନ୍ତି। ହେଲେ କାହାର କାଳିଆ ଟଙ୍କା ଆସିଲା ଆଉ କାହାର ପ୍ରଧାନମନ୍ତ୍ରୀ କିଷାନ ଯୋଜନା ଟଙ୍କା ଆସିଲା ନାହିଁ, ସେ ସମ୍ପର୍କରେ ମୋର କିଛି କରିବାର କ୍ଷମତା ନାହିଁ। କେବଳ ହିତାଧିକାରୀଙ୍କଠାରୁ ଅଭିଯୋଗ ଆସିଲେ ତାକୁ ଲିପିବଦ୍ଧ କରି ରଖିବି ଓ ପରବର୍ତ୍ତୀ ସମୟରେ ରାଜ୍ୟ ସରକାରଙ୍କୁ ଅବଗତ କରାଇବି ବୋଲି ସେ କହିଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା,୧୮।୫(ଡି.ଏନ.ଏ.)

ଧର୍ମଶାଳା ଥାନା ଅଭୟପୁର ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ସେହି ଗ୍ରାମର ବ୍ରହ୍ମାନନ୍ଦ ରାଉତଙ୍କ ପୁଅ ହରିହର(୩୦)। ସୂଚନା ମୁତାବକ ହରିହରଙ୍କ ସେହି ଗ୍ରାମର ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏପରି କି ଉଭୟ ବିବାହ ବନ୍ଧନରେ ଆବଦ୍ଧ ହେବେ ବୋଲି ସ୍ଥିର ହୋଇଥିଲା। ଉଭୟଙ୍କ ପରିବାରର ସହମତିରେ ନିର୍ବନ୍ଧ ହୋଇଥିଲା। ମାତ୍ର ସୋମବାର ହରିହର ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ହରିହରଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ପ୍ରେମ ବ୍ୟାପାର ଯୋଗୁ ଏଭଳି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଯୁବକଙ୍କ ପରିବାର ପକ୍ଷରୁ ଧର୍ମଶାଳା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ବିଷପିଇ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ବୃଦ୍ଧ ଦମ୍ପତି

**ଜମି ବିବାଦକୁ ନେଇ ନିର୍ଯାତନା**

ଯାଜପୁର ଟାଉନ,୧୮।୫(ଡି.ଏନ.ଏ.)


ଏସ୍‌ପିଙ୍କୁ ଭେଟିଥିବା ବୃଦ୍ଧ ଦମ୍ପତି।

ଜମି ବିବାଦକୁ ନେଇ ବୃଦ୍ଧଦମ୍ପତି କେତେଜଣ ବ୍ୟକ୍ତିଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଘଟଣାକୁ ପୋଲିସ ଅଣଦେଖା କରିବା ପରେ ମଙ୍ଗଳବାର ବୃଦ୍ଧ ଦମ୍ପତି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ, ଯାଜପୁର ଥାନା ବଡ଼ସୁଆର ଗ୍ରାମର ଅଲେଖ ପୁହାଣଙ୍କ ପୈତୃକ ସମ୍ପତ୍ତିକୁ ସେହି ଗ୍ରାମର କେତେଜଣ ବ୍ୟକ୍ତି ନିଜର ବୋଲି ଦାବି କରି ବିବାଦ ସୃଷ୍ଟି କରୁଛନ୍ତି। ଏପରିକି ସମ୍ପୃକ୍ତ ବ୍ୟକ୍ତିମାନେ ଅଦାଲତର ଏନେଇ ମାମଲା ରୁଜୁ କରିଥିଲେ। ଅଦାଲତ ଉକ୍ତ ସ୍ଥାନରେ କେହି ଗୃହ ନିର୍ମାଣ କରିପାରିବେ ନାହିଁ ବୋଲି କୋର୍ଟ କେସ ନଂ. ୧୮୬/୨୦୧୯ରେ ସ୍ଥିତାବସ୍ଥା ଜାରି କରିଥିଲେ। ମାତ୍ର ଅଦାଲତ ସ୍ଥିତାବସ୍ଥାକୁ ଅବମାନନାକରି ସମ୍ପୃକ୍ତ ବ୍ୟକ୍ତି ନିଜର ସମ୍ପତ୍ତି ବୋଲି ଦାବିକରି ସ୍ଥିତାବସ୍ଥା ଜାରିଥିବା ସତ୍ତ୍ୱେ ଘର ଜମି ଉପରେ ଘର ନିର୍ମାଣ କରିଥିଲେ। ଏହି ଘଟଣା ନେଇ ଅଲେଖ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଥାନା ପକ୍ଷରୁ କୌଣସି ପଦକ୍ଷେପ ନ ନିଆଯିବାରୁ ଜୈନିକ ବ୍ୟକ୍ତି ସେହି ସମ୍ପତ୍ତିରେ ଘର ନିର୍ମାଣ କରି ଚାଲିଛନ୍ତି। ଅଲେଖ ପାଇଖାନା ନିର୍ମାଣ କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ନିଜର ସମ୍ପତ୍ତି ବୋଲି ଦାବି କରି ଅଦାଲତର ଆଶ୍ରୟ ନେଇଥିବା ଉପରୋକ୍ତ ବ୍ୟକ୍ତି ଅସାମାଜିକ ବ୍ୟକ୍ତିଙ୍କ ସାହାଯ୍ୟରେ ଅଲେଖଙ୍କୁ ପାଇଖାନା ନିର୍ମାଣ ପାଇଁ ବାରଣ କରିଥିଲେ। ତେଣୁ ଅଲେଖ ଓ ତାଙ୍କ ସ୍ତ୍ରୀ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିବା ସହ ଗଣ୍ଡଗୋଳକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିବେଦନ କରିଛନ୍ତି। ଏନେଇ ଯାଜପୁର ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।

### ବ୍ୟାଙ୍କରେ ଭିଡ଼

ବାଲିଚନ୍ଦ୍ରପୁର,୧୮।୫(ସ୍ୱ.ପ୍ର.)

ବଡ଼ଚଣା ବ୍ଲକ ଅଧୀନ ବାଲିଚନ୍ଦ୍ରପୁର ଅଞ୍ଚଳରେ ଥିବା ବ୍ୟାଙ୍କଗୁଡ଼ିକରେ କାଳିଆ ଓ ପିଏମ୍ କିଷାନ ଟଙ୍କା ଉଠାଇବା ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଜମୁଛି। ଟଙ୍କା ନେବା ପାଇଁ ଶହଶହ ମହିଳା ଓ ପୁରୁଷ କରୋନା କଟକଣାକୁ ଉଲ୍ଲଂଘନ କରି ଭିଡ଼ ଜମାଉଛନ୍ତି। ବ୍ଲକର ସାଉଡ଼ିଆଠାରେ ଥିବା ଇଣ୍ଡିଆନ ବ୍ୟାଙ୍କ ଶାଖାରେ ମଙ୍ଗଳବାର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଲୋକେ ଟଙ୍କା ନେବା ପାଇଁ ବ୍ୟାଙ୍କରେ ଠେଲା ପେଲା ହୋଇଥିଲେ। କାହାରି ମଧ୍ୟରେ ସାମାଜିକ ଦୂରତ୍ୱ ନ ଥିଲେ। ଅନେକ ଲୋକ ମାସ୍କ ମଧ୍ୟ ପିନ୍ଧି ନ ଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ସାମାଜିକ ଦୂରତ୍ୱ ପ୍ରତି ଦୃଷ୍ଟିଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏହା ନ ହେଲେ ସଂକ୍ରମଣ ବଢ଼ିବ ବୋଲି ଅନେକ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଲକ୍‌ଡାଉନ୍ ସତ୍ତ୍ୱେ ଅମାନିଆ ବାଇକ୍ ଧରି ବୁଲୁଥିବା ଦେଖିବାକୁ ମିଳିଛି।

### ପୂର୍ବତନ ନଗରପାଳଙ୍କ ପରଲୋକ

କଳିଙ୍ଗନଗର,୧୮।୫(ଡି.ଏନ.ଏ.)


ହୃଷୀକେଶ ରାଉତ।

ବରିଷ୍ଠ ଆଇନଜୀବୀ ତଥା ବ୍ୟାସନଗର ନଗରପାଳିକାର ପୂର୍ବତନ ନଗରପାଳ ହୃଷୀକେଶ ରାଉତ(୭୬)ଙ୍କ ମଙ୍ଗଳବାର ତାଙ୍କ ଝଟିଆସାହିସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଅଞ୍ଚଳରେ ଜଣେ ବରିଷ୍ଠ ଆଇନଜୀବୀ ଭାବେ କାର୍ଯ୍ୟ କରିବା ସହ ୧୨ ବର୍ଷ ଧରି ଜିଲା ମୁଖ୍ୟ ସରକାରୀ ଓକିଲ ଭାବେ କାର୍ଯ୍ୟ କରିଥିଲେ। ୧୯୮୪ ଏବଂ ୧୯୯୨ରେ ବ୍ୟାସନଗର ନଗରପାଳିକାର ନଗରପାଳଭାବେ କାର୍ଯ୍ୟ କରିଥିଲେ। ନଗରପାଳ ଥିବା ସମୟରେ ବ୍ୟାସନଗରର ବହୁ ବିକାଶମୂଳକ କାର୍ଯ୍ୟ କରିଥିଲେ। ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ସେ କୋରେଇରୁ ନିର୍ବାଚନ ଲଢ଼ିଥିଲେ। ମରଶରୀରକୁ ଯାଜପୁର ରୋଡ୍ କୋର୍ଟ ପରିସରକୁ ନିଆଯାଇଥିଲା। ସେଠାରେ ବ୍ୟାସନଗରର ସମସ୍ତ ଆଇନଜୀବୀ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ରାଉତଙ୍କ ମରଶରୀରକୁ ତାଙ୍କ ପୈତୃକ ଗ୍ରାମ ଖଣ୍ଡାହତାଠାରେ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ମୃତ୍ୟୁଖବର ପାଇ କୋରେଇର ପୂର୍ବତନ ବିଧାୟକ ଆକାଶ ଦାସନାୟକ ଗଭୀର ଶୋକ ପ୍ରକାଶ କରିବା ସହିତ ଯାଜପୁର ରୋଡ ଅଞ୍ଚଳ ଜଣେ ଦକ୍ଷ ଆଇନଜୀବୀ ଏବଂ ରାଜନେତାଙ୍କୁ ହରାଇଲା ବୋଲି କହିଛନ୍ତି। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ନଗରପାଳ ରସାନନ୍ଦ ମହାନ୍ତି, ଓଡ଼ିଶା ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ବନ୍ଦିତା ପରିଡ଼ା, ଅଣସଂଗଠିତ ଶ୍ରମିକ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତି, ପୂର୍ବତନ ଉପନଗରପାଳ ପ୍ରମୋଦ ପରିଡ଼ା, କଂଗ୍ରେସ ନେତ୍ରୀ ନିର୍ମଳା ମଲ୍ଲିକଙ୍କ ସମତେ ବହୁ ଆଇନଜୀବୀ, ବିଭିନ୍ନ ରାଜନୈତିକ ଦଳର ନେତା ଏବଂ ଶୁଭେଚ୍ଛୁ ଗଭୀର ଶୋକ ପ୍ରକାଶ କରିବା ସହ ମହାନ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ଟ୍ରମା କେୟାର ସେଣ୍ଟର ପାଇଁ ଟେଣ୍ଡର ଚୂଡ଼ାନ୍ତ

**ଡିଭାଇନ୍ କନ୍‌ଷ୍ଟ୍ରକ୍ସନକୁ ମିଳିଲା କାର୍ଯ୍ୟାଦେଶ**

ଯାଜପୁର ଅଫିସ,୧୮।୫

ପାଣିକୋଇଲିଠାରେ ପ୍ରସ୍ତାବିତ ଟ୍ରମା କେୟାର ସେଣ୍ଟର ଗୃହ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଅଟକଳ ପରିମାଣର ୯.୫୭% ଅଧିକ ଦର ୬୬ କୋଟି ୬ ଲକ୍ଷ ୯୩ ହଜାର ୧୭୬ ଟଙ୍କାରେ ଡିଭାଇନ୍ କନ୍‌ଷ୍ଟ୍ରକ୍ସନ କମ୍ପାନୀକୁ ନିର୍ମାଣ ଦାୟିତ୍ୱ ମିଳିଛି। ଧରିତ୍ରୀରେ ୯।୫।୨୧ରେ ଉନ୍ନତ ସ୍ୱାସ୍ଥ୍ୟସେବା ସ୍ୱପ୍ନ, ପରିକଳ୍ପନାରେ ସୀମିତ ଟ୍ରମା କେୟାର ସେଣ୍ଟର ଶୀର୍ଷକ ଖବର ପ୍ରକାଶ ପାଇବା ଏବଂ ଏହାକୁ ଟୁଇଟ୍ ଯୋଗେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ସେହି କାମକୁ ମଞ୍ଜୁର ମିଳିଥିବା ଜଣାପଡିଛି।

ଟ୍ରମା କେୟାର ସେଣ୍ଟର କାମକୁ ୨ ବର୍ଷ ମଧ୍ୟରେ ସମ୍ପନ୍ନ କରିବାକୁ ଚୁକ୍ତିରେ ଧାର୍ଯ୍ୟ କରାଯାଇଛି। ୨୩।୧୧।୨୦ରେ ପୂର୍ତ୍ତବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ସିଭିଲ) ପକ୍ଷରୁ ଆହ୍ୱାନ ହୋଇଥିବା ଟେଣ୍ଡରରେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ କେହି ଅଂଶଗ୍ରହଣ କରି ନ ଥିବାରୁ ପୁଣି ୩୦।୧୨।୨୦ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡର ପ୍ରକ୍ରିୟାରେ ଡିଭାଇନ କନ୍‌ଷ୍ଟ୍ରକ୍ସନକୁ ନିର୍ମାଣ କାର୍ଯ୍ୟର ଦାୟିତ୍ୱ ମିଳିଥିବା ସୂଚନା ମିଳିଛି। ୧୬ ନଂ ଜାତୀୟ ରାଜପଥର ପାଣିକୋଇଲି ନିକଟରେ ଏହି ବହୁ ପ୍ରତୀକ୍ଷିତ କେନ୍ଦ୍ର ନିର୍ମାଣ ହେବାକୁ ଯାଉଛି। ଏସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଟ୍ରମା କେୟାର ସେଣ୍ଟର ଗୃହ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି। ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ନିର୍ଦ୍ଧାରିତ ସମୟରେ କାମ ସାରିବାକୁ ଉଦ୍ୟମ କରାଯିବ।


ଟ୍ରମା କେୟାର ସେଣ୍ଟର ନିର୍ମାଣ ହେବାକୁ ଥିବା ଜମି।

# ଶୌଚାଳୟ ବ୍ୟବହାରକୁ ନେଇ ଗଣ୍ଡଗୋଳ ଘଟଣା: ୭ ଗିରଫ

ରସୁଲପୁର,୧୮।୫(ଡି.ଏନ.ଏ.)

ଧର୍ମଶାଳା ଥାନା ବ୍ରହ୍ମବରଦା ଫାଣ୍ଡି ମହେଶ୍ୱରପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ଶୌଚାଳୟ ବ୍ୟବହାରକୁ ନେଇ ୨ଟି ପରିବାର ମଧ୍ୟରେ ସୋମବାର ଗଣ୍ଡଗୋଳ ଉପୁଜିଥିଲା। ଉକ୍ତ ଗଣ୍ଡଗୋଳରେ ୭ଜଣ ଆହତ ହୋଇଥିଲେ। ଏନେଇ ଉଭୟ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୭ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତ ଅଧିକାରୀ ଏସ୍ ଦାସରଥୀ ପାତ୍ରୋ ପ୍ରକାଶ କରିଛନ୍ତି। ପ୍ରକାଶଯେ, ଦୁଇ ପରିବାର ମଧ୍ୟରେ ଉପୁଯିଥିବା ଗଣ୍ଡଗୋଳକୁ ନେଇ ନଜିମା ବିବି ଓ ପ୍ରତିପକ୍ଷ ସେକ୍ ମୁଦାସିର ଅଭିଯୋଗ କରିଥିଲେ। ନଜିମାଙ୍କ ଅଭିଯୋଗ କ୍ରମେ ଥାନାରେ ନଂ– ୨୫୩/୨୧ରେ ଏକ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତ ସେକ୍ ଜମିର ଅହମ୍ମଦ, ସେକ୍ ମୁନାସିର ମହମ୍ମଦ, ସେକ୍ ମୁଜାସିର ଅହମ୍ମଦଙ୍କୁ ଗିରଫ କରାଯାଇଛି। ସେକ୍ ମୁଦାସିରଙ୍କ ଅଭିଯୋଗ ଆଧାରରେ ସେକ୍ ମୁଜିବ୍, ସେକ୍ ନଜିବ୍ ଆଲମ୍, ସେକ୍ ସାଇବ୍ ଆଲମ୍ ଓ ସେକ୍ ଲିଆକତ୍ ଆଲମ୍‌ଙ୍କୁ ପୋଲିସ ଗିରଫ କରିଛି। ଏକାଧିକ ଲୋକଙ୍କ ନାମରେ ଅଭିଯୋଗ ରହିଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### କାଙ୍କଲାରେ ଗୋମଡ଼କକୁ ନେଇ ଆତଙ୍କ

ପାଣିକୋଇଲି,୧୮।୫(ଡି.ଏନ୍.ଏ.)

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି (କାଙ୍କଲା) ଗ୍ରାମରେ ଅଜଣା ରୋଗରେ ଗୋମଡ଼କ ବ୍ୟାପିଛି। ପ୍ରତିଦିନ ଗ୍ରାମରେ ଗୋରୁଙ୍କ ମୃତ୍ୟୁ ହେଉଥିବା ଦେଖିବାକୁ ମିଳିଛି। ମୃତ୍ୟୁର କାରଣ ଜଣାପଡି ନାହ।। ଏଭଳି ଚାଲିଲେ ଗ୍ରାମରୁ ଗୋ ଶୂନ୍ୟ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଏଥିପ୍ରତି ପ୍ରାଣୀଧନ ବିଭାଗ ହସ୍ତକ୍ଷେପ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଇତିମଧ୍ୟରେ ଗ୍ରାମର ହରିହର ସେଠୀ, ବଳରାମ ସାହୁ, ଗୋପାଳ ସାହୁ, ଦୁର୍ଯ୍ୟୋଧନ ସାହୁ, ଚନ୍ଦ୍ରଶେଖର ସାହୁ, ଲମ୍ବୋଦର ସାହୁ, ରଘୁନାଥ ସାହୁ, ଗଦାଧର ସାହୁଙ୍କ ଗୋରୁ ମରିଛନ୍ତି। ଅଜଣା ରୋଗ ଯୋଗୁ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ଅଗ୍ନିଶମ ବିଭାଗ ପକ୍ଷରୁ ବିଶୋଧନ କାର୍ଯ୍ୟକ୍ରମ

ବଡ଼ଚଣା,୧୮।୫(ଡି.ଏନ.ଏ.): ଚଣ୍ଡିଖୋଲ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ଉଦାଶ ଆଶ୍ରମ, ସେବକ ଜରାଶ୍ରମ, ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କାଞ୍ଚିଆ ଓ ସୁଭଦ୍ରପୁର ଗ୍ରାମର ୨ଟି ଘରକୁ ବିଶୋଧନ କରାଯାଇଛି। ଆଗାମୀ ଦିନରେ ବିଶୋଧନ କାର୍ଯ୍ୟକ୍ରମ ବଡ଼ଚଣାର ବିଭିନ୍ନ ସ୍ଥାନରେ ଜାରି ରହିବ ବୋଲି ଅଗ୍ନିଶମ ଅଧିକାରୀ ପ୍ରଭାକର ସାହୁ ପ୍ରକାଶ କରିଛନ୍ତି। ଅଗ୍ନିଶମ ଅଧିକାରୀ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ବିଶୋଧନ କାର୍ଯ୍ୟକ୍ରମରେ ଆଗ୍ନିକ ଧରଣୀଧର ମହନ୍ତ, ଦିଲୀପ କୁମାର ଲେଙ୍କା ଓ ଏସ୍‌ଆଇ ସହିଲ ହୁସେନ୍ ପ୍ରମୁଖ ସାମିଲ ହୋଇଥିଲେ।

MARKFED-ODISHA
OLD STATION ROAD, BHUBANESWAR-751006
Ref. No.: 1691/MKTG/264/2019-20 Date: 18.05.2021
TENDER CANCELLATION NOTICE
No. CAD-308:- Due to some unavoidable technical reasons, the tender floated vide No.1648/Mktg./264/2019-20 dated 12.5.2021 is hereby cancelled. Inconvenience caused is regretted.
OIPR-39017/11/0005/2122 Sd./- Managing Director

GOVERNMENT OF ODISHA
OFFICE OF THE EXECUTIVE ENGINEER
P.H. DIVISION, BALANGIR
Ph.No.- (06652)-234647, Email ID- eephbgr@yahoo.co.in
No.C-266:- NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. EE PH BGR 07/2021-22 Dt.15.05.2021
01. Name of the work : 7 Nos.
02. Estimated cost : Rs.9.46 to 38.55 lakhs
03. Period of completion : 2 (Two) to 3 (Three) calendar months
04. Date & time of availability of bid document in the portal : From 11.00 A.M. of dt.21.05.2021 to 5.00 P.M. of dt.31.05.2021
05. Last date / time of receipt of bids in the portal : 5 P.M. of dt.31.05.2021
06. Date & time of opening of bids : At 11.30 A.M. of dt.02.06.2021
07. Name and address of the Officer inviting bid : Executive Engineer, P.H. Division, Balangir, At- Tulsinagar, Dist.- Balangir- 767001
Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Executive Engineer, P.H. Division, Balangir
OIPR-13005/11/0007/2122

OFFICE OF THE EXECUTIVE ENGINEER,
RWS&S DIVISION, BALASORE
Tel.: 06782-262249, Fax: 262931, email: eerwss_bls@nic.in, eerwssbls@gmail.com
NATIONAL COMPETITIVE BIDDING THROUGH e-Tendering
No.O-193:- Identification No. 10 Dt.15.05.2021
1. Nos. of work : 4 Nos. RPWS schemes in Balasore district
2. Estimated cost : Rs.121.02 lakhs to Rs.291.25 lakhs
3. Period of completion : 330 days
4. Availability of bid document in portal : Dt.21.05.2021 at 10.00 hours to 31.05.2021 upto 17.00 hours through online.
5. Seeking of clarification : Dt.21.05.21 at 10.00 hours to Dt.28.05.2021 upto 15.00 hours.
6. Date of opening of bid : Dt.01.06.2021 at 11.00 hours in the O/o EE, RWSS Division, Balasore.
7. Name and address of the Officer inviting tender : Executive Engineer, RWS&S Division, Balasore.
Bid cost & bid security will be receipt through electronic payment by NEFT/RTGS. Further details can be seen from the e-Procurment Portal: http://tendersodisha.gov.in.
Sd./- EXECUTIVE ENGINEER, RWS&S DIVISION, BALASORE
OIPR-25013/11/0003/2122

No. CAD-303
idco | ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No.
BBSR/ELECT/E-4031/18-19 1199 Dt. 12.05.2021
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work: Up-gradation of 11KV line and Construction of 11/0 4KV, 250KVA Plinth Mounted Substation with service connection towards Power supply to Cold Store unit, Srikona I/E, Balaramgdi, Balasore

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT/e-02/ 21-22 | 20.05.2021 at 17.00 Hrs. | 28.05.2021 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect) IDCO, Bhubaneswar
OIPR-14003/11/0022/2122

କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା
No.L-17:-
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଡିବିଟି (DBT) ମାଧ୍ୟମରେ ୨୦୨୧-୨୨ ବର୍ଷରେ ଅତିରିକ୍ତ କୃଷି ଯନ୍ତ୍ରପାତି ପାଇଁ ଅନ୍‌ଲାଇନ୍ (Online) ଆବେଦନ ଆସନ୍ତା **୨୦ ମଇ ୨୦୨୧ ତାରିଖ ଦିବା ୧୦.୩୦** ଠାରୁ ବିଭିନ୍ନ ଯନ୍ତ୍ରପାତି ପାଇଁ ପର୍ଯ୍ୟାୟ କ୍ରମେ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବ।
ଇଚ୍ଛୁକ ଆବେଦନକାରୀ ଉପଯୁକ୍ତ କୃଷକ ପଞ୍ଜୀକରଣ ସଂଖ୍ୟା ସହିତ **https://odishafarmmachinery.nic.in** ରେ ଆବେଦନ କରିପାରିବେ।
OIPR-01034/11/0004/2122
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

GOVERNMENT OF ORISSA
OFFICE OF THE EXECUTIVE ENGINEER
RURAL WORKS DIVISION NO-I, KEONJHAR
E-mail: eerw_kjr1@yahoo.com
No.O-192:- "e" Procurement Notice for Road Works
Identification No. Online NCB - 02/2021-22
1. Type of the work : Road Work. 2. Total number of work : 21 Nos. 3. Estimated cost : Rs. 5.82 lakhs to Rs.36.28 lakhs. 4. Class of contractor : 'B', 'C'& 'D' Class. 5. Period of completion : One month & two months calendar.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o E.E.R.W. Divn. No.I, Keonjhar | Date & time of lottery at O/o E.E.R.W. Divn. No.I, Keonjhar |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Divn., Keonjhar | Road Works N.C.B. No. 02/2021-22 | Dt.24.05.21 at 7.00 A.M. | Dt.31.05.2021 upto 1.00 P.M. | Dt.29.05.2021 upto 1.00 P.M. | Dt.01.06.2021 at 9.00 A.M. | Will be intimated later |

Further details can be seen from the Website www.tenderorissa.gov.in.
OIPR-25110/11/0002/2122 Sd./- Executive Engineer, R.W. Divn. No.-I, Keonjhar

ବାହ୍ୟ ଘଟଣାଗୁଡ଼ିକୁ ଆଧାରକରି ତରବରିଆ ଭାବେ ଯେଉଁ ମତ ବ୍ୟକ୍ତ କରାଯାଏ-ସେ ସବୁକୁ ବିଶ୍ୱାସ ନ କରିବାକୁ ଶିକ୍ଷା କରିବା ଉଚିତ। ଯଥାର୍ଥ ଜ୍ଞାନଲାଭର ଏହା କ'ଣ ପ୍ରଥମ ସର୍ତ୍ତ ନୁହେଁ ? ଘଟଣାଗୁଡ଼ିକୁ ଭିତରୁ ଦେଖିବାକୁ ଓ ଜାଣିବାକୁ ଶିକ୍ଷା କରିବା ଉଚିତ। —ଶ୍ରୀମା

# ପଦ୍ମ ଭଳି ଟିକା

କରୋନାକୁ ପ୍ରତିହତ କରିବା ଲାଗି ପ୍ରତିଷେଧକ ଟିକାକୁ ବଡ଼ ଅସ୍ତ୍ର ଭାବେ ବିବେଚନା କରାଯାଉଛି। ସେଥିପାଇଁ ସମସ୍ତେ ଏହାକୁ ନେବା ସକାଶେ ଚେଷ୍ଟା କରୁଛନ୍ତି। କିନ୍ତୁ ଏହାର ଯୋଗାଣ ଠିକ୍ ଭାବେ ଉପଲବ୍ଧ ହେଉ ନ ଥିବାରୁ ଲୋକେ ଡହଳବିକଳ ହେଉଛନ୍ତି। ୧୮ରୁ ୪୪ ବର୍ଷ ବର୍ଗଙ୍କ ପାଇଁ କୋୱିନ୍ ପୋର୍ଟାଲରେ ନାମ ପଞ୍ଜୀକରଣ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ହେଲେ ଆରମ୍ଭ ହେବା ଦିନରୁ ଦେଖିବାକୁ ମିଳୁଛି ଯେ ଏହାକୁ ଖୋଲିବାର ୩ରୁ ୪ ମିନିଟ୍ ପରେ ଏବଂ ସମ୍ପୂର୍ଣ୍ଣ ତଥ୍ୟ ପୂରଣ କରିବା ପୂର୍ବରୁ ପୋର୍ଟାଲ ବନ୍ଦ ହୋଇଯାଉଛି। ଏହା ଜଣଙ୍କର ଅନୁଭୂତି ନୁହେଁ। ଅନେକ ନାଗରିକ ଦେଶବ୍ୟାପୀ ଏ ବିଷୟରେ ସୋସିଆଲ ମିଡିଆରେ ଉଲ୍ଲେଖ କରୁଛନ୍ତି। ଏଥିରୁ ବୁଝାପଡ଼ିଯାଉଛି ଯେ, ସରକାରଙ୍କ ଏଭଳି ପ୍ରୟାସ କେବଳ ଲୋକଙ୍କ ଟିକା ନେବା ସମୟକୁ ଗଡ଼ାଇ ଚାଲିବା। ଏହିଠାରେ ମନେପକାଇ ଦିଆଯାଇପାରେ ଭାରତରେ ଉପଲବ୍ଧ ଦୁଇଟି ଟିକା କୋଭିଶିଲ୍ଡ ଓ କୋଭାକ୍ସିନ୍‌ର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ଅବଧିକୁ ସରକାର ବଢ଼ାଇ ଚାଲିଛନ୍ତି। ପ୍ରଥମେ କୁହାଯାଉଥିଲା ପ୍ରଥମ ଡୋଜ୍ ନେବାର ୨୮ରୁ ୪୨ ଦିନ ମଧ୍ୟରେ ଦ୍ୱିତୀୟ ଡୋଜ୍ ନେବା ଉଚିତ। ଏହା ବଢ଼ିବଢ଼ି ୪ ସପ୍ତାହରୁ ୧୬ ସପ୍ତାହ ଯାଏ ଗଲାଣି। ସରକାରୀ ଭାବେ ସଫେଇ ଦିଆଯାଉଛି ବେଶି ଡେରିରେ ଦ୍ୱିତୀୟ ଡୋଜ୍ ନିଆଗଲେ ଭଲ ଭାବେ ଆଣ୍ଟିବଡ଼ି ତିଆରି ହେବ। ଟିକା ନିର୍ମାତା ଓ ବିଶେଷଜ୍ଞଙ୍କ ଦୁହାଇ ଦେଇ ସରକାର ଯେଭଳି ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି, ତାହା ଅଷ୍ଟ୍ରିଚ୍ ପକ୍ଷୀ ଭଳି ବାଲିରେ ମୁହଁ ଘୋଡ଼ାଇବା ପରି ପ୍ରତୀୟମାନ ହେଉଛି। ଲୋକେ ଏ ବିଷୟରେ ସଚେତନ ହେବାକୁ ଆରମ୍ଭ କଲେଣି। କିନ୍ତୁ ଏବେ ମଧ୍ୟ ଅନେକ ଭାରତୀୟ ଏ ସମ୍ପର୍କରେ ବୁଝିବାକୁ ଚାହୁଁନାହାନ୍ତି। ସତେଯେମିତି ନିଜ ପରିବାରରେ କେହି ଜଣେ କୋଭିଡ୍ ଆକ୍ରାନ୍ତଙ୍କ ମୃତ୍ୟୁ ନ ଘଟିବା ପର୍ଯ୍ୟନ୍ତ ଆମେସବୁ ମିଥ୍ୟା ପ୍ରଚାରକୁ ବିଶ୍ୱାସ କରିବା ସକାଶେ ପ୍ରସ୍ତୁତ ରହୁଛୁ। ଏଠାରେ ମନେପଡ଼େ ଗୋଟିଏ ଟୁଇଟର ବାର୍ତ୍ତା। ସେହି ଟୁଇଟ୍‌ରେ କୁହାଯାଇଛି ଯେ, ଯେଉଁମାନେ ସରକାରଙ୍କ ଅପାରଗତାକୁ ଅବିଶ୍ୱାସ କରୁଛନ୍ତି, ସେମାନେ ଏକ ପ୍ଲାକାର୍ଡରେ 'ମୁଁ ମୋଦିଙ୍କୁ ଭଲ ପାଏ' ଲେଖି ଦେଶର ଯେକୌଣସି ଘରୋଇ ବା ସରକାରୀ ହସ୍ପିଟାଲ ସାମ୍ନାରେ ଯାଇ ଛିଡ଼ା ହେବା ଦରକାର। ତାହା ହେଲେ ସେମାନଙ୍କୁ ଦେଶର ବାସ୍ତବ ପରିସ୍ଥିତି ସାଧାରଣ ଲୋକେ ବୁଝାଇଦେବେ।

ଆଜି ଭାରତବର୍ଷର ଅନେକ ଅଞ୍ଚଳକୁ ବିଦ୍ୟୁତ୍‌ଶକ୍ତି ଦ୍ୱାରା ସଂଯୋଗ କରାଯାଇପାରି ନାହିଁ। ଆହୁରି ଏପରି ଅଞ୍ଚଳ ଅଛି, ଯେଉଁଠାରେ ବିଦ୍ୟୁତ୍ ସଂଯୋଗ ଥିଲେ ମଧ୍ୟ ଏବେ ସେଠାରେ କୌଣସି ଇଲେକ୍ଟ୍ରିସିଟି ମିଳେ ନାହିଁ। ଦେଶର ଆହୁରି ଏଭଳି ଇଲାକା ରହିଛି ଯେଉଁଠାରେ ପହଞ୍ଚିବା ପାଇଁ ଗମନାଗମନର ସୁବିଧା ନାହିଁ। ଉଦାହରଣସ୍ୱରୂପ, ଓଡ଼ିଶାର ମାଲକାନଗିରିରେ ରହୁଥିବା ବଣ୍ଡା ଜନଜାତିଙ୍କ ପାଖରେ ସ୍ୱାସ୍ଥ୍ୟକର୍ମୀମାନେ ପହଞ୍ଚିବା କଷ୍ଟକର ହୋଇଥାଏ। ସେଠାରେ ଥିବା ଲୋକଙ୍କ ପାଖରେ ସ୍ମାର୍ଟ ଫୋନ୍ ପ୍ରାୟତଃ ନାହିଁ। ସେମାନଙ୍କୁ ଟିକା ଦେବାରେ ଅନେକ ଅସୁବିଧା ରହିଛି। ଦେଶରେ ଏହିଭଳି ଅଞ୍ଚଳ ଖୋଜିଲେ ଅନେକ ମିଳିବ, ଯେଉଁଠାରେ ଭିତ୍ତିଭୂମି ଅଭାବଠାରୁ ମୋବାଇଲର ଭାଷା ଇଂଲିଶ ବୁଝିବାରେ ଅନେକେ ମଧ୍ୟ ଅକ୍ଷମ। ଏହି ବିଷୟରେ କେନ୍ଦ୍ର ନିକଟରେ ଖବର ପହଞ୍ଚିବା ପରେ ୧୭ ମେ'ରେ ସରକାର କହିଛନ୍ତି ଯେ, ଆଗାମୀ ସପ୍ତାହରେ କୋୱିନ୍ ପୋର୍ଟାଲ ହିନ୍ଦୀ ଓ ଅନ୍ୟ ୧୪ ଆଞ୍ଚଳିକ ଭାଷାରେ ଉପଲବ୍ଧ ହେବ। ଫଳରେ ଟିକା ନେବା ପାଇଁ ନାମ ପଞ୍ଜୀକରଣ ଓ ସ୍ଲଟ୍ ବୁକିଂ ସହଜ ହୋଇପାରିବ। ତେବେ ଯେଉଁମାନେ ନିରକ୍ଷର, ଅସହାୟ ଓ ଭିନ୍ନକ୍ଷମ ସେମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଟୋକନ୍ ଓ ପାସ୍‌ର ସୁବିଧା କରାଯାଇଛି। କିନ୍ତୁ ବିଭିନ୍ନ ସ୍ଥାନରେ ଏହାର ବ୍ୟାପକ ହେରଫେର ହେଉଥିବା ଅଭିଯୋଗ ହେଉଛି। ଯେଉଁମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନିକଟରେ ସୁବିଧା ପହଞ୍ଚିପାରୁ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଡିଜିଟାଲ ମାଧ୍ୟମଠାରୁ ଦୂରେଇ ରହୁଥିବା ବ୍ୟକ୍ତିଙ୍କ ପାଇଁ ଭୋଟର ପରିଚୟପତ୍ର, ରାଶନ କାର୍ଡ ହେଉ ବା ସରକାରଙ୍କ ଅତ୍ୟନ୍ତ ବ୍ୟୟବହୁଳ କାର୍ଯ୍ୟକ୍ରମରୁ ଜାତ ଆଧାର କାର୍ଡର ସିଧାସଳଖ ଉପଯୋଗ କରାଯାଇପାରନ୍ତା। କୋୱିନ୍‌ରେ ରେଜିଷ୍ଟ୍ରେଶନ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଟିକା ନେବା ପୂର୍ବରୁ ଯଦି ପରିଚୟପତ୍ର ଦେଖାଇବା ଜରୁରୀ ରହୁଛି, ତାହା ହେଲେ ସ୍ଥାନୀୟ ଅଞ୍ଚଳରେ ଏହାକୁ ପ୍ରଶାସନିକ ସ୍ତରରେ କାର୍ଯ୍ୟକାରୀ କରାଯାଇପାରନ୍ତା।

ବାସ୍ତବ କଥା ହେଉଛି ଲୋକଙ୍କ ଚାହିଦାକୁ ମେଣ୍ଟାଇବା ପାଇଁ ସରକାର ଟିକା ଯୋଗାଣ କରିପାରୁ ନ ଥିବାରୁ ବିଭିନ୍ନ ଆଳ ଦେଖାଇ ଏହି ଗୁରୁଦାୟିତ୍ୱରୁ ଓହରି ଯିବାକୁ ଚେଷ୍ଟା କରୁଛନ୍ତି। ଦେଶର ବୈଷୟିକ ବିକାଶ କ୍ଷେତ୍ରରେ ଡିଜିଟାଲକୁ ଠିକ୍ ଭାବେ ଉପଯୋଗ କରାଯାଇପାରୁ ନାହିଁ। ଅନ୍ୟପକ୍ଷରେ ଦେଶବାସୀଙ୍କୁ ବାଉଳା କରିବା ଲାଗି ସମୂହ ଟିକାକରଣରେ ଏହାକୁ ପ୍ରଚଳନ କରାଯାଇ ଯେଉଁଭଳି ପଦକ୍ଷେପ ନିଆଯାଉଛି ଟିକାକରଣ ପଦ୍ମ ଆହୁରି ଘୁଞ୍ଚି ଘୁଞ୍ଚି ଯାଉଥିବ।

# ହଜିଜିନି ମଣିଷପଣିଆ



ରଂଜନ କୁମାର ଦାସ

କରୋନା ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ମଣିଷ-ମଣିଷଙ୍କ ଭିତରେ ସମ୍ପର୍କର ସୂତ୍ର କ୍ଷୀଣତର ହେଇହେଇ ଯାଉଚି। ମାସ ମାସ ଧରି କେହି କାହା ମୁହଁ ଦେଖିଲେ ନାହିଁ। କଥାବାର୍ତ୍ତା କମିଗଲା। କେହି କାହା କଥା ଶୁଣିବାକୁ ପାଇଲେ ନାହିଁ। ପାରସ୍ପରିକ ଆକର୍ଷଣ କମିଗଲା। ଆଗରୁ ଦେଖାହେଲେ ଲୋକେ କୋଳାକୋଳି ହଉଥିଲେ, ହାତ ମିଳାଉଥିଲେ। ଶାରୀରିକ ସ୍ପର୍ଶରେ ମଧ୍ୟ ଅନେକ ଆଶ୍ୱାସନା ମିଳିଥାଏ, ଯାହା ଏବେ ଦୁର୍ଲଭ। କେତେବେଳେ କିଏ ମରିଯାଉଛନ୍ତି ଜାଣିବାର ସୁଯୋଗ ମଧ୍ୟ ନାହିଁ। ଜାଣିବା ପରେ ମଧ୍ୟ ଶବାଧାରରେ ଫୁଲଟିଏ ଦେଇଯିବାକୁ ଲୋକେ ଡରୁଛନ୍ତି। ସ୍ୱାର୍ଥପରତା ମଣିଷକୁ ସମ୍ପୂର୍ଣ୍ଣ ଆୟତ୍ତ କରୁଚି। କେହି କାହାକୁ ଧାରକରଜ ମାଗିବାକୁ ଗଲେ ବି ଭୟରେ ଆରଜଣକ ମନା କରିଦଉଚି। ଅସୁବିଧାରେ କେହି ପଡ଼ିଥିଲେ ବି ଆଶ୍ରୟ ଦବା ତ ଦୂରର କଥା, ପିଣ୍ଡା ମଧ୍ୟ ଚଢ଼େଇ ଦଉନାହାନ୍ତି।

ସମସ୍ତେ ବ୍ୟସ୍ତ ଯେ ଗୋଟେ ଖରାପ ସମୟ ଆସିଚି। ସମସ୍ତେ ଆଶା ହରେଇ ବସୁଛନ୍ତି ଯେ ଏ ଖରାପ ସମୟ ଏତେଶୀଘ୍ର ଯିବନି। ତଥାପି ତା'ରି ଭିତରେ ବଞ୍ଚିବାକୁ ହେବ। ଏ ସମୟ ମଣିଷକୁ ସମୟ ସମୟରେ ଖୁବ୍ ସ୍ୱାର୍ଥପର କରିଦଉଚି। ଆତ୍ମକୈନ୍ଦ୍ରିକ କରିଦଉଚି। ଖବରକାଗଜ ଓ ଟେଲିଭିଜନରେ ଏ ଖରାପ ଖବର ସବୁ ପଢ଼ିପଢ଼ି ଜୀବନ ପ୍ରତି ଲୋକଙ୍କର ବୈରାଗ୍ୟ ଆସିଯିବା ଅସମ୍ଭବ ନୁହେଁ। ବାପ-ପୁଅ ଭିତରେ, ସ୍ୱାମୀ-ସ୍ତ୍ରୀ ଭିତରେ ବି ସମ୍ପର୍କ ଆତ୍ମକୈନ୍ଦ୍ରିକ ହେଇ ରହିଯାଉଚି। କିଛି ମାସ ତଳେ ଖବରକାଗଜରେ ପଢ଼ିଥିଲି, ଭୋପାଳରେ ଜଣେ ଓକିଲ ମରିଗଲେ। ଅନ୍ତ୍ୟେଷ୍ଟିକ୍ରିୟାରେ ତାଙ୍କ ମୁହଁରେ ନିଆଁ ଦେବା ପାଇଁ ମଧ୍ୟ ତାଙ୍କ ପୁଅ ଗଲେନାହିଁ। କରୋନାର ଭୟ! ଏମିତି କି ବେଳେବେଳେ ଶୁଣିବାକୁ ମିଳୁଚି ଡାକ୍ତରଖାନାରେ ରୋଗୀ ମରିଗଲା ପରେ ତାଙ୍କ ଶବ ନେବାକୁ ଘରଲୋକ ଆସୁନାହାନ୍ତି। ଶବ ପଡ଼ିରହୁଚି। ମୁଁ ଯାଜପୁରରେ ଜିଲାପାଳ ଥିଲାବେଳେ ଦିନେ ଜଣେ ନର୍ସ ଆସି କହିଲେ, ସେ ଯେଉଁ ଘରେ ଭଡ଼ାରେ ରହୁଥିଲେ, ଘର ମାଲିକ ତାଙ୍କୁ ସେଠୁ ରାତାରାତି ବାହାରି ଯିବାକୁ ନୋଟିସ ଦେଇଛନ୍ତି ଏବଂ ନ ଗଲେ ଜିନିଷପତ୍ର ବାହାରକୁ ଫୋପାଡ଼ି ଦେବେ ବୋଲି ମଧ୍ୟ ଧମକ ଦେଇଛନ୍ତି। କାରଣ ହେଲା, ସେ ନର୍ସ ଜଣକ କୋଭିଡ୍ ହସ୍ପିଟାଲ୍‌ରେ ଚାକିରି କରୁଥିଲେ। ଅବଶ୍ୟ ଘରମାଲିକଙ୍କୁ ଡାକି ଧମକେଇଲା ପରେ ସେ ସେଥିରୁ ନିବୃତ୍ତ ହେଲେ। ଗୋଟେ ଏକୁଟିଆ ଝିଅ ଘରଦ୍ୱାରଠୁ ଦୂରେଇ ଏକାକୀ ରହି କୋଭିଡ୍ ରୋଗୀଙ୍କ ସେବା କରୁଚି। ତାଙ୍କୁ ଧନ୍ୟବାଦ ଦେବା ବଦଳରେ ଯଦି ଘରମାଲିକ ତାକୁ ରାତାରାତି ଘରୁ ବାହାରିଯିବାକୁ କହିବେ, ତାହାଲେ କେତେ ବଡ଼ ନକାରାତ୍ମକ ବାର୍ତ୍ତାଟିଏ ସମାଜକୁ ନ ଯିବ? ଏସବୁ ଘଟଣା ଦେଖିଦେଖି, ଶୁଣିଶୁଣି ବେଳେବେଳେ ଲାଗୁଚି ମଣିଷ ଭିତରୁ ମଣିଷପଣିଆଟି ହଜିଯାଉଚି କି ଆଉ, ଯାହା ତାକୁ ଅନ୍ୟ ଜୀବଜନ୍ତୁଙ୍କଠାରୁ ଅଲଗା ପ୍ରତିପାଦିତ କରେ?

ଏଭଳି ସମୟରେ ମଧ୍ୟ ମଣିଷ ଭିତରେ ଲୁଚି ରହିଥିବା ମଣିଷପଣିଆ ମଝିରେ ମଝିରେ ଚକମକ କରିଉଠି ଆଶାର କିରଣ ବିଞ୍ଚି ଦଉଚି। ଏ ଦୁଃସମୟ ଭିତରେ କାହା କାହା ଭିତରେ ଲୁଚି ରହିଥିବା ଈଶ୍ୱର ଜାଗି ଉଠୁଛନ୍ତି। ଖବରକାଗଜରୁ ଏଇ କିଛି ଦିନ ତଳେ ପଢ଼ିଲି, ଅନୁଗୋଳ ଜିଲାର ଛେଣ୍ଡିପଦାରେ ଜଣେ ବ୍ୟକ୍ତିଙ୍କର କରୋନାରେ ମୃତ୍ୟୁ ହେଲା। କାନ୍ଧ ନ ମିଳିବାରୁ ବହୁ ସମୟ ଧରି ମୃତଦେହ ପଡ଼ିରହିଲା। ମାତ୍ର ସ୍ଥାନୀୟ ବିଡିଓ, ସରପଞ୍ଚ ଓ ନିର୍ବାହୀ ଅଧିକାରୀ ପିପିଇ କିଟ୍ ପରିଧାନ କରି ମୃତକଙ୍କ ଶବକୁ ଗାଁ ଦାଣ୍ଡରେ କାନ୍ଧେଇ ନେଇଗଲେ ଗାଁ ମଶାଣିକୁ ଏବଂ ତାଙ୍କର ଶବସତ୍କାର କଲେ। କିଛି ଦିନ ତଳେ କନ୍ଧମାଳ ଜିଲାରେ ମଧ୍ୟ ଅନୁରୂପ ଘଟଣାଟିଏ ଘଟିଥିଲା। କଳାହାଣ୍ଡି ଜିଲାର ମଦନପୁର ରାମପୁରର କୁଜାମହଲ ଗାଁରେ ଜଣେ କୋଭିଡ୍ ରୋଗୀଙ୍କ ପରିବାରର ପାଞ୍ଚଜଣ ସଦସ୍ୟଙ୍କୁ ଗ୍ରାମବାସୀ ଏକଘରିଆ କରିଥିଲେ। ସେମାନେ କୋଭିଡ୍ ଟେଷ୍ଟିଂ ପାଇଁ ଯିବାକୁ ମଧ୍ୟ ତାଙ୍କୁ କେହି ଗାଡ଼ି ଦେଇନଥିଲେ। ମଦନପୁର ରାମପୁର ବିଡିଓ ନିଜେ ଗାଡ଼ି ନେଇ ସେମାନଙ୍କୁ ଆଣି ଟେଷ୍ଟିଂ କରାଇଥିଲେ। ଖୁବ୍ ନିକଟରେ ମାଲକାନଗିରିର ପୋଲିସ ଏସ୍‌ଡିପିଓ ମଧ୍ୟ ଗୋଟିଏ ମୃତଦେହକୁ ନିଜ ହାତରେ ଉଠେଇ ତା'ର ଅନ୍ତ୍ୟେଷ୍ଟିକ୍ରିୟା କରିଥିଲେ। ସେଇଭଳି ଅନେକ ପୋଲିସ ଅଫିସର, ଡାକ୍ତର ଓ ନର୍ସ ତାଙ୍କ ପିଲାଛୁଆ, ପରିବାରକୁ ପଛକୁ କରି ଲୋକଙ୍କ ସେବାପାଇଁ ଆଗକୁ ବାହାରିଥିଲେ। ଶୁଣିଥିଲି ଓଡ଼ିଶାର କୌଣସି ଜଣେ ଡାକ୍ତର ନିଜ ବାପାଙ୍କ ଶେଷକୃତ୍ୟ ସାରି ତା' ପରଦିନ ରୋଗୀସେବାରେ ଯୋଗ ଦେଇଥିଲେ। ଏମାନଙ୍କୁ ଯେତେ ପ୍ରଶଂସା କଲେ ବି ତାହା କମ୍ ହେବ। ଅନେକ ସମୟରେ ଲୋକେ ଭାବନ୍ତି ପ୍ରଶାସନରେ ଥିବା ଲୋକମାନେ କଠିନ ମନୋଭାବର ଏବଂ ହୃଦୟହୀନ। ସେମାନେ ସହଜେ କାହା କଥା ଶୁଣନ୍ତିନି। ମାତ୍ର ସବୁ ସରକାରୀ କର୍ମଚାରୀ ଖରାପ ବି ନୁହନ୍ତି। ତାଙ୍କ ଭିତରୁ ଯୋଉମାନେ ଭଲକାମ କରୁଛନ୍ତି ତାଙ୍କୁ ପ୍ରଶଂସା କରିବାରେ ବାଧା କୋଉଠି? କେରଳର ଆଲାପୁଜା ଜିଲାରେ କୋଭିଡ୍ କେୟାର ସେଣ୍ଟରରେ ଜଣେ ରୋଗୀଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ ସେଠାରେ କର୍ମରତ ଦୁଇଜଣ କର୍ମଚାରୀ ଆମ୍ବୁଲାନ୍ସ ନ ପାଇ ଶେଷରେ ପିପିଇ କିଟ୍ ପିନ୍ଧି ନିଜ ବାଇକ୍‌ରେ ବସାଇ ରୋଗୀଙ୍କୁ ୧୦୦ କିମି ଦୂରରେ ଥିବା କୋଭିଡ୍ ହସ୍ପିଟାଲକୁ ବୋହିନେଇ ବେଶ୍ ପ୍ରଶଂସା ସାଉଁଟିଛନ୍ତି।

ଖାଲି ସରକାରୀ କର୍ମଚାରୀ ନୁହନ୍ତି, ଅନେକ ବ୍ୟକ୍ତିବିଶେଷ ଓ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟ ଖୁବ୍ ମାନବିକତାର ପ୍ରଦର୍ଶନ କରିଛନ୍ତି ଏହି ସମୟରେ। ପ୍ରଥମ ଲହର ସମୟରେ ମୁଁ ଯାଜପୁରରେ ଦେଖିଚି ଅନେକ ଯୁବକ ସଂଘର ଯୁବକ ସଦସ୍ୟମାନେ ନିଜ ସଞ୍ଚିତ ଅର୍ଥରେ ହେଉ ବା ସଂଗୃହୀତ ଅର୍ଥରେ ହେଉ, ଖାଦ୍ୟ ରାନ୍ଧି ପଥଶ୍ରାନ୍ତ ଦୂରାଗତ ଶ୍ରମିକମାନଙ୍କୁ ଯୋଗାଉଥିଲେ। ନିପଟ ମଫସଲରେ ଥିବା ଆଦିବାସୀ ହରିଜନ ଓ ବଞ୍ଚିତ ବର୍ଗର ଲୋକମାନଙ୍କ ପାଖରେ ମଧ୍ୟ ରନ୍ଧାଖାଦ୍ୟ ପହଞ୍ଚା ଯାଉଥିଲା। ଛୋଟ ପିଲାଙ୍କ ପାଇଁ କେହିକେହି ବିସ୍କୁଟ୍, ଫଳ, ଅମୂଲ ଆଦି ମଧ୍ୟ ପହଞ୍ଚାଉଥିଲେ। କେହି ମାସ୍କ, ସାନିଟାଇଜର, ପିପିଇ କିଟ୍ ବାଣ୍ଟୁଥିଲେ ତ କୌଣସି କୌଣସି ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ସଂସ୍ଥା କୋଭିଡ୍ କେୟାର ସେଣ୍ଟର ଓ ହସ୍ପିଟାଲ ଗଠନ ପାଇଁ ଅର୍ଥ ସହାୟତା ମଧ୍ୟ ପ୍ରଦାନ କରୁଥିଲେ। କିଛି ସରପଞ୍ଚ ମଧ୍ୟ ସେ ସମୟରେ ଘରକୁ ନଯାଇ ଦିନରାତି କୋଭିଡ୍ କେୟାର ସେଣ୍ଟର ବା ଟିଏମ୍‌ସି (ଟେମ୍ପରାରି ମେଡିକାଲ କ୍ୟାମ୍ପ)ରେ ପଡ଼ିରହି ଲୋକଙ୍କ ପାଇଁ ନିଃସ୍ୱାର୍ଥପର ସେବା ଯୋଗାଉଥିଲେ। ବଡ଼ଚଣା ବ୍ଲକର ସୋଲର ବୋଲି ଗୋଟେ ଜାଗାରେ ପାଇଖାନା ସଫା କରିବା ପାଇଁ ମେହେନ୍ତର ନ ମିଳିବାରୁ ସରପଞ୍ଚ ନିଜେ ଯାଇ ରୋଗୀଙ୍କ ପାଇଖାନା ସଫା କରିଥିଲେ। ଏଇ ଦିନେ ଦି'ଦିନ ତଳେ ବାଲିଅନ୍ତା-ବାଳକାଟୀର ରଙ୍ଗଣୀସାହିରେ ମଧ୍ୟ ଜଣେ ବୃଦ୍ଧାଙ୍କ ମୃତ୍ୟୁ ପରେ ପରିବାର ପରିଜନ ଭୟରେ ଶବ ଉଠାଇଲେ ନାହିଁ। କିଛି ସ୍ଥାନୀୟ ଖବରଦାତା ଓ ପୋଲିସ କର୍ମଚାରୀଙ୍କ ସକ୍ରିୟ ସହଯୋଗରେ ଶବସତ୍କାର କରାଗଲା। ଏମାନେ ରକ୍ତର ନ ହେଇ ବି ଆହୁରି ନିଜର ନୁହନ୍ତି କି? ପ୍ରଥମ ଲହର କୋଭିଡ୍ ସମୟରେ ମୋର ମନେପଡୁଚି ସାବିତ୍ରୀ ଓଷା ପଡ଼ିଥିଲା। ସେଇ ସମୟରେ କୌଣସି ଏକ ପଞ୍ଚାୟତ ଟିଏମ୍‌ସିରେ ମହିଳାମାନଙ୍କୁ ସାବିତ୍ରୀ ଓଷା କରିବାକୁ ମଧ୍ୟ ଜଣେ ସରପଞ୍ଚ ଫଳମୂଳ ଓ ଓଷା ବହି ଆଦି ଆଣି ଯୋଗେଇ ଦେଇଥିଲେ। କଟକ ଜିଲାର ଜଣେ ସରପଞ୍ଚ ରଜ ବେଳକୁ ଯୋଉ ରୋଗୀମାନେ ଭଲ ହେଇ ଘରକୁ ଫେରିଲେ, ତାଙ୍କୁ ଫଳମୂଳର ଏକ ପ୍ୟାକେଟ୍ କରି ରଜଭାର ଦେଲା ଭଳି ବିଦା କଲେ। ଏସବୁ ରୋଗୀମାନଙ୍କ ଭିତରେ ଏକ ଆତ୍ମପ୍ରତ୍ୟୟ ସୃଷ୍ଟି କରିବାରେ ସାହାଯ୍ୟ କଲା। ଫଳରେ ସେଇ ରୋଗୀମାନଙ୍କ ଭିତରୁ କିଛି ଲୋକଙ୍କୁ ଯେତେବେଳେ ପ୍ଲାଜ୍‌ମା ଦାନ ପାଇଁ ଅନୁରୋଧ କରାଯାଇ ଥିଲା, ସେମାନେ ହସହସ ମୁହଁରେ ଉତ୍ସାହର ସହ ଆସିଥିଲେ ପ୍ଲାଜ୍‌ମା ଦାନ କରି ଅନ୍ୟକୁ ବଞ୍ଚାଇବା ପାଇଁ। କିଛି ଦୁଃସ୍ଥ କଳାକାର ତାଙ୍କ ଭତ୍ତାଟଙ୍କା ଆଣି ମୋ ପାଖରେ ଦେଇଥିଲେ କୋଭିଡ୍ ପାଣ୍ଠିକୁ ଯୋଗଦାନ ରୂପେ। ବରୀ ବ୍ଲକ୍‌ରେ ଚାଳଘର ସାହିତ୍ୟ ସଂସଦ ନାମରେ ଏକ ଛୋଟ ଦୁଃସ୍ଥ ସାହିତ୍ୟାନୁଷ୍ଠାନ ଅଛି। ଅନ୍ୟମାନେ ଅନୁଦାନ ମାଗୁଥିଲା ବେଳେ ସେମାନେ କୋଭିଡ୍ ରୋଗୀଙ୍କ ସାହାଯ୍ୟାର୍ଥେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି ପାଇଁ ସଂଗ୍ରହ କରି ଦେଇଥିଲେ ଏକାବନ ହଜାର ଟଙ୍କା। ଏବେ ବି ଆମେ କ'ଣ ଭାବିବା ଯେ ମଣିଷ ଭିତରୁ ମଣିଷପଣିଆ ସମ୍ପୂର୍ଣ୍ଣ ହଜିଯାଇଚି? କିଛି ଭଲ ଲୋକ ଅଛନ୍ତି ବୋଲି ଏ ଧରା ଚାଲିଚି। ସେମାନଙ୍କ ପୁଣ୍ୟଫଳରୁ ଅନ୍ୟମାନେ ସୁଖଶାନ୍ତିରେ ଅଛନ୍ତି। ପୁଣ୍ୟ ଅର୍ଜିବା କଷ୍ଟ କାମ ହେଇପାରେ, ମାତ୍ର ମଣିଷପଣିଆ ନ ଥିଲେ ଏସବୁ କାମ କରିବାକୁ ଏମାନେ ଅଣ୍ଟା ଭିଡ଼ି ବାହାରିନଥାନ୍ତେ। ଅନ୍ୟ ସମସ୍ତଙ୍କ ଭଳି ଏମାନେ ମଧ୍ୟ ନିଜ ଘରର ନିରାପଦ ବଳୟ ଭିତରେ ଲୁଚି ରହିଥାଆନ୍ତେ। ସେମାନେ ବି ଯଦି ଭାବିଥାଆନ୍ତେ ଯେ ଆପେ ବଞ୍ଚିଲେ ବାପର ନାଁ, ତେବେ ତ କଥା ସରିଥିଲା। ମାତ୍ର ନା, ସେମାନେ ସେତିକିରେ ଅଟକିଗଲେ ନାହିଁ। ଅଣ୍ଟାରେ ଗାମୁଛା ଭିଡ଼ି ବାହାରିଲେ ଏବଂ କିଛି କଲେ। ସାରା ଦୁନିଆକୁ ଜଣେଇଦେଲେ ଯେ ଅଭାବ ସବୁବେଳେ ସ୍ୱଭାବ ନଷ୍ଟ କରେ ନାହିଁ। ବରଂ ଅଗ୍ନିରେ ଜଳିଲେ ହିଁ ସୁବର୍ଣ୍ଣ ଆହୁରି ଶୁଦ୍ଧ ହେଇ ପ୍ରକଟ ହୁଏ। ସେଇ ଶୁଦ୍ଧ ସୁବର୍ଣ୍ଣ ପ୍ରତିମାମାନଙ୍କ ପ୍ରତି ଏ ଲେଖକର ଓ ସାରା ସମାଜର ଶ୍ରଦ୍ଧା ଏବଂ ସମ୍ମାନ ଅତୁଟ ରହିବ।

ନିର୍ଦ୍ଦେଶକ, ସଂସ୍କୃତି ବିଭାଗ
ମୋ-୯୪୩୭୨୮୬୫୧୨

# ବ୍ଲାକ୍ ଫଙ୍ଗସ୍ ବିପଦ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ମହାମାରୀ କରୋନାର ଦ୍ୱିତୀୟ ଲହରର ଭୟାବହତା ଭିତରେ ରାଜ୍ୟରେ ଚିହ୍ନଟ ହୋଇଛନ୍ତି ବ୍ଲାକ୍ ଫଙ୍ଗସ୍ ରୋଗୀ। ଷ୍ଟେରଏଡ୍‌ର ଅତ୍ୟଧିକ ବ୍ୟବହାର ସହ ଅଧିକ ଦିନ ଆଇସିୟୁରେ ରହିବା ଦ୍ୱାରା ବ୍ଲାକ୍ ଫଙ୍ଗସ୍ ରୋଗ ହୋଇଥାଏ। ଦିଲ୍ଲୀ ଓ ଗୁଜରାଟରେ କରୋନାରୁ ସୁସ୍ଥ ହେବା ପରେ କିଛି ଲୋକଙ୍କ ଦେହରେ ବ୍ଲାକ୍ ଫଙ୍ଗସ୍ ଚିହ୍ନଟ ହୋଇଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ବ୍ଲାକ୍ ଫଙ୍ଗସ୍ ଆଜିର ନୁହେଁ। ଏହି ଭୂତାଣୁ ବାୟୁମଣ୍ଡଳରେ ରହିଥାଆନ୍ତି। ତେବେ ଯେଉଁ ରୋଗୀ ଦେହରେ ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ, ଭୂତାଣୁ ସେମାନଙ୍କ ଦେହକୁ ଯାଇଥାଏ। ଅଧିକ ଦିନ ଷ୍ଟେରଏଡ୍ ନେବା, ଆଇସିୟୁରେ ବେଶି ଦିନ ରହିବା, ଡାଇବେଟିସ୍, କିଡ୍‌ନୀ ରୋଗୀଙ୍କ ରୋଗ ପ୍ରତିରୋଧକ ଶକ୍ତି କମିଥାଏ। ତେଣୁ ଆମକୁ ସତର୍କ ହେବା ସହ ରୋଗୀଙ୍କୁ ତୁରନ୍ତ ଚିହ୍ନଟ କରିବା ଦରକାର। ସୁସ୍ଥହୋଇ ରୋଗୀ ଘରକୁ ଯିବା ପରେ ଡାଇବେଟିସ୍ ନିୟନ୍ତ୍ରଣ ନ କଲେ ବ୍ଲାକ୍ ଫଙ୍ଗସ୍ ଚିହ୍ନଟ ହୁଏ। ଆଖି ଦରଜ, ଗୋଟିଏ ପଟେ ମୁଣ୍ଡ ପିନ୍ଧିବା, ନାକରୁ କଳା ଓ ନାଲି ରଙ୍ଗର ପାଣି ବାହାରିବା, ନାକ ବନ୍ଦ ହେବା ଭଳି ସମସ୍ୟା ଦେଖାଯାଇଥାଏ।

କରୋନା ମହାମାରୀ ମଧ୍ୟରେ ମଧୁମେହ, କିଡ୍‌ନୀ, ହାଇପରଟେନ୍‌ସନ ଓ ମୋଟାପଣଜନିତ ସମସ୍ୟାର ସାମ୍ନା କରୁଥିବା ଲୋକଙ୍କୁ ବିଶେଷ ଭାବେ ସତର୍କ ରହିବା ଆବଶ୍ୟକ। ଏଭଳି ରୋଗରେ ପୀଡ଼ିତ ଲୋକେ ଏବେ ଏକ ନୂଆ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ମ୍ୟୁକୋରମାଇକୋସିସ୍ (ଫଙ୍ଗଲ୍ ଇନ୍‌ଫେକଶନ୍) ନାମକ ଏକ ଘାତକ ରୋଗ ହେଉଛି। ଅହମ୍ମଦାବାଦରେ ଏପର୍ଯ୍ୟନ୍ତ ଏପରି ୬୦ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯ ଜଣଙ୍କର ପ୍ରାଣହାନି ଘଟିଛି। ୩ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି। ୩୦ରୁ ଅଧିକ ରୋଗୀ ସିଭିଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଅହମ୍ମଦାବାଦ ସିଭିଲ ହସ୍ପିଟାଲର ଡାକ୍ତର ବେଲାବେନ୍ ପ୍ରଜାପତିଙ୍କ ଅନୁସାରେ ପୂର୍ବରୁ ଅନ୍ୟ ରୋଗ ଥିବା ଲୋକଙ୍କ ପାଇଁ କରୋନା ଏକ ବଡ଼ ବିପଦ ହୋଇ ଉଭା ହେଉଛି। ଏଭଳି ରୋଗୀଙ୍କୁ କରୋନା ହେଲେ ଶରୀରରେ ରକ୍ତ ଶର୍କରାର ପରିମାଣ ବଢ଼ିଯାଉଛି। ଏହାଛଡ଼ା ନାକ-କାନ-ଗଳାରେ ସଂକ୍ରମଣ ହୋଇ ମୁହଁ ଫୁଲି ଯାଉଛି। ଏହାର ସବୁଠୁ ଅଧିକ ପ୍ରଭାବ ଆଖି ଉପରେ ପଡୁଛି। ଠିକ୍ ସମୟରେ ଚିକିତ୍ସା କରା ନ ଗଲେ ଦୃଷ୍ଟିଶକ୍ତି ନଷ୍ଟ ହେବାର ଆଶଙ୍କା ରହୁଛି। କରୋନା ରୋଗୀ ଏହିପରି ୩-୪ ଜଣ ରୋଗୀ ସିଭିଲ ହସ୍ପିଟାଲରେ ଭର୍ତ୍ତି ହେଉଛନ୍ତି। ଏମିତି ରୋଗୀଙ୍କୁ ପ୍ରଥମେ ଥଣ୍ଡା ହୋଇଥାଏ। ସେମାନେ ଡାକ୍ତରଙ୍କ ପାଖକୁ ନ ଯାଇ ଘରୋଇ ଚିକିତ୍ସା କଲେ ସଂକ୍ରମଣ ବଢ଼ିଥାଏ। କିଛି ଦିନ ପରେ କଫ ଜମା ହୋଇ ନାକ ପାଖରେ ଆବୁଭଳି ଫୁଲିଯାଏ। ସେହି ଆବୁର ସିଧା ପ୍ରଭାବ ଆଖି ଉପରେ ପଡ଼ିଥାଏ। ଏହାପରେ ଆଖି ସଂକ୍ରମିତ ହୁଏ ଓ ମୁଣ୍ଡ ବିନ୍ଧେ। ତେଣୁ ପ୍ରଥମରୁ ହିଁ ଡାକ୍ତରଙ୍କ ପାଖକୁ ଯାଇ ଚିକିତ୍ସିତ ହେବା ଦରକାର। ମଧୁମେହ ରୋଗୀଙ୍କ ପାଇଁ ଏହା ସବୁଠୁ ଖୁବ୍ ବିପଜ୍ଜନକ। ଏହା ଯୋଗୁ ରୋଗୀଙ୍କ ନାକ ଫୁଲିବା ବା ଯନ୍ତ୍ରଣା ହେବା, ଆଖିକୁ ଝାପ୍‌ସା ଦିଶିବା ଭଳି ସମସ୍ୟା ହୋଇପାରେ। ଏହା ପ୍ରତି ଧ୍ୟାନ ଦିଆନଗଲେ ସଂକ୍ରମଣ କାରଣରୁ ଆଖିର ପିତୁଳା କିମ୍ବା ଆଖପାଖ ସ୍ଥାନ ପକ୍ଷାଘାତ ଆକ୍ରାନ୍ତ ହୋଇପାରେ। ସଂକ୍ରମଣ ଅଧିକ ବଢ଼ିଗଲେ ମସ୍ତିଷ୍କ ସଂକ୍ରମିତ ହେବାର ଆଶଙ୍କା ରହେ।

କରୋନା ମହାମାରୀର ଦ୍ୱିତୀୟ ଲହର ଆଗକୁ ମାଡ଼ି ଚାଲିଥିବାବେଳେ ସରକାର ବ୍ୟାପକ ଟିକାକରଣ ସହ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସତର୍କତା ଗ୍ରହଣ କରିଥିବାରୁ କିଛିଟା ରୋକ ଲାଗିପାରିଛି। ତେବେ ବର୍ତ୍ତମାନ ଲକ୍‌ଡାଉନ ଘୋଷଣା ହୋଇଥିବାରୁ କୌଣସି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନ ଥିଲେ ବା ଆପଣ କୌଣସି ପ୍ରତିଷ୍ଠାନରେ କାର୍ଯ୍ୟରତ ଥିଲେ ୱାର୍କ ଫ୍ରମ ହୋମ୍ ଭାବେ ଦାୟିତ୍ୱ ନିର୍ବାହ କରନ୍ତୁ। ଘରକୁ କୌଣସି ଆଗନ୍ତୁକଙ୍କୁ ଆସିବାକୁ ଅନୁମତି ଦିଅନ୍ତୁ ନାହିଁ। ଘର ଭିତରେ ଓ ବାହାରର ପରିଷ୍କାର ପରିଚ୍ଛନ୍ନତା ଦେଖନ୍ତୁ। ଦିନ ତମାମ ମୁକ୍ତ ପବନ ଘର ପାଇଁ ଦରକାର। ସନ୍ଧ୍ୟା ପରେ ଝରକା କବାଟ ବନ୍ଦ କରିଦିଅନ୍ତୁ। ବାହାରକୁ ଯାଇଥିଲେ ତୁରନ୍ତ ନିଜ ପୋଷାକ ସବୁ ସଫାସୁତରା କରି ସାନିଟାଇଜ୍ ବ୍ୟବସ୍ଥା ଗ୍ରହଣ କରନ୍ତୁ। କୌଣସି ଜ୍ୱର ବା ସାମାନ୍ୟ ଅନ୍ୟ କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। କୌଣସି ପ୍ରକାର ଗୁଜବକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ। ଉଷୁମ ପାଣି ସବୁବେଳେ ପିଅନ୍ତୁ, ସୁଷମ ଖାଦ୍ୟ ଖାଆନ୍ତୁ। ଶରୀରର ଗୁରୁତ୍ୱପୂର୍ଣ୍ଣ କର୍ଣ୍ଣ-ନାସା-ଗଳା କ୍ଷେତ୍ରକୁ ଦେଖନ୍ତୁ। ଗଳାରେ ଅସ୍ୱଷ୍ଟ ଅନୁଭବ କଲେ ବା ନାକର ନିଃଶ୍ୱାସ ପ୍ରଶ୍ୱାସ ପ୍ରଣାଳୀ ଅସ୍ୱସ୍ତିକର ଲାଗିଲେ ବା କାନ ଶୁଣିବାରେ ପ୍ରାଥମିକ ଭାବେ ବାକ୍ ଶ୍ରବଣ ସମସ୍ୟା ଅନୁଭବ କଲେ, ତୁରନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ନିଜକୁ ସ୍ୱାଭାବିକ ରଖନ୍ତୁ ଓ ଫୋନ୍ ଯୋଗେ ନିଜ ଆତ୍ମୀୟସ୍ୱଜନ, ବନ୍ଧୁବର୍ଗଙ୍କୁ ନିୟମିତ କଥାବାର୍ତ୍ତା ଜାରି ରଖି ଅନ୍ୟମାନଙ୍କୁ ପ୍ରେରଣା ଦିଅନ୍ତୁ। ନିଜକୁ ଦୃଢ଼ନିଷ୍ଠ କରନ୍ତୁ ଯେ ଏପରି ଏକ ମହାମାରୀ ବିରୁଦ୍ଧରେ ଆମେ ସମସ୍ତେ ଲଢ଼ି ତାକୁ ହରାଇବାକୁ ସମର୍ଥ ହୋଇପାରିବା।

ବାକ୍‌ଶ୍ରବଣ ବିଶେଷଜ୍ଞ 'ଧ୍ୱନୀ', କାଠଗୋଲା ରୋଡ଼, କଟକ, ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

ମୃତ୍ୟୁ ପରେ ଉପଯୁକ୍ତ ମର୍ଯ୍ୟାଦା ପାଇବା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର। କିନ୍ତୁ ଏବେ ମହାମାରୀ ସମୟରେ ଅନେକାଂଶରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହେଉଥିବା ଲକ୍ଷ୍ୟକରି କୋଭିଡ୍ ମୃତକଙ୍କୁ ମର୍ଯ୍ୟାଦା ସହ କବର ବା ସମାଧି ଦେଉଛନ୍ତି ବେଙ୍ଗାଲୁରୁର ନିକୋଲି ଚେରିୟନ୍ ଓ ତାଙ୍କ ସମ୍ପର୍କୀୟ ଭାଇ ଟିନା ଚେରିୟନ। ନିକୋଲିଙ୍କ ବୟସ ୨୦ ହୋଇଥିବା ବେଳେ ଟିନାଙ୍କ ବୟସ ୨୧। ନିକୋଲି ସେଣ୍ଟ ଯୋଶେଫ୍ କଲେଜ୍ ଅଫ୍ ଆର୍ଟରେ ପଢୁଛନ୍ତି ଓ ଟିନା କସ୍ତୁରବା ମେଡିକାଲ କଲେଜ, ମାଙ୍ଗାଲୋରର ଶେଷବର୍ଷ ଛାତ୍ର। ଅନ୍‌ଲାଇନ୍ କ୍ଲାସ୍ ସାରିବା ପରେ ଅପରାହ୍ନରେ ଦୁହେଁ ନିକଟସ୍ଥ କବରସ୍ଥଳୀ ଅଭିମୁଖେ ବାହାରି ଯାଉଛନ୍ତି। ତାଙ୍କ ସାଙ୍ଗରେ ଥାଆନ୍ତି ୩୮ ବର୍ଷୀୟ ସାମୁଏଲ୍ ଯୋଶେଫ୍। ଏମାନେ କବରସ୍ଥଳୀରେ ପହଞ୍ଚି ପିପିଇ କିଟ୍ ପରିଧାନ କରନ୍ତି। ପରେ ଆମ୍ବୁଲାନ୍ସରୁ ଶବ ବାହାର କରିନେଇ କଫିନ୍‌ରେ ରଖିବା ସହ ଉପଯୁକ୍ତ ମର୍ଯ୍ୟାଦା ସହ କବର ଦେଉଛନ୍ତି। ପ୍ରତିଦିନ ହାରାହାରି ୨୦ଟି ମୃତଦେହକୁ କବର ଦେଉଛନ୍ତି। ଦିନେ ଦିନେ ଏହା ୨୫ ଟପିଯାଉଛି। ନିକୋଲିଙ୍କ ଏଭଳି ମହତ୍ କାର୍ଯ୍ୟ ସହ ଏବେ ମୋଟ୍ ୬ ଜଣ ଲୋକ ଯୋଡ଼ି ହୋଇଛନ୍ତି। ମୃତଦେହକୁ କବର ଗାତ ନିକଟକୁ ନେବାପରେ ଧର୍ମଯାଜକ ପ୍ରାର୍ଥନା କରୁଛନ୍ତି ଓ ପରେ ଏମାନେ କବର ଦେଉଛନ୍ତି। ନିକୋଲିଙ୍କ ପିତା ଜଣେ ସମାଜସେବୀ। ସେ ନିକୋଲିଙ୍କୁ ଏହି କାର୍ଯ୍ୟ ପାଇଁ ଉତ୍ସାହିତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ମେ ୧୯୯୬

- ଆସାମର କୋକ୍ରାଝର ଜିଲା ଅନ୍ତର୍ଗତ ଗୋସେଇଗାଉଁ ଉପଖଣ୍ଡ ଅଞ୍ଚଳରେ ଜାତିଆଣ ହିଂସାକାଣ୍ଡ ଘଟି ୨୦ ମୃତ।
- ଭାରତୀୟ କ୍ରିକେଟ କ୍ଲବ୍‌ର ତୃତୀୟ ମହଲାରୁ ଖସିପଡ଼ି ପୂର୍ବତନ ଟେଷ୍ଟ କ୍ରିକେଟ ତାରକା ୭୧ ବର୍ଷ ବୟସ୍କ ରଷି ଶେରିୟାର ମୋଦୀଙ୍କ ପରଲୋକ।

## ଚିରନ୍ତନୀ

(କିନ୍ତୁ) ତବ ଅପମାନ ବନ୍ଧୁ!
ଶୁଣେଁ ଯେବେ ଜଗତର ମୁଖେ,
ବଧିର ହେଉ ଏ କର୍ଣ୍ଣ
ତୀର ସମ ବାଜୁ ତାହା ବୁକେ।
-(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 1 | | | 7 | |
| | 6 | 3 | | | 7 | | | |
| 7 | 2 | | | | 6 | | | 3 |
| | | 6 | | | | | 5 | |
| 9 | 1 | | | | | | | |
| | | | | 5 | | | 6 | |
| | 8 | 4 | | 9 | | | | 2 |
| | | | 1 | | | 9 | | |
| 5 | | | | 4 | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 6 | 1 | 8 | 5 | 9 | 7 | 3 |
| 8 | 3 | 9 | 6 | 4 | 7 | 5 | 2 | 1 |
| 7 | 1 | 5 | 9 | 3 | 2 | 8 | 4 | 6 |
| 1 | 9 | 2 | 8 | 5 | 4 | 3 | 6 | 7 |
| 4 | 8 | 3 | 7 | 1 | 6 | 2 | 5 | 9 |
| 6 | 5 | 7 | 3 | 2 | 9 | 4 | 1 | 8 |
| 3 | 7 | 4 | 5 | 6 | 8 | 1 | 9 | 2 |
| 5 | 6 | 1 | 2 | 9 | 3 | 7 | 8 | 4 |
| 9 | 2 | 8 | 4 | 7 | 1 | 6 | 3 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଜରୁରୀ

ମହାଶୟ,

ମହାମାରୀ କରୋନାର ସଂକ୍ରମଣ ବିରୋଧରେ ସର୍ବନିମ୍ନ ଆବଶ୍ୟକ ଡାକ୍ତରୀ ସାଧନ ତଥା ସମୟୋଚିତ ସଚେତନତା ପାଇବାରୁ ଗ୍ରାମାଞ୍ଚଳବହୁଳ ଆମ ରାଜ୍ୟର ବିଭିନ୍ନ ଅନୁନ୍ନତ ତଥା ନିପଟ ଗ୍ରାମାଞ୍ଚଳର ଜନସାଧାରଣ ଏବେ ବି ବଞ୍ଚିତ ରହିଛନ୍ତି। ଏହି ଅସହାୟଙ୍କ ପାଇଁ ସର୍ବନିମ୍ନ ସ୍ୱାସ୍ଥ୍ୟସେବା ଏବେ ବି ଦିବାସ୍ୱପ୍ନ ହୋଇ ରହିଛି। କିଛି ପ୍ରବାସୀ ଲୋକ ରାଜ୍ୟ ବାହାରକୁ ଯାଇ ନିଜକୁ ସଙ୍ଗରୋଧରେ ନ ରଖି ଏବଂ ଆବଶ୍ୟକ କରୋନା ପରୀକ୍ଷଣ ନ କରି ମଧ୍ୟ ନିଜ ଗାଁକୁ ଲୁଚି ପଶୁଛନ୍ତି। ଏହି ଅସଚେତନ ଲୋକେ ବେପରୁଆ ହୋଇ ଘରେ ସମସ୍ତଙ୍କ ସହ ମିଶୁଛନ୍ତି। ଗାଁରେ ମଧ୍ୟ ବେଧଡ଼କ ବୁଲୁଛନ୍ତି। ଫଳରେ ବାହାର ଲୋକଙ୍କ ସମେତ ନିଜ ପରିବାର ସଦସ୍ୟଙ୍କୁ ଅନାୟାସରେ ସଂକ୍ରମଣ ବ୍ୟାପୁଛି। ଏଥି ପ୍ରତି ଧ୍ୟାନ ରଖି ସ୍ୱାସ୍ଥ୍ୟ ବିଭାଗ ଯୋଜନାବଦ୍ଧ ଭାବେ ପୂର୍ବ ବର୍ଷ ଭଳି ଘର ଘର ବୁଲି କରୋନା ନିରୀକ୍ଷଣ କରିବା ଜରୁରୀ। ସ୍ଥଳ ବିଶେଷରେ ଲକ୍ଷଣଯୁକ୍ତଙ୍କୁ ଠାବ କରି ସେମାନଙ୍କୁ ସଙ୍ଗରୋଧରେ ନିଜ ଘରେ ଅବା କ୍ୱାରାଣ୍ଟାଇନ କେନ୍ଦ୍ରରେ ରଖାଇ ଔଷଧ ପ୍ରଦାନ ସହ ଆବଶ୍ୟକ ଚିକିତ୍ସା ଯୋଗାଇଦେବା ଉଚିତ। ଏଭଳି ହେଲେ ଖୁବଶୀଘ୍ର କରୋନା ରୋଗୀ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ପାରସ୍ପରିକ ଆସ୍ଥା ଭାଜନର ଏକ ଉତ୍ତମ ପରିବେଶ ସୃଷ୍ଟି ହୋଇପାରନ୍ତା।

-ପ୍ରଦୋଷ କୁମାର ଦାସ, ନାଚୁଣୀ, ଖୋରଧା

## ବିପଦର ନିରାକରଣ କରାଯାଉ

ତୀର୍ଥଧାମ ପୁରୀକୁ ପ୍ରତ୍ୟହ ଶହ ଶହ ପର୍ଯ୍ୟଟକଙ୍କର ଆଗମନ ହୋଇଥାଏ। ସେମାନେ ସମୁଦ୍ର ସ୍ନାନ କରିବାବେଳେ ଅନେକ ସମୟରେ ବିପଦର ସମ୍ମୁଖୀନ ହୋଇଥାଆନ୍ତି। ଏହାବାଦ୍ ସମୁଦ୍ର ଢେଉ ମଧ୍ୟ କୂଳ ଖାଇବାରେ ଲାଗିଛି। ଏହାର ନିରାକରଣ ପାଇଁ ଯଦି ସରକାର କିମ୍ବା ବିଭାଗୀୟ କର୍ତ୍ତୃପକ୍ଷ କଂକ୍ରିଟ୍‌ର ପାହାଚ ତିଆରି କରାଇ ପାରନ୍ତେ, ତେବେ ଯାତ୍ରୀ ନିରାପଦ ହେବା ସଙ୍ଗେ ସଙ୍ଗେ ଉପକୂଳ ମଧ୍ୟ ଢେଉ ଜନିତ କ୍ଷୟରୁ ରକ୍ଷା ପାଇପାରନ୍ତା। ଏଭଳି କଂକ୍ରିଟ ପାହାଚ ଯେମିତି ପଶ୍ଚିମବଙ୍ଗର ଦୀଘାରେ ହୋଇଛି।

-ସରୋଜିନୀ ମହାରଣା, ରେମୁଣା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ବାପାଙ୍କ ଏକାଦଶାହରେ ପୁଅ ମୃତ

**ନିଶ୍ଚିନ୍ତକୋଇଲି,୧୮।୫(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଏକାଦଶାହରେ ପୁଅର ମୃତ୍ୟୁ ଘଟିଛି। ସେ ହେଲେ ରାଜେଶ ନାୟକ(୩୫)। ଏହାପୂର୍ବରୁ ମେ' ୮ରେ ବାପା କୁଳମଣି ନାୟକ(୫୫) ମୃତ୍ୟୁବରଣ କରିଥିଲେ। ଉଭୟ ବାପା ଓ ପୁଅ କରୋନାରେ ଆକ୍ରାନ୍ତ ଥିଲେ। ସୂଚନାଯୋଗ୍ୟ, କୁଳମଣିଙ୍କ ପରିବାର ସୁଦୂର କୋଲକାତାରେ ରହୁଥିଲେ। କରୋନା ମହାମାରୀ ସମୟରେ ସେ ସପରିବାର ଗାଁକୁ ଫେରି ଆସିଥିଲେ। ଗାଁରେ କିଛି ଦିନ ରହିବା ପରେ କୁଳମଣି କରୋନାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ କଟକସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଅପରପକ୍ଷେ ପୁଅ ରାଜେଶ ମଧ କରୋନାରେ ଆକ୍ରାନ୍ତ ହୋଇ ୩ ଦିନ ପୂର୍ବେ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କୁଳମଣିଙ୍କ ମୃତ୍ୟୁ ଘଟିଥିଲା। ମଙ୍ଗଳବାର ବାପାଙ୍କ ଏକାଦଶାହ କର୍ମ ଚାଲିଥିବା ବେଳେ ରାଜେଶଙ୍କ ମୃତ୍ୟୁ ଘଟିଛି। ଏହି ଖବର ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରର ଏକାଧିକ ବ୍ୟକ୍ତି ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବାରୁ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଏହାକୁ ମିଶାଇ ବ୍ଲକରେ ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ୮ରେ ପହଞ୍ଚିଛି। ଏହାର ପ୍ରତିକାର ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

## ଜୁଆ ଆଡ୍ଡାରେ ଚଢ଼ାଉ : ୨ ଗିରଫ

**କଟକ ଅଫିସ, ୧୮।୫:** ଲାଲବାଗ ଥାନା ଅଧୀନ ଚାନ୍ଦିନୀଚୌକ ଦରଜୀସାହିରେ ଚାଲିଥିବା ଏକ ଜୁଆ ଆଡ୍ଡାରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କାଳନ୍ଦୀ ବେହେରା ଓ ଚନ୍ଦନ ମହାରଣା। ପୋଲିସ ସେମାନଙ୍କ ନିକଟରୁ ୧୫୦୦ ଟଙ୍କା, ୩ଟି ମୋବାଇଲ ଫୋନ୍ ଓ ତାସ୍‌ମୁଠା ଜବତ କରିଛି। କିଛିଦିନ ହେବ ଦରଜୀ ସାହିରେ ଜୁଆ ଖେଳ ହେଉଥିଲା। ଖବରପାଇ ଲାଲବାଗ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

# 'ରାଜ୍ୟରେ ସ୍ଥିତି ନିୟନ୍ତ୍ରଣାଧୀନ'

ଭୁବନେଶ୍ୱର,୧୮।୫(ବ୍ୟୁରୋ)



ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଧିକାରୀମାନେ।

ରାଜ୍ୟର କୋଭିଡ୍ ସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସନ୍ଧ୍ୟାରେ ସମୀକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୋମବାର ସର୍ବଦଳୀୟ ବୈଠକରେ ଘୋଷଣା କରିଥିବା କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସହିତ ରୋଗୀଙ୍କ ଅବସ୍ଥା ସମ୍ପର୍କରେ ସମ୍ପର୍କୀୟଙ୍କୁ ଠିକ୍ ସୂଚନା ଦେବା ଏବଂ ଟିକାକରଣ କେନ୍ଦ୍ରଗୁଡ଼ିକରେ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟରେ କୋଭିଡ୍ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ଅଛି। ସୁସ୍ଥ ହେଉଥିବା ରୋଗୀଙ୍କ ସଂଖ୍ୟା ନୂଆ ଚିହ୍ନଟ ହେଉଥିବା ରୋଗୀଙ୍କଠାରୁ ଅଧିକ ରହୁଛି। ଗତ ସପ୍ତାହରୁ କେତେକ ଜିଲାରେ ସଂକ୍ରମଣ କମିବା ମଧ ଆରମ୍ଭ ହୋଇଛି। ଏସବୁ ପାଇଁ ଲକ୍‌ଡାଉନ ଓ ଲୋକଙ୍କ ମଧ୍ୟରେ ସଚେତନତାକୁ ମୁଖ୍ୟମନ୍ତ୍ରୀ ଶ୍ରେୟ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଂକ୍ରମଣ ହାରକୁ ସମ୍ପୂର୍ଣ୍ଣ କମାଇବା ପାଇଁ ରାଜ୍ୟ ସରକାର ଲକ୍‌ଡାଉନ ଅବଧିକୁ ଆଉ ୨ ସପ୍ତାହ ବୃଦ୍ଧି କରିଛନ୍ତି। ଆମେ ଯଦି ସମସ୍ତେ କୋଭିଡ୍ ନିୟମ ମାନି ମାସ୍କ ପିନ୍ଧିବା, ବାରମ୍ବାର ସାବୁନରେ ହାତ ଧୋଇବା, ସାମାଜିକ ଦୂରତା ରକ୍ଷା କରିବା ଏବଂ ଅନାବଶ୍ୟକ ଭାବରେ ବାହାରେ ବୁଲିବା ବନ୍ଦ କରିଦେବା, ତେବେ ଆମେ ନିଶ୍ଚୟ ଏହି ଲଢେଇ ଜିତିପାରିବା। ସର୍ବଦଳୀୟ ବୈଠକରେ ଘୋଷଣା କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, କୋଭିଡ୍ ଯୋଗୁ ଅନେକ ପରିବାର ଛାରଖାର ହୋଇଯାଇଛି। ତେଣୁ କୋଭିଡ୍ ମୃତକଙ୍କ ବିଧବା ଏବଂ ମା'ବାପାଙ୍କୁ ହରାଇଥିବା ପିଲାମାନେ ଯେପରି ତୁରନ୍ତ ସହାୟତା ପାଇପାରିବେ, ସେଥିପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସଂକ୍ରମଣ ରୋକିବାକୁ ମେ' ୨୪ ରୁ ଆରମ୍ଭ ହେବାକୁ ଥିବା ସର୍ଭେ ଯେପରି ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହେବ, ତାକୁ ଆଖି ଆଗରେ ରଖି ଯୋଜନା ପ୍ରସ୍ତୁତ କରିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ପଞ୍ଚାୟତ ଓ ଗାଁ କଲ୍ୟାଣ ସମିତିମାନଙ୍କୁ ସକ୍ରିୟ ଭାବେ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍ ସଂକ୍ରମଣ ରୋକିବାରେ ଠିକ୍ ଭାବରେ ମାସ୍କ ପିନ୍ଧିବାର ବିଶେଷ ଗୁରୁତ୍ୱ ରହିଛି ବୋଲି ପ୍ରକାଶ କରି ଏହା ଉପରେ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଛନ୍ତି। ଗରିବ ଲୋକମାନେ ଯେପରି ସୁବିଧାରେ ମାସ୍କ ପାଇପାରିବେ, ସେଥିପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଧାୟକମାନେ ଖର୍ଚ୍ଚ କରି ମିଶନ ଶକ୍ତି ଗ୍ରୁପରୁ ସଂଗ୍ରହ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି, ଲକ୍‌ଡାଉନର ସୁଫଳକୁ ଅନୁଭବ କରି ଆଉ ଦୁଇ ସପ୍ତାହ ପାଇଁ ଏହାର ଅବଧିକୁ ବଢାଯାଇଛି। ଏହାକୁ କଡ଼ାକଡ଼ି ଭାବରେ କାର୍ଯ୍ୟକାରୀ କରାଯିବ।

### କୋଭିଡ୍-୧୯ ସମୀକ୍ଷା

- ରୋଗୀଙ୍କ ସମ୍ପର୍କୀୟଙ୍କୁ ସୂଚନା ଉପରେ ଗୁରୁତ୍ୱ

ଜିଲାପାଳମାନେ ହେଲ୍ପ ଡେସ୍କଗୁଡ଼ିକୁ ଉତ୍ତମ ରୂପେ ତଦାରଖ କରୁଛନ୍ତି । ଅକ୍ସିଜେନ ଲଜିଷ୍ଟିକ୍ ବ୍ୟବସ୍ଥାର ୨୪ ଘଣ୍ଟିଆ ତଦାରଖ କରାଯାଉଛି ବୋଲି ସେ କହିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର କହିଛନ୍ତି ଯେ ସାରା ଦେଶରେ ବର୍ତ୍ତମାନ କୋଭିଡ୍ ସଂକ୍ରମଣ କମିବାରେ ଲାଗିଛି। ଓଡ଼ିଶାରେ ମଧ ସଂକ୍ରମଣ କମିବାରେ ଲାଗିଛି। ଓଡ଼ିଶାରେ ସଂକ୍ରମଣ ମେ' ୧୩ରେ ସର୍ବାଧିକ ହୋଇଥିଲା। ଏହା ପରଠାରୁ କମିବାରେ ଲାଗିଛି। ପଜିଟିଭ ସଂଖ୍ୟା ଗତ ସପ୍ତାହରେ ୨୧ ପ୍ରତିଶତ ଥିବାବେଳେ ଏବେ ଏହା ୧୮ ପ୍ରତିଶତକୁ କମିଛି। ଆସନ୍ତା ସପ୍ତାହ ମଧ୍ୟରେ ଟେଷ୍ଟ ସଂଖ୍ୟା ୭୦ ହଜାରକୁ ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି। ରାଜ୍ୟରେ କୋଭିଡ୍‌ଜନିତ ମୃତ୍ୟୁ ହାର ୦.୪୦ରୁ କମି ୦.୩୭ ହୋଇଛି। ଗତ ୧୫ ଦିନର ମୃତ୍ୟୁ ହାରକୁ ଲକ୍ଷ୍ୟ କଲେ ଏହା ୦.୧୬ ଅଛି, ଯାହାକି ସାରା ଭାରତରେ ସର୍ବନିମ୍ନ ବୋଲି ସେ କହିଛନ୍ତି। ରାଜ୍ୟରେ ଆଉ ପ୍ଲାଜମା ଥେରାପି କରାଯିବ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଅଭୟ ରାଜ୍ୟରେ ଲକ୍‌ଡାଉନ ଓ ବିଭିନ୍ନ କୋଭିଡ୍ ଗାଇଡ୍‌ଲାଇନର ଅନୁପାଳନ ପାଇଁ ପୋଲିସର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଓଡ଼ିଶାରୁ ଅନ୍ୟ ରାଜ୍ୟକୁ ବର୍ତ୍ତମାନ ସୁଦ୍ଧା ୮୬୮ଟି ଟ୍ୟାଙ୍କର ଜରିଆରେ ୧୫,୯୧୨ ମେଟ୍ରିକ ଟନ୍ ଅକ୍ସିଜେନ ପଠାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଏମ୍. ଅକ୍ଷୟ ଅଗ୍ନି ସୁରକ୍ଷା ପାଇଁ ୬୨ଟି କୋଭିଡ୍ ହସ୍ପିଟାଲରେ ଅଗ୍ନିଶମ ସେବା କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା କହିଥିଲେ। ବୈଠକରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲାର ପର୍ଯ୍ୟବେକ୍ଷକ ନିକୁଞ୍ଜ ବିହାରୀ ଧଳ, କଳାହାଣ୍ଡି-ନୂଆପଡ଼ାର ପର୍ଯ୍ୟବେକ୍ଷକ ସତ୍ୟବ୍ରତ ସାହୁ, ଅନୁଗୋଳ-ଢେଙ୍କାନାଳର ପର୍ଯ୍ୟବେକ୍ଷକ ବିଷ୍ଣୁପଦ ସେଠୀ, ଅନୁଗୋଳ, କେନ୍ଦୁଝର ଓ ମୟୂରଭଞ୍ଜର ଜିଲାପାଳ, କଟକ ଓ ଭୁବନେଶ୍ୱର ମ୍ୟୁନିସିପାଲ କମିଶନରମାନେ ସେମାନଙ୍କ ଜିଲାରେ କୋଭିଡ୍ ପରିଚାଳନା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ ବୈଠକ ସଞ୍ଚାଳନ କରିଥିଲେ।

# ପାସେଞ୍ଜର, ମେମୁ, ସ୍ୱତନ୍ତ୍ର ଟ୍ରେନ୍ ବାତିଲ

ଭୁବନେଶ୍ୱର, ୧୮।୫(ବ୍ୟୁରୋ)



କୋଭିଡ୍-୧୯ ସଂକ୍ରମଣର ଗମ୍ଭୀରତାକୁ ଦେଖି ରାଜ୍ୟ ସରକାର ଗତ ୫ତାରିଖରୁ ଲାଗୁ କରିଥିବା ଲକ୍‌ଡାଉନ୍‌କୁ ଜୁନ୍ ୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଲକ୍‌ଡାଉନ ସମୟରେ ସାଧାରଣ ଜୀବନ ଯାତ୍ରା କମ୍ ରହୁଥିବା କାରଣରୁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ସ୍ଥାନୀୟ ପାସେଞ୍ଜର/ମେମୁ/ଏକ୍ସପ୍ରେସ ଟ୍ରେନ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦୈନନ୍ଦିନ ଚଳାଚଳ କରୁଥିବା ୫ ଯୋଡ଼ା ମେମୁ/ପାସେଞ୍ଜର ବିଶେଷ ଟ୍ରେନ ୩୧ ମେ ପର୍ଯ୍ୟନ୍ତ ବାତିଲ ରହିବ। ସେଗୁଡ଼ିକ ହେଲା ୦୮୪୫୬/୦୮୪୫୫ ଭୁବନେଶ୍ୱର-କେନ୍ଦୁଝରଗଡ଼-ଭୁବନେଶ୍ୱର ସ୍ୱତନ୍ତ୍ର, ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ସ୍ୱତନ୍ତ୍ର, ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ସ୍ୱତନ୍ତ୍ର, ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ ଏବଂ ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ସ୍ୱତନ୍ତ୍ର। ସେହିପରି ୩ଯୋଡ଼ା ପାସେଞ୍ଜର/ ମେମୁ ଟ୍ରେନ୍ ଯଥା ୦୮୪୨୮/୦୮୪୨୭ପୁରୀ-ଅନୁଗୋଳ-ପୁରୀ, ୦୮୪୩୨/୦୮୪୩୧ ପୁରୀ-କଟକ-ପୁରୀ ଏବଂ ୦୮୪୩୩/୦୮୪୩୪ ଭୁବନେଶ୍ୱର-ପଲାସା-ଭୁବନେଶ୍ୱର ସ୍ୱତନ୍ତ୍ର ଟେନ୍‌କୁ ମେ' ୨୨,୨୩,୨୬,୨୯ ଏବଂ ୩୦ ତାରିଖରେ ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଛି।

ଏହା ବ୍ୟତୀତ କେତେକ ଲୋକାଲ ପାସେଞ୍ଜର /ମେମୁ ସ୍ୱତନ୍ତ୍ର ଟ୍ରେନ୍ ଏବଂ କିଛି ଏକ୍ସପ୍ରେସ୍ ସ୍ୱତନ୍ତ୍ର ଟ୍ରେନ୍‌କୁ ମଧ ବାତିଲ କରାଯାଇଛି। ସେଗୁଡ଼ିକ ହେଲା ୦୮୫୨୮/୦୮୫୨୭ ବିଶାଖାପଟନମ୍-ରାୟପୁର-ବିଶାଖାପଟନମ୍ ଟ୍ରେନକୁ ମେ ୨୪ ରୁ ୩୧ ପର୍ଯ୍ୟନ୍ତ ଏବଂ ରାୟପୁରରୁ ମେ ୨୪ ରୁ ଜୁନ୍ ୧ ପର୍ଯ୍ୟନ୍ତ ବାତିଲ କରାଯାଇଛି। ୦୮୩୦୧/୦୮୩୦୨ ସମ୍ବଲପୁର-ରାୟଗଡ଼ା-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍‌କୁ ଉଭୟ ପାର୍ଶ୍ୱରୁ ମେ ୨୨,୨୩,୨୯ ଏବଂ ୩୦ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ୦୮୪୪୫/୦୮୪୪୬ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ଟ୍ରେନକୁ ମେ ୨୩ ରୁ ୩୧ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ୦୮୫୧୫/୦୮୫୧୬ ବିଶାଖାପଟନମ୍-କିରାଣ୍ଡୁଲ-ବିଶାଖାପଟନମ୍ ଟ୍ରେନ ମେ ୨୨ରୁ ୩୧ ପର୍ଯ୍ୟନ୍ତ ବାତିଲ କରାଯାଇଛି। ୦୮୪୯୩/୦୮୪୯୪ ଭୁବନେଶ୍ୱର- ବଲାଙ୍ଗୀର-ଭୁବନେଶ୍ୱର, ୦୨୮୯୨/୦୨୮୯୧ ଭୁବନେଶ୍ୱର-ବାଙ୍ଗିରିପୋଶି-ଭୁବନେଶ୍ୱର ଟ୍ରେନ୍‌କୁ ମେ ୨୯ ରୁ ୩୧ ମଧ୍ୟରେ ଉଭୟ ପାର୍ଶ୍ୱରୁ ବାତିଲ କରାଯାଇଛି।

ସେହିପରି ନିର୍ଦ୍ଦିଷ୍ଟ ଦିବସରେ ଚାଲୁଥିବା ୩ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍‌କୁ ଆଂଶିକ ବାତିଲ କରାଯାଇଛି। ୦୮୪୨୮/୦୮୪୨୭ ପୁରୀ-ଅନୁଗୋଳ-ପୁରୀ ଟ୍ରେନ ମେ ୨୪,୨୫,୨୭, ୨୮ ଏବଂ ୩୧ରେ କେବଳ ପୁରୀ ଓ ତାଳଚେର ମଧ୍ୟରେ ଚାଲିବ। ତାଳଚେରରୁ ଅନୁଗୋଳକୁ ଚାଲିବ ନାହିଁ। ୦୨୦୯୭/୦୨୦୯୮ ଭୁବନେଶ୍ୱର-ଜୁନାଗଡ଼ ରୋଡ-ଭୁବନେଶ୍ୱର ଟ୍ରେନ୍ ମେ ୨୩ ରୁ ୩୧ ମଧ୍ୟରେ କେବଳ ଭୁବନେଶ୍ୱରରୁ ରାୟଗଡ଼ା ପର୍ଯ୍ୟନ୍ତ ଚାଲିବ। ରାୟଗଡ଼ାରୁ ଜୁନାଗଡ଼ ରୋଡକୁ ଚଳାଚଳ ବାତିଲ୍ ରହିବ। ସେହିପରି ୦୮୩୦୧/୦୮୩୦୨ ସମ୍ବଲପୁରୁ-ରାୟଗଡ଼ା-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ମେ ୨୪ ରୁ ୩୧(୨୯ ଓ ୩୦ ବ୍ୟତୀତ) ମଧ୍ୟରେ କେବଳ ସମ୍ବଲପୁର ଓ ଟିଟିଲାଗଡ଼ ଚାଲିବ। ଟିଟିଲାଗଡ଼ରୁ ରାୟଗଡ଼ା ଚଳାଚଳ ବନ୍ଦ ରହିବ। କମ୍ ଯାତ୍ରୀଙ୍କ କାରଣରୁ ୦୨୨୦୧/୦୨୨୦୨ ସିଆଲ୍‌ଦା-ପୁରୀ-ସିଆଲ୍‌ଦା ଟେନ୍ ଚଳାଚଳକୁ ମେ ୧୯ରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବାତିଲ କରାଯାଇଛି।



ସୋମବାର ରାଜ୍ୟରେ ଲକ୍‌ଡାଉନ ଅବଧି ଜୁନ୍ ୧କୁ ବୃଦ୍ଧି କରାଯାଇଥିବାବେଳେ ଭୁବନେଶ୍ୱର ଏଜି ଛକରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି।

# ପୂର୍ବତଟ ରେଳପଥର ୨୦୧୩ ଟନ ଅକ୍ସିଜେନ ପରିବହନ

ଭୁବନେଶ୍ୱର,୧୮।୫



ଲିକ୍ୟୁଡ୍ ମେଡିକାଲ ଅକ୍ସିଜେନ (ଏଲ୍‌ଏମ୍‌ଓ) ଯୋଗାଣରେ ପୂର୍ବତଟ ରେଳପଥ ଏହାର ଯୋଗଦାନ ଜାରି ରଖିଛି। ଅଦ୍ୟାବଧି ଏହା ବିଭିନ୍ନ ଷ୍ଟିଲ୍ ପ୍ଲାଣ୍ଟରୁ ପ୍ରାୟ ୨୦୧୩ ଟନ୍ ଅକ୍ସିଜେନ ବିଭିନ୍ନ ରାଜ୍ୟକୁ ପରିବହନ କରିଥିବା ଜଣାପଡିଛି। ଗତ ୨୭ ଦିନ ଧରି ଅବିରତ ଭାବେ ଏଭଳି ସେବା ଜାରି ରହିଛି। ଏପ୍ରିଲ ୨୨ରେ ପ୍ରଥମ ଅକ୍ସିଜେନ ଏକ୍ସପ୍ରେସ୍ ୪୫୧ ଟନ ମହାରାଷ୍ଟ୍ରକୁ ପରିବହନ କରିଥିଲା। ସେହିଭଳି ଦିଲ୍ଲୀ ଏବଂ ହରିୟାଣାକୁ ୭୫୦ ଟନ୍, କେରଳକୁ ୧୧୭ ଟନ୍, ତେଲଙ୍ଗାନାକୁ ୪୫୧ ଟନ୍, ତାମିଲନାଡୁକୁ ୧୨୦ ଟନ୍ ଏବଂ କର୍ନାଟକକୁ ୧୨୦ ଟନ୍ ପରିବହନ କରାଯାଇଛି। ଟାଟା ଭୂଷଣ ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ୍ ଭଳି ଷ୍ଟିଲ୍ ପ୍ଲାଣ୍ଟରୁ ଏଭଳି ଅକ୍ସିଜେନ ଯୋଗାଇ ଦିଆଯାଇଛି। ଏବେ ସୁଦ୍ଧା ୩୧ ଅକ୍ସିଜେନ ଏକ୍ସପ୍ରେସ୍ ଟ୍ରେନ ଏଥିଲାଗି ନିୟୋଜିତ କରାଯାଇଛି। ଅକ୍ସିଜେନ ଏକ୍ସପ୍ରେସ୍‌ଗୁଡିକ ଠିକ୍ ଭାବେ କିଭଳି ଚଳାଚଳ କରିପାରିବ ସେ ନେଇ ପୂର୍ବତଟ ରେଳପଥ ପକ୍ଷରୁ ବିଭିନ୍ନ ଦିଗକୁ ଧ୍ୟାନରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ, ଏଭଳି ଏକ୍ସପ୍ରେସ୍ ଦ୍ୱାରା ସାରା ଦେଶରେ ୧୧,୦୩୦ ଟନ୍ ମେଡିକାଲ ଅକ୍ସିଜେନ ପରିବହନ କରାଯାଇଛି।

# ଧରାପଡ଼ିଲା ନକଲି ଆଇଡି କାର୍ଡ ର୍‍ୟାକେଟ

### ବନ୍ଧା ହେଲେ ଦଲାଲ

- ଲକ୍‌ଡାଉନ କଟକଣାରୁ ଫାଇଦା ଉଠାଉଥିଲେ
- ଗୋଟିଏ କାର୍ଡକୁ ୩ଶହରୁ ୧ ହଜାର ଟଙ୍କାରେ ବିକୁଥିଲେ

ଭୁବନେଶ୍ୱର,୧୮।୫(ବ୍ୟୁରୋ)





ଗିରଫ ଅଭିଯୁକ୍ତ ଏବଂ ଜବତ ନକଲି ଆଇଡି କାର୍ଡ।

ଲକ୍‌ଡାଉନ୍ ଓ ଶଟ୍‌ଡାଉନରେ ଜରୁରୀ ସେବାରେ ନିୟୋଜିତ କର୍ମଚାରୀଙ୍କୁ ଯାତାୟାତ ପାଇଁ ଅନୁମତି ରହିଛି। ହେଲେ ଏହାର ଫାଇଦା ନେଉଛନ୍ତି କେତେଜଣ ଅମାନିଆ। ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀ ଓ ମିଡିଆ ହାଉସ ନାଁରେ ନକଲି ପରିଚୟପତ୍ର ଧରି ବୁଲୁଛନ୍ତି। ଗହଳି କରିବା ସହ ସଂକ୍ରମଣ ବାଣ୍ଟୁଛନ୍ତି। ତେବେ ଏହା ଜଣାପଡିବା ପରେ କମିଶନରେଟ ପୋଲିସ ମଙ୍ଗଳବାର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଡମଣା ଛକସ୍ଥିତ ଜଗନ୍ନାଥ ପେପର ଷ୍ଟୋର୍‌ରେ ଚଢ଼ାଉ କରି ଏକ ର୍‍ୟାକେଟକୁ ଧରିଛି। ଘଟଣାସ୍ଥଳରୁ ବିପୁଳ ନକଲି ଆଇଡି କାର୍ଡ, କମ୍ପ୍ୟୁଟର, ଷ୍ଟାମ୍ପ, ପ୍ରିଣ୍ଟର, ଲାମିନେଶନ ମେଶିନ, କଇଁଚି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିବା ସହ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ଦୋକାନ ମାଲିକ ତଥା ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଓରଦା ଗାଁର ସୁବାସ ବେହେରା(୪୯)। ପୋଲିସ ଏକ ମାମଲା (ନଂ. ୨୪୦/୨୧)ରୁଜୁ କରିବା ସହ ର୍‍ୟାକେଟରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ତାହାର ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନାନୁସାରେ, ସହରର ବିଭିନ୍ନ ସ୍ଥାନରେ ଯାଞ୍ଚବେଳେ କେତେଜଣ ନକଲି ଆଇଡି କାର୍ଡ ବ୍ୟବହାର କରୁଥିବା ଜଣାପଡିଥିଲା। ପଚରାଉଚରାବେଳେ ସେମାନଙ୍କ କାର୍ଯ୍ୟଧାରା ସନ୍ଦେହଜନକ ରହିବାରୁ ସମ୍ପୃକ୍ତ କମ୍ପାନୀ ସହ ଯୋଗାଯୋଗ କରାଯାଇଥିଲା। ହେଲେ କାର୍ଡରେ ଥିବା ବ୍ୟକ୍ତିଙ୍କ ନାଁରେ କେହି କର୍ମଚାରୀ ନ ଥିବା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହାର ଖୋଳତାଡ଼ କରାଯିବାରୁ ଡମଣା ଛକରେ ଏଭଳି କାର୍ଡ ତିଆରି ହେଉଥିବା ଜଣାପଡିଥିଲା। ସହରର ଆଉ କେଉଁଠି ଏଭଳି ନକଲି କାର୍ଡ ତିଆରି ହେଉଛି କି ନାହିଁ ତାହା ଉପରେ ପୋଲିସ ଖୋଳତାଡ଼ କରୁଥିବା ଓ ଯାଞ୍ଚ ସମୟରେ ଆଇଡି କାର୍ଡ ଯାଞ୍ଚ ଠିକ୍ ଭାବେ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି।

## କିପରି ହେଉଥିଲା ନକଲି କାର୍ଡ

ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ଯୁବରାଜ ସ୍ୱାଇଁ କହିଛନ୍ତି, ସୁବାସ ତାଙ୍କ ଦୋକାନରେ ରବର ଷ୍ଟାମ୍ପ, ଆଇଡି କାର୍ଡ ଓ ନିମନ୍ତ୍ରଣ କାର୍ଡ ତିଆରି କରନ୍ତି। ତେବେ ଗୋଟିଏ କମ୍ପାନୀର ସ୍ୱୀକୃତି ମୁତାବକ ଆଇଡି କାର୍ଡ ପ୍ରସ୍ତୁତ କଲେ କିଛି ଅସୁବିଧା ନାହିଁ। କିନ୍ତୁ ଅମାନିଆଙ୍କୁ ସୁବାସ ନକଲି କାର୍ଡ ପ୍ରସ୍ତୁତ କରିଦେଉଥିଲେ। ବିନାନୁମତିରେ ବହୁ ପ୍ରତିଷ୍ଠିତ କମ୍ପାନୀ, ମିଡିଆ ହାଉସ, ଆଇଟି କମ୍ପାନୀ, ସିକ୍ୟୁରିଟି ଗାର୍ଡ କମ୍ପାନୀର ବ୍ରାଣ୍ଡ ବ୍ୟବହାର କରୁଥିଲେ। କେବଳ ଫଟୋଟିଏ ଓ ନାଁ ଦେଲେ ସୁବାସ କମ୍ପ୍ୟୁଟରରେ ରଖିଥିବା ଫର୍ମାଟରେ ପକାଇ ନକଲି କାର୍ଡ ପ୍ରସ୍ତୁତ କରୁଥିଲେ। ପ୍ରିଣ୍ଟର ଓ ଲାମିନେଶନ ମେଶିନ ରଖି ଅବିକଳ କରୁଥିଲେ। ତେବେ କେତେକ କାର୍ଡରେ ନକଲି ଦସ୍ତଖତ ରହୁଥିବାବେଳେ ଆଉ କେତେକରେ ନ ଥିଲା। ଗୋଟିଏ ଆଇ କାର୍ଡ ପିଛା ସେ ୩୦୦ରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ନେଉଥିଲେ। ଉକ୍ତ କାର୍ଡ ବ୍ୟବହାର କରି ଅମାନିଆମାନେ ସହର ସାରା ବୁଲୁଥିଲେ। ଏହାଦ୍ୱାରା କରୋନା ସଂକ୍ରମଣ ବ୍ୟାପିବା ସମ୍ଭାବନା ରହିଛି। ଏହା ବେଆଇନ ହୋଇଥିବାରୁ ସୁବାସଙ୍କୁ ଗିରଫ କରାଯାଇଥିବା ସେ କହିଛନ୍ତି।

ODISHA
INDIA'S BEST KEPT SECRET.

**Government of Odisha**
**Department of Tourism**

No. 4553/TCT-COOD-SCH-0011-2021, Bhubaneswar, Date 28.05.2021

**REQUEST FOR PROPOSAL (RFP) FOR Selection of an Architecture/Urban Planning agency for Preparation of Integrated Tourism Master Plan of Hirakud reservoir and its surroundings**

**No. R-03:-** Department of Tourism (DoT), Government of Odisha in its pursuit to develop Chilika lake into a world class destination, intends to engage a renowned, experienced Architecture/ Urban Planning Firm for the preparation of Integrated tourism Master Plan of Hirakud reservoir and its surroundings.

For this purpose, bids are invited from interested firms who have prior experience in planning and designing integrated area development/ tourism destination projects or other similar projects (of a matching scale) in India or abroad.

The Terms of References may be collected from the Department of Tourism, Government of Odisha, Paryatan Bhawan, Bhubaneswar or may be downloaded from our website www.odishatourism.gov.in. The proposal of the bidders as per the requirements in the RFP shall be received at the office of Director Tourism, Paryatan Bhawan, Lewis Road, Bhubaneswar - 751014, Odisha, India latest **by 12.00 Hrs. on 05.07.2021**.

**Sd./- Deputy Secretary to Govt.**
OIPR-37001/11/0005/2122

**WORKS DEPARTMENT**
**OFFICE OF THE EXECUTIVE ENGINEER**
**MAYURBHANJ (R&B) DIVISION, BARIPADA**

No. B-94 e-mail: bpd_eerb@rediffmail.com

**Government of Odisha "e" Procurement Notice**
**Bid Identification No. E.E.-03/2021-22**

1. Number of Works : 09 (Nine) number of works
2. Approximate estimated cost : 29.75 lakh to 87.68 lakh
3. Period of Completion : 2 (Two) Calendar Months, 4 (Four) Calendar Months, 6 (Six) Calendar Months and 9 (Nine) Calendar Months
4. Date & time of availability of bid documents in the portal : Dt.26.05.2021 to 08.06.2021
5. Last date/time of receipt of bid in the portal : Dt.08.06.2021 upto 4.00 P.M.
6. Date of Opening of Bid : Dt.09.06.2021 at 9.00 A.M.
7. Name & address of the Office Inviting Bid : Executive Engineer, Mayurbhanj (R&B) Division, Baripada

Further details can be seen from the e-procurement portal **http://www.tendersodisha.gov.in**.

**Sd./- Executive Engineer**
**Mayurbhanj (R&B) Division**
OIPR-34060/11/0001/2122

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, GUNUPUR
email id: eerwgunupur@gmail.com
Lr. No. 2194, Dated: 12.05.2021
'e' Procurement Notice for Repair/ Maintenance of Roads in Odisha
(Tender eerwgnp-Online-01/2021-22)

No.O-203:- 1. Name of the work: Repair/ Maintenance of Roads. 2. Total No. of works: 17 (Seventeen) Nos. 3. Estimated cost : Varies from Rs.13.39 lakhs to Rs.62.50 lakhs. 4. Class of contractor : 'D', 'C', 'B' & 'A' class as applicable. 5. Period of completion : As mentioned in Col. 4 of TCN Annexure. 6. other details:

| Procurement Officer | Bid Identification | No. of Road works | Availability of tender online for bidding | | Date & time of tender opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERWGNP Online- 01/2021-22 | 17 (Seventeen) Nos. | 19.05.2021 at 11.00 A.M. | 05.06.2021 upto 5.00 P.M. | 07.06.2021 at 12.00 hrs. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Other details can be seen in the bidding documents, which is available in website www.tendersorissa.gov.in.
Any subsequent addendum or corrigendum will be made available in the above website.
OIPR-25170/11/0001/2122 Sd./- Executive Engineer, Rural Works Division, Gunupur

ଶିକ୍ଷା ଅଧିକାର
ସମଗ୍ର ଶିକ୍ଷା
**DISTRICT PROJECT OFFICE, SAMAGRA SHIKSHA**
SHIKSHASADAN, KORAPUT - 764020
Ph.: (06852) 252421 (Off.), E-mail: dpckoraputssa.opepa@nic.in

**INVITATION FOR BIDS (I.F.B.)**

No. n-12 **e-Procurement Notice**
IDENTIFICATION No. IFB-DPC, SS, KORAPUT
No. 1451 Date: 17.5.21

1. The District Project Coordinator, Samagra Shiksha, Koraput on behalf of Collector-cum-Chairman, Koraput invites Percentage Rate bid in Double Cover System in ONLINE MODE for the construction of Building Works as details in the Detailed Tender Call Notice (D.T.C.N.) from the eligible class of contractors.
2. No. of Works : 14 (Fourteen) Nos.
3. Cost of Tender Paper : Rs.10,000/-
4. Class of Contractor : "A" & "B" Class
5. Date & time of available in website & receipt of Bids : 11.00 A.M. of 19.05.2021 to 5.00 P.M. of 08.06.2021
6. Date of opening of Technical Bid : 09.06.2021 at 11.30 A.M.
7. The bidders have to participate in ONLINE bidding only. Further details can be seen from the State Govt. Portal website **http://tendersodisha.gov.in**.
8. Any Corrigendum/Addendum will be displayed in the website **http://tendersodisha.gov.in**.

**Sd./- (Rama Chandra Nahak)**
**District Project Coordinator, RTE-SS, Koraput**
OIPR-27035/11/0001/2122

Your classified advertisement published in Dharitri will be listed free in Dharitri online edition :
**www.dharitri.com**

**ଭୂତମୁଣ୍ଡାଇ ବଜାର ୩ ଦିନ ଶଟ୍‌ଡାଉନ୍**

କୁଜଙ୍ଗ,(ଡି.ଏନ୍.ଏ.): କରୋନା ସଂକ୍ରମଣ ବଢୁଥିବାରୁ କୁଜଙ୍ଗ ବ୍ଲକ ଭୂତମୁଣ୍ଡାଇ ପଞ୍ଚାୟତ ଅନ୍ତର୍ଗତ ଭୂତମୁଣ୍ଡାଇ ବଜାର ଓ ପିପ୍ପଳ ଗ୍ରାମର ଜଗତ୍ ସାହିକୁ ସରପଞ୍ଚ ଜ୍ୟୋର୍ତିମୟୀ ସ୍ୱାଇଁ ମଙ୍ଗଳବାର ରାତିରେ ଶଟ୍‌ଡାଉନ ଘୋଷଣା କରିଛନ୍ତି। ବୁଧବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମାରପିଟ, ୨ ଆହତ

ରାଜନଗର,୧୮।୫(ଡି.ଏନ.ଏ.): ସ୍ୱାମୀ-ସ୍ତ୍ରୀଙ୍କ ପାଟିତୁଣ୍ଡ ଉଗ୍ରରୂପ ଧାରଣା କରିବାରୁ ଉଭୟ ପରିବାର ମଧ୍ୟରେ ମାର୍‌ପିଟ ହୋଇଥିଲା। ଏହି ଘଟଣାରେ ସ୍ତ୍ରୀଙ୍କ ବାପଘର ଲୋକଙ୍କ ଆକ୍ରମଣରେ ସ୍ୱାମୀଙ୍କ ପରିବାର ୨ଜଣ ଆହତ ହୋଇଛନ୍ତି। ରାଜନଗର ଥାନାରେ ଏ ନେଇ ୨୩୪/୨୧ରେ ମାମଲା ରୁଜୁ ହୋଇଛି। ଥାନା ଅନ୍ତର୍ଗତ ଗୁପ୍ତି ପଞ୍ଚାୟତ ଦେବେନ୍ଦ୍ରନାରାୟଣପୁର ଗାଁର ଭବସିନ୍ଧୁ ମଣ୍ଡଳ ସେହି ଗାଁରେ ଭବାନୀଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ କିଛିଦିନ ହେଲା ମନ ମାଳିନ୍ୟ ଲାଗି ରହିଥିଲା। ଭବସିନ୍ଧୁଙ୍କ ସ୍ତ୍ରୀ ଯାଇ ବାପ ଘରେ ରହୁଥିଲେ। ଗତ ୧୪ ତାରିଖରେ ଭବାନୀ ଆସି ଘରର କବାଟ ବାଡେଇ ଥିଲେ। ଭବସିନ୍ଧୁ କବାଟ ଖୋଲିବାରୁ ଭବାନୀଙ୍କ ସହ ତାଙ୍କ ବାପା ସୁବଳ ଗାଇନି, ଗୋବିନ୍ଦ ଗାଇନି, ମଧୁ ଗାଇନି, ମଦନ ଗାଇନି ପ୍ରମୁଖ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ। ଭବସିନ୍ଧୁଙ୍କ ପାଟି ଶୁଣି ଭାଇ ଗୋବିନ୍ଦ, ଦୀନବନ୍ଧୁ, ହେମନ୍ତ, ଉତ୍ତମ ଓ ଭାଉଜ ଶଙ୍କରୀ ଆସି ତାଙ୍କୁ ଉଦ୍ଧାର କରିବା ସମୟରେ ପରିବାର ଲୋକଙ୍କୁ ସେମାନେ ଠେଙ୍ଗାରେ ବାଡେଇ ଥିଲେ। ଭାଉଜ ଶଙ୍କରୀଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି ଓ ମୋର ମେରୁଦଣ୍ଡରେ ଆଘାତ ଲାଗିଛି ବୋଲି ଭବସିନ୍ଧୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଥାନା ଆଇଆଇସି ତପନ କୁମାର ନାୟକଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି, ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

### ବେଆଇନ ବାଲି ବୋଝେଇ ହାଇୱା ଜବତ

ବିରିଡି,୧୮।୫(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ କାଉପଡା ନିକଟରୁ ମଙ୍ଗଳବାର ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରାଯାଇଛି। ଦେବୀନଦୀରୁ ବାଲି ବୋଝେଇ କରି ହାଇୱାଟି ଆସୁଥିବାବେଳେ କୌଣସି ସୂତ୍ରରୁ ଖବରପାଇ ଅତିରିକ୍ତ ତହସିଲଦାର ଅଭୟ ପ୍ରତିହାରୀ ଓ ରେକର୍ଡ କିପର ସୂର୍ଯ୍ୟକାନ୍ତ ମହାନ୍ତି ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରିଥିଲେ। ଗାଡ଼ି ଚାଳକଙ୍କ ପାଖରୁ ଜାଲ୍ ୱାଇ ଫର୍ମ ମିଳିବା ପରେ ଜରିମାନା ସ୍ୱରୂପ ୫୦ ହଜାର ଟଙ୍କା ଆଦାୟ କରାଯାଇଛି।

### କରୋନାରେ ସହକାରୀ ନିର୍ବାହୀଯନ୍ତ୍ରୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,୧୮।୫(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରମୋଦ କୁମାର ସାମଲ(୫୮)ଙ୍କ ମଙ୍ଗଳବାର କରୋନାରେ ମୃତ୍ୟୁ ଘଟିଛି। ସେ ସଂକ୍ରମିତ ହେବାପରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର ପରଲୋକ ଘଟିଛି। ସେ ବାଲିଚନ୍ଦ୍ରପୁର, ଧର୍ମଶାଳା ସେକ୍ସନ ଓ ବ୍ରହ୍ମପୁର ପୂର୍ତ୍ତ ଡିଭିଜନରେ କାର୍ଯ୍ୟ କରି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲେ। ସେ ଜଣେ ସ୍ନେହି, ମେଳାପି, ମିଷ୍ଟଭାଷି ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବେ ଜଣାଶୁଣା ଥିଲେ। ତାଙ୍କ ନିଜ ଗ୍ରାମ ଯାଜପୁର ଜିଲା ବଡ଼ଚଣା ବ୍ଲକ ବରଦା ଗ୍ରାମରେ। ତାଙ୍କ ପରଲୋକରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ କର୍ମଚାରୀଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି। ବଡ଼ଚଣା ନିର୍ବାଚନମଣ୍ଡଳୀର ବହୁ ଜନନେତା ଶୋକପ୍ରକାଶ କରିଛନ୍ତି।

# ବାୟୋମେଟ୍ରିକ ମେଶିନ ସଂକ୍ରମଣର ବାହକ

କେନ୍ଦ୍ରାପଡ଼ା ଅଫିସ, ୧୮।୫

- ଦୁଇ ମାସରେ ୩ ହଜାର ସଂକ୍ରମିତ
- ଘର ମୁହାଁ ପ୍ରବାସୀ
- ଗୃହ ସଙ୍ଗରୋଧ ଭରସାରେ ଜିଲା ପ୍ରଶାସନ
- କୋଭିଡ୍ କେୟାର ସେଣ୍ଟରରେ କର୍ମଚାରୀ ଅଭାବ

କେନ୍ଦ୍ରାପଡ଼ା ଜିଲାରେ କରୋନା ସଂକ୍ରମଣ ଦ୍ୱିତୀୟ ଲହରରେ ବେକାବୁ ହୋଇଛି। ପ୍ରଥମ ଲହରର ୧୧ ମାସରେ ସଂକ୍ରମିତଙ୍କ ସଂଖ୍ୟା ୯ ହଜାର ଥିବା ବେଳେ ଦ୍ୱିତୀୟ ଲହରର ୨ ମାସ ଅବଧିରେ ଏହା ୩ ହଜାର ପାର କରିଛି। ସେହିପରି ପ୍ରବାସୀ କର୍ମ ନିଯୁକ୍ତି ଓ ସଂକ୍ରମଣ ଭୟରେ ଘର ମୁହାଁ ହେଉଛନ୍ତି। ତେବେ ଏମାନଙ୍କ ପାଇଁ ସଙ୍ଗରୋଧ କେନ୍ଦ୍ର, ଟେଷ୍ଟିଂ ପ୍ରକ୍ରିୟା ସୁବିଧା ନ ଥିବା ଚିନ୍ତାର କାରଣ ପାଲଟିଛି। ବିଭିନ୍ନ ଗ୍ରାମକୁ କଣ୍ଟେନମେଣ୍ଟ ଅଞ୍ଚଳ ଜିଲା ପ୍ରଶାସନ ଘୋଷଣା ସତ୍ତ୍ୱେ ଏହାର ପ୍ରକ୍ରିୟା ଦେଖିବାକୁ ମିଳୁନାହିଁ। ଗୃହ ସଙ୍ଗରୋଧକୁ ଜିଲା ପ୍ରଶାସନ ଭରସା କରିଛି। ୨,୨୨୫ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ସେଣ୍ଟରଗୁଡିକ ପାଇଁ କର୍ମଚାରୀଙ୍କ ଅଭାବ ଏକ ସମସ୍ୟା ହୋଇଛି। ଲକ୍‌ଡାଉନ, ଶଟ୍‌ଡାଉନ ଆଦି ପ୍ରତି ସ୍ଥାନୀୟ ଲୋକଙ୍କ ଅଣଦେଖା ସହ ଖାଦ୍ୟ ସୁରକ୍ଷା ଯୋଜନାରେ ବ୍ୟବହାର ହେଉଥିବା ବାୟୋମେଟ୍ରିକ ଓ ଇପୋଏସ ମେଶିନ ଏହି ସଂକ୍ରମଣକୁ ବୃଦ୍ଧି କରୁଥିବା ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୁଦ୍ଧିଜୀବୀ ମୀର ଅବୁ ଓବେଦା, ଲକ୍ଷ୍ମୀକାନ୍ତ ନାୟକ, ପ୍ରଶାନ୍ତ କୁମାର ନାୟକ, ଆଶିଷ କୁମାର ସେନାପତି ପ୍ରମୁଖ ଜିଲା ପ୍ରଶାସନର କୋଭିଡ୍ ୧୯ ପରିଚାଳନା ପ୍ରତି ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି, ୨୦୨୦ଏପ୍ରିଲ ୭ରେ ଜିଲାରେ ପ୍ରଥମ ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏହି ପ୍ରଥମ ଲହର ୨୦୨୧ ମାର୍ଚ୍ଚ ୧୩ ପର୍ଯ୍ୟନ୍ତ ଚାଲିଥିବା ବେଳେ ମୋଟ ୯,୧୫୫ ଜଣ ସଂକ୍ରମିତ ହୋଇଥିଲେ। ମାର୍ଚ୍ଚ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଜିଲା ସମ୍ପୂର୍ଣ୍ଣ କରୋନା ମୁକ୍ତ ହୋଇଥିଲା। ମାର୍ଚ୍ଚ


ସହରର ଏକ ରାଶନ କେନ୍ଦ୍ରରେ ଲୋକଙ୍କ ବଦଳରେ କିରୋସିନ ଜାରକିନର ଲମ୍ବା ଧାଡି।

୧୭ରୁ ଏହି ଅବଧିରେ ମୋଟ ୩,୩୩୮ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ଜିଲାର ୨୦ ହଜାରରୁ ଅଧିକ ପ୍ରବାସୀ ଇତିମଧ୍ୟରେ ଘରକୁ ଫେରିଥିଲେ ମଧ୍ୟ ସେମାନଙ୍କୁ ଚିହ୍ନଟ ସହ ଟେଷ୍ଟିଂ ପ୍ରକ୍ରିୟାରେ ସାମିଲ କରାଯାଇ ପାରିନାହିଁ। ଫଳରେ ପ୍ରବାସୀ ଗ୍ରାମାଞ୍ଚଳରେ କରୋନା ସଂକ୍ରମଣର ବାହକ ସାଜିଛନ୍ତି। ପୂର୍ବବର୍ଷ ଜିଲାରେ ସଂକ୍ରମଣ ରୋକିବାକୁ ୨୪୯ ପଞ୍ଚାୟତ ଓ ୨ ପୌରାଞ୍ଚଳରେ ୧,୧୯୭ ସଙ୍ଗରୋଧ କେନ୍ଦ୍ରରେ ୪୮, ୪୪୮ ଶଯ୍ୟା ପ୍ରସ୍ତୁତ ହୋଇଥିଲା। ତେବେ ଦ୍ୱିତୀୟ ଲହର ଅଧିକ ସଂକ୍ରମିତ ହେଉଥିଲେ ମଧ୍ୟ ଗ୍ରାମାଞ୍ଚଳ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରକୁ ଅଦ୍ୟାବଧି ଗୁରୁତ୍ୱ ଦିଆଯାଇନାହିଁ। ବରଂ ପ୍ରତିଦିନ ୧୫୦ ଆଖପାଖରେ ଚିହ୍ନଟ ହେଉଥିବା ସଂକ୍ରମିତଙ୍କ ମଧ୍ୟରୁ ୮ ପ୍ରତିଶତଙ୍କୁ ଗୃହ ସଙ୍ଗରୋଧରେ ରହିବା ପାଇଁ ବାଧ କରାଯାଉଛି। ସେହିପରି ଖାଦ୍ୟ ସୁରକ୍ଷା ଯୋଜନା ଏବେ ସଂକ୍ରମଣର ଅନ୍ୟ ଏକ ପେଣ୍ଠସ୍ଥଳୀ ହୋଇଛି। ଜିଲାର ୮୬ ପ୍ରତିଶତ ଲୋକ ଏହି ଯୋଜନାରେ ସାମିଲ ହୋଇଛନ୍ତି। ଜିଲାର ୫୯୧ ରିଟେଲର ହିତାଧିକାରୀଙ୍କୁ ସାମଗ୍ରୀ ନେବା ସମୟରେ ବାୟୋମେଟ୍ରିକ ଓ ଇପୋଏସ ମେଶିନ ମାଧ୍ୟମରେ ଚିହ୍ନଟୀକରଣ କରୁଛନ୍ତି। ଏହି ମେଶିନ ଏବେ କରୋନା ସଂକ୍ରମଣ ପାଇଁ ବାଟ ଖୋଲିଛି। ସେହିପରି ପ୍ରଶାସନିକ ଅଧିକାରୀମାନେ କଣ୍ଟେନମେଣ୍ଟ ଜୋନ୍‌କୁ ଅଣଦେଖା ସହ ସମ୍ପୂର୍ଣ୍ଣ କୋଭିଡ୍ ୧୯ ପରିଚାଳନା କ୍ଷେତ୍ରରେ ବିଫଳ ହୋଇଥିବା ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କୁହନ୍ତି, ଅନ୍ୟ ଜିଲାଠାରୁ କେନ୍ଦ୍ରାପଡ଼ାରେ ଅପେକ୍ଷାକୃତ ଭାବେ କମ୍ ସଂକ୍ରମିତ ହୋଇଛନ୍ତି। ଜିଲା ପ୍ରଶାସନର କୋଭିଡ୍ ୧୯ ପରିଚାଳନା ପାଇଁ ଏହା ସମ୍ଭବ ହୋଇଛି। ସରକାରଙ୍କ ନିର୍ଦ୍ଦେଶ ମୁତାବକ, ଏହାକୁ ପରିଚାଳନା କରାଯାଉଛି। ନିର୍ଦ୍ଦେଶ ଆସିଲେ ବାୟୋମେଟ୍ରିକ ଓ ଇପୋଏସର ବ୍ୟବହାର ବନ୍ଦ ହେବ ବୋଲି ଏଡିଏମ୍ ରାଉତ ପ୍ରକାଶ କରିଛନ୍ତି।

### ଯୁବବର୍ଗଙ୍କୁ ଟିକାକରଣ ଦାବି

କେନ୍ଦ୍ରାପଡ଼ା ଅଫିସ, ୧୮।୫

କେନ୍ଦ୍ରାପଡ଼ା ଜିଲା ଜନ ସୁରକ୍ଷା ମଞ୍ଚ ପକ୍ଷରୁ ଯୁବବର୍ଗଙ୍କୁ ଟିକାକରଣରେ ସାମିଲ ପାଇଁ ମଙ୍ଗଳବାର ଦାବି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ସ୍ମାରକପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରାଯାଇଛି। ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ୧୮ବର୍ଷରୁ ଉର୍ଦ୍ଧ୍ୱ ଯୁବବର୍ଗଙ୍କୁ ଟିକାକରଣ ପାଇଁ ଏପ୍ରିଲରେ କେନ୍ଦ୍ର ସରକାର ଘୋଷଣା କରିଥିଲେ। ମେ' ପହିଲାଠାରୁ କେନ୍ଦ୍ରାପଡ଼ା ଜିଲାରେ ଟିକାକରଣ ହେବ ବୋଲି ସୂଚନା ମିଳିଥିଲା। ଏ ନେଇ ରାଜ୍ୟ ସରକାର ମଧ୍ୟ ପ୍ରସ୍ତୁତି ଚଳାଇ ଥିଲେ। ଇତିମଧ୍ୟରେ ଜିଲାରେ ୧୮ ଦିନ ବିତିଥିଲେ ମଧ୍ୟ ଅଦ୍ୟାବଧି ଜଣେ ହେଲେ ଯୁବବର୍ଗଙ୍କୁ ଟିକା ଦିଆଯାଇନାହିଁ। ପ୍ରାୟ ୫୦ ହଜାର ୧୮ରୁ ୪୪ ବର୍ଷ ଯୁବବର୍ଗ ପଞ୍ଜୀକରଣ କରିଛନ୍ତି। ରାଜ୍ୟର ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁର ସହରାଞ୍ଚଳରେ ଟିକା ଦିଆଯାଉଛି। ଜିଲାରେ ଯୁବବର୍ଗ ଅଧିକ ସଂକ୍ରମିତ ହେଉଛନ୍ତି। ତୁରନ୍ତ ଜିଲାରେ ଏହି ସୁବିଧା ଉପଲବ୍ଧ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି ବୋଲି ସାମଲ କହିଛନ୍ତି। ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ପର୍ଯ୍ୟାପ୍ତ ପରିମାଣର ଟିକା ଜିଲାକୁ ଆସିନାହିଁ। ଯେଉଁ ପରିମାଣରେ ଟିକା ଆସିଛି, ଏହାର ସୁଷମ ବଣ୍ଟନ କରାଯାଉଛି।

## ୭ କୋର୍ଟ ଚାଲାଣ, ୨ କାର୍ ଜବତ

### ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜକଙ୍କୁ ଆକ୍ରମଣ ଘଟଣା

ରାଜନଗର, ୧୮।୫(ଡି.ଏନ.ଏ.)

ଓଡ଼ିଶା ଜୀବିକା ମିଶନର ରାଜନଗର ବ୍ଲକ ସଂଯୋଜକ ରଶ୍ମିରଞ୍ଜନ ଦାଶଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ମଙ୍ଗଳବାର ୭ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ରାଜନଗର ଥାନା ପୋଲିସ ପକ୍ଷରୁ ଖବରଦାତା ସମ୍ମିଳନୀ କରି ଘଟଣା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛି। ରଶ୍ମି ରଞ୍ଜନଙ୍କୁ ଅପହରଣ କରି ନେବା ପାଇଁ ଯୋଜନା ହୋଇଥିଲା। ପଡୋଶୀ ଉଠି ବାହାର ଲାଇଟ ଦେବାରୁ ସେମାନଙ୍କ ଯୋଜନା ଭଣ୍ଡୁର ହୋଇଗଲା। ସେମାନେ ରଶ୍ମିରଞ୍ଜନଙ୍କୁ ହାଣିବା ପରେ ଛାଡି ଦେଇ ଚାଲି ଯାଇଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତମାନେ ହେଲେ ରାଜନଗର ଥାନା ଫିରିକିଦାଣ୍ଡି ଗାଁର ରମ୍ୟରଞ୍ଜନ ମାହନ୍ତ, ରବୀନ୍ଦ୍ର କୁମାର ମାହୁନ୍ତ, ଶ୍ରୀରାମପୁର ଗାଁର ଦେବୀ ପ୍ରସାଦ


ଗିରଫ ହୋଇଥିବା ଅଭିଯୁକ୍ତମାନେ।

ଜେନା, ଭୁବନେଶ୍ୱର ଶୈଳଶ୍ରୀବିହାରର ବିଶ୍ୱ ବିଜୟ ସିଂ, ଭୁବନେଶ୍ୱର ଝାରପଡ଼ାର ସଞ୍ଜୀବ ସ୍ୱାଇଁ, ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳର ପ୍ରଭୁ ତ୍ରିପାଠୀ, ନୟାପଲ୍ଲୀ ଅଞ୍ଚଳର ଦେବାଶିଷ ମଙ୍ଗରାଜ।

ସୂଚନା ମୁତାବକ, ଏହି ଘଟଣାରେ ରାଜନଗର କୋର୍ଟ ଚାଲାଣ କରାଯାଇଥିବା ୭ଜଣଙ୍କ ମଧ୍ୟରୁ ୪ ଜଣ ସିଧାସଳଖ ସମ୍ପୃକ୍ତି ରହିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ କେନ୍ଦ୍ରାପଡ଼ା ବାରିମୂଳ ଜେଲକୁ ପଠାଯାଇଛି। ଭୁବନେଶ୍ୱରର ସଞ୍ଜୀବ, ପ୍ରଭୁ, ଦେବାଶିଷ ଏମାନଙ୍କୁ ଆଶ୍ରୟ ଦେଇଥିଲେ। ଅପରାଧ ଘଟାଇ ସାରିବା ପରେ ସେମାନଙ୍କୁ ଫେରାର କରାଇବାରେ ସହଯୋଗ କରିଥିବାରୁ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶ୍ରୀରାମପୁର ଗାଁର ଦେବୀଙ୍କ ଗୋଟିଏ କଳା ରଙ୍ଗର କାର, ଭୁବନେଶ୍ୱରର ସଞ୍ଜୀବଙ୍କ ନାଲି ରଙ୍ଗର କାର ଜବତ କରାଯାଇଛି। ଅଭିଯୁକ୍ତମାନେ ରଶ୍ମିରଞ୍ଜନଙ୍କୁ ହାଣିବା ପରେ କୁଦୁପୁର ନିକଟରେ ବିଲରେ ଫୋପାଡିଥିବା ଭୁଜାଲି, ମୋବାଇଲ ଜବତ କରାଯାଇଛି ବୋଲି ସମ୍ମିଳନୀରେ ସୂଚନା ଦିଆଯାଇଛି। ସୋମବାର ପଟ୍ଟାମୁଣ୍ଡାଇରେ ନୂତନ ଏସ୍‌ଡିପିଓ ଭାବେ ଯୋଗ ଦେଇଥିବା ସନ୍ଧ୍ୟାରାଣୀ ବେହୁରିଆ ଓ ରାଜନଗର ଆଇଆଇସି ତପନ କୁମାର ନାୟକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।

## କରୋନା: ୨ ଦିନରେ ନେଲା ୩ ଜୀବନ

ଡେରାବିଶ,୧୮।୫(ସ୍ୱ.ପ୍ର.)

କରୋନାର ଦ୍ୱିତୀୟ ଲହର ସାରା ରାଜ୍ୟକୁ କବଳିତ କରିଥିବା ବେଳେ ଡେରାବିଶରେ ଆକ୍ରାନ୍ତ ସଂଖ୍ୟା ବଢ଼ି ଚାଲିଛି। ସେହି ଅନୁପାତରେ କରୋନାରେ ମୃତକଙ୍କ ସଂଖ୍ୟା ମଧ୍ୟ ବଢ଼ି ଚାଲିଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡିଛନ୍ତି। ମଙ୍ଗଳବାର ବ୍ଲକ ଅଞ୍ଚଳରେ ୩୭ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଦୁଇଦିନ ମଧ୍ୟରେ ବ୍ଲକ ଅଞ୍ଚଳର ୩ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ବ୍ଲକର ଯଅଁରାବାରିମୂଳ ପଞ୍ଚାୟତ ଅର୍ଦ୍ଧାମୂଳ ଗ୍ରାମର ରବି ଦାସ (୫୫) ଯିଏକି ସୁନ୍ଦରଗଡ଼ରୁ ଆସି ଘରେ କରୋନାରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ପ୍ରଥମେ ଛତାସ୍ଥିତ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ କଟକର ଏକ କୋଭିଡ୍ ହସ୍ପିଟାଲକୁ ପଠା ଯାଇଥିଲା। ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେହିପରି ଦାନପୁର ପଞ୍ଚାୟତ ଦକ୍ଷବ୍ରହ୍ମପୁର ଗାଁର ରୋହିତ ରଞ୍ଜନ ମଲ୍ଲିକ (୪୭) ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଛି। ଅନ୍ୟ ଏକ ଘଟଣାରେ ପଳେଇ ପଞ୍ଚାୟତ ସବଳଙ୍ଗ କଣିପଡ଼ାର ୱାଜିଦ୍ ଖାଁ (୬୫) କରୋନାରେ ଆକ୍ରାନ୍ତ ହୋଇ ଛତାସ୍ଥିତ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କୋଭିଡ୍ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ତାଙ୍କର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡିଛି।

## ବାଲିକୁଦା, ଏରସମାରେ ହେବ ନୂଆ ଅଲ୍‌ଟ୍ରାସାଉଣ୍ଡ ୟୁନିଟ୍

ଜଗତ୍‌ସିଂହପୁର ଅଫିସ, ୧୮।୫

ବାଲିକୁଦା ଓ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂଆକରି ଅଲ୍‌ଟ୍ରାସାଉଣ୍ଡ ୟୁନିଟ୍ ଖୋଲିବାକୁ ଯାଉଛି। ଏ ନେଇ ଅନଲାଇନ୍ ମାଧ୍ୟମରେ ଆବେଦନ କରାଯାଇଛି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ଭର୍ଚୁଆଲ ମାଧ୍ୟମରେ ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଜିଲାସ୍ତରୀୟ ଗର୍ଭଧାରଣ ପୂର୍ବ ଓ ପ୍ରସବ ପୂର୍ବ ରୋଗ ନିରୂପଣ ଉପାୟ (ପିସିପିଏନ୍‌ଡିଟି) ପରାମର୍ଶଦାତା କମିଟି ବୈଠକରେ ସୂଚନା ଦିଆଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଜିଲାରେ କାର୍ଯ୍ୟ କରୁଥିବା ଅଲ୍‌ଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡିକ ଯେପରି ଆଇନ ଅନୁଯାୟୀ ଠିକ୍ ଭାବେ ପରିଚାଳନା ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲାପାଳ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ତିର୍ତ୍ତୋଲ ବ୍ଲକରେ ଆଉ ଏକ ପ୍ରାଇଭେଟ୍ ଅଲ୍‌ଟ୍ରାସାଉଣ୍ଡ ୟୁନିଟ୍ ଖୋଲିବାକୁ ଅନୁମତି ଦିଆଯାଇଥିଲା।

### ଜିଲାସ୍ତରୀୟ ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ

ସମସ୍ତ ପଞ୍ଜୀକୃତ କ୍ଲିନିକ୍‌ର ରିପୋର୍ଟ, ପଞ୍ଜୀକରଣ ଓ ନବୀକରଣ ଆଦି ଅନଲାଇନ୍ ମାଧ୍ୟମରେ କରିବାକୁ ପରାମର୍ଶ ଦିଆଯାଇଛି। ଏହାର ଆବଶ୍ୟକ ତଦାରଖ ସ୍ୱାସ୍ଥ୍ୟ ଅଧିକାରୀମାନେ କରିବେ। ତା'ପରେ ଅନୁମତି ଦିଆଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟା ପଣ୍ଡା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରମୋଦ କୁମାର ବାରିକ, ସରକାରୀ ଓକିଲ ସଲିଲ କୁମାର ଘୋଷ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଡିପିଏମ୍ ଚକ୍ରଧର ଜେନା, ସେକ୍ସନ ଅଫିସର ବିନୋଦ କୁମାର ରଥଙ୍କ ସମେତ କେତେଜଣ ସ୍ୱେଚ୍ଛାସେବୀ ଓ ସାମାଜିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ପିସିପିଏନ୍‌ଡିଟି ସହ ପରିଚାଳିକା ସ୍ୱସ୍ତି ମହାନ୍ତି ଧନ୍ୟବାଦ ଦେଇଥିଲେ।


ଭର୍ଚୁଆଲ ମାଧ୍ୟମରେ ଜିଲାସ୍ତରୀୟ ପିସିପିଏନ୍‌ଡିଟି ପରାମର୍ଶଦାତା କମିଟି ବୈଠକ।

## ଯୋଗ୍ୟ ବ୍ୟକ୍ତିଙ୍କୁ ମିଳୁନି ରାଶନ କାର୍ଡ

ନାଉଗାଁ,୧୮।୫(ସ୍ୱ.ପ୍ର)

ନାଉଗାଁ ବ୍ଲକ ଅଲଣା ଗାଁର ଗୁନା ଭୋଇ (୭୩) ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସେ ମଙ୍ଗଳବାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ରାଶନ ସାମଗ୍ରୀ ମିଳୁନାହିଁ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ସେ ଓ ସ୍ତ୍ରୀ ରଙ୍ଗଲତାଙ୍କ ନାମ ପୂର୍ବରୁ ବିପିଏଲ ତାଲିକାରେ ଥିଲା। ହିତାଧିକାରୀ କ୍ରମିକ ସଂଖ୍ୟା ନଂ. ୨୫୯ରେ ସେମାନଙ୍କୁ ଅନ୍ତ୍ୟୋଦୟ କାର୍ଡରେ ସମସ୍ତ ପ୍ରକାର ସରକାରୀ ସୁବିଧା ମିଳୁଥିଲା। ୫ ବର୍ଷ ପୂର୍ବରୁ ଚଞ୍ଚକତା କରି ସେମାନଙ୍କ ନାମ ତାଲିକାରୁ କାଟିଦିଆଯାଇଛି। ଫଳରେ ଗୁନାଙ୍କୁ କୌଣସି ଖାଉଟି ସାମଗ୍ରୀ ମିଳୁନାହିଁ। ଏ ନେଇ ସେ ପଞ୍ଚାୟତ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ସୁଫଳ ମିଳୁନି। ବୟସ ଅଧିକ ଯୋଗୁ ସେ ମୂଲ ଲାଗି ପାରୁନାହାନ୍ତି। ଏଥିଯୋଗୁ ୨ ବେଳା ଖାଇବାକୁ ହଇରାଣ ହେଉଛନ୍ତି। ଫନୀ ଓ ଅମ୍ଫନ ସମୟରେ ସେମାନଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିଲା। ଏବେ କରୋନା ସମୟରେ ଅସୁବିଧା ବଢ଼ିଯାଇଛି। ୨୦୨୦ ଜୁଲାଇ ୨୯ରେ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ବ୍ଲକ ଯୋଗାଣ ନିରୀକ୍ଷିକା ଏହାର ତଦନ୍ତ କରିଥିଲେ। ମାତ୍ର ଏ ପର୍ଯ୍ୟନ୍ତ ତାଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଉ ନାହିଁ ବୋଲି ସେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ଯୋଗାଣ ନିରୀକ୍ଷିକାଙ୍କ ସହ ଆଲୋଚନା ପରେ ଗୁନାଙ୍କୁ ରାଶନ କାର୍ଡ ଦେବାକୁ ବ୍ୟବସ୍ଥା କରାଯିବ।

## କଟକ ସ୍ଥାନାନ୍ତର ହେଲେ ରଘୁନାଥ

ରସୁଲପୁର,୧୮।୫(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରସ୍ଥିତ ମା'ତାରିଣୀ ମନ୍ଦିର ପଛପଟରେ ରହୁଥିବା ଅସହାୟ ରଘୁନାଥ ସୁରି(୯) ମଙ୍ଗଳବାର କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ତାଙ୍କ ଚିକିତ୍ସା ପାଇଁ ରେଡ୍‌କ୍ରସରୁ ୫ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ହେଲ୍ପିଂ ହ୍ୟାଣ୍ଡର ସଦସ୍ୟଙ୍କ ଉଦ୍ୟମରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରୁ କଟକ ସ୍ଥାନାନ୍ତର କରାଯାଇଛି। ସଂକ୍ରମିତ ଗୋଡ଼ର ଚିକିତ୍ସା ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ସମ୍ଭବ ହୋଇ ନ ପାରିବାରୁ ରଘୁନାଥଙ୍କୁ ଡାକ୍ତର କଟକ ପଠାଇ ଦେଇଛନ୍ତି। ହେଲ୍ପିଂ ହ୍ୟାଣ୍ଡର ଯୁବ ସଦସ୍ୟମାନେ ଡାକ୍ତରଖାନରେ ପହଞ୍ଚିବା ସହ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସହାୟତାରେ ନବାଳକଙ୍କୁ କଟକରେ ପହଞ୍ଚାଇଛନ୍ତି। ପ୍ରକାଶଯୋଗ୍ୟ, ରଘୁନାଥଙ୍କ ଏକ ଗୋଡ଼ କୌଣସି କାରଣରୁ ସଂକ୍ରମିତ ହୋଇଯାଇଛି। ତାଙ୍କର ଯତ୍ନ ନେବା ପାଇଁ କେହି ନ ଥିବାରୁ ସେ ଅସହ୍ୟ ଯନ୍ତ୍ରଣାରେ ଦିନ କାଟୁଥିଲେ। ଏହି ଦୃଶ୍ୟ ହେଲ୍ପିଂହ୍ୟାଣ୍ଡର ଯୁବକମାନଙ୍କ ନଜରକୁ ଆସିଥିଲା। ସେମାନେ ତାଙ୍କୁ ଗତ ୧୪ ତାରିଖରେ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ରଘୁନାଥଙ୍କଙ୍କ ଗୋଡ଼ର ଅସ୍ତ୍ରୋପଚାର ହେବ ବୋଲି ସଂଗଠନ ସଦସ୍ୟ ବିଶ୍ୱଜ୍ୟୋତି ପତି ପ୍ରକାଶ କରିଛନ୍ତି।


ରଘୁନାଥଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲ ପଠାଯାଉଛି।

## ଘେରିବନ୍ଧ କାମ ନିମ୍ନମାନର, ପଥର ପ୍ୟାକିଂ ସରୁନି

ପଟ୍ଟାମୁଣ୍ଡାଇ,୧୮।୫(ସ୍ୱ.ପ୍ର.)

### ଆଗକୁ ବର୍ଷାଦିନ: ଡାମରପୁର, ପାଳପାଟଣା ଲୋକେ ଚିନ୍ତାରେ

ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବା ୯ କିମି ବ୍ୟାପୀ ବନ୍ୟା ଘେରିବନ୍ଧ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଛି ବୋଲି ଡାମରପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ୟା ଦାଉରୁ ଡାମରପୁର, ବଳଭଦ୍ରପୁର ପଞ୍ଚାୟତକୁ ରକ୍ଷା କରିବାକୁ ୧୯୫୯ରେ ଘେରିବନ୍ଧ କାମ ଆରମ୍ଭ ହୋଇ ୧୯୬୬ରେ ଶେଷ ହୋଇଥିଲା। ମାତ୍ର ରକ୍ଷଣାବେକ୍ଷଣ ଓ ଆବଶ୍ୟକ ମରାମତି ଅଭାବରୁ ଘେରିବନ୍ଧଟି ଦୁର୍ବଳ ହୋଇପଡିଛି। ଉତ୍ତର, ଦକ୍ଷିଣ ଓ ପୂର୍ବରେ ଚିରସ୍ରୋତା ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଥିବା ବେଳେ ପ୍ରତିବର୍ଷ ବନ୍ୟା ଆସି ଘେରିବନ୍ଧ ବୁଡି ଡାମରପୁର ଭିତରେ ବନ୍ୟାପାଣି ପଶି ଅଧିକାଂଶ ସ୍ଥାନରେ ବନ୍ଧ ଭାଙ୍ଗି ଯାଇଛି। ଏହାର ମରାମତି ହୋଇଥିଲେ ମଧ୍ୟ ଦୁଇଟି ସ୍ଥାନରେ ଏତେ ଗଭୀର ଘାଇ ହୋଇଥିଲା ଯେ ଆଉ ଏକ ଘେରିବନ୍ଧ ନିର୍ମାଣ ହୋଇଛି। ଏହି ଘେରିବନ୍ଧକୁ ଉଚ୍ଚା କରିବାକୁ ୧୩ କୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି। ମାତ୍ର ଏହି ରାସ୍ତା କଡରୁ ବାଲି ଓ ଦୋରସା


ପାଳପାଟଣାଠାରେ ବ୍ରାହ୍ମଣୀ ନଦୀରେ କରାଯାଇଥିବା ପଥର ପ୍ୟାକିଂ ଭାଙ୍ଗି ଯାଇଛି।

ମାଟି ଜେସିବିରେ ଉଠାଇ ଘେରିବନ୍ଧ ଉଚ୍ଚା କରାଯାଉଛି; ଯାହା କି ଲଗାଣ ବର୍ଷା ଓ ବଡ ବନ୍ୟା ଆସିଲେ ମାଟି ଧସିଯିବ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟ ସ୍ଥାନରୁ ମାଟି ଉଠାଇ ବନ୍ଧ ଉଚ୍ଚା କରାଯିବାକୁ ଅଟକଳ ଥିଲେ ମଧ୍ୟ ଏଥିରେ ବ୍ୟତିକ୍ରମ ହେଉଛି ବୋଲି ଗ୍ରାମବାସୀ କହିଛନ୍ତି। ଘେରିବନ୍ଧର ଉପର ଭାଗ ଚଉଡା ହେବାକୁ ଅଟକଳ ହୋଇଥିଲେ ମଧ୍ୟ ଠିକ୍ ଭାବେ ହେଉନାହିଁ। ଏହାଛଡା ଘେରିବନ୍ଧକୁ ପିଚୁ କରିବାକୁ କେତେ ପରିମାଣରେ ମେଟାଲ, ମୋହରମ ଓ କଳାମେଟାଲ, ପିଚୁ ଆବଶ୍ୟକ ତାହା ମଧ୍ୟ ଲଗାଯାଇଥିବା ଫଳକରେ ଲିପିବଦ୍ଧ ହୋଇନାହିଁ। ଫଳରେ ବନ୍ଧର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ସନ୍ତୋଷ ରାଉଳ, କୈଳାସ ଚନ୍ଦ୍ର ନାୟକ, ଅଞ୍ଜନ ପରିଡା, ପ୍ରିୟବ୍ରତ ଓଝା, ରତ୍ନାକର ପରିଡା, ଶାରଦା ପରିଡା ପ୍ରମୁଖ ଅଭିଯୋଗ କରିଛନ୍ତି।

ସେହିପରି ପାଳପାଟଣା ସ୍ପର ଓ ପଥର ପ୍ୟାକିଂ କାର୍ଯ୍ୟ ଶେଷ ହେବା ସମୟ ଅତିକ୍ରମ ହୋଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ୬୫ରୁ ୭୦ ଭାଗ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ। ଗତ ବନ୍ୟାରେ ୧୨ଟି ସ୍ପର ମଧ୍ୟରୁ ୯ଟି ନିର୍ମାଣ ହୋଇଥିବା ବେଳେ ୩ଟି ଭାଙ୍ଗି ଯାଇଥିଲା। ଏହାଛଡା ୮୦୦ ମିଟର ପଥର ପ୍ୟାକିଂ ମଧ୍ୟରୁ ୫୦୦ ମିଟର ବନ୍ୟାସ୍ରୋତରେ ତଳକୁ ଖସି ପଡିଛି। ଏହି କାର୍ଯ୍ୟ ପୁଣି ନିର୍ମାଣ କରିବାକୁ ଠିକା ନେଇଥିବା ସଂସ୍ଥା ଚଳିତ ବର୍ଷା ଋତୁ ପୂର୍ବରୁ ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ, ପଟ୍ଟାମୁଣ୍ଡାଇ ସହ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ତେବେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବାରୁ ଚାଷୀମାନେ ବ୍ୟାପକ ଫସଲହାନିର ସମ୍ମୁଖୀନ ହେଉଛନ୍ତି। ତେବେ କାମ କେବେ ସମ୍ପୂର୍ଣ୍ଣ ହେବ ସେନେଇ ପ୍ରାକ୍ତନ ସହକାରୀ ଯନ୍ତ୍ରୀ ଭରତ ଦାସ, ଉତ୍ସବ ମଲ୍ଲିକ, ନିରଞ୍ଜନ ପ୍ରଧାନ, ଜିଲା କଂଗ୍ରେସ ଦଳିତ ସେଲ ସଭାପତି ସର୍ବେଶ୍ୱର ସେଠୀ, ପହଲ୍ଲାଦ ପଣ୍ଡା, ମନ୍ମଥ ପାତ୍ର, ସତ୍ୟବ୍ରତ ସାହୁ, ଟୁକୁନି ପଣ୍ଡା, କୁଞ୍ଜବିହାରି ମଲ୍ଲିକ, ଗୋବିନ୍ଦ ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସବ୍‌ଡିଭିଜନ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଭାତ ସାହୁ ଓ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ପଚାରିବାରେ ପାଗ ଖରାପ ହେଉଥିବାରୁ ପଥର ଆସି ପାରିନାହିଁ। ଉଦ୍ୟମ ଜାରି ରଖିଛୁ ବର୍ଷା ଋତୁ ପୂର୍ବରୁ କାମ ଶେଷ କରାଯିବ। ପ୍ରକାଶ ଯେ, ଗତ ୧୩ ତାରିଖରେ ରାଜ୍ୟରେ ନଦୀବନ୍ଧଗୁଡ଼ିକର ସୁରକ୍ଷା ଓ ତଦାରଖକୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଥିଲେ ଯେ ଜୁନ ୧୫ ପୂର୍ବରୁ ନଦୀବନ୍ଧ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ। ଆବଶ୍ୟକ ମରାମତି, ଜଳ ନିଷ୍କାସନ ଓ ଜଳ ପରିଚାଳନା ପାଇଁ ମକ୍ ଡ୍ରିଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

## ସଂକ୍ଷେପରେ

### ୟୁସିସିଆଇ ପକ୍ଷରୁ କୋଭିଡ୍ ସହାୟତା

ଭୁବନେଶ୍ୱର,୧୮।୫ : କୋଭିଡ୍ ମହାମାରୀକୁ ନଜରରେ ରଖି ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ୟୁସିସିଆଇ) ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଅନୁଷ୍ଠାନ ପକ୍ଷରୁ କଟକ-ଭୁବନେଶ୍ୱରରେ ହୋମ୍ ଆଇସୋଲେସନରେ ଥିବା କୋଭିଡ୍ ରୋଗୀଙ୍କ ପାଇଁ ଖାଦ୍ୟ ପ୍ୟାକେଟ ସହ ମାଗଣାରେ ଟେଲି ମେଡିସିନ ସେବା ଉପଲବ୍ଧ କରାଯାଇଥିବା ୟୁସିସିଆଇ ସଭାପତି ବ୍ରହ୍ମାନନ୍ଦ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି। ସେ କହିଛନ୍ତି କଟକ-ଭୁବନେଶ୍ୱରରେ ହୋମ୍ ଆଇସୋଲେସନରେ ଥିବା କୋଭିଡ୍ ପଜିଟିଭ ରୋଗୀଙ୍କ ନିକଟରେ ସଂଘ ପକ୍ଷରୁ ବିନା ମୂଲ୍ୟରେ ମଧ୍ୟାହ୍ନ ଓ ରାତ୍ରି ଭୋଜନ ଯୋଗାଇ ଦିଆଯାଉଛି। ବର୍ତ୍ତମାନ ଦୈନିକ ୩୫୦ ଜଣଙ୍କ ନିକଟରେ ଏହି ଭୋଜନ ପ୍ୟାକେଟ ଦିଆଯାଉଥିବା ବେଳେ ଆଗକୁ ଏହି ସଂଖ୍ୟା ବୃଦ୍ଧି କରାଯିବ। ସେହିଭଳି ସର୍ବସାଧାରଣଙ୍କ ନିମନ୍ତେ ଟେଲିମେଡିସିନ ସେବାର ବ୍ୟବସ୍ଥା ମଧ କରାଯାଇଛି। ଟେଲିଫୋନ ଦ୍ୱାରା ଡାକ୍ତରୀ ପରାମର୍ଶ, ଅକ୍ସିଜେନ ସିଲିଣ୍ଡର ଏବଂ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ସଂଗ୍ରହ କରାଯାଉଛି। ଖୁବଶୀଘ୍ର ଏହି ସେବା ମଧ ରୋଗୀମାନଙ୍କ ପାଇଁ ଉପଲବ୍ଧ ହେବ। ଅନ୍ୟପକ୍ଷରେ ସମ୍ବାଦପତ୍ର ବଣ୍ଟନ କରୁଥିବା ହକରମାନଙ୍କୁ ଏନ୍ ୯୫ ମାସ୍କ ଯୋଗାଇ ଦେବାକୁ ସଂଘ ନିଷ୍ପତ୍ତି ନେଇଛି।

### ଭିଆଇ ପକ୍ଷରୁ ସ୍ୱତନ୍ତ୍ର ରିଲିଫ ଅଫର

ମୁମ୍ବାଇ,୧୮।୫: ମହାମାରୀ ସମୟରେ ଯୋଗାଯୋଗ ରଖିବାରେ ସହାୟତା କରିବା ଲାଗି ପ୍ରମୁଖ ଟେଲିକମ କମ୍ପାନୀ ଭିଆଇ ପକ୍ଷରୁ ପଦକ୍ଷେପ ନିଆଯାଇଛି। କମ୍ପାନୀ ଏହାର ୬୦ ନିୟୁତ ନିମ୍ନ ଆୟକାରୀ ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍-୧୯ ରିଲିଫ ଅଫର ପ୍ରଦାନ କରିଛି। ଏହାଦ୍ୱାରା ୪୯ ଟଙ୍କିଆ ପ୍ୟାକ ଗ୍ରାହକ ବିନା ମୂଲ୍ୟରେ ଲାଭ କରିପାରିବେ। ଏଥିରେ ୩୮ ଟଙ୍କାର ଟକ୍‌ଟାଇମ, ୧୦୦ ଏମ୍‌ବି ଡାଟା ଏବଂ ୨୮ ଦିନର ବୈଧତା ସହିତ ଉପଲବ୍ଧ ହେବ। ନିମ୍ନ ଆୟକାରୀ ୟୁଜରଙ୍କୁ କମ୍ପାନୀ ସୁବିଧା ଦେବାକୁ ଘୋଷଣା କରିଛି।

# ନିବେଶକ ସମ୍ପତ୍ତି ୫.୭୮ ଲକ୍ଷ କୋଟି ବଢ଼ିଲା

## ସେନ୍‌ସେକ୍ସ ୬୧୨.୬୦ ପଏଣ୍ଟ ଉଠିଲା

ମୁମ୍ବାଇ,୧୮।୫

ଲଗାତର ଦ୍ୱିତୀୟ ଦିନ ଲାଗି ଭାରତୀୟ ପୁଞ୍ଜିବଜାରରେ କାରବାର ଉନ୍ନତ ରହିଛି। ଫଳରେ ନିବେଶକଙ୍କ ସମ୍ପତ୍ତି ୫.୭୮ ଲକ୍ଷ କୋଟି ଟଙ୍କା ବୃଦ୍ଧି ଘଟିଛି। ନିବେଶକ ମଙ୍ଗଳବାର ନୂଆକରି ୨.୭୪ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ଯୋଡ଼ିପାରିଛନ୍ତି। ଗତ ୨ ଦିନରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୧,୪୬୧ ପଏଣ୍ଟ(୨.୯୯%) ବୃଦ୍ଧି ପାଇଛି। ମଙ୍ଗଳବାର ସେନ୍‌ସେକ୍ସ ୬୧୨.୬୦ ପଏଣ୍ଟ (୧.୨୪%) ବୃଦ୍ଧି ପାଇ ୫୦ ହଜାର ପଏଣ୍ଟ ଟପିଛି। ଗତ ୨ ଦିନରେ ଶେୟାର ବଜାରରେ କାରବାର ଉନ୍ନତ ହେବା ଯୋଗୁ କମ୍ପାନୀଗୁଡିକର ବଜାର ପୁଞ୍ଜୀକରଣ ୫.୭୮ ଲକ୍ଷ କୋଟି ଟଙ୍କା ବଢି ୨୧୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।

ବିଶ୍ୱ ବଜାରରେ ସ୍ଥିତାବସ୍ଥା ଏବଂ କୋଭିଡ୍ ସଂକ୍ରମଣ ସାମାନ୍ୟ କମିବା ଯୋଗୁ ନିବେଶକଙ୍କ ଉପରେ ଏହାର ପ୍ରଭାବ ପଡିଛି ବୋଲି ରେଲିଗାରେ ବ୍ରୋକିଂ ଲିମିଟେଡ୍‌ର ରିସର୍ଚ୍ଚ ବିଭାଗ ଉପସଭାପତି ଅଜିତ ମିଶ୍ର କହିଛନ୍ତି। ଚଳିତ ବର୍ଷ ଶେଷ ଥର ଲାଗି ଏପ୍ରିଲ ପହିଲାରେ ବିଏସ୍‌ଇ ୫୦ ହଜାର ପଏଣ୍ଟ ଉର୍ଦ୍ଧ୍ୱରେ ବନ୍ଦ ହୋଇଥିଲା। ମଙ୍ଗଳବାର ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସବୁ ଠାରୁ ଭଲ କାରବାର କରିଛି। ଏହାର ଶେୟାର ପ୍ରାୟ ୬% ବୃଦ୍ଧି ପାଇଛି। ଏହାବାଦ ବଜାଜ ଅଟୋ, ଟାଇଟାନ, ବଜାଜ ଫାଇନାନ୍ସ ଏବଂ ଏଚ୍‌ଡିଏଫ୍‌ସି ବ୍ୟାଙ୍କର କାରବାର ମଧ ବେଶ୍ ଭଲ ରହିଛି।

କାରବାର କ୍ଷତି ସହିଥିବା କମ୍ପାନୀଗୁଡ଼ିକ ମଧ୍ୟରେ ଏୟାରଟେଲ, ଆଇଟିସି, ଡ. ରେଡିସ, ଏସ୍‌ବିଆଇ, ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍ ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ବିଏସ୍‌ଇ ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ସୂଚକାଙ୍କ ପ୍ରାୟ ୧.୮୭% ଉର୍ଦ୍ଧ୍ୱରେ ରହି ବନ୍ଦ ହୋଇଛି। ବିଭିନ୍ନ କ୍ଷେତ୍ର କଥା ବିଚାରକୁ ନେଲେ ବିଏସ୍‌ଇ ଅଟୋ, ଇଣ୍ଡଷ୍ଟ୍ରିଆଲ, କଞ୍ଜ୍ୟୁମର ଡ୍ୟୁରେବଲ, କ୍ୟାପିଟାଲ ଗୁଡ୍ସ, ପାୱାର ଏବଂ ୟୁଟିଲିଟି ସୂଚକାଙ୍କ ପ୍ରାୟ ୩.୧୯% ବଢିଛି। ଏହାବାଦ ଟେଲିକମ୍ ଏବଂ ଏଫ୍‌ଏମ୍‌ସିଜି ସୂଚକାଙ୍କ ୧.୬୬% ହ୍ରାସ ହୋଇଥିବା ଷ୍ଟକ୍ ବଜାର ପକ୍ଷରୁ ସୂଚନା ମିଳିଛି।



# ‘ଭାକ୍ସିନ ସାର୍ବଜନୀନ ହେଲେ ଅର୍ଥ ବ୍ୟବସ୍ଥାରେ ଉନ୍ନତି’

ମୁମ୍ବାଇ,୧୮।୫

ବର୍ତ୍ତମାନ ଦେଶ ମଧ୍ୟରେ କରୋନା ଦ୍ୱିତୀୟ ଲହର ବୃହତ୍ ପରିମାଣର କ୍ଷତି ପହଞ୍ଚାଉଛି। ଲୋକଙ୍କୁ ଆବଶ୍ୟକ ମୁତାବକ ଟିକା ମିଳିପାରୁ ନାହିଁ। ଚାହିଦା ଅନୁସାରେ ସବୁ ଲୋକଙ୍କୁ ଯଦି ଭାକ୍ସିନ ପ୍ରଦାନ କରାଯାଏ ତେବେ ଏହା ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବ। ଏହାବାଦ ବିଶ୍ୱ ଆର୍ଥିକ ବ୍ୟବସ୍ଥାରେ ସୁଧାର ସହ ଆର୍ଥିକ ସ୍ଥିତିରେ ଉନ୍ନତି ଏବଂ ଆର୍ଥିକ କାର୍ଯ୍ୟକଳାପକୁ ବଢ଼ାଇବ ବୋଲି ଆର୍‌ବିଆଇ ମନିଟାରି ପଲିସି ସଦସ୍ୟ ଅସୀମା ଗୋୟଲ ମଙ୍ଗଳବାର କହିଛନ୍ତି।

ସେ ପୁଣି କହିଛନ୍ତି, ଭାରତ ବର୍ତ୍ତମାନ କରୋନା ଲଢ଼େଇ ଜାରି ରଖିଛି। ବର୍ତ୍ତମାନର ଲକ୍‌ଡାଉନ ଗତବର୍ଷ ଭଳି ବେଶି କ୍ଷତି ପହଞ୍ଚାଇବ ନାହିଁ। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସଠାରୁ ଏହାର ଅବଧି ନ ବଢ଼ାଇବାର ଆବଶ୍ୟକତା ରହିଛି। ଭାରତ ନିକଟରେ ଭାକ୍ସିନ ଉତ୍ପାଦନର କେନ୍ଦ୍ର ହେବାରେ ପ୍ରଭାବ ପକାଇଥିବା ଆର୍‌ବିଆଇ ନିକଟରେ କହିଥିଲା। ଏହି ପରିପ୍ରେକ୍ଷୀରେ ଅସୀମା କୁହନ୍ତି, ବର୍ତ୍ତମାନର କଟକଣା ଯୋଗାଣ ଚେନ୍‌କୁ ବେଶି ପ୍ରଭାବିତ କରିପାରିବ ନାହିଁ। ସାରା ଦେଶକୁ ଲକ୍‌ଡାଉନ କରିବା ପରିବର୍ତ୍ତେ ଆଂଶିକ ଭାବେ ଆଞ୍ଚଳିକ ଲକ୍‌ଡାଉନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ମହାମାରୀ ଫଳରେ ସରକାରଙ୍କ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ଲକ୍ଷ୍ୟ ଲାଗି ଅଧିକ ସମୟ ଲାଗିବ। ହେଲେ ମହାମାରୀ ପ୍ରଭାବ ବଜାରରୁ ଏବେ ଯାଏ ଶେଷ ହୋଇନାହିଁ ବୋଲି ସେ ମତ ପ୍ରକାଶ କରିଛନ୍ତି।



# ଓଡ଼ିଆ ଉଦ୍ୟୋଗୀଙ୍କ ଷ୍ଟାର୍ଟଅପ୍ ‘ଫାଇଭଇ’

## ଭିଡିଓ କଲିଂରେ ଡାକ୍ତରୀ ପରାମର୍ଶ ସୁବିଧା

ଭୁବନେଶ୍ୱର,୧୮।୫

କୋଭିଡ୍‌ର ଦ୍ୱିତୀୟ ଲହର ଯୋଗୁ ବର୍ତ୍ତମାନ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଚ୍ୟାଲେଞ୍ଜିଂ ସ୍ଥିତି ଉପୁଜିଛି। ବର୍ତ୍ତମାନର ସଙ୍କଟ ସ୍ଥିତିରେ ହସ୍ପିଟାଲ ଯିବା କିମ୍ବା ଡାକ୍ତରଙ୍କୁ ପରାମର୍ଶ କରିବାରେ ବିଭିନ୍ନ ସମସ୍ୟା ଉପୁଜୁଛି। ଏହାକୁ ଧ୍ୟାନରେ ରଖି ଅନ୍‌ଲାଇନ ମାଧ୍ୟମରେ ଡାକ୍ତରୀ ପରାମର୍ଶ ସହ ସ୍ୱାସ୍ଥ୍ୟ ସମ୍ପର୍କିତ ଅନ୍ୟ ସମାଧାନ ଯୋଗାଇ ଦେଉଛି ଷ୍ଟାର୍ଟଅପ୍ କମ୍ପାନୀ ଫାଇଭଇ ହେଲ୍‌ଥକେୟାର। ଓଡ଼ିଆ ଉଦ୍ୟୋଗୀ ସୁଦର୍ଶନ ପରିଡ଼ା ଏହି ଷ୍ଟାର୍ଟଅପ୍ ସ୍ଥାପନ କରିଛନ୍ତି।

ଭିଡିଓକଲ୍ ମାଧ୍ୟମରେ ତ୍ୱରିତ ଭାବେ ଡାକ୍ତରୀ ପରାମର୍ଶ ସେବା ଏହାଦ୍ୱାରା ମିଳିପାରୁଛି। ଏସ୍.କେ. ଆର୍ଥ ହେଲ୍‌ଥକେୟାରର ଏକ ୟୁନିଟ ଭାବେ ଏହି ଷ୍ଟାର୍ଟଅପ୍ କାର୍ଯ୍ୟ କରୁଛି। ଆପ୍ ଷ୍ଟୋରରୁ ମୋବାଇଲ ଆପ୍ ଡାଉନଲୋଡ କରି ଲୋକମାନେ ଭିଡିଓ ଭିତ୍ତିକ ପରାମର୍ଶ ସେବା ତ୍ୱରିତ ଭାବେ ଲାଭ କରିପାରିବେ।



ସୁଦର୍ଶନ ପରିଡ଼ା

ସେହିଭଳି ଟେକ୍ନୋଲୋଜିର ବେଶି ବ୍ୟବହାର ଜାଣି ନ ଥିବା ଲୋକଙ୍କ ଲାଗି ଫାଇଭଇ ପକ୍ଷରୁ ଇ-କ୍ଲିନିକ ବ୍ୟବସ୍ଥା କରାଯାଇଛି। ଅଦ୍ୟାବଧି ରାଜ୍ୟରେ ୪୦୦ କ୍ଲିନିକ ସହ କମ୍ପାନୀ ଯୋଡ଼ି ହୋଇଛି। କୋଭିଡ୍ ସ୍ଥିତି ସୁଧୁରିଲେ ଏହା ୧୦୦୦ ଛୁଇଁବ ବୋଲି କମ୍ପାନୀର ପ୍ରତିଷ୍ଠାତା ତଥା ସିଇଓ ସୁଦର୍ଶନ ପରିଡ଼ା କହିଛନ୍ତି।

ସେ କୁହନ୍ତି, ଡାକ୍ତରୀ ପରାମର୍ଶ ପାଇବା ପାଇଁ ଲୋକଙ୍କୁ ଅଧିକ ଅର୍ଥ ଏବଂ ସମୟ ମଧ ଖର୍ଚ୍ଚ କରିବାକୁ ପଡୁଛି। ଏହାକୁ ସରଳ କରିବା ସହ ସୁଲଭ ମୂଲ୍ୟରେ ସେବା ଯୋଗାଣ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛୁ। ପଶ୍ଚିମ ଓଡ଼ିଶା ସମେତ ତୃଣମୂଳ ସ୍ତରରେ ସମସ୍ୟା ସାମ୍ନା କରୁଥିବା ଲୋକଙ୍କ ଲାଗି ଅଧିକ ସଂଖ୍ୟକ ଇ-କ୍ଲିନିକ ଖୋଲିବାକୁ ମଧ ଯୋଜନା ରଖାଯାଇଛି। ୧୦୦ ସ୍ପେଶାଲିଷ୍ଟ ଡାକ୍ତରଙ୍କ ଦ୍ୱାରା ଇନ୍-କ୍ଲିନିକ ଏବଂ ଅନ୍‌ଲାଇନ କନ୍‌ସଲଟେଶନ ସହ ସହଜ ଲାବ୍ ଟେଷ୍ଟ ଏବଂ ମେଡିସିନ ଡେଲିଭରି ସୁବିଧା କରାଯାଉଛି। ଲୋକମାନେ ଭଲ ହସ୍ପିଟାଲରେ କିଭଳି ସ୍ୱାସ୍ଥ୍ୟ ସୁବିଧା ପାଇବେ ସେ ନେଇ ବ୍ୟବସ୍ଥା ମଧ କରାଯାଇଛି।

ସେହିଭଳି ବ୍ୟକ୍ତିଗତ ହେଲ୍‌ଥ ଟ୍ରାକିଂ ଆଇଓଟି ଡିଭାଇସ, ଫିଟ୍‌ନେସ ଡିଭାଇସ, ହେଲ୍‌ଥ ମନିଟରିଂ ପାଇଁ ଟେକ୍ନୋଲୋଜି, କ୍ରନିକ ଡିଜିଜ ପାଇଁ ରିୟଲ ଟାଇମ ଇଣ୍ଟରଭେନଶନ ସୁବିଧା ରହିଛି ବୋଲି ପରିଡା ମତ ପ୍ରକାଶ କରିଛନ୍ତି।

### ୧୨ ନିୟୁତ ଭୁଲ୍ ସୂଚନା ହଟାଇଛି ଫେସ୍‌ବୁକ

ନୂଆଦିଲ୍ଲୀ,୧୮।୫

କୋଭିଡ୍-୧୯ ସମ୍ପର୍କିତ ଭୁଲ୍ ସୂଚନା ବିରୋଧରେ ଲଢ଼ିବାରେ ସହାୟତା କରିବା ପାଇଁ ଫେସ୍‌ବୁକ୍ ପୂର୍ବ ତୁଳନାରେ ଆହୁରି ଅଧିକ ତତ୍ପର ହୋଇ କାର୍ଯ୍ୟ କରୁଛି। ମହାମାରୀ ସମୟରେ ବିଶ୍ୱବ୍ୟାପୀ ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ୍‌ରୁ କୋଭିଡ୍-୧୯ ଉପରେ ୧୨ ମିଲିୟନରୁ ଅଧିକ କ୍ଷତିକାରକ ମିଥ୍ୟା ସୂଚନା ହଟାଯାଇଛି। ଟିକା ସମ୍ପର୍କରେ ଭୁଲ୍ ତଥ୍ୟ ମଧ ଏଥିରେ ସାମିଲ ରହିଛି। କୋଭିଡ୍-୧୯ ସମ୍ପର୍କିତ ମିଥ୍ୟା ସୂଚନାଗୁଡ଼ିକୁ ଚିହ୍ନଟ କରିବା, ଲୋକଙ୍କୁ ସଚେତନ ଓ ସୂଚିତ କରିବା ପାଇଁ ଭାରତରେ କମ୍ପାନୀ ଏକ ନୂତନ ଅଭିଯାନ ଆରମ୍ଭ କରୁଛି। ଏଥିପାଇଁ ୬ଟି ସହଜ ଟିପ୍ ବିକଶିତ କରିଛି। ଏହି ଟିପ୍‌ଗୁଡିକ ଏକାଧିକ ସୃଜନଶୀଳ ବିଜ୍ଞାପନର ଏକ ସିରିଜ ଓ ଏକ ସମର୍ପିତ ମାଇକ୍ରୋସାଇଟ୍ ଲିଙ୍କ୍ ମାଧ୍ୟମରେ ଫେସ୍‌ବୁକ୍‌ରେ ପ୍ରଦର୍ଶିତ ହେବ। ଏହି କ୍ୟାମ୍ପେନ୍ ଓ ୱେବ୍‌ସାଇଟ୍‌କୁ ଇଂଲିଶ ଓ ୯ଟି ଭାରତୀୟ ଭାଷାରେ ଆରମ୍ଭ କରାଯିବ।

# ହୋଣ୍ଡା ପକ୍ଷରୁ ୱାରେଣ୍ଟି, ଫ୍ରି ସର୍ଭିସର ସମ୍ପ୍ରସାରଣ

ଭୁବନେଶ୍ୱର,୧୮।୫

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଏହାର ୱାରେଣ୍ଟି ଓ ନିଃଶୁଳ୍କ ସର୍ଭିସକୁ ସର୍ବଭାରତୀୟ ସ୍ତରରେ ସମ୍ପ୍ରସାରଣ କରାଯାଇଛି। କମ୍ପାନୀ ତା’ର ଗ୍ରାହକ ଓ ସହଯୋଗୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ପ୍ରଦାନ କରି ୩୧ ଜୁଲାଇ ୨୦୨୧ ପର୍ଯ୍ୟନ୍ତ ଏହି ସୁବିଧାକୁ ବଢ଼ାଇ ଦେଇଛି। ଏହି ସମ୍ପ୍ରସାରଣ କେବଳ ହୋଣ୍ଡା ଟୁ ହ୍ୱିଲର୍ସ ଇଣ୍ଡିଆର ସମସ୍ତ ଗ୍ରାହକଙ୍କ ପାଇଁ ଲାଗୁ ହେବ ବୋଲି ସୂଚନା ମିଳିଛି। ଗାଡ଼ିର ନିଃଶୁଳ୍କ ସର୍ଭିସ, ୱାରେଣ୍ଟି ଓ ବର୍ଦ୍ଧିତ ୱାରେଣ୍ଟି ୨୦୨୧ ଏପ୍ରିଲ ୧ ରୁ ମେ ୩୧ ମଧ୍ୟରେ ଶେଷ ହେଉଥିଲେ ଏଭଳି ସୁବିଧା ମିଳିବ। ସେହିଭଳି ଏହି ଗ୍ରାହକ କେନ୍ଦ୍ରିକ ପଦକ୍ଷେପର ଲକ୍ଷ୍ୟ ହେଉଛି ଯେ ବିଭିନ୍ନ ରାଜ୍ୟରେ ଗ୍ରାହକମାନେ ଗମନାଗମନ କଟକଣାର ସାମ୍ନା କରୁଥିବା ବେଳେ ସେମାନଙ୍କୁ ଲକ୍‌ଡାଉନ କୋହଳ ହେବା ପରେ କୌଣସି ପରବର୍ତ୍ତୀ ତାରିଖରେ ସେମାନଙ୍କ ସୁବିଧା ଅନୁସାରେ ୨୦୨୧ ଜୁଲାଇ ୩୧ ମଧ୍ୟରେ ଉକ୍ତ ସେବା ଗୁଡିକୁ ପ୍ରଦାନ କରିବାରେ ସହାୟତା ଦେବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ରାଜ୍ୟ ଖବର

### ଲ୍ୟାଣ୍ଡମାଇନ ବିସ୍ଫୋରଣ ଯବାନ ଶହୀଦ, ଜଣେ ଗୁରୁତର

ମାଲକାନଗିରି,୧୮।୫ (ଡି.ଏନ.ଏ.)

ମାଲକାନଗିରି ଜିଲା ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲାରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମଙ୍ଗଳବାର ଜଣେ ଯବାନ ଶହୀଦ ହୋଇଛନ୍ତି। ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡିଛି। ଶହୀଦ ଯବାନଙ୍କ ନାମ ଥରେନ୍ଦ୍ର କୁମାର ନାୟକ। ଗୁରୁତର ଯବାନ ଜଣକ ହେଲେ ଅମର ଠାକୁର। ଛତିଶଗଡ଼ ବିଜାପୁର ଜିଲାର କୁଟେରୁ ଥାନା ଅନ୍ତର୍ଗତ ଆମ୍ବେଲି ଜଙ୍ଗଲ ରାସ୍ତାରେ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ୍‌କରି ଲ୍ୟାଣ୍ଡମାଇନ୍ ବିଛାଇଥିଲେ। ଏହା ସଂସ୍ପର୍ଶରେ ଆସିବାରୁ ଜଣେ ଯବାନ ଶହୀଦ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ଅନ୍ୟପକ୍ଷରେ ସୋମବାରଠାରୁ ସିଲଗଡ଼ ଗ୍ରାମରୁ ସିଆରପିଏଫ୍ କ୍ୟାମ୍ପ ଅନ୍ୟତ୍ର ସ୍ଥାନାନ୍ତର ଦାବିରେ ଯବାନ ଓ ଗ୍ରାମବାସୀ ମୁହାଁମୁହିଁ ହୋଇ ରହିଥିବା ବେଳେ ମଙ୍ଗଳବାର ମାଓବାଦୀଙ୍କ ଏପରି ଆକ୍ରମଣ ଯୋଜନା ଯବାନଙ୍କ ମନୋବଳକୁ ଭାଙ୍ଗିଦେବା ଲାଗି ଉଦ୍ଦିଷ୍ଟ। ତେବେ ଲ୍ୟାଣ୍ଡମାଇନ ବିସ୍ଫୋରଣ ପରେ କୋମ୍ବିଂ ଅପରେଶନକୁ ଆହୁରି ଜୋର୍‌ଦାର କରାଯାଇଥିବା ବସ୍ତର ଆଇଜି ପି.ସୁନ୍ଦରରାଜ କହିଛନ୍ତି।

# ୧୦ଦିନ ବ୍ୟବଧାନରେ ଚାଲିଗଲା ବାପପୁଅଙ୍କ ଜୀବନ

## ମିଳିଲାନି ଧାନ ବିକ୍ରି ପ୍ରାପ୍ୟ

- ଜାତୀୟ ମାନବାଧିକାର କମିଶନରେ ଅଭିଯୋଗ
- ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ବକେୟା ଅଛି ୨୨ ଚାଷୀଙ୍କ ୧୨୧୧ କୁଇଣ୍ଟାଲର ଟଙ୍କା

ସମ୍ବଲପୁର,୧୮।୫(ବ୍ୟୁରୋ)

ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନ ସଂଗ୍ରହ ନୀତି ଓ ଜିଲା ପ୍ରଶାସନର ଅବହେଳା ସମ୍ବଲପୁରର ଏକ ଚାଷୀ ପରିବାରକୁ ସର୍ବସ୍ୱାନ୍ତ କରିଦେଇଛି। ପ୍ରଥମେ ଧାନ ବିକ୍ରିରେ ସମସ୍ୟା ଓ ପରେ ଧାନ ବିକ୍ରି ଟଙ୍କା ନ ପାଇ ବାମରା ବ୍ଲକ ବାଘପଡାର ଏହି ଚାଷୀ ପରିବାର ମାନସିକ ଚାପରେ ଥିଲେ। ଏପରିସ୍ଥଳେ ପରିବାର ମୁଖିଆ ଡିଲେଶ୍ୱର ପଟେଲ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିଲେ। ଧାନବିକ୍ରି ପ୍ରାପ୍ୟ ମିଳି ନ ଥିବାରୁ ଉତ୍ତମ ଚିକିତ୍ସା ନ ପାଇ ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର ୧୦ ଦିନ ବ୍ୟବଧାନରେ ତାଙ୍କର ଏକମାତ୍ର ପୁଅ ସୁନୀଲ (୩୮) ମଧ୍ୟ କୋଭିଡ୍ ସଂକ୍ରମିତ ହୋଇ ହୃଦ୍‌ରୋଗରେ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଜୟ କିଶାନ ଆଦିମ କୃଷକ ସୁରକ୍ଷା ସଂଗଠନ ପକ୍ଷରୁ ଜାତୀୟ ମାନବାଧିକାର କମିଶନ ପାଖରେ ଅଭିଯୋଗ କରାଯାଇଛି।

ସଂଗଠନ ଆବାହକ ଯୋଗ ବିହାରୀ ପରିଡା ଅଭିଯୋଗରେ ଦର୍ଶାଇଛନ୍ତି, ଡିଲେଶ୍ୱର ଓ ପୁଅ ସୁନୀଲଙ୍କ ମୃତ୍ୟୁ ପାଇଁ ରାଜ୍ୟ ସରକାର ଓ ସ୍ଥାନୀୟ ଜିଲା ପ୍ରଶାସନ ଦାୟୀ। ଦିଲେଶ୍ୱର ପ୍ରାୟ ୫ ଏକର ଜମି ଚାଷ କରନ୍ତି। ଗତ ଖରିଫରେ ସୁନୀଲ ଧାନ ବିକ୍ରି କରିବା ପାଇଁ ସ୍ଥାନୀୟ ଏସ୍‌ଏଚ୍‌ଜିରେ ନାମ ପଞ୍ଜୀକରଣ କରିଥିଲେ। ତାଙ୍କ ପଞ୍ଜୀକରଣ ଆଇଡି ୧୦୦୫ରେ ମୋଟ ୬୬ କୁଇଣ୍ଟାଲ ୨୨ କେଜି ଧାନ ବିକ୍ରି କରିବା ପାଇଁ ଟୋକନ ଆସିଥିଲା। ୨୦୨୦ ଡିସେମ୍ବର ୧୬ ତାରିଖରେ ଧାନ ବିକ୍ରି କରିବାକୁ ଦିନ ଧାର୍ଯ୍ୟ ହୋଇଥିଲା। ଧାନ କିଣା ନୀତିରେ ଅବ୍ୟବସ୍ଥା ଓ ଏସ୍‌ଏଚ୍‌ଜି ମହିଳାଙ୍କ ଭୁଲ ଯୋଗୁ ମଣ୍ଡିରେ ପ୍ରାୟ ୩ମାସ ଧରି ଧାନ ପଡିରହିଥିଲା। ଆନ୍ଦୋଳନ କରିବା ପରେ ଧାନ ଉଠାଯାଇଥିଲା। କିନ୍ତୁ ଟଙ୍କା ମିଳିପାରି ନ ଥିଲା। ବାରମ୍ବାର ଯୋଗାଣ ବିଭାଗ ଅଫିସ ଦୌଡି ନୟାନ୍ତ ହୋଇଯାଇଥିଲେ। ଏଭଳି ସମୟରେ ଡିଲେଶ୍ୱର କୋଭିଡ୍‌ରେ ଆକ୍ରାନ୍ତ ହୋଇଥିଲେ। ତାଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାର ଓ ପରେ ରାଉରକେଲାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ମେ ୫ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାର ଲୋକେ ଘରୋଇ ମେଡିକାଲକୁ ବହୁ କଷ୍ଟରେ ଟଙ୍କା ଦେଇଥିଲେ। କିଛିଦିନ ପରେ ତାଙ୍କ ପୁଅ ଯୁବ ଚାଷୀ ସୁନୀଲ କୋଭିଡ୍‌ରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଚିକିତ୍ସିତ ହେଉଥିଲେ। ଗତ ୧୫ତାରିଖରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଧାନ ବିକ୍ରି ପ୍ରାପ୍ୟ ନ ମିଳିବାରୁ ଶେଷରେ ବାପପୁଅ ଜୀବନ ହାରିଦେଲେ। ଏବେ ତାଙ୍କ ପରିବାରରେ ଡିଲେଶ୍ୱରଙ୍କ ବିଧବା ସ୍ତ୍ରୀ ଓ ୩ଜଣ ବିଧବା ଝିଅ ଅଛନ୍ତି। ପୁରୁଷଶୂନ୍ୟ ଏହି ପରିବାର ଚଳିବା ପାଇଁ କଷ୍ଟକର ହୋଇପଡିଛି। ଏ ଦିଗରେ ତଦନ୍ତ କରି ଏଥିପାଇଁ ଦାୟୀ ସରକାର ଓ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିଡା ଦାବି କରିଛନ୍ତି। ଏହାଛଡା ମୋଟ ୨୨ଜଣ ଚାଷୀ ୧୨୧୧.୬୨ କୁଇଣ୍ଟାଲ ଧାନ ବିକ୍ରି କରି ଟଙ୍କା ପାଇ ନାହାନ୍ତି। ସେମାନଙ୍କ ପରିବାର ବହୁ କଷ୍ଟରେ ଚଳୁଛନ୍ତି। ତୁରନ୍ତ ସେମାନଙ୍କୁ ମଧ ଧାନ ବିକ୍ରି ପ୍ରାପ୍ୟ ଦିଆଯାଉ ବୋଲି ସେ ଦାବି କରିଛନ୍ତି।



ଅସହାୟ ହୋଇପଡିଥିବା ପରିବାରର ୪ ମହିଳା।

# କେନ୍ଦ୍ରରୁ ଅର୍ଥ ପ୍ରାପ୍ତିରେ ବିଳମ୍ବ ଲାଗି ଧିମେଇଛି ଏମ୍‌ଜିଏନ୍‌ଆର୍‌ଇଜିଏସ୍

ଭୁବନେଶ୍ୱର,୧୮।୫(ବ୍ୟୁରୋ)

## ନବରଙ୍ଗପୁର, ରାୟଗଡ଼ା ଜିଲାପାଳଙ୍କ ସହ ଯୋଜନା ବୋର୍ଡ ଉପାଧକ୍ଷଙ୍କ ସମୀକ୍ଷା

ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା ଭର୍ଚୁଆଲରେ ମଙ୍ଗଳବାର ରାୟଗଡ଼ା ଓ ନବରଙ୍ଗପୁରରେ ଜିଲା କୋଭିଡ୍ ପରିଚାଳନାର ବିସ୍ତୃତ ସମୀକ୍ଷା କରିଛନ୍ତି। ଉଭୟ ଜିଲାରେ ପରୀକ୍ଷଣ, ଟିକାକରଣ, ସ୍ୱତନ୍ତ୍ର ରାଶନ ସାମଗ୍ରୀ ବଣ୍ଟନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ , ରବି ଫସଲ ସଂଗ୍ରହ ଆଦି କାର୍ଯ୍ୟ ସମ୍ପାଦନ ସମୟରେ କୋଭିଡ୍ ନିୟମର ଅନୁପାଳନ କରିବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍ ସମୟରେ ସ୍ୱତନ୍ତ୍ର ରାଶନ ସାମଗ୍ରୀ ଯୋଗାଣକୁ ବ୍ୟବସ୍ଥିତ କରିବା ଉପରେ ମଧ ଧ୍ୟାନଦେବା ଲାଗି ସେ ପରାମର୍ଶ ଦେଇଛନ୍ତି। ଗ୍ରାମାଞ୍ଚଳରେ କର୍ମନିଯୁକ୍ତି ଏବଂ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ କର୍ମଦିବସ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ସହ ଉଭୟ ଜିଲାର ଜିଲାପାଳ କେନ୍ଦ୍ର ସରକାରଙ୍କଠାରୁ ଅର୍ଥପ୍ରାପ୍ତିରେ ବିଳମ୍ବ ହେଉଥିବା ଅଭିଯୋଗ କରିଛନ୍ତି; ଯେଉଁଥିଲାଗି ଏମ୍‌ଜିଏନ୍‌ଆର୍‌ଜିଏସ୍ କାର୍ଯ୍ୟକ୍ରମରେ ବର୍ତ୍ତମାନ ଶିଥିଳତା ଦେଖାଦେଇଛି ବୋଲି ପ୍ରକାଶ କରିଛନ୍ତି। ଏହି ଅବସରରେ ସଞ୍ଜୟ କହିଛନ୍ତି, ଚଳିତ ବର୍ଷ ରବି ଫସଲ ସଂଗ୍ରହ ମୂଳରୁ ବ୍ୟବସ୍ଥିତ କରିବା ଜରୁରୀ। ନବରଙ୍ଗପୁରରୁ ଛତିଶଗଡ଼ ଓ ରାୟଗଡ଼ାକୁ ସଂଯୋଗ କରୁଥିବା ଆନ୍ଧ୍ର ସୀମାରେ କୋଭିଡ୍ କଟକଣା କଡ଼ାକଡ଼ି ଲାଗୁ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଟିକାକରଣ ଓ ପରୀକ୍ଷଣକୁ ସୁବ୍ୟବସ୍ଥିତ ଢଙ୍ଗରେ କୋଭିଡ୍ ନିୟମ ଅନୁପାଳନ ସହିତ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା ଉପସ୍ଥିତ ରହି ଏହି ସମ୍ପ୍ରଦାୟ ମଧ୍ୟରେ ସଂକ୍ରମଣ ବଢୁଥିବାରୁ ଉଭୟ ଜିଲାରେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ଜରିଆରେ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଛନ୍ତି। ୨ ଜିଲାରେ ଆଦିମ ଜନଜାତି ସମ୍ପ୍ରଦାୟଙ୍କର ଅଧିକରୁ ଅଧିକ କୋଭିଡ୍ ପରୀକ୍ଷଣ ଲାଗି ଜିଲାପାଳଙ୍କୁ କୁହାଯାଇଛି।

# ୬୨ ଡଙ୍ଗରିଆଙ୍କ ଆର୍‌ଟି-ପିସିଆର ପାଇଁ ସ୍ୱାବ୍ ସଂଗ୍ରହ

## ସରପଞ୍ଚ, ଆଦିବାସୀ ନେତା ବୁଝାଇବା ପରେ ରାଜି ହେଲେ

ବିଷମକଟକ, ୧୮।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ କୁର୍ଲି ପଞ୍ଚାୟତ ଗନ୍ଧିଲି ଗ୍ରାମରେ ଆଦିମ ଜନଜାତିଙ୍କ ପାଇଁ କରୋନା ଆର୍‌ଟି-ପିସିଆର୍ ଟେଷ୍ଟ ବ୍ୟବସ୍ଥା କରାଯାଇଥିଲା। ଚାଟିକଣାସ୍ଥିତ କନ୍ଧ ଉନ୍ନୟନ ସଂସ୍ଥା ଏବଂ ବିଷମକଟକ ବ୍ଲକ ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମଙ୍ଗଳବାର ୬୨ ଡଙ୍ଗରିଆ ସେମାନଙ୍କ ସ୍ୱାବ୍ ଦେଇଥିବା ଡିକେଡିଏ ପ୍ରକଳ୍ପ ପରିଚାଳକ ସୁଦର୍ଶନ ପାଢ଼ୀ ସୂଚନା ଦେଇଛନ୍ତି। ଡଙ୍ଗରିଆଙ୍କୁ ସେମାନଙ୍କ କୁଇ ଭାଷାରେ ସଚେତନ କରି ସୋମବାର ଏକ ରଥ ସୁରକ୍ଷା ବାର୍ତ୍ତା ପ୍ରଚାର କରିଥିଲା। ଏହାର ଫଳ ସ୍ୱରୂପ ସେମାନେ ମଙ୍ଗଳବାର ଟେଷ୍ଟ କରାଇବାକୁ ରାଜି ହୋଇଥିଲେ ବୋଲି ଜଣାପଡିଛି। ଏହି ଅବସରରେ ନେତା କୁର୍ଲି ସରପଞ୍ଚ ଡ୍ରିଂଜ ଜାକାସିକା, ଆଦିବାସୀ ନେତା ଜିତୁ ଜାକାସିକାଙ୍କ ସମେତ ଏହି ଅବସରରେ ବିଷମକଟକ ବିଡିଓ ଆଲବର୍ଟ ଲାକ୍ରା ଉପସ୍ଥିତ ଥିଲେ।

ସୂଚନା ଅନୁଯାୟୀ, ଗନ୍ଧିଲି ଗ୍ରାମର ଜଣେ ବ୍ୟକ୍ତି କରୋନା ସଂକ୍ରମିତ ବୋଲି ୨ ଦିନ ତଳେ ଜଣାପଡ଼ିଥିଲା। ସୋମବାର ଡିକେଡିଏ ପ୍ରକଳ୍ପ ପ୍ରଶାସକ ସେଠାକୁ ଯାଇ କୋଭିଡ୍ ସ୍ଥିତି ସମୀକ୍ଷା କରିଥିଲେ। ନିୟମଗିରି ଲୋକେ ପୂଜାର୍ଚ୍ଚନାରେ ବିଶେଷ ବିଶ୍ୱାସ କରୁଥିବାରୁ ସେମାନଙ୍କୁ ବୁଝାଶୁଝା କରିବା କଷ୍ଟକର ଥିଲା। କିନ୍ତୁ ସରପଞ୍ଚ ଡ୍ରିଂଜ ଜାକାସିକା ଏବଂ ଆଦିବାସୀ ନେତା ତଥା ବିଏସ୍‌ପି ଜିଲା ସଭାପତି ଜିତୁ ଜାକାସିକା ଲୋକଙ୍କୁ ବୁଝାଶୁଝା କରି କରୋନା ଟେଷ୍ଟ ପାଇଁ ରାଜି କରାଇଥିଲେ। କୁର୍ଲି ସରପଞ୍ଚ ଏବଂ ଜିତୁ ଜାକାସିକାଙ୍କୁ ସ୍ଥାନୀୟ ପ୍ରଶାସନ ଏବଂ କନ୍ଧ ଉନ୍ନୟନ ସଂସ୍ଥା ଅଧିକାରୀ ଧନ୍ୟବାଦ ଦେଇଛନ୍ତି। ଏବେ ସେମାନଙ୍କ ଟେଷ୍ଟ ରିପୋର୍ଟ ଉପରେ ନଜର ରହିଛି।



ଜଣେ ଡଙ୍ଗରିଆ ମହିଳାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଉଛି।

### ବିଦ୍ୟୁତ୍ ଆଘାତରେ ଶ୍ରମିକ ମୃତ

ଜଟଣୀ,୧୮।୫(ଡି.ଏନ୍.ଏ.)

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଟାଙ୍ଗିଭିଁସର ଅଞ୍ଚଳର ହଟକିଶୋର ବାରିକ। ମଙ୍ଗଳବାର ହଟକିଶୋର ଖୋର୍ଦ୍ଧା ଜିଲା ଜଟଣୀ ପୌରପରିଷଦ ଅଧୀନ ଗନ୍ଧଗାଡିଆସାହିର ଶରତ ଦାସଙ୍କ ଶୌଚାଳୟ ନିର୍ମାଣ କାର୍ଯ୍ୟ ପାଇଁ ଆସିଥିଲେ। ଟାଙ୍କି କାର୍ଯ୍ୟ ଆରମ୍ଭ ପାଇଁ ହଟକିଶୋର ମୋଟର ଲଗାଇ ପାଣି ଖାଲି କରିବାକୁ ଶରତଙ୍କୁ କହିଥିଲେ। ପରେ ମୋଟର ସୁଇଚ ଅନ୍ କରିବାରୁ ଟାଙ୍କି ଭିତରେ ଥିବା ହଟକିଶୋର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୪/୨୧)ରୁଜୁ ହୋଇଛି।

# ପୋଖରୀରୁ କୁମ୍ଭୀର ଉଦ୍ଧାର





ଦିଗପହଣ୍ଡି,୧୮।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଖମାରୀ ଗାଁ ଶଙ୍କରଖାଲି ଗ୍ରାମ ପୋଖରୀରୁ ମଙ୍ଗଳବାର ଏକ କୁମ୍ଭୀର ଉଦ୍ଧାର କରାଯାଇଛି। ସନ୍ତୋଷ କୁମାର ସାହୁଙ୍କ ପୋଖରୀରୁ ମାଛ ଧରାଯାଉଥିବା ବେଳେ କୁମ୍ଭୀରଟି ଜାଲରେ ପଡ଼ିଥିଲା। ଧୀବରମାନଙ୍କ ସହାୟତାରେ ତାହାକୁ ଉଦ୍ଧାର କରି ଦିଗପହଣ୍ଡି ବନବିଭାଗକୁ ଖବର ଦିଆଯାଇଥିଲା। ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ, ବନପାଳ ମୁରଲୀଧର ନାୟକ, ବନରକ୍ଷୀ ନିରଞ୍ଜନ ପ୍ରଧାନ ପ୍ରମୁଖ ଗାଁରେ ପହଞ୍ଚିଥିଲେ। ଦିଗପହଣ୍ଡି ପ୍ରାଣୀ ଚିକିତ୍ସାଳୟ କର୍ମଚାରୀଙ୍କ ସହାୟତାରେ କୁମ୍ଭୀରର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ଘୋଡ଼ାହାଡ଼ ଡ୍ୟାମ୍‌ରେ ଛାଡ଼ି ଦିଆଯାଇଛି। ଗୋ-ମୁହାଁ ପ୍ରଜାତିର ଏହି ବିରଳ କୁମ୍ଭୀରର ଲମ୍ବ ପ୍ରାୟ ୫ ଫୁଟ ଓ ବୟସ ଆନୁମାନିକ ୨ ବର୍ଷର ହେବ ବୋଲି ରେଞ୍ଜର କହିଛନ୍ତି।

# ଜରୁରୀ ସେବା ଯୋଗାଉଥିବା କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କର

**କଟକ ଅଫିସ, ୧୮।୫:** ଅଙ୍ଗନୱାଡ଼ି କର୍ମୀ, ଶିକ୍ଷକ, ପୋଷ୍ଟାଲ କର୍ମଚାରୀ, ମେଡିସିନ ଯୋଗାଣରେ ସମ୍ପୃକ୍ତ ଥିବା କର୍ମଚାରୀ ଏବଂ ଆଇନଜୀବୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରାଯାଉ। କରୋନା ମହାମାରୀ ସମୟରେ ଏହି ବୃତ୍ତିଧାରୀମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଛନ୍ତି। ତେଣୁ ଏହି ସମସ୍ତ ବୃତ୍ତିଧାରୀଙ୍କୁ ରାଜ୍ୟ ସରକାର କରୋନା ଯୋଦ୍ଧା ଭାବେ ଘୋଷଣା କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ମଙ୍ଗଳବାର ଏକ ମାମଲା ରୁଜୁ କରାଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ, ରାଜ୍ୟ ସ୍ୱାସ୍ଥ୍ୟ ସଚିବ, ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି, ଆଗରୁ ରାଜ୍ୟ ସରକାର ଡାକ୍ତର, ନର୍ସ, ପାରା ମେଡିକାଲ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଯଦି ସେମାନେ କରୋନାରେ ମୃତ୍ୟୁବରଣ

### ହାଇକୋର୍ଟରେ ମାମଲା



କରନ୍ତି, ତା'ହେଲେ ସେମାନଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବ। ତେବେ ଏହି ବୃତ୍ତିଧାରୀଙ୍କ ପରି ରାଜ୍ୟର ସମସ୍ତ ଆଇନଜୀବୀ, ଅଙ୍ଗନୱାଡ଼ି କର୍ମୀ, ଶିକ୍ଷକ, ପୋଷ୍ଟମ୍ୟାନ୍, ବିଦ୍ୟୁତ୍ ଯୋଗାଣ କର୍ମଚାରୀ, ଜଳଯୋଗାଣ କର୍ମଚାରୀ, ସମସ୍ତ ମେଡିସିନ୍ ଦୋକାନରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ପାଇଁ ପରିଷଦ ପକ୍ଷରୁ ପୂର୍ବରୁ ସରକାରଙ୍କ ପାଖରେ ଦାବି ହୋଇଥିଲା। ହେଲେ ଏ ନେଇ କୌଣସି ନିଷ୍ପତ୍ତି ନିଆ ନ ଯିବାରୁ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ମା', ଝିଅଙ୍କୁ ହତ୍ୟା ଅଭିଯୋଗ

**ଖୋର୍ଦ୍ଧା ଅଫିସ,୧୮।୫**

- ସନ୍ଦେହଜନକ ଅବସ୍ଥାରେ ମିଳିଲା ମୃତଦେହ
- ପୋଲିସର ତନାଘନା, ସ୍ୱାମୀ ଅଟକ

ଖୋର୍ଦ୍ଧା ଥାନା ଅନ୍ତର୍ଗତ ପାଟପୁରିଆ ଗ୍ରାମରେ ମଙ୍ଗଳବାର ସନ୍ଦେହଜନକ ଅବସ୍ଥାରେ ମା ଓ ଝିଅଙ୍କ ମୃତଦେହ ମିଳିଛି। ମୃତକ ଦ୍ୱୟ ହେଲେ ପାଟପୁରିଆ ଗ୍ରାମର ଶିବ ପ୍ରସାଦ ପତିଙ୍କ ସ୍ତ୍ରୀ ରାଜଶ୍ରୀ ଓ ତାଙ୍କ ୭ବର୍ଷୀୟା ଝିଅ ଶ୍ୱେତା। ଦୁହେଁ ଆତ୍ମହତ୍ୟା କରିଥିବା ଶାଶୁଘରଲୋକେ କହୁଥିବାବେଳେ ଉଭୟଙ୍କୁ ହତ୍ୟା କରାଯାଇଛି ବୋଲି ରାଜଶ୍ରୀଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି। ଏ ନେଇ ଥାନାରେ ରାଜଶ୍ରୀଙ୍କ ପିତା ଅଶ୍ୱିନୀ ପଣ୍ଡା ଯୌତୁକ ନିର୍ଯାତନା ଓ ହତ୍ୟା ଅଭିଯୋଗ କରିବା ପରେ ମୃତଦେହ ଦୁଇଟିକୁ ପୋଲିସ ଜବତ କରିଛି। ଏଥିସହ ୩୦୨ ଦଫାରେ ଏକ ହତ୍ୟା ମାମଲା (ନଂ. ୨୦୩/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଭିତ୍ତିରେ ଶିବପ୍ରସାଦଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚରା କରୁଛି।

ସୂଚନା ଅନୁଯାୟୀ, ୨୦୧୨ରେ ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳର ଅଶ୍ୱିନୀଙ୍କ ଝିଅ ରାଜଶ୍ରୀ ପାଟପୁରିଆ ଗ୍ରାମର ଶିବପ୍ରସାଦଙ୍କୁ ବିବାହ କରିଥିଲେ। ତେବେ ବିବାହ ପରଠାରୁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଲାଗିରହିଥିଲା। କୌଣସି କାରଣକୁ ନେଇ ସର୍ବଦା କଳହ ହେଉଥିଲା। ଝିଅଟିଏ ହେଲା ପରେ ବି ଅଶାନ୍ତି ଦୂର ହୋଇ ନ ଥିଲା। ଶାଶୁ, ଶ୍ୱଶୁର, ସ୍ୱାମୀ ଓ ଝିଅ ସହ ରାଜଶ୍ରୀ ରହୁଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ରାଜଶ୍ରୀ ତାଙ୍କ ମା'ଙ୍କ ସହିତ ଫୋନ୍‌ରେ କଥା ହୋଇଥିଲେ। ଏହାର ଦେଢଘଣ୍ଟା ପରେ ରାଜଶ୍ରୀ ଓ ତାଙ୍କ ଝିଅ ବିଷ ପିଇଦେଇଥିବା ଖବର ମିଳିଥିଲା। ରାଜଶ୍ରୀଙ୍କ ପରିବାରବର୍ଗ ତୁରନ୍ତ ଖୋର୍ଦ୍ଧା ଡାକ୍ତରଖାନାରେ ପହଞ୍ଚି ମା', ଝିଅଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ତେବେ ସେମାନେ ବିଷ ପିଇବା କଥାକୁ ଗ୍ରହଣ କରିପାରିନାହାନ୍ତି। ବ୍ୟାଇଁ ଶିବପ୍ରସାଦ ଉଭୟଙ୍କ ତଣ୍ଟି ଚିପି ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେଇଛନ୍ତି ବୋଲି ରାଜଶ୍ରୀଙ୍କ ମା' ଗଣମାଧ୍ୟମ ଆଗରେ କହିଛନ୍ତି।

ଅନ୍ୟପକ୍ଷରେ ରାଜଶ୍ରୀ କୁଆଡ଼େ ସ୍ୱାମୀଙ୍କ ଚରିତ୍ର ଉପରେ ସନ୍ଦେହ କରୁଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଅଧିକାଂଶ ସମୟରେ ଝଗଡ଼ା ହେଉଥିଲା। ବୋଧହୁଏ ରାଜଶ୍ରୀଙ୍କୁ ରାସ୍ତାରୁ ହଟାଇଦେଲେ, ସବୁ ସମସ୍ୟାର ଅନ୍ତ ଘଟିବ ବୋଲି ଶିବପ୍ରସାଦ ଭାବି ଉଭୟଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ତେବେ ପୋଲିସ କହିଛି ଯେ, ଖୋର୍ଦ୍ଧା ମେଡିକାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରିଥିବାବେଳେ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ।




ରାଜଶ୍ରୀ ଏବଂ ଶ୍ୱେତା

ତୃତୀୟ ବିବାହ ବାର୍ଷିକୀ



ଯଶୋବନ୍ତ
ଓ
ଶୋଭାରାଣୀ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ତୁମ ଦାମ୍ପତ୍ୟ ଜୀବନ ସୁଖମୟ ହେଉ।
-:ଶୁଭେଚ୍ଛା ସହ:-
ବାପା, ବୋଉ, ପିଣ୍ଟୁ, ଅମିତ୍, ଗିନୀ, ଚୁମକୀ, ମାମା, ସୁନା, ତୁନା, କୁନାଭାଇ, ମୁନାଭାଇ, ତପୋୟନାନୀ, ବନ୍ଧୁ ପ୍ରିୟଜନ ଓ ସାଙ୍ଗସାଥି।
ଧ-୨୦୭୪୭

# ମାରଣାସ୍ତ୍ର ଦେଖାଇ ଅଳଙ୍କାର, ଟଙ୍କା ଲୁଟ୍

**ଚୌଦ୍ୱାର, ୧୮।୫(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରାହ୍ମଣସାହିର ଭାଗ୍ୟଧର ବେହେରାଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଲାଇନ୍ ନ ଥିବାରୁ ଭାଗ୍ୟଧର ଘରର ଛାତ ଉପରେ ଶୋଇଥିଲେ। ରାତି ପ୍ରାୟ ସାଢେ ୧ଟାରେ ଦୁଇଜଣ ଦୁର୍ବୃତ୍ତ ଛାତ ଉପରେ ଚଢିବା ସହ ଭାଗ୍ୟଧରଙ୍କୁ ଖଣ୍ଡା ଦେଖାଇ ଘର ଭିତରକୁ ନେଇଯାଇଥିଲେ। ପରେ ଘରର ବାଡ଼ିପଟ କବାଟ ଖୋଲି ୩ଜଣ ଦୁର୍ବୃତ୍ତ ହାତରେ ଠେଙ୍ଗା ଧରି ପ୍ରବେଶ କରିଥିଲେ। ଘର ଭିତରେ ଭାଗ୍ୟଧରଙ୍କ ସ୍ତ୍ରୀ ଦିପ୍ତୀମୟୀ ଓ ଦୁଇଟି ଛୋଟପିଲା ଥିଲେ। ଦୁର୍ବୃତ୍ତମାନେ ଖଣ୍ଡା ଓ ଠେଙ୍ଗାରେ ପରିବାର ଲୋକଙ୍କୁ ଭୟଭିତ କରାଇ ଆଲମିରା ଚାବି ମାଗିଥିଲେ। ପରେ ଆଲମିରାରେ ଥିବା ୭ ହଳ ଶଙ୍ଖା, ୪ଟି ମୁଦି, ୪ଟି ଚେନ୍, ୨ଟି ମଙ୍ଗଳସୂତ୍ର ଓ ୧୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଭାଗ୍ୟଧର ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

# କୋଭିଡ୍ ପରିଚାଳନା: ସରକାରଙ୍କ ଉପରେ ବର୍ଷିଲା କଂଗ୍ରେସ

**ଭୁବନେଶ୍ୱର, ୧୮।୫(ବ୍ୟୁରୋ)**

### ସର୍ବଦଳୀୟ ବୈଠକରେ କହିବାକୁ ସୁଯୋଗ ଦେଲେନି: ସୁରେଶ

ଓଡ଼ିଶା ସରକାରଙ୍କ କୋଭିଡ ରୋଗୀଙ୍କ ପାଇଁ ସେବା ପରିଚାଳନା ନୈରାଶ୍ୟଜନକ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ କହିଛନ୍ତି, ସରକାର ସହାୟତା ତୁଳନାରେ ପ୍ରଚାର ଅଧିକା କରୁଛନ୍ତି। ସଂକ୍ରମଣ ଅତି ଦ୍ରୁତ ଗତିରେ ଗାଁ ମୁହାଁ ହୋଇପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପରିସ୍ଥିତିରେ ସରପଞ୍ଚମାନଙ୍କୁ ଜିଲାପାଳ ଦାୟିତ୍ୱ ଦେଇ ଏକ ପ୍ରହେଳିକା ସୃଷ୍ଟି କରିଛନ୍ତି। ଗତଥର କରୋନା ମହାମାରୀ ସମୟରେ ସରପଞ୍ଚମାନେ କେତେ ଅସହାୟ ଥିଲେ ଏବଂ କରୋନା ପୀଡ଼ିତଙ୍କ ପାଇଁ ସେମାନଙ୍କ ଦ୍ୱାରା କରାଯାଇଥିବା ବ୍ୟବସ୍ଥା କେତେ ସଫଳ ହୋଇପାରିଥିଲା ତାହା ରାଜ୍ୟବାସୀ ଅଙ୍ଗେ ନିଭାଇଛନ୍ତି। ସରପଞ୍ଚଙ୍କୁ ଖାଲି ସରକାରୀ ଘୋଷଣା ମାଧ୍ୟମରେ ଜିଲାପାଳ କ୍ଷମତା ଦିଆଯାଇଛି। ମାତ୍ର ସେମାନଙ୍କ ପାଖରେ ଏପରି ପ୍ରସ୍ତୁତି ନାହିଁ। ସରକାର ମଧ୍ୟ ସରପଞ୍ଚଙ୍କ କୋଭିଡ ସେବାର ତଦାରଖ ଏବଂ ପରିଚାଳନା କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରି ନାହାନ୍ତି। ଗ୍ରାମାଞ୍ଚଳ ଗୁଡ଼ିକରେ ସଙ୍ଗରୋଧ ସେବାକେନ୍ଦ୍ର ହୋଇପାରିଲା ନାହିଁ। ଟେଷ୍ଟିଂ ଅବସ୍ଥା ମଧ୍ୟ ନୈରାଶଜନକ। ପୁଣି ଜଙ୍ଗଲରେ ବାସକରୁଥିବା ଜନଜାତି କରୋନା ଆକ୍ରାନ୍ତ ହୋଇଥିଲା ବେଳେ ସରକାର ଏଥିପ୍ରତି ଉପଯୁକ୍ତ ତତ୍ପରତା ପ୍ରଦର୍ଶନ କରିନାହାନ୍ତି। ବିଶେଷକରି ୮ଟି ହସପିଟାଲ ବୁଲି ଚିକିତ୍ସା ସୁବିଧା ପାଇପାରି ନ ଥିବା ବାଲିପାଟଣାର ୨୫ ବର୍ଷିଆ କୋଭିଡ ରୋଗୀ ସ୍ୱର୍ଣ୍ଣଲତା ପାଳଙ୍କ ମୃତ୍ୟୁ ଘଟଣା ନବୀନ ସରକାର ବିଫଳତାକୁ ପଦାରେ ପକାଇଛି। ଗତକାଲି ମୁଖ୍ୟମନ୍ତ୍ରୀ ସର୍ବଦଳୀୟ ବୈଠକ ଡାକିଲେ। ଆମେ ବିଧାୟକମାନେ ମଧ୍ୟ ଯୋଗ ଦେଇଥିଲୁ। ମୁଖ୍ୟମନ୍ତ୍ରୀ ଘରେ ରହି ରାଜ୍ୟରେ କୋଭିଡ ପରିଚାଳନାକୁ ନେଇ ନିଜର ବକ୍ତବ୍ୟ ରଖିଥିଲେ କିନ୍ତୁ ଆମମାନଙ୍କୁ କିଛି କହିବାକୁ ସୁଯୋଗ ଦେଲେ ନାହିଁ ବୋଲି ଜଟଣୀ ବିଧାୟକ ସୁରେଶ ରାଉତରାୟ ଅଭିଯୋଗ କରିଛନ୍ତି।



ଚନ୍ଦନଯାତ୍ରାର ଚତୁର୍ଥ ଦିନରେ ମଙ୍ଗଳବାର ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଜଳକ୍ରୀଡ଼ା କରୁଛନ୍ତି।

## ଫୁର୍‌ସତ୍



# ପୁଅ, ମୁଁ ସବୁ ବାପାଙ୍କ ମା'

### ମନ୍ତବ୍ୟ ଦେଇ ହଟହଟା

**ନୂଆଦିଲ୍ଲୀ:** ସୋସିଆଲ ମିଡିଆରେ ଅନାବନା ମନ୍ତବ୍ୟ ଦେଇ ବିବାଦୀୟ ହେବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାୱତ୍‌ଙ୍କ ଅଭ୍ୟାସରେ ପରିଣତ ହୋଇଯାଇଛି। ଏହି କାରଣରୁ ତାଙ୍କ ଟ୍ୱିଟର ଆକାଉଣ୍ଟ ବନ୍ଦ ହେବା ପରେ ସେ ଏବେ ଇନ୍‌ଷ୍ଟାଗ୍ରାମରେ ସକ୍ରିୟ ଅଛନ୍ତି। ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ସଂଘର୍ଷକୁ ନେଇ କଙ୍ଗନା ନିକଟରେ ଇନ୍‌ଷ୍ଟାଗ୍ରାମରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ତାକୁ ନେଇ ୟୁଜର୍ସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। କେତେଜଣ ୟୁଜର୍ସ କଙ୍ଗନାଙ୍କୁ କିଛି ଜଣାନାହିଁ ବୋଲି ସମାଲୋଚନା କରିଥିଲେ। ଟ୍ରୋଲ୍ ହେବା ପରେ ସେ ଏବେ ସାମାଜିକ ଗଣମାଧ୍ୟମରେ ଭ୍ରୂକୁଞ୍ଚନ ସୃଷ୍ଟିକାରୀ ଆଉ ଏକ ପୋଷ୍ଟ କରିଛନ୍ତି। ଏକ ଭିଡିଓର ସ୍କ୍ରିନଶଟ୍ ଶେୟାର କରି ଲେଖିଛନ୍ତି, ଇସ୍ରାଏଲ୍ କିପରି ଗଠନ ହୋଇଥିଲା ତାହା ଏହି ଭିଡିଓରେ ସ୍ପଷ୍ଟ ରୂପେ ଦର୍ଶାଯାଇଛି। ଏହା ଏକ ଅବୈଧ ରାଷ୍ଟ୍ର ନୁହେଁ। ଇସ୍ରାଏଲୀମାନେ ଏହାକୁ ବ୍ରିଟିଶ୍‌ଙ୍କ ହାତରୁ ଫେରାଇଆଣିଥିଲେ ଏବଂ ଜାତିସଂଘ ସହାୟତାରେ ପ୍ରତିଷ୍ଠା କରିଥିଲେ। ସେତେବେଳେ ୬ ମୁସଲିମ ରାଷ୍ଟ୍ର ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିଲେ। ଏକ ଯୁଦ୍ଧ ଜିତିଲେ ଏପରି ହୋଇଥାଏ। ଯେଉଁମାନେ ଏଠାରେ କାନ୍ଦୁଛନ୍ତି ଓ ମୋତେ କିଛି ଜଣାନାହିଁ ବୋଲି କହୁଛନ୍ତି ସେମାନେ ବୁଝିବା ଦରକାର ଯେ, ବେଟା ଆଇ ଆମ୍ ଦି ମଦର ଅଫ୍ ଅଲ୍ ଫାଦର୍ସ(ପୁଅ, ମୁଁ ସବୁ ବାପାଙ୍କ ମା')। ଆଗକୁ ଔକାତରେ ରହି କଥା କୁହ।

# ଭିକାରୀଙ୍କ ଘରେ ସିନ୍ଦୁକ ଭର୍ତ୍ତି ଟଙ୍କା

**ହାଇଦ୍ରାବାଦ:** ଆନ୍ଧ୍ରପ୍ରଦେଶର ତିରୁପତି ବାଲାଜୀ ମନ୍ଦିରରେ ଭିକ ମାଗୁଥିବା ଜଣେ ବ୍ୟକ୍ତି ଶ୍ରୀନିବାସନ ତିରୁମାଲାଙ୍କ ପାଖରୁ ମିଳିଛି ଦୁଇଟି ସିନ୍ଦୁକ ଭର୍ତ୍ତି ଟଙ୍କା। ସେଥିରେ ୬ ଲକ୍ଷରୁ ଅଧିକ ଟଙ୍କା ରହିଥିବା ଜଣାପଡ଼ିଛି। ୬୪ ବର୍ଷୀୟ ଶ୍ରୀନିବାସନଙ୍କ ବର୍ଷ ବର୍ଷ ଧରି ବାଲାଜି ମନ୍ଦିର ଆଗରେ ଭିକ୍ଷାବୃତ୍ତି କରି ଆସୁଛନ୍ତି। ତାଙ୍କ ପାଖରେ ବିପୁଳ ଟଙ୍କା ଥିବା ସୂଚନା ପାଇ ପୋଲିସ ଅଫିସର ଏବଂ ଅନ୍ୟ ଅଧିକାରୀମାନେ ଶ୍ରୀନିବାସନଙ୍କ ଘର ତଲାସୀ କରିଥିଲେ। ସେଠାରୁ ଟଙ୍କା ଭର୍ତ୍ତି ଦୁଇଟି ବଡ଼ ସିନ୍ଦୁକ ମିଳିଥିଲା।



# ଯାଆଁଳା ଭାଇଙ୍କ ଜୀବନ ନେଲା କରୋନା



**ମିରଟ:** ମାତ୍ର ୩ ମିନିଟ୍ ବ୍ୟବଧାନରେ ଜନ୍ମ ହୋଇଥିଲେ ଦୁଇ ଭାଇ। ଦେଖିବାକୁ ଏକାଭଳି। ଏକାସାଙ୍ଗେ ବଡ଼ ହେଲେ। ସାଙ୍ଗ ହୋଇ କମ୍ପ୍ୟୁଟର ଇଞ୍ଜିନିୟରିଂରେ ବି. ଟେକ କଲେ। ଦୁହିଁଙ୍କ ସ୍ୱପ୍ନ ଥିଲା ବିଦେଶରେ କାମ କରିବା। କିନ୍ତୁ ସବୁ କିଛି ଉଜାଡ଼ି ଦେଲା କରୋନା। ଗୋଟିଏ ହସ୍ପିଟାଲରେ କିଛି ଘଣ୍ଟାର ବ୍ୟବଧାନରେ କରୋନାଠାରୁ ହାରିଗଲେ ଦୁଇ ଭାଇ। ଉତ୍ତର ପ୍ରଦେଶର ମିରଟର ଏକ ପରିବାର ସହ ଏଭଳି ଘଟିଛି। ଗତ ଏପ୍ରିଲ ୨୩ ରେ ୨୪ ତମ ଜନ୍ମଦିନ ପାଳିଥିଲେ ଜୋଫ୍ରେଡ୍ ଓ ରାଲଫ୍ରେଡ ଗ୍ରେଗୋରି। ଏହାର ପରଦିନ ଦୁହିଁଙ୍କ ଠାରେ କୋଭିଡ୍ ଲକ୍ଷଣ ଦେଖାଦେଇଥିଲା। ହୋମ କ୍ୱାରେଣ୍ଟାଇନରେ ରହି ଉଭୟେ ଚିକିତ୍ସିତ ହେଉଥିଲେ। କିନ୍ତୁ ଦୁହିଁଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରୁ ମେ ୧ରେ ମିରଟର ଏକ ହସ୍ପିଟାଲରେ ଉଭୟଙ୍କୁ ଭର୍ତ୍ତି କରାଯାଇଥିଲା। ୧୦ ତାରିଖରେ ଦୁହିଁଙ୍କ ରିପୋର୍ଟ ମଧ୍ୟ ନେଗେଟିଭ ଆସିଥିଲା। କିନ୍ତୁ ଏହି ଖୁସି ଥିଲା ମାତ୍ର କିଛିଦିନ ପାଇଁ। ଏହାର ୩ଦିନ ପରେ ପ୍ରଥମେ ଜୋଫ୍ରେଡ୍ ଓ ତା'ର କିଛି ଘଣ୍ଟା ପରେ ରାଲଫ୍ରେଡଙ୍କ ମୃତ୍ୟୁ ଘଟିଛି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN
ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN
ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବରଗଡ, ଝାରସୁଗୁଡ଼ା, ନୂଆପଡ଼ା, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି, ନବରଙ୍ଗପୁର ଆଦି ଜିଲାର ବିଭିନ୍ନ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ବୁଧବାର ଦିନର ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଏବଂ ସର୍ବନିମ୍ନ ତାପମାତ୍ରା ୨୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟର ବିଭିନ୍ନ ସ୍ଥାନରେ ରେକର୍ଡ କରାଯାଇଥିବା ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୭.୦ | ୨୭.୬ |
| ଚାନ୍ଦବାଲି | ୩୯.୨ | ୨୬.୬ |
| କଟକ | ୩୮.୦ | ୨୭.୦ |
| ପାରାଦୀପ | ୩୩.୨ | ୨୯.୦ |
| ଭୁବନେଶ୍ୱର | ୩୯.୪ | ୨୮.୦ |
| ଗୋପାଳପୁର | ୩୩.୨ | ୨୭.୭ |
| ପୁରୀ | ୩୪.୬ | ୨୯.୨ |
| ଅନୁଗୋଳ | ୪୧.୭ | ୨୬.୬ |
| ବାରିପଦା | ୪୦.୦ | ୨୭.୫ |
| ଝାରସୁଗୁଡ଼ା | ୩୯.୪ | ୨୮.୬ |
| କେନ୍ଦୁଝର | ୩୭.୬ | ୨୫.୦ |
| ସମ୍ବଲପୁର | ୪୧.୨ | ୨୯.୭ |
| ସୁନ୍ଦରଗଡ଼ | ୪୧.୦ | ୨୫.୦ |
| ହୀରାକୁଦ | ୩୯.୩ | ୨୮.୦ |
| ତାଳଚେର | ୪୦.୭ | ୨୭.୫ |
| ଭବାନୀପାଟଣା | ୪୦.୫ | ୨୮.୦ |
| ବଲାଙ୍ଗୀର | ୩୯.୨ | – |
| କୋରାପୁଟ | ୩୫.୦ | ୨୧.୦ |
| ଫୁଲବାଣୀ | ୪୦.୪ | ୨୧.୫ |
| ଟିଟିଲାଗଡ଼ | ୪୦.୨ | ୨୬.୮ |
| ମାଲକାନଗିରି | ୪୦.୦ | ୨୫.୦ |
| ସୋନପୁର | ୪୨.୦ | ୨୩.୧ |
| ଦାରିଙ୍ଗିବାଡ଼ି | ୩୪.୫ | ୨୨.୦ |
| ନୟାଗଡ଼ | ୩୯.୫ | ୨୨.୦ |
| ବୌଦ୍ଧ | ୪୧.୫ | ୨୭.୫ |
| ଛତ୍ରପୁର | ୩୫.୫ | ୨୮.୦ |
| ପାରଳାଖେମୁଣ୍ଡି | ୩୭.୦ | ୨୮.୦ |
| ରାୟଗଡ଼ା | – | – |

ଡିଗ୍ରୀ ସେଲ୍‌ସିୟସ୍

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ବଳଭଦ୍ର ପ୍ରସାଦ ମହାନ୍ତି
୧୨୯, ବାପୁଜୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୯।୦୬।୧୯୫୦
ତିରୋଧାନ: ୦୯।୦୫।୨୦୨୧
ହସ ଖୁସିର ସଂସାରର ଚକ ଗଡ଼ି ଚାଲିଥିଲାବେଳେ ହଠାତ୍ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ଚାଲିଗଲ। ତୁମର ଆକସ୍ମିକ ବିୟୋଗରେ ସମଗ୍ର ପରିବାର, ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ ମର୍ମାହତ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ତଥା ସଂସ୍କାର ଆମମାନଙ୍କ ପାଇଁ ଚିରସ୍ମରଣୀୟ। ଆଜି ଏହି ଏକାଦଶ ଦିବସରେ ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୭୬୬

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ଇଂ ଏସ୍ ମକରଧ୍ୱଜ ପୃଷ୍ଟି
ଜିଲୁଣ୍ଡି, ଭଞ୍ଜନଗର, ଗଞ୍ଜାମ
ଫର୍ଚୁନ୍ ରେସିଡେନ୍ସି, ଗାନ୍ଧୀନଗର, ବ୍ରହ୍ମପୁର
ଆବିର୍ଭାବ : ୨୫.୧୦.୧୯୪୩
ତିରୋଧାନ : ୦୯.୦୫.୨୦୨୧
ତୁମର ଅନାବିଳ ସ୍ନେହ, ଭଲ ପାଇବା, ଧର୍ମ ପରାୟଣତା ଓ କର୍ତ୍ତବ୍ୟନିଷ୍ଠା ଆମର ଚିର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ହତଭାଗିନୀ ସ୍ତ୍ରୀ- ଏସ୍. କଲ୍ୟାଣୀ ପୃଷ୍ଟି, ପୁଅ-ଅନିଲ୍, ସୁନିଲ୍, ବୋହୂ- ନିର୍ମଳା, ମିନୁ, ଝିଅ-ଜ୍ୱାଇଁ: କୁଇନ୍ ଓ ଦେବ କୁମାର ପାତ୍ର, ନାତିନାତୁଣୀ-ଈଶାରା, ଈଶ୍ୱର, ନିଲ୍, ଖୁସବୁ, ଭିଭାନ୍, ବନ୍ଧୁ ଓ ପରିବାରବର୍ଗ।

SAD DEMISE
11th day on 19.05.2021



PRAMOD SAHU
Raipitambara, Mangalpur,
Soro, Balasore
D.O.B : 15.07.1967
D.O.D : 09.05.2021
Lets us grieve for the bond we shared and the bond we didn't get a chance to form yet since you passed too soon... dear friend
PRAMOD
LOTS OF LOVE FRIENDS
VANIVIHAR 90
ଧ-୨୦୭୩୪

ଏକାଦଶାହ ଉପଲକ୍ଷେ



ମିନତୀ ଓଝା
ଆବିର୍ଭାବ: ୦୧।୦୧।୧୯୫୮
ତିରୋଧାନ:୦୯।୦୫।୨୦୨୧
ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: ଘନଶ୍ୟାମ ଓଝା, ପୁଅ: ମଣ୍ଟୁ, ପିଣ୍ଟୁ, ଝିଅ: ବୁଢ଼ୀଆ, ଜ୍ୱାଇଁ: ମିଟୁ, ନାତି: ଅମନ୍, ଗେଲୁ ଏବଂ ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୪୬୫୫୪

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସନ୍ତୋଷ କୁମାର ମଲ୍ଲିକ
ବ୍ରହ୍ମେଶ୍ୱର ପାଟଣା, ଭୁବନେଶ୍ୱର
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ଧର୍ମପତ୍ନୀ, ପୁତ୍ର, କନ୍ୟା ଓ ପରିବାରବର୍ଗ।
ଧ-୭୦୭୦୫

# ଟମାଟୋ ତଳି ଲଗାଇବା ପ୍ରଣାଳୀ

ଟମାଟୋ ତଳି ଲଗାଇବା ପାଇଁ ଏକ ଏକର ଜମି ଲାଗି୨୫ଫୁଟ୍ ଲମ୍ବ, ୪ଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କିଗ୍ରା ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି ଗଭୀରରେ ଓ ୫ ସେମି ବ୍ୟବଧାନରେ ଧାଡିରେ,ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି ରଖି ପଟାଳିରେ ବୁଣନ୍ତୁ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡାରେ ପଟାଳିକୁ ଘୋଡାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫ରୁ ସାତ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡିଆ ବ୍ୟବହାର କରନ୍ତୁ। ଟମାଟୋର ଉନ୍ନତ ବିହନ କିସମ : ବିଟି-୨,ବିଟି-୧୦,ବିଟି-୧୨,ନୀଳାଦ୍ରି,ସଦାବାହାର,ମାଧୁରୀ,ମହାରଥି,ମର୍ଣ୍ଣିଂସନ୍,ରଶ୍ମି,ନବ ୧ନ ଆଦି ବ୍ୟବହାର କରନ୍ତୁ। ଏକର ପ୍ରତି ୧୫୦ରୁ ୨୦୦ଗ୍ରାମ୍ ବିହନ ଦରକାର।



# ମକାରେ ସାର ପ୍ରୟୋଗ

ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ମକା ଫସଲ ଲଗାଯାଇପାରିବ। ଉନ୍ନତ ବିହନ କିସମ ଯଥା- ନଭଜୋତ୍, ଶକ୍ତି, ଡେକାନ୍-୧୦୭, ଡେକାନ୍-୧୦୯ କିସମ ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ସଂଗ୍ରହ କରନ୍ତୁ। ଏକ ଏକର ଜମିରେ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କିଗ୍ରା ଯବକ୍ଷାରଜାନ, ୧୬କି.ଗ୍ରା. ଫସଫରସ ଓ ୧୬କି.ଗ୍ରା. ପଟାସ୍ ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ, ସବୁତକ ଫସଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ।



# ଚିନାବାଦାମର ବିହନ ଉତ୍ପାଦନ



ଡ. ପରେଶ କୁମାର ପଣ୍ଡା



ଚିନାବାଦାମର ଉପଲବ୍ଧତା ଆଶାନୁରୂପ ନୁହେଁ, ଯାହାର ପ୍ରମୁଖ କାରଣ ହେଉଛି ଉଚ୍ଚ ବିହନ ହାର ଏବଂ ନିମ୍ନ ବିହନ ଗୁଣନ ଅନୁପାତ। ଏହି ସମସ୍ୟାକୁ ଦୃଷ୍ଟି ଦେଇ ଚିନାବାଦାମରେ ଅଭିଜନକ ବିହନର ଷ୍ଟେଜ୍-୨ ଉତ୍ପାଦନ କରାଗଲେ ବି ଶୁଦ୍ଧତାରେ ପ୍ରଭାବୀ ପ୍ରଦର୍ଶନ ଘଟି ନ ଥାଏ। ଉଭୟ ପିଣ୍ଡ ଓ ପ୍ରାମାଣିକ ବିହନ ଉତ୍ପାଦନ ନିମନ୍ତେ ୩ ମିଟର ବିଲଗନ ଦୂରତା ବଜାୟ ରଖିବା ସହ ନିମ୍ନଲିଖିତ ବିଷୟ ପ୍ରତି ମଧ୍ୟ ଦୃଷ୍ଟି ଦିଅନ୍ତୁ...

-ଏକ ଜମିରେ ଚିନାବାଦାମର ଏକକ ଫସଲ ଲଗାତର ଚାଷ କରିବାରେ



ରୋଗ ପୋକ ସଂକ୍ରମଣ ଓ ଆକ୍ରମଣ ବୃଦ୍ଧି ପାଇଥାଏ। ଏକ ଦୁଇବର୍ଷିଆ ଫସଲ ପର୍ଯ୍ୟାୟରେ ଶସ୍ୟଜାତୀୟ ଫସଲ ସହ ଚିନାବାଦାମ ବଦଳ କରିବା ଆବଶ୍ୟକ। ଉନ୍ନତ ବିହନ ଉତ୍ପାଦନ ନିମନ୍ତେ ନିର୍ଭରଯୋଗ୍ୟ ଅବସ୍ଥା ଓ ପରିବେଶ ସୁନିଶ୍ଚିତ ହେଉଥିବା ଦରକାର। ଜଳ ନିଷ୍କାସନ ହୋଇପାରୁଥିବା ଜମି, ଯାହା ମୃତ୍ତିକାଗତ ରୋଗପୋକ, ଫସଲ ଅବଶେଷ ଓ ଘାସଲତାରୁ ମୁକ୍ତ ଥାଇ ଉର୍ବରିଆ ଓ ଜଳସେଚନର ବ୍ୟବସ୍ଥା ହୋଇଥିବା ଆବଶ୍ୟକ।

-ଗଭୀର ହଳ ପରେ ୩-୪ଥର ହାଲୁକା କର୍ଷଣ ସହ ଜମି ସମତୁଲ କରନ୍ତୁ। ଜମିରେ ଅମ୍ଳଦୋଷ ଥିଲେ ତାହାର ନିରାକରଣ ଲାଗି ଜମିରେ ହଳ କରିବା ସମୟରେ ଚୂନ/ କାଗଜ କଳ ମଇଳା ପ୍ରୟୋଗ କରନ୍ତୁ।

-ପ୍ରାମାଣିକ ବିହନ ସ୍ୱୀକୃତପ୍ରାପ୍ତ ସଂସ୍ଥାରୁ ଉପଲବ୍ଧ ହୋଇଥିବା ଜରୁରୀ। ରୋଗପୋକ ସଂକ୍ରମଣରୁ ମୁକ୍ତ ଥିବା ସୁସ୍ଥ ଦାନାଗୁଡିକୁ ବୁଣନ୍ତୁ। ସେହି ଦାନାରେ ଚୋପା ଛଡା/ଅଗ ଭଙ୍ଗା/ବେରୂପିଆ ଦାନା ନ ଥାଇ ସମାନ ଆକାରର ହୋଇଥିଲେ ଭଲ।

-ଚିନାବାଦାମ ଗଛର ବୃଦ୍ଧି ଓ ବିକାଶ ନିମନ୍ତେ ୨୫-୩୦ ଡିଗ୍ରୀ ସେଲସିୟସ ଉତ୍ତାପ ଓ ବୁଣିବା ସମୟ ଜୁନ୍ ମଧ୍ୟଭାଗରୁ ଜୁଲାଇ ପ୍ରଥମ ସପ୍ତାହ ହେବା ଆବଶ୍ୟକ।

-ବିହନ ସର୍ବଦା ଧାଡିରେ ବୁଣିଲେ ଭଲ। ମୃତ୍ତିକା ପ୍ରକାର ଓ ଆର୍ଦ୍ରତା ଅନୁଯାୟୀ ମଞ୍ଜିକୁ ୫-୮ ସେମି ଗଭୀରରେ ବୁଣାଯାଏ।

-ଉତ୍ତମ ଗଛ ସଂଖ୍ୟା ପାଇବା ନିମନ୍ତେ ବିଶୋଧକ ତଥା ଜୀବାଣୁ କଲଚର ସହ ବିହନ ଉପଚାରିତ ହୋଇଥିବା ଜରୁରୀ। ବିହନ ବିଶୋଧନ ନିମନ୍ତେ ଥିରାମ/କାପ୍‌ଟାନ୍/କାର୍ବେଣ୍ଡାଜିମ/ମାନକୋଜେବ୍‌ର ୨୦ ଗ୍ରାମ ୧୦ କିଗ୍ରା ମଞ୍ଜି ପ୍ରତି ଦରକାର। ତା' ବଦଳରେ ଜୈବ ବିଶୋଧକ- ଟ୍ରାଇକୋଡର୍ମା ଭିରିଡେର ୪୦ ଗ୍ରାମକୁ ସେହି ପରିମାଣର ସହ ବିଶୋଧନ କରାଯାଇପାରିବ। ଉତ୍ତମ ବିକଳ୍ପ ରୂପେ ଟ୍ରାଇକୋଡର୍ମା ଭିରିଡେର ୪୦ ଗ୍ରାମ+ ରାଇଜୋବିୟମ ଜୀବାଣୁ କଲଚର ୫୦ ଗ୍ରାମକୁ ୧୮୦ ମିଲି ଥଣ୍ଡା ପେଜରେ ଗୋଳାଇ ତାହା ସହ ୧୦ କିଗ୍ରା ଚିନାବାଦାମ ମଞ୍ଜିର ଉପଚାର କରାଯାଏ ଓ ୩୦ ମିନିଟ୍ ଶୁଖାଇବା ପରେ ବିହନକୁ ବୁଣାଯାଏ।

-ବୁଦା କିସମ ପାଇଁ ଧାଡିକୁ ଧାଡି ୩୦-୪୫ ସେମି ଓ ଗଛକୁ ଗଛ ୧୦-୧୫ ସେମି ଦୂରତା ଓ ମାଡୁଥିବା (ଲୋଟଣୀ) କିସମ ପାଇଁ ତାହା ୪୫-୬୦ସେମି ଓ ୧୦-୧୫ ସେମି ରଖାଯାଏ। ଅଧିକ ଗଭୀରରେ ମଞ୍ଜି ବୁଣିଲେ ଡେରିରେ ଗଛ ଆସି ଦୁର୍ବଳିଆ ଚେର ଓ କାଣ୍ଡ ତଥା ସ୍ୱଳ୍ପ ଯବକ୍ଷାରଜାନ ବିବନ୍ଧନ ଘଟି କମ୍ ଅମଳ ମିଳିଥାଏ। ସେହିପରି ଅଗଭୀରରେ ମଞ୍ଜି ବୁଣିବାରେ ଭଲ ଗଜା ପାଇବା ଓ ଗଜା ନ ଶୁଖିବା ନିମନ୍ତେ ନିୟମିତ ଜଳସଚେନ ଦେବାକୁ ପଡିଥାଏ। ତେଣୁ, ଭଲ ଭାବେ ଗୋଟିଏ ଗୋଟିଏ କରି ମଞ୍ଜି ବୁଣିବା ନିମନ୍ତେ ଚିନାବାଦାମ ପ୍ଲାଣ୍ଟର କିମ୍ବା ସିଡ୍ ଡ୍ରିଲ୍‌କୁ ବ୍ୟବହାର କରାଯାଏ। ଖାଲିଥିବା ସ୍ଥାନଗୁଡିକରେ ବୁଣିବାର ୧୦ଦିନ ମଧ୍ୟରେ ମଞ୍ଜି ଲଗାଇ ଦିଆଯାଏ।

-ଏକର ପ୍ରତି ଲୋଟଣୀ କିସମ ପାଇଁ ୨୪-୩୨ କିଗ୍ରା ଓ ବୁଦା କିସମ ପାଇଁ ୩୨-୪୦ କିଗ୍ରା ମଞ୍ଜିର ଆକାର ଅନୁଯାୟୀ ଦରକାର ପଡିଥାଏ।

-ଚିନାବାଦାମ ମୃତ୍ତିକାର ଗଭୀର ସ୍ତରରୁ ଆର୍ଦ୍ରତା ଓ ପୋଷକ ଆତରଣ କରିଥାଏ। ଏହା ପୂର୍ବ ଫସଲ ଦ୍ୱାରା ଛଡା ଯାଇଥିବା ଖାଦ୍ୟସାରକୁ ଏହି ଫସଲ ଅଧିକ ସମ୍ବେଦନଶୀଳ। ଏକର ପ୍ରତି ବୃଷ୍ଟିପୁଷ୍ଟ ଫସଲ ପାଇଁ ଯବକ୍ଷାରଜାନ ୪ କିଗ୍ରା+ଫସଫରସ ୪ କିଗ୍ରା+ ପଟାସିୟମ ୧୮ କିଗ୍ରା ଏବଂ ଜଳସେଚିତ ଫସଲରେ ଯବକ୍ଷାରଜାନ ୭ କିଗ୍ରା+ଫସଫରସ ୧୪ କିଗ୍ରା+ପଟାସିୟମ ୨୨ କିଗ୍ରା ଆବଶ୍ୟକ ରହିଛି। ଏହି ପରିମାଣର ଆଧାରରେ ଜିଆ ଖତ ଓ କମ୍ପୋଷ୍ଟ ବୁଣାର ୨୦ଦିନ ପୂର୍ବରୁ ଓ ପରେ ପ୍ରୟୋଗ କରିବା ଦରକାର। ତେଣୁ ରାସାୟନିକ ସାର ନ ଦେଇ ମଞ୍ଜି ବୁଣିବା ପୂର୍ବରୁ ୪୦ କୁଇଣ୍ଟାଲ ଖତରେ ୧୬ କିଗ୍ରା ନିମ୍ବ ପିଡିଆ+୮୦ କିଗ୍ରା ଜିପସମ ଏକର ପ୍ରତି ଶେଷ ଓଡ ଚାଷ ବେଳେ ଦେଇ ମାଟିରେ ମିଶାଇ ଦିଆଯାଏ। ଖତ ମାଟିକୁ ହାଲୁକା ରଖି ଜଳଧାରଣ କ୍ଷମତା ବୃଦ୍ଧି କରି ଆବଶ୍ୟକୀୟ ଅଣୁସାର ଯୋଗାଇଥାଏ। ଖତର ବିକଳ୍ପ ରୂପେ ସବୁଜ ସାର (ଛଣି/ଧଣିଚା/ଅନ୍ୟ ଡାଲିଜାତୀୟ ଫସଲ) ନିଆଯାଇପାରେ। ବୁଣାର ୧୫-୨୦ଦିନ ପରେ ଓ ପ୍ରଥମ ଘାସ ବଛା ବେଳକୁ ୧୬ କିଗ୍ରା ନିମ୍ବ ପିଡିଆ+ ୮ କିଗ୍ରା ଜିପସମ ଏକର ପ୍ରତି ଦିଆଯାଏ। ତା'ପରେ ଫୁଲ ଆସିବାର ୨-୩ ସପ୍ତାହ ବେଳକୁ ୮ କିଗ୍ରା ନିମ୍ବ ପିଡିଆ+ ୮ କୁଇଣ୍ଟାଲ ଜିଆ ଖତ ପ୍ରୟୋଗ କରାଯାଏ। ଅଧିକନ୍ତୁ ଗଛ ଉଠିବାର ୩୦ ଦିନ ବେଳକୁ ୩୦୦ ମିଲି ପଞ୍ଚଗବ୍ୟ ଓ ୪୫ ଦିନ ବେଳକୁ ଏକ ଲିଟର ଦହି ୧୦ ଲିଟର ପାଣି ସହ ମିଶାଇ ଫସଲରେ ସିଞ୍ଚନ କଲେ ଫସଲ ଉତ୍ତମ ରୂପେ ବଢ଼ିଥାଏ।

*-ସହକାରୀ ବିହନ ପ୍ରମାଣନ ଅଧିକାରୀ, ଓସୋପ୍‌କା, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

# ମାଛ ଯାଆଁଳ ଛାଡିବା ପରେ...

ପ୍ରଥମେ ଉନ୍ନତ କିସମର ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ । ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ।



# କପା ଚାଷରେ ପତ୍ରଡିଆଁ ପୋକ ଲାଗିଥିଲେ...



କପା ପତ୍ର ପ୍ରତି ୨ଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଟି ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଅକ୍ସି ଡେମିଟନ୍ ମିଶାଇ ସକାଳବେଳା ଶୁଖିଲାପାଗ ଦେଖି ସିଞ୍ଚନ କରନ୍ତୁ। ଜଉପୋକ,ପତ୍ରଡିଆଁ ପୋକ ଆଦି ଶୋଷକ କୀଟ ଆକ୍ରମଣକୁ କିଛି ପରିମାଣରେ ସହ୍ୟ କରାଯାଇପାରେ, ଅତ୍ୟଧିକ ହେଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ କିମ୍ବା ଥାୟୋମେଥୋକ୍ସାମକୁ ସିଞ୍ଚନ କରନ୍ତୁ। ଶଂବାଳୁଆର ଦମନ ଲାଗି କୀଟନାଶକ ଔଷଧ ପ୍ରୟୋଗର ଆବଶ୍ୟକତା ନାହିଁ। କିନ୍ତୁ ଅତ୍ୟଧିକ ହେଲେ ଏକର ପ୍ରତି ୧୦କିଗ୍ରା କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳବେଳା ପ୍ରୟୋଗ କରନ୍ତୁ।

# ଡାଲିଜାତୀୟ ଫସଲର ଯତ୍ନ

ଡାଲିଜାତୀୟ ଫସଲରେ ଛୁଇଁ ୮୦-୮୫ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କିଗ୍ରା ପ୍ରତି ୨ଗ୍ରାମ୍ ହିସାବରେ ସୋରିଷତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



# ପ୍ରାକୃତିକ କୃଷିରେ ପୋଖରୀ ପଙ୍କ ଓ ସାମୁଦ୍ରିକ ଶିଉଳି



କିଶୋର ଚନ୍ଦ୍ର ପଣ୍ଡା

ପୋଖରୀ ପଙ୍କ ହେଉ ଅବା ସାମୁଦ୍ରିକ ଶିଉଳି ଓ ଦଳର ଚାଷ କ୍ଷେତ୍ରରେ ପ୍ରୟୋଗ ନୂଆ କଥା ନୁହେଁ। ଏହାକୁ ଚାଷର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ନିଆଯାଇପାରେ। ଏ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇପାରିଲେ ଚାଷୀ ଏଗୁଡିକୁ କୃଷି କ୍ଷେତ୍ରରେ ବହୁଳ ଭାବରେ ବ୍ୟବହାର କରି ଫସଲରୁ ଲାଭବାନ ହୋଇପାରନ୍ତା।

**ପୋଖରୀ ପଙ୍କ** :କଥାରେ ଅଛି- 'ଖତ ବରଷେ, ପଙ୍କ ପୁରୁଷେ'। ଏହାର ଅର୍ଥ ଖତର ପ୍ରଭାବ ଗୋଟିଏ ଫସଲ ଋତୁ ପାଇଁ ରହୁଥିବା ବେଳେ

*ପୋଖରୀ ମଧ୍ୟକୁ ବର୍ଷାଜଳ ପ୍ରବେଶ କଲେ ବାହାରୁ ଅନେକ ମାତ୍ରାରେ କର୍ଦ୍ଦମ ବୋହି ଆସି ଜମା ହୁଏ ଏବଂ ଜଳଜୀବ, ଦଳ ଶିଉଳିର ଅବଶେଷ ପଙ୍କରେ ମିଶିଯାଏ...*

ପଙ୍କ ମାଟିର ପ୍ରଭାବ ଏକାଧିକ ଫସଲ ଋତୁ ପାଇଁ। ପୋଖରୀ ମଧ୍ୟକୁ ବର୍ଷାଜଳ ପ୍ରବେଶ କଲେ ବାହାରୁ ଅନେକ ମାତ୍ରାରେ କର୍ଦ୍ଦମ ବୋହି ଆସି ଜମା ହୁଏ ଏବଂ ଜଳଜୀବ, ଦଳ ଶିଉଳିର ଅବଶେଷ ପଙ୍କରେ ମିଶିଯାଏ। ପରୀକ୍ଷଣରୁ ଜଣାଯାଏ ଯେ ପଙ୍କରେ ୦.୩ ଭାଗ ଯବକ୍ଷାରଜାନ ୦.୩ ଭାଗ ପୋଟାସିୟମ ଅନେକ ଉପଯୋଗୀ ଗୌଣ ଖାଦ୍ୟସାର ତଥା ଉପକାରୀ ଅଣୁଜୀବମାନେ ଥାଆନ୍ତି। ଏଣୁ ଏହାର ପ୍ରୟୋଗ କରି ମାଟିର ଉର୍ବରତା ବଢ଼ାନ୍ତୁ। ମନେରଖନ୍ତୁ ଏହା ସମସ୍ତ ପ୍ରକାର ଫସଲ ପାଇଁ ଉପଯୋଗୀ।

**ସାମୁଦ୍ରିକ ଶିଉଳି ଓ ଦଳ:**ସମୁଦ୍ର ଅନେକ ଶିଉଳି ଓ ଜଳଜୀବଙ୍କ ଗନ୍ତାଘର। ସମୁଦ୍ର



ଶିଉଳିରେ ଶତକଡା ୧-୨ ଭାଗ ଫସଫରସ, ୧-୨ ଭାଗ ପୋଟାସିୟମ, ୬୦ରୁ ଅଧିକ ଧାତବ ଖଣିଜ ଲବଣ ଆଦି ଥାଏ। ଏହା ଗଛକୁ ଉପଯୁକ୍ତ ପୋଷଣ ଯୋଗାଇଥାଏ। ତା' ସହ ଗଛକୁ ଜୀବନ୍ତ ରଖିବାରେ ସାହାଯ୍ୟ କରେ। ଏହା ଚାଷ ପାଉଁ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ସେ ସମ୍ପର୍କରେ ଏଠାରେ କେତେକ ତଥ୍ୟ ସୂଚୀତ କରାଯାଉଛି...

-ଏହା ଗଛରେ କଳିକା ଏବଂ ଫଳସଂଖ୍ୟା ବଢ଼ାଇଥାଏ।

-ଅଙ୍କୁରୋଦଗମ ପାଇଁ ମଞ୍ଜିକୁ ଏହି ଖତରେ ଭିଜାଇ ରଖନ୍ତୁ। ତା'ସହ ତଳି ରୋଇବା ପୂର୍ବରୁ ତଳିର ଚେରକୁ ଏହି ଖତରେ ଭିଜାଇ ରଖନ୍ତୁ।

-ଫସଲ ଅମଳ ସମୟରେ ଏହାର ମଧ୍ୟ ପ୍ରୟୋଗ କରାଯାଇପାରିବ। ତେଣୁ ଫସଲ ଅମଳର ୧୫ ଦିନ ପୂର୍ବରୁ ଏହାକୁ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଫସଲର ଅମଳ ପରବର୍ତ୍ତୀ ସଂରକ୍ଷଣ ସମୟ ବଢ଼ିଯାଇଥାଏ।

-ପନିପରିବା ଚାଷ କରୁଥିଲେ ଚାଷୀ ଭାଇମାନେ ଏହାକୁ ପ୍ରୟୋଗ କଲେ ଅଧିକ ଅମଳ ପାଇପାରିବେ। ଆଳୁ, ମକା, ଲଙ୍କା, ଟମାଟୋ, ଭେଣ୍ଡି, କାକୁଡି ଭଳି ପରିବା ଚାଷ କରୁଥିଲେ ଏହି ଖତକୁ ପ୍ରୟୋଗ କଲେ ଉପରୋକ୍ତ ପରିବାର ଅମଳ ୩୦-୪୦ ପ୍ରତିଶତ ବୃଦ୍ଧି ହୋଇଥାଏ।

-ଫଳଚାଷ ହେଉ କି ଫୁଲଚାଷ, ଏହି ଖତକୁ ମଧ୍ୟ ସେଥିରେ ପ୍ରୟୋଗ କଲେ ଲାଭବାନ ହୋଇପାରିବେ। ଅଙ୍ଗୁର, ସେଓ, ଷ୍ଟ୍ରବେରି, କମଳା, ଆପେଲ ବେର୍ ଭଳି ଫଳ, ଗୋଲାପ, ଜର୍ବେରା, ଡାଲିଆ, ମଲ୍ଲୀ, ଗ୍ଲାଡିଓଲସ୍ ଭଳି ଫୁଲର ମାନ ବୃଦ୍ଧି ତଥା ଫସଲ ପରିମାଣ ବୃଦ୍ଧିରେ ଏହି ଖତ ବିଶେଷ ସହାୟକ ହୋଇଥାଏ।

-ମାଛ ମାରିବା ସମୟରେ ଓ ଜୁଆର ଭଟ୍ଟାରେ ଅନେକ ଶିଉଳି ସ୍ଥଳଭାଗକୁ ଚାଲି ଆସିଥାଏ। ଉପକୂଳବର୍ତ୍ତୀ ଚାଷୀମାନେ ଏହାକୁ ସଂଗ୍ରହ କରିପାରିବେ।

*-ପ୍ରାକୃତିକ କୃଷି ବିଶେଷଜ୍ଞ*
*ମୋ : ୯୦୭୮୦୬୦୦୪୩*



# ସୁଶୀଲଙ୍କୁ ଜାମିନ ମିଳିଲାନି

## ରେସଲର ହତ୍ୟା ମାମଲା

ନୂଆଦିଲ୍ଲୀ, ୧୮।୫(ପି.ଟି.)

ସ୍ଥାନୀୟ ଏକ କୋର୍ଟ ଫେରାର ଥିବା ଅଲିମ୍ପିକ ପଦକ ବିଜେତା ରେସ୍‌ଲର ସୁଶୀଲ କୁମାରଙ୍କୁ ଆଗୁଆ ଜାମିନ ଦେବାକୁ ମନା କରିଦେଇଛନ୍ତି। ଛତ୍ରସାଲ ଷ୍ଟାଡିୟମରେ ଜଣେ ରେସଲରଙ୍କୁ ହତ୍ୟା ଘଟଣାରେ ସୁଶୀଲ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ତାଙ୍କ ବିରୋଧରେ ହତ୍ୟା, ଅପହରଣ ଓ ଆପରାଧିକ ଷଡ଼ଯନ୍ତ୍ର ମାମଲା ଦରଜ ହୋଇଥିବାରୁ ଅତିରିକ୍ତ ସେସନ ଜଜ୍ ଜଗଦୀଶ କୁମାର ଜାମିନ ଆବେଦନକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ସୁଶିଲ ହେଉଛନ୍ତି ଏହିହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ। ଅନ୍ୟ କେତେଜଣ ଅଭିଯୁକ୍ତ ଏପର୍ଯ୍ୟନ୍ତ ଗିରଫ ହୋଇ ନାହାନ୍ତି। ତେଣୁ ତାଙ୍କୁ ଜାମିନ ମିଳିବ ନାହିଁ ବୋଲି ବିଚାରପତି ଦର୍ଶାଇଥିଲେ। ଜାତୀୟ ରାଜଧାନୀରେ ଅବସ୍ଥିତ ଛତ୍ରସାଲଷ୍ଟାଡିୟମ ପରିସରରେ ମେ' ୪ରେ ଘଟିଥିବା ଏକ ମାରପିଟ ଘଟଣାରେ ସାଗର ରାଣା ନାମକ ଜଣେ ରେସ୍‌ଲରଙ୍କର ପ୍ରାଣହାନି ଘଟିଥିବାବେଳେ ତାଙ୍କର ଦୁଇ ସାଥୀ ସୋନୁ ଓ ଅମିତ କୁମାର ଆହତ ହୋଇଛନ୍ତି। ସୁଶୀଲ କୁମାର ଓ ଅନ୍ୟ କେତେଜଣ ରେସଲର ସେମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗିରଫଦାରି ଭୟରେ ଏହି ଅନ୍ତର୍ଜାତୀୟ ରେସଲର ଜଣକ ମେ' ୧୭ରେ ଦିଲ୍ଲୀସ୍ଥିତ ରୋହିଣୀ କୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ନିଜକୁ ନିର୍ଦ୍ଦୋଷ ବୋଲି ଦର୍ଶାଇବା ସହ ତଦନ୍ତ କାର୍ଯ୍ୟରେ ସହାୟତା କରିବା ଲାଗି ସେ ପ୍ରସ୍ତୁତ ଥିବା ଏଥିରେ ଉଲ୍ଲେଖ କରିଥିଲେ। ଘଟଣାସ୍ଥଳରେ ହୋଇଥିବା ଗୁଳିକାଣ୍ଡ ସହ ସେ ସମ୍ପୃକ୍ତ ନୁହନ୍ତି କିମ୍ବା ଜବତ ଆଗ୍ନେୟାସ୍ତ୍ର ଓ ଗାଡ଼ି ତାଙ୍କର ନୁହେଁ ବୋଲି ମଧ୍ୟ କହିଥିଲେ। ତେବେ ପୋଲିସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପବ୍ଲିକ ପ୍ରସିକ୍ୟୁଟର ଅତୁଲ ଶ୍ରୀବାସ୍ତବ କୋର୍ଟରେ କହିଥିଲେ ସୁଶୀଲ ଏକ ବାଡ଼ିରେ ରେସ୍‌ଲରଙ୍କୁ ପ୍ରହାର କରୁଥିବା ଦୃଶ୍ୟର ପ୍ରାମାଣିକ ଭିଡିଓ ଫୁଟେଜ ରହିଛି। ଏହାଛଡ଼ା ସୁଶୀଲ କାଳେ ଦେଶ ଛାଡ଼ି ପଳାୟନ କରିବେ ସେଥିଲାଗି ତାଙ୍କ ପାସ୍‌ପୋର୍ଟକୁ ଜବତ କରିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଏ ବିଷୟରେ ସତର୍କ କରାଇଦିଆଯାଇଥିବା କହିଥିଲେ। ଅଭିଯୁକ୍ତଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସିନିୟର ଆଡ୍‌ଭୋକେଟ ସିଦ୍ଧାର୍ଥ ଲୁଥ୍ରା କୋର୍ଟରେ କହିଥିଲେ ଗଣ୍ଡଗୋଳ ଦିନ କାଲା ଜାଠେରିଆ ଗ୍ୟାଙ୍ଗ୍‌ର ସୋନୁ ନାମକ ଜଣେ ଅପରାଧୀ ଉପସ୍ଥିତ ଥିଲେ, ଯାହାଙ୍କ ନାମରେ ବିଭିନ୍ନ ଥାନାରେ ଅନେକ ମାମଲା ରହିଛି। ସୂଚନାଯୋଗ୍ୟ, ରାଣାଙ୍କ ମୃତ୍ୟୁ ପରଠାରୁ ସୁଶୀଲ ଫେରାର ହୋଇଯାଇଛନ୍ତି। ତାଙ୍କୁ ଧରିବା ଲାଗି ପୋଲିସ ପକ୍ଷରୁ ଦିଲ୍ଲୀ-ଏନ୍‌ସିଆର୍ ଅଞ୍ଚଳ ଏବଂ ପଡୋଶୀ ରାଜ୍ୟଗୁଡ଼ିକରେ ବ୍ୟାପକ ଚଢ଼ାଉ କରାଯାଇଥିଲା। ଦିଲ୍ଲୀ ପୋଲିସ ପକ୍ଷରୁ ତାଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ବିଭିନ୍ନ ଧାରା ଅନୁସାରେ ଏଫ୍‌ଆଇଆର ଦରଜ କରାଯାଇଛି।




# ଇଂଲଣ୍ଡ ଟୁର୍ ପାଇଁ ଉପଲବ୍ଧ ହେଲେ ରିଦ୍ଧିମାନ

**ନୂଆଦିଲ୍ଲୀ, ୧୮।୫ (ପି.ଟି.):** ଉଇକେଟକିପର ବ୍ୟାଟ୍ସମ୍ୟାନ ରିଦ୍ଧିମାନ ଶାହା କୋଭିଡ୍‌ରୁ ଆରୋଗ୍ୟ ଲାଭ କରିଛନ୍ତି। ଆସନ୍ତା ମାସରେ ହେବାକୁ ଥିବା ଇଂଲଣ୍ଡ ଟୁର୍ ପାଇଁ ସେ ଉପଲବ୍ଧ ହେବେ। ଦିଲ୍ଲୀର ଏକ ହୋଟେଲରେ ୧୫ ଦିନରୁ ଅଧିକ କ୍ୱାରାଣ୍ଟାଇନ୍‌ରେ ରହିବା ପରେ କୋଲକାତାସ୍ଥିତ ନିଜ ବାସଭବନକୁ ଫେରିଛନ୍ତି। ଫିଟ୍‌ନେସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ତାଙ୍କୁ ଇଂଲଣ୍ଡ ଗସ୍ତ କରିବାକୁ ଥିବା ଭାରତୀୟ ଦଳରେ ସ୍ଥାନ ମିଳିବ। ନିକଟରେ ସସ୍‌ପେଣ୍ଡ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ କରୋନା ସଂକ୍ରମିତ ହୋଇଥିବା ଖେଳାଳିମାନଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ରିଦ୍ଧିମାନ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳୁଥିଲେ। ଭାରତ ସାଉଥାମ୍ପଟନରେ ଜୁନ୍ ୧୮ରୁ ହେବାକୁଥିବା ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଖେଳିବ। ପରେ ଅଗଷ୍ଟରେ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।

# ହତ୍ୟା ଧମକ ପାଇଥିଲେ ଡୁପ୍ଲେସି

## ୨୦୧୧ ବିଶ୍ୱକପ୍ ବିପର୍ଯ୍ୟୟ

ନୂଆଦିଲ୍ଲୀ,୧୮।୫(ପି.ଟି.)

୨୦୧୧ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ବିଶ୍ୱକପ୍‌ରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେବା ପରେ ହତ୍ୟା ଧମକ ମିଳିଥିଲା ବୋଲି ଦକ୍ଷିଣ ଆଫ୍ରିକା ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ଫାଫ୍ ଡୁପ୍ଲେସି କହିଛନ୍ତି। କ୍ୱାର୍ଟର ଫାଇନାଲରେ ଦକ୍ଷିଣ ଆଫ୍ରିକା ନ୍ୟୁଜିଲାଣ୍ଡକୁ ଭେଟିଥିଲା। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୪୯ ରନରେ ପରାସ୍ତ ହୋଇ ବିଶ୍ୱକପରୁ ବିଦାୟ ନେଇଥିଲା। ପଞ୍ଚମ ଉଇକେଟରେ ଏବି ଡିଭିଲର୍ସଙ୍କ ସହିତ ଡୁପ୍ଲେସି ବ୍ୟାଟିଂ କରୁଥିଲେ। ତେବେ ଭୁଲ ବୁଝାମଣାର ସମ୍ମୁଖୀନ ହୋଇ ତାରକା ବ୍ୟାଟ୍ସମ୍ୟାନ୍ ଏବି ଡିଭିଲର୍ସ ରନ୍ ଆଉଟ ହୋଇଥିଲେ ଓ ଏଥିପାଇଁ ଡୁପ୍ଲେସିଙ୍କୁ ଦାୟୀ କରାଯାଇଥିଲା। ଏହାପରେ ଡୁପ୍ଲେସି ଓ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା ଧମକ ମିଳିଥିଲା। ଡୁପ୍ଲେସି ଦୀର୍ଘ ୧୦ ବର୍ଷ ପରେ ଏ ନେଇ ସ୍ପଷ୍ଟ କରିଛନ୍ତି।

ଢାକାର ଶେର-ଇ-ବାଂଲା ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯାଇଥିଲା। ମୋ ସ୍ତ୍ରୀ ଇମାରି ଭିସେରଙ୍କୁ ମଧ୍ୟ ହତ୍ୟା ଧମକ ମିଳିଥିଲା। ସେତେବେଳେ କଡ଼ା ସମାଲୋଚନାର ଶିକାର ହୋଇଥିଲି ଓ ଆମେ ବେଶ୍ ଚିନ୍ତାଜନକ ସ୍ଥିତି ଦେଇ ଗତି କରୁଥିଲୁ ବୋଲି କ୍ରିକ୍ ଇନ୍‌ଫୋକୁ ସାକ୍ଷାତକାର ଦେବା ଅବସରରେ ଡୁପ୍ଲେସି ଏହି କଥା କହିଛନ୍ତି। ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଡାନିଏଲ ଭିଟ୍ଟୋରୀଙ୍କ ନେତୃତ୍ୱରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୫୦ ଓଭରରେ ୮ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲା। ଜବାବରେ ଗ୍ରେମ୍ ସ୍ମିଥ୍‌ଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକା ମାତ୍ର ୧୭୨ ରନକରି ଅଲ୍‌ଆଉଟ ହେବା ସହ ପରାଜୟ ବରଣ କରିଥିଲା। ଏହି ମୁକାବିଲାରେ ଡୁପ୍ଲେସି କ୍ୟାରିୟରର ୧୦ମ ମ୍ୟାଚ୍ ଖେଳିଥିଲେ ଓ ୪୩ ବଲରୁ ମାତ୍ର ୩୬ ରନ କରି ଆଉଟ ହୋଇଥିଲେ। ନ୍ୟୁଜିଲାଣ୍ଡର ଜ୍ୟାକବ ଓରାମ ୩୯ ରନ ଦେଇ ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ନ୍ୟୁଜିଲାଣ୍ଡର ଦ୍ୱାଦଶ ଖେଳାଳି କାଏଲ ମିଲ୍ସଙ୍କୁ ଧକ୍କାମାରି ଡୁପ୍ଲେସି ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଜରିମାନା ଆକାରରେ ଦେଇଥିଲେ। ସେବେଠାରୁ ଏ ପର୍ଯ୍ୟନ୍ତ ଡାହାଣହାତୀ ବ୍ୟାଟ୍ସମ୍ୟାନ ଡୁପ୍ଲେସି ୧୪୩ ଦିନିକିଆ, ୬୯ଟି ଟେଷ୍ଟ ଓ ୫୦ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି।



ସ୍ତ୍ରୀ ଇମାରି ଭିସେରଙ୍କ ସହ ଫାଫ୍ ଡୁପ୍ଲେସି।

# ଅନ୍ତର୍ଜାତୀୟ କ୍ରିକେଟକୁ ଫେରିବେନି ଡି'ଭିଲର୍ସ



**ଜୋହାନ୍ସବର୍ଗ, ୧୮।୫ (ପି.ଟି.):** ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଏବି ଡି'ଭିଲର୍ସଙ୍କର ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନର କୌଣସି ଯୋଜନା ନାହିଁ। କ୍ରିକେଟ ଦକ୍ଷିଣ ଆଫ୍ରିକା (ସିଏସ୍ଏ) ଏହି ବ୍ୟାଟ୍ସମ୍ୟାନଙ୍କ ସହିତ ଆଲୋଚନା ପରେ ମଙ୍ଗଳବାର ଏ ବିଷୟ ସ୍ପଷ୍ଟ କରିଛି। ଆସନ୍ତା ୱେଷ୍ଟଇଣ୍ଡିଜ ଟୁର୍ ପାଇଁ ଖେଳାଳି ନାମ ଘୋଷଣା କରିଛି। ଦକ୍ଷିଣ ଆଫ୍ରିକା କ୍ୟାରିବିୟନ ଦଳ ବିପକ୍ଷରେ ୨ ଟେଷ୍ଟ ମ୍ୟାଚ ଓ ୫ ଅନ୍ତର୍ଜାତୀୟ ଟି୨୦ ଖେଳିବ। ଡି'ଭିଲର୍ସଙ୍କୁ ପଚରାଯିବାରେ ତାଙ୍କ ଅବସର ନିଷ୍ପତ୍ତି ଫାଇନାଲ ବୋଲି ସେ କହିଥିଲେ। ୨୦୧୮ ମେ' ମାସରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବା ପୂର୍ବରୁ ଡି'ଭିଲର୍ସ ୧୧୪ ଟେଷ୍ଟ, ୨୨୮ ଅନ୍ତର୍ଜାତୀୟ ଦିନିକିଆ ଓ ୭୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି। ଭଲ ଫର୍ମରେ ଥାଇ ଅବସର ନେଇଥିବାରୁ ଅନେକେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ। କରୋନା ସଂକ୍ରମଣ ଯୋଗୁ ନିକଟରେ ସସ୍‌ପେଣ୍ଡ ହୋଇଥିବା ଆଇପିଏଲରେ ଏହି ୩୭ ବର୍ଷୀୟ ଖ୍ୟାତନାମା କ୍ରିକେଟର ଦେଇଥିବା ଏକ ବିବୃତି ସେ ଟି୨୦ ବିଶ୍ୱକପ୍ ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଥିଲା।

# ଧ୍ୟାନଚାନ୍ଦଙ୍କ ଉପରେ ପ୍ରାମାଣିକ ଚଳଚ୍ଚିତ୍ର

ନୂଆଦିଲ୍ଲୀ,୧୮।୫ (ପି.ଟି.)

କିମ୍ବଦନ୍ତୀ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରାଯାଉଛି। ପ୍ରଯୋଜକ ତଥା ବ୍ୟବସାୟୀ ଜୋୟିତା ରଏ ଓ ପ୍ରତୀକ କୁମାର ମିଶ୍ର ଏହି ଡକ୍ୟୁମେଣ୍ଟାରୀ ନିର୍ମାଣ କରୁଛନ୍ତି। ଏଥିରେ ଧ୍ୟାନଚାନ୍ଦଙ୍କ ବାଲ୍ୟଜୀବନ ଓ ସଂଘର୍ଷକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ପ୍ରୟାସ କରାଯାଉଛି। ଜୋୟିତା ଓ ପ୍ରତୀକ ଧ୍ୟାନଚାନ୍ଦଙ୍କୁ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିବାକୁ ଡିଜିଟାଲ ଅଭିଯାନ ଜାରି ରଖିଛନ୍ତି ଓ ଏହା ମାଧ୍ୟମରେ ଦାବି ଉପସ୍ଥାପନ କରିଛନ୍ତି।

ଏ ସଂକ୍ରାନ୍ତରେ ଧ୍ୟାନଚାନ୍ଦଙ୍କ ପୁଅ ତଥା ପୂର୍ବତନ ହକି ଖେଳାଳି ଅଶୋକ ଧ୍ୟାନଚାନ୍ଦଙ୍କ ସହ ପ୍ରଯୋଜକମାନେ ଆଲୋଚନା କରିଛନ୍ତି। ୨୦୨୦ରେ ଝାନ୍‌ସୀ ଓ ଆଲ୍ଲାହାବାଦ୍‌ରେ ଶୁଟିଂ ଆରମ୍ଭ କରିବାକୁ ଯୋଜନା କରାଯାଇଥିଲା। ତେବେ କୋଭିଡ୍-୧୯ ମହାମାରୀ କାରଣରୁ ଶୁଟିଂ ଆରମ୍ଭରେ ବିଳମ୍ବ ହୋଇଥିଲା। ଜୁନ୍‌ରେ ପ୍ରି-ପ୍ରଡକ୍ସନ କାର୍ଯ୍ୟ ଆରମ୍ଭ ହେବ। ଏହି ପ୍ରାମାଣିକ ଚଳଚ୍ଚିତ୍ର ଡିସେମ୍ବର ୩ରେ ଧ୍ୟାନଚାନ୍ଦଙ୍କ ଶ୍ରାଦ୍ଧବାର୍ଷିକୀରେ ମୁକ୍ତିଲାଭ କରିବ। ଭାରତୀୟ ହକିରେ ଧ୍ୟାନଚାନ୍ଦଙ୍କୁ ସର୍ବଶ୍ରେଷ୍ଠ ଖେଳାଳି ବିବେଚନା କରାଯାଏ। ସେ ୧୯୨୮, ୧୯୩୨ ଓ ୧୯୩୬ରେ ଅଲିମ୍ପିକ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ୧୯୨୬ରୁ ୧୯୪୯ ମଧ୍ୟରେ ସେ ଭାରତ ପାଇଁ ଅନ୍ତର୍ଜାତୀୟ ହକିରେ ୧୮୫ଟି ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଥିଲେ ଓ ୫୭୦ଟି ଗୋଲ ସ୍କୋର କରିଥିଲେ। ୧୯୫୬ରେ ତାଙ୍କୁ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ତାଙ୍କ ଜନ୍ମଦିନ ୨୯ ଅଗଷ୍ଟକୁ ଭାରତରେ ପ୍ରତିବର୍ଷ ଜାତୀୟ କ୍ରୀଡ଼ା ଦିବସ ରୂପେ ପାଳନ କରାଯାଉଛି।



# ଶିବସୁନ୍ଦରଙ୍କୁ ଓସିଏର ଅଭିନନ୍ଦନ

ଭୁବନେଶ୍ୱର, ୧୮।୫(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ମହିଳା କ୍ରିକେଟ ଦଳର ବ୍ୟାଟିଂ କୋଚ୍ ମନୋନୀତ ହୋଇଥିବା ଅନ୍ତର୍ଜାତୀୟ ଅଭିଜ୍ଞସମ୍ପନ୍ନ ଓପନର ଶିବସୁନ୍ଦର ଦାସଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଇଂଲଣ୍ଡ ଟୁର୍‌ରେ ଭାରତୀୟ ମହିଳା ଦଳ ଗୋଟିଏ ଟେଷ୍ଟ ଏବଂ ୩ଟି ଲେଖାଏ ଦିନିକିଆ ଓ ଟି୨୦ ଖେଳିବ। ଏହି ଅବସରରେ ଶିବସୁନ୍ଦର ଏହି ଗୁରୁଦାୟିତ୍ୱ ତୁଲାଇବେ। କ୍ୟାରିୟରରେ ୨୩ ଟେଷ୍ଟ, ୪ ଦିନିକିଆ, ୧୮୦ ପ୍ରଥମଶ୍ରେଣୀ, ୮୧ଟି ଲିଷ୍ଟ-ଏ ଏବଂ ୩ଟି ଟି୨୦ ମ୍ୟାଚ ଖେଳିଥିବା ଏହି ପୂର୍ବତନ ଓଡ଼ିଶା ବ୍ୟାଟିଂ ଗ୍ରେଟ୍ ଜାତୀୟ କ୍ରିକେଟ ଏକାଡେମୀରେ ବ୍ୟାଟିଂ କୋଚ୍ ଏବଂ ଭାରତୀୟ ମହିଳା 'ଏ' ଦଳର କୋଚ୍ ଦାୟିତ୍ୱକୁ ମଧ୍ୟ ସଫଳତାର ସହ ତୁଲାଇଛନ୍ତି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ ସମସ୍ତ କର୍ମକର୍ତ୍ତା ଶିବସୁନ୍ଦରଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତର କାର୍ଯ୍ୟପନ୍ଥା ପାଇଁ ଶୁଭକାମନା ଜଣାଇଛନ୍ତି। ଓଡ଼ିଶାର ଅନ୍ୟତମ ଶ୍ରେଷ୍ଠ କ୍ରିକେଟରଙ୍କୁ ଏପରି ଦାୟିତ୍ୱ ପାଇଁ ମନୋନୀତ କରାଯାଇଥିବାରୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହାଙ୍କୁ ମଧ୍ୟ ଓସିଏ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।






# ଖର୍ଚ୍ଚ ବହନ କରୁଛି ବିସିସିଆଇ

## ସିଡ୍‌ନୀରେ ଅଷ୍ଟ୍ରେଲୀୟ ଆଇପିଏଲ୍ ଖେଳାଳିଙ୍କ କ୍ୱାରାଣ୍ଟାଇନ୍

ସିଡ୍‌ନୀ,୧୮।୫ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବା ଅଷ୍ଟ୍ରେଲିଆ କ୍ରିକେଟରମାନେ ଏବେ ସିଡ୍‌ନୀରେ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରହୁଛନ୍ତି। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଖେଳାଳିମାନଙ୍କ କ୍ୱାରାଣ୍ଟାଇନ ଖର୍ଚ୍ଚ ବହନ କରିବା ସହ ବିଲ୍ ପୈଠ କରୁଛି ବୋଲି କ୍ରିକେଟ ଅଷ୍ଟ୍ରେଲିଆ(ସିଏ) ମଧ୍ୟବର୍ତ୍ତିକାଳୀନ ମୁଖ୍ୟ କାର୍ଯ୍ୟନିର୍ବାହୀ ନିକ୍ ହକ୍‌ଲେ କହିଛନ୍ତି।

ପ୍ୟାଟ କୁମିନ୍ସ, ଷ୍ଟିଭ ସ୍ମିଥ୍‌ଙ୍କ ଭଳି ତାରକା ଖେଳାଳିଙ୍କ ସହ ଅଫିସିଆଲ, କମେଣ୍ଟେଟର୍ସ ଆଦି ୩୮ ସଦସ୍ୟ ବିଶିଷ୍ଟ ଏକ ଅଷ୍ଟ୍ରେଲିଆ ଦଳ ମାଳଦ୍ୱୀପରୁ ସୋମବାର ସିଡ୍‌ନୀ ବିମାନ ବନ୍ଦରରେ ପହଞ୍ଚିଥିଲେ। ମେ' ୧୫ ପର୍ଯ୍ୟନ୍ତ ଭାରତ ଉପରେ ଅଷ୍ଟ୍ରେଲିଆ ସରକାର ଯାତ୍ରା କଟକଣା ଲାଗୁ କରିଥିଲେ। ଫଳରେ ଖେଳାଳିମାନେ ମାଳଦ୍ୱୀପରେ ୧୦ ଦିନ ବିତାଇବାକୁ ବାଧ୍ୟ ହୋଇଥିଲେ। ବିସିସିଆଇ ନିଜର ପ୍ରତିଶ୍ରୁତି ପୂରଣ କରିବା ସହ ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟାର ଖର୍ଚ୍ଚ ବହନ କରୁଛି ବୋଲି ହକ୍‌ଲେ କହିଛନ୍ତି। ବିସିସିଆଇ ସହିତ ମିଳିତ ଭାବେ ଆମେ କାର୍ଯ୍ୟ କରୁଛୁ। ବିସିସିଆଇ ଏ ବାବଦରେ ଅତି ସୁନ୍ଦର ଭାବେ କାର୍ଯ୍ୟ ପରିଚାଳନା କରୁଛି ଓ ପ୍ରତିଶ୍ରୁତ ରକ୍ଷା କରିଛି। ଖେଳାଳିମାନଙ୍କ ପ୍ରତ୍ୟାବର୍ତ୍ତନ ନେଇ ବିସିସିଆଇ ତା'ର ଦାୟିତ୍ୱ ଅତି ସୁନ୍ଦରଭାବେ ସମ୍ପାଦନ କରିଛି। ଏଥିପାଇଁ ବିସିସିଆଇ ପ୍ରଶଂସାର ହକଦାର ବୋଲି ହକ୍‌ଲେ କହିଛନ୍ତି। ଯେଉଁ ଅଷ୍ଟ୍ରେଲିଆ ଖେଳାଳିମାନେ ଆଇପିଏଲ୍‌ରେ ଅଂଶଗ୍ରହଣ କରିଛନ୍ତି ସେମାନେ ନିଜ ନିଜର ବ୍ୟବସ୍ଥା କରନ୍ତୁ ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ ମୋରିସନ କହିଛନ୍ତି।

# ନିଜ ବିଶ୍ୱ ରେକର୍ଡ ଭାଙ୍ଗିଲେ କୋଲେସ୍‌ନିକୋଭ୍

**ବୁଦାପେଷ୍ଟ (ହଙ୍ଗେରୀ), ୧୮।୫ (ଏପି):** ରୁଷୀୟ ସନ୍ତରଣକାରୀ କ୍ଲିମେଣ୍ଟ କୋଲେସ୍‌ନିକୋଭ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ନିଜ ନାମରେ ଥିବା ବିଶ୍ୱ ରେକର୍ଡରେ ଉନ୍ନତି ଆଣିଛନ୍ତି। ୨୦ ବର୍ଷୀୟ କୋଲେସ୍‌ନିକୋଭ ସୋମବାର ୟୁରୋପିଆନ ଚାମ୍ପିୟନଶିପ୍ ସେମିଫାଇନାଲରେ ତାଙ୍କ ରେସ୍‌କୁ ୨୩.୯୩ ସେକେଣ୍ଡରେ ଶେଷ କରିଛନ୍ତି। ୩ ବର୍ଷ ପୂର୍ବେ ଗ୍ଲାସ୍‌ଗୋଠାରେ ଗତ ୟୁରୋପିଆନ ଚାମ୍ପିୟନଶିପ୍ ଟାଇମିଂଠାରୁ ୦.୦୭ ସେକେଣ୍ଡ ଦ୍ରୁତତର।

# ଅଷ୍ଟ୍ରେଲିଆରେ ଟେଷ୍ଟ ଖେଳିବେ ଭାରତୀୟ ମହିଳା

**ନୂଆଦିଲ୍ଲୀ, ୧୮।୫ (ପି.ଟି.):** ଦୁଇଟି ବଡ଼ ଦଳ ବିପକ୍ଷରେ ଭାରତୀୟ ମହିଳା କ୍ରିକେଟ ଦଳ ଆସନ୍ତା ମାସରେ ଟେଷ୍ଟ ଖେଳିବ। ଇଂଲଣ୍ଡରେ ଗୋଟିଏ ଟେଷ୍ଟ ଖେଳିବା ପରେ ଅଷ୍ଟ୍ରେଲିଆରେ ମଧ୍ୟ ଗୋଟିଏ ଟେଷ୍ଟ ମ୍ୟାଚ୍ ଖେଳିବ। ଭାରତ ଦୀର୍ଘ ୭ ବର୍ଷ ପରେ ଜୁନ୍ ୧୬ ତାରିଖରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଖେଳିବାକୁ ଯାଉଛି। ଏହାପରେ ଅଷ୍ଟ୍ରେଲିଆ ଗସ୍ତରେ ଗୋଟିଏ ଟେଷ୍ଟ ଖେଳିବା ସହ ଭାରତ ଦିନିକିଆ ଓ ଟି୨୦ ମ୍ୟାଚ୍ ମଧ୍ୟ ଖେଳିବ। ଭାରତ ଶେଷଥର ପାଇଁ ଅଷ୍ଟ୍ରେଲିଆ ବିପକ୍ଷରେ ୨୦୦୬ରେ ଟେଷ୍ଟ ଖେଳିଥିଲା। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମହିଳା ଦଳ ଏବେ ମଧ୍ୟ ଟେଷ୍ଟ ଖେଳୁଛି। ତେଣୁ ଭାରତ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଗସ୍ତରେ ଗଲେ କିମ୍ବା ଏହି ଦୁଇ ଦଳ ଭାରତ ଆସିଲେ ଟେଷ୍ଟ ମ୍ୟାଚ୍ ଖେଳାଯିବ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

# ଏଭରେଷ୍ଟ ବିଜୟ ବାର୍ଷିକୀରେ ସଚେତନତା ବାର୍ତ୍ତା

ଭୁବନେଶ୍ୱର, ୧୮।୫(କ୍ରୀଡ଼ା ପ୍ରତିନିଧି)

ପ୍ରଥମ ଓଡ଼ିଆ ପୁରୁଷ ପର୍ବତାରୋହୀ ଭାବେ ଠିକ୍ ୧୦ ବର୍ଷ ତଳେ ଏଭରେଷ୍ଟ ଆରୋହଣ କରିଥିବା ଗଣେଶ ଚନ୍ଦ୍ର ଜେନା ମଙ୍ଗଳବାର ଏହି ସ୍ମରଣୀୟ ଦିବସକୁ ମନେପକାଇଛନ୍ତି। ଦୀର୍ଘଦିନର ପ୍ରସ୍ତୁତି ଓ ସ୍ୱପ୍ନକୁ ସାକାର କରି ଗଣେଶ ୨୦୧୧ ମେ' ୧୮ ତାରିଖରେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗ ଏଭରେଷ୍ଟର ଶିଖରରେ ପହଞ୍ଚିଥିଲେ। ଚଳିତ କୋଭିଡ୍ ମହାମାରୀ କାରଣରୁ ଏଥିଲାଗି କୌଣସି ଉତ୍ସବ ସମ୍ଭବ ହୋଇ ନ ଥିଲେ ମଧ୍ୟ ଗଣେଶ ସାମାଜିକ ଦାୟିତ୍ୱଠାରୁ ଦୂରେଇ ନାହାନ୍ତି। ଗତବର୍ଷ କୋଭିଡ୍ ସମୟରେ ଖାଦ୍ୟ ବଣ୍ଟନ କରି ନଜରକୁ ଆସିଥିବା ଗଣେଶ ଏଥର ସଚେତନତା ବାର୍ତ୍ତା ଜରିଆରେ ଜୀବନ ରକ୍ଷା ଲାଗି ଚେଷ୍ଟା କରିଛନ୍ତି। କୋଭିଡ୍‌ରୁ ମୁକ୍ତି ପାଇବା ଲାଗି ଲୋକମାନେ ସଚେତନତାର ସୂତ୍ର ସବୁ ମାନିବାକୁ ସେ ଆହ୍ୱାନ ଦେଇଛନ୍ତି। 'ସାମାଜିକ ଦୂରତା ଟିକାଠାରୁ ବି ବଡ଼ ପ୍ରଭାବୀ, ସରକାରଙ୍କ ସମସ୍ତ ପରାମର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତୁ' ବୋଲି ଗଣେଶ ଓଡ଼ିଶାର ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଆମେ ନିଶ୍ଚିତ ଏହି ଅଦୃଶ୍ୟ ଯୁଦ୍ଧରେ ବିଜୟୀ ହେବା ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ୫ ଲକ୍ଷ ଟଙ୍କାର ଅଳଙ୍କାର ଚୋରି

**ନୟାଗଡ଼ ଅଫିସ:** ନୟାଗଡ଼ ଜିଲା ଫତେଗଡ଼ ଥାନା ବାରବାଟି ଗାଁର ପ୍ରସନ୍ନ କୁମାର ପଣ୍ଡାଙ୍କ ଘରୁ ନଗଦ ୪୬ ହଜାର ଟଙ୍କା, ୨୦ ଭରି ଓଜନର ଏକ ଅଣ୍ଟାସୁତା ସହ ୫୬ ଗ୍ରାମର ସୁନା ଅଳଙ୍କାର ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୋମବାର ରାତିରେ ପରିବାର ଲୋକେ ଛାତ ଉପରେ ଶୋଇଥିବାବେଳେ ଝରକା ଗ୍ରୀଲ କାଟି କେହି ତାଙ୍କ ଘରେ କଳାକନା ବୁଲାଇ ଦେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୯୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଚିହ୍ନଟ ପୂର୍ବରୁ ମୃତଦେହ ପୋଡ଼ିଦେଲେ

ନୟାଗଡ଼ ଅଫିସ,୧୮।୫

- ନିରାଶ ହୋଇ ଫେରିଲେ ପରିବାର ଲୋକେ
- ମୃତଦେହକୁ ଆଇସିୟୁରେ ରଖାଯାଇଥିବା ଅଭିଯୋଗ
- ଚାନ୍ଦପୁର କୋଭିଡ୍ ହସ୍ପିଟାଲର ଗୁମର ଖୋଲୁଛନ୍ତି ରୋଗୀ

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ମୃତକଙ୍କୁ ଗୁରୁତର ଦେଖାଇ ଆଇସିୟୁରେ ରଖାଯାଇଥିବା ଅଭିଯୋଗ ହୋଇଛି। କୋଭିଡ୍‌ରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଚିହ୍ନଟ ବେଳେ ଏପରି ଘଟଣା ଲୋକଲୋଚନକୁ ଆସିଛି। ନିଜ ଲୋକଙ୍କ ମୃତଦେହକୁ ନ ପାଇ ପରିବାର ଲୋକ ମଙ୍ଗଳବାର ଘରକୁ ଫେରିଛନ୍ତି। ତେବେ ଏହି ଘଟଣାକୁ ସିଡିଏମ୍ ଖୁବ୍ ହାଲକା ଭାବେ ନେଇଛନ୍ତି। ସବୁ ଠିକ୍ ଚାଲିଛି ବୋଲି ସେ କହିଛନ୍ତି।

ଏ ସଂକ୍ରାନ୍ତରେ କାଲୁପଡା ଘାଟର ବୁଢ଼ା ପଟ୍ଟନାୟକଙ୍କ କହିଛନ୍ତି, ଓଡ଼ଗାଁ ବ୍ଲକ ବୁଢ଼ାବୁଢ଼ିଆଣି ଡ୍ୟାମ୍ ଅଞ୍ଚଳର ବାସିନ୍ଦା ତଥା ମୋର ଭଣଜା ସନ୍ତୋଷ ପଟ୍ଟନାୟକ(୫୫) କରୋନା ଆକ୍ରାନ୍ତ ହେବା ପରେ ଶନିବାର ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସୋମବାର ଆମକୁ ଖବର ଦିଆଯାଇଥିଲା ସନ୍ତୋଷଙ୍କ ମୃତ୍ୟୁ ହୋଇଯାଇଛି। ମଙ୍ଗଳବାର ମୃତଦେହ ଚିହ୍ନଟ ପରେ ସତ୍କାର କରାଯିବ। ମଙ୍ଗଳବାର ପୂର୍ବାହ୍ନରେ ମୋତେ ଯେଉଁ ମୃତଦେହ ଦେଖାଇଲେ ତାହା ସନ୍ତୋଷଙ୍କ ନ ଥିଲା। ମୁଁ ମନା କରିବା ପରେ ପୁଣି ୨ୟ ଥର ସେହି ମୃତଦେହ ଦେଖାଇଥିଲେ। ମୃତଦେହଟି ସନ୍ତୋଷଙ୍କ ନୁହେଁ ବୋଲି କହିବା ପରେ ଦୁଃଖ ପ୍ରକାଶ କରି ଭୁଲ ହୋଇଗଲା ବୋଲି ମେଡିକାଲ କର୍ତ୍ତୃପକ୍ଷ କହିଥିଲେ। ଆମେ ନିଜ ଲୋକର ମୃତଦେହ ଦେଖିବାର ବି ସୁଯୋଗ ପାଇଲୁ ନାହିଁ। କିନ୍ତୁ ସିଡିଏମ୍‌ଓ କୁଆଡେ କହୁଛନ୍ତି, ମୃତଦେହକୁ ପରିବାର ଲୋକେ ଚିହ୍ନଟ କରିଛନ୍ତି। ସିଡିଏମ୍‌ଓ ମିଛ କହୁଛନ୍ତି, ମୋତେ ଡାକନ୍ତୁ ମୁଁ ସତର ଗୁମର ଖୋଲିବି ବୋଲି ସେ କହିଛନ୍ତି।

କରୋନା ନିୟନ୍ତ୍ରଣ ପାଇଁ ସରକାର ଦିନରାତି ଏକାକାର କରିଛନ୍ତି। ଏଥିପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ କେତେଜଣ କର୍ମଚାରୀଙ୍କ ଦାୟିତ୍ୱହୀନତା, ଅବ୍ୟବସ୍ଥା ଓ ସରକାରୀ ଅନୁଦାନ ଲୁଟିବା ମନୋବୃତ୍ତି ଯୋଗୁ ମୃତକଙ୍କୁ ବି ନ୍ୟାୟ ମିଳୁନାହିଁ ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଓଡ଼ଗାଁ ଅଞ୍ଚଳର ସନ୍ତୋଷ ପଟ୍ଟନାୟକଙ୍କ ମୃତଦେହ ଚିହ୍ନଟ ପରେ ସତ୍କାର କରାଯାଇଛି। ଏଥିରେ କିଛି ତ୍ରୁଟି ହୋଇନି। ଅଭିଯୋଗର ସତ୍ୟତା ନାହିଁ। ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ସବୁ କିଛି ଠିକ୍‌ଠାକ ଚାଲିଛି। ହେଲେ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଥିବା ରୋଗୀ ବିବେକ ଓରଫ ଗାନ୍ଧୀ ପାଢ଼ୀ କୁହନ୍ତି, ମୋର ୩ଟି ବେଡ୍ ଛାଡି ସନ୍ତୋଷ ନାୟକ ଚିକିତ୍ସିତ ହେଉଥିଲେ। ରବିବାର ସେ ପ୍ରାଣ ହରାଇଥିଲେ। ହେଲେ ଗୁରୁତର ଦେଖାଇ ତାଙ୍କୁ ଆଇସିୟୁରେ ରଖାଗଲା। ସୋମବାର ସନ୍ତୋଷ ମରିଥିବା ତାଙ୍କର ପରିବାର ଲୋକଙ୍କୁ କୁହାଗଲା। ହେଲେ ମଙ୍ଗଳବାର ମୃତଦେହକୁ ଦେଇ ପାରିଲେ ନାହିଁ। କାରଣ ସୋମବାର ମୃତଦେହକୁ ପୋଡି ଦିଆଯାଇଥିଲା। ମଙ୍ଗଳବାର ଭିନ୍ନ ଲୋକଙ୍କ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ଦେଖାଯାଇଥିଲା।

ପାଢ଼ୀ ପୁଣି କହିଛନ୍ତି, ମୋର ଘର ଓଡ଼ଗାଁ ଅଞ୍ଚଳରେ। ମୋର ଡାଇବେଟିସ୍ ଅଛି। କରୋନାରେ ଆକ୍ରାନ୍ତ ପରେ ମୁଁ ୫ଦିନ ହେଲା ଏଠାରେ ଅଛି। ମୋତେ କେବଳ କାଶ ଔଷଧ ଦିଆଯାଇଛି। ମୋର ଡାଇବେଟିସ୍ ଟେଷ୍ଟ ବି କରୁ ନାହାନ୍ତି। ଖାଇବା ଦେବାକୁ ବହୁ ବିଳମ୍ବ କରୁଛନ୍ତି। ଏଠାରେ ଏପରି ଅବ୍ୟବସ୍ଥା ଦେଖି ମୁଁ ଘରକୁ ଚାଲିଯିବାକୁ ଚାହୁଁଛି। ହେଲେ ମୋତେ ଡିସ୍‌ଚାର୍ଜ କରାଯାଉନାହିଁ। କୋଭିଡ୍ ହସ୍ପିଟାଲର ଦାୟିତ୍ୱରେ ଥିବା ରଣପୁରର ଅତିରିକ୍ତ ତହସିଲଦାର ଅଶୋକ ପଟ୍ଟନାୟକ କୁହନ୍ତି, ଅବ୍ୟବସ୍ଥା ସମ୍ପର୍କରେ ମୁଁ ଅଭିଯୋଗ ପାଇନାହିଁ। ଆପଣଙ୍କଠାରୁ ଅକ୍ସିଜେନ ଓ ଖାଦ୍ୟର ଅସୁବିଧା ଶୁଣିଲି। ତୁରନ୍ତ ଏହାର ପ୍ରତିକାର କରିବାକୁ ଚେଷ୍ଟା କରାଯିବ।

## ଝାଡ଼ସାହି ଗାଁରୁ ନମୁନା ସଂଗ୍ରହ ହେଲା



ମେଡିକାଲ ଟିମ୍ ଗ୍ରାମବାସୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରୁଛନ୍ତି ।

ଓଡ଼ଗାଁ,୧୮।୫(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଅଧୀନ ଗିରିଡିପଲ୍ଲୀ ପଞ୍ଚାୟତ ଝାଡ଼ସାହି ଗ୍ରାମରେ ରବିବାର ୪ ଓ ସୋମବାର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ଆଲୋଡ଼ନ ସୃଷ୍ଟି ହୋଇଥିଲା। ଗାଁ ସାରା ଲୋକଙ୍କୁ ଜ୍ୱର ହୋଇଥିବା ଓ କରୋନା ଭୟରେ କେହି ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆସୁ ନ ଥିବା ଚର୍ଚ୍ଚା ଜୋର ଧରିଥିଲା। ସୋମବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଘର ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ମଙ୍ଗଳବାର ଏକ ଟିମ୍ ଗାଁରେ ପହଞ୍ଚି ଗ୍ରାମବାସୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରିଛନ୍ତି। ସମୁଦାୟ ୧୯୮ ଜଣଙ୍କ ନମୁନା ସଂଗ୍ରହ

**୬ ଆଣ୍ଟିଜେନ୍ ପଜିଟିଭ ଚିହ୍ନଟ**

କରାଯାଇଛି। ସେମାନଙ୍କ ମଧ୍ୟରୁ ୧୨୯ ଜଣଙ୍କ ଆଣ୍ଟିଜେନ୍ ଟେଷ୍ଟ କରାଯାଇଛି। ୬ ଜଣଙ୍କ ପଜିଟିଭ୍ ରିପୋର୍ଟ ମିଳିଛି। ୬୯ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇ ଆରଟି-ପିସିଆର ଟେଷ୍ଟ ପାଇଁ ପଠାଯାଇଛି ବୋଲି ସୁପରଭାଇଜର ସୁରେନ୍ଦ୍ର ନାୟକ କହିଛନ୍ତି। କୋଭିଡ୍ କମାଣ୍ଡର ତଥା ତହସିଲଦାର ବିଜୟିତା ସାମନ୍ତସିଂହାର, ଆଦର୍ଶ ଥାନା ଆଇଆଇସି ପ୍ରଜ୍ଞାପରମିତା ଜେନା, ବିଡିଓ ସ୍ୱାତୀଲେଖା ଦାସ ନମୁନା ସଂଗ୍ରହ ବେଳେ ଉପସ୍ଥିତ ଥିଲେ। ଅଙ୍ଗନୱାଡ଼ି କର୍ମୀ ସଙ୍ଗୀତା ମିଶ୍ର ଓ ଆଶା କର୍ମୀ ଗୀତାଳି ଡାକୁଆ ନମୁନା ସଂଗ୍ରହ କରିବା ବେଳେ ମେଡିକାଲ ଟିମ୍‌କୁ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଗିରଫ

**ଖଣ୍ଡପଡ଼ା,୧୮।୫(ସ୍ୱ.ପ୍ର.):** ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ କଣ୍ଟିଲୋ ନିକଟ ରତନପୁର ଛକରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସମ୍ପୃକ୍ତ ବାଇକ୍ ଚାଳକଙ୍କୁ କଣ୍ଟିଲୋ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭ୍ରମରବରପ୍ରସାଦ ଗ୍ରାମର ବାବାଜୀ ପଣ୍ଡା। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୯୬/୨୧) ରୁଜୁ କରିଛି। ସୂଚନା ଅନୁଯାୟୀ, କଣ୍ଟିଲୋ ଫାଣ୍ଡି ଅଧୀନ ବାଣପୁର ପଞ୍ଚାୟତ ଘଣାଶାଳିଆ ନିକଟ ଡିପିସାହିର ବିମ୍ବାଧର ରାଉତ(୫୮) ପରିବା କିଣି ସାଇକେଲରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ବାବାଜୀ ପଣ୍ଡା ତାଙ୍କ ସାଇକେଲକୁ ଧକ୍କା ଦେଇଥିଲେ। ଫଳରେ ବିମ୍ବାଧର ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

### ୯ ବାଲି ବୋଝେଇ ହାଇୱା ଜବତ

### ୧.୨୦ଲକ୍ଷ ଟଙ୍କା ରାଜସ୍ୱ ଆଦାୟ



**ଖଣ୍ଡପଡ଼ା,୧୮।୫(ସ୍ୱ.ପ୍ର.):** ସିଧାମୂଳା ମହାନଦୀ ବାଲିଘାଟରୁ ବେନିୟମ ଭାବେ ବାଲି ଚାଲାଣ କରୁଥିବା ୯ ହାଇୱା ଗାଡିକୁ ଖଣ୍ଡପଡ଼ା ପୋଲିସ ପକ୍ଷରୁ ଜବତ କରାଯାଇଛି। ଏହି ସବୁ ଗାଡି ଜବତ ପରେ ୧ଲକ୍ଷ ୨୦ ହଜାର ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ଖଣ୍ଡପଡା ତହସିଲଦାର ପାର୍ଥ ସାରଥି ହାଁସଦା ମଙ୍ଗଳବାର ଅପରାହ୍ନରେ ସୂଚନା ଦେଇଛନ୍ତି। ଏସ୍‌ଡିପିଓ ପ୍ରଭାତ କୁମାର ମଲ୍ଲିକ ସୋମବାର ବିଳମ୍ବିତ ରାତିରେ ଚଢ଼ାଉ କରିଥିଲେ। ଏହି ସମୟରେ ସିଧାମୂଳା ବାଲିଘାଟରୁ ଚାଲାଣ ହେଉଥିବା ୯ ବାଲି ବୋଝେଇ ହାଇୱାକୁ ଜବତ କରିଥିଲେ। ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ଜ୍ଞାତସାରରେ ଶତାଧିକ ଟ୍ରିପ୍ ବାଲି ମହାନଦୀରୁ ବେଆଇନ ଭାବେ ଚାଲାଣ ହେଉଥିବା ଅଭିଯୋଗ ହୋଇଛି।

### କରୋନାରେ ବିଦ୍ୟୁତ୍ କର୍ମଚାରୀ ମୃତ

**ଦଶପଲ୍ଲା,୧୮।୫(ଡି.ଏନ.ଏ.):** ଦଶପଲ୍ଲା ପାଟପୁରପାଟଣାର ସୁମନ୍ତ କୁମାର ଦାସ (୩୭)ଙ୍କ ମଙ୍ଗଳବାର କରୋନାରେ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ପ୍ରଥମେ ସୁମନ୍ତଙ୍କୁ ସାଧାରଣ ଜ୍ୱର, ଥଣ୍ଡା ହୋଇଥିଲା। ପରୀକ୍ଷା ପରେ ସେ କରୋନା ପଜିଟିଭ ଥିବା ଜଣାପଡିଥିଲା। ଏହାପରେ ତାଙ୍କୁ ଚାନ୍ଦପୁର କୋଭିଡ୍ କେୟାର ସେଣ୍ଟର ପଠାଯାଇଥିଲା। ସେଠାରେ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ସକାଳେ ତାଙ୍କର ମୃତ୍ୟୁ ଘଟିଛି। ସେ ଦଶପଲ୍ଲାର ଟିପିସିଓଡିଏଲ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କର ବିଧବା ସ୍ତ୍ରୀଙ୍କ ସହ ୨ବର୍ଷ ବୟସର ଗୋଟିଏ ଝିଅ ଅଛନ୍ତି।

# ରୋଗ ସହ ଲଢୁଛନ୍ତି ନିରନ

ଖଣ୍ଡପଡ଼ା,୧୮।୫(ସ୍ୱ.ପ୍ର.)



ଅସୁସ୍ଥ ନିରନ ଜେନା ।

- ଉଚ୍ଚତର ଚିକିତ୍ସା ପାଇଁ ଟଙ୍କା ନାହିଁ
- ସହାୟତା ପାଇଁ ଚାହିଁ ବସିଛନ୍ତି ସାରା ପରିବାର

ଭଲ ଡାକ୍ତରଖାନାରେ ଚିକିତ୍ସା କଥା ଦୂରେ ଥାଉ ଔଷଧ କିଣିବା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ। ପେଟପୂରା ଖାଇବାକୁ ଦାନାଗଣ୍ଡେ ମିଳୁନି। ଓଳିଏ ଖାଇଲେ ଆର ଓଳିକୁ ଉପବାସ ରହିବାକୁ ପଡୁଛି। ଏଭଳି ସ୍ଥିତିରେ ରୋଗ ସହ ଲଢୁଛନ୍ତି ଖଣ୍ଡପଡ଼ା ପୌରାଞ୍ଚଳ ଅଧୀନ ୧୧ନଂ.ୱାର୍ଡ ବାଇପାସ ରାସ୍ତା ପାର୍ଶ୍ୱରେ ରହୁଥିବା ନିରନ ଜେନା(୪୫)।

ନିରନଙ୍କ ପରିବାର କହିଲେ ସ୍ତ୍ରୀ ତନୁ, ୧୨ ବର୍ଷର ପୁଅ ସତ୍ୟଜିତ୍ ଓ ୧୪ ବର୍ଷର ଝିଅ ଲକ୍ଷ୍ମୀପ୍ରିୟା। ଦିନମଜୁରିଆ ଭାବେ କାମକରି ନିଜର ତେଲଲୁଣ ସଂସାରକୁ ଚଳାଇ ଆସୁଥିଲେ ନିରନ। ହେଲେ ଗତ ୪ମାସ ତଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ଡାକ୍ତରଙ୍କ ପରାମର୍ଶରେ କିଛିଦିନ ଔଷଧ ବି ଖାଇଲେ। ହେଲେ କିଛି ଲାଭ ହେଲାନାହିଁ। ଦିନକୁ ଦିନ ସେ ଦୁର୍ବଳ ହୋଇପଡିଲେ। ଚଲାବୁଲା ବି କରିପାରିଲେ ନାହିଁ। କଟକର ଏକ ଘରୋଇ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ କିଛିଦିନ ରହି ଚିକିତ୍ସା ହେଲା ପରେ ଯାହା କିଛି ସଞ୍ଚିତ ଅର୍ଥ ଥିଲା ତାହା ସରିଲା। ତଥାପି ନିରନଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ପରିବର୍ତ୍ତନ ଆସିଲା ନାହିଁ। ତାଙ୍କୁ ଭଲ ଡାକ୍ତରଖାନା ନେବାକୁ ଆଉ ସମ୍ବଳ ବି ନ ଥିଲା। କଟକରୁ ଫେରିବା ପରେ ସେ ଘରେ ପଡି ରହିଛନ୍ତି। ନିରନଙ୍କ ଚିକିତ୍ସା ପାଇଁ ଇତିମଧ୍ୟରେ ଧାରକରଜ କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଛି। ଉଚ୍ଚତର ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ହେବ ବୋଲି ଡାକ୍ତର କହିବା ପରେ ପରିବାର ଲୋକଙ୍କ ଚିନ୍ତା ବଢ଼ିଛି। ଏବେ ଔଷଧ କିଣିବା ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ ବୋଲି ସ୍ତ୍ରୀ ତନୁ ଲୁହ ଛଳଛଳ ଆଖିରେ କହିଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ଏପରି ଅବସ୍ଥା ଯୋଗୁ ଆର୍ଥିକ ଅନଟନ ମଧ୍ୟରେ ତାଙ୍କ ପରିବାର ଚାଲିଛି। ଜମିବାଡି ନାହିଁ। ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ୨୦ କିଲୋ ଚାଉଳ ତାଙ୍କ ପରିବାର ପାଇଁ ଏକମାତ୍ର ସାହାରା ପାଲଟିଛି। ନିରନଙ୍କ ପରିବାରର ଏପରି ଦୁର୍ଦ୍ଦଶା ଜାଣିବା ପରେ ଖଣ୍ଡପଡ଼ା ଏନ୍‌ଏସି କର୍ତ୍ତୃପକ୍ଷ ପ୍ରତିଦିନ ତାଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛନ୍ତି। ନୟାଗଡ଼ ଜିଲାପାଳ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିରନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। କେହି ସହୃଦୟ ବ୍ୟକ୍ତି ନିରନଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ତାଙ୍କ ପରିବାର ସଦସ୍ୟମାନେ ଅନୁରୋଧ କରିଛନ୍ତି।

## ଆଇନଜୀବୀଙ୍କ ପରଲୋକ

ନୟାଗଡ଼ ଅଫିସ,୧୮।୫

ନୟାଗଡ଼ର ବରିଷ୍ଠ ଆଇନଜୀବୀ ସୁକାନ୍ତ ଛୋଟରାୟଙ୍କ ମଙ୍ଗଳବାର କରୋନାରେ ପରଲୋକ ହୋଇଛି । ଗତ ୨ ସପ୍ତାହ ଧରି ସେ ଚିକିତ୍ସାଧୀନ ଥିଲେ। ପ୍ରଥମେ ତାଙ୍କୁ ଚାନ୍ଦପୁର କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଏହି ଅବସରରେ ଜିଲା ଓକିଲ ସଂଘ ଦ୍ୱାରା ଆୟୋଜିତ ଶୋକସଭାରେ ସଭାପତି ବିପିନ ଧଳ, ସମ୍ପାଦକ କାଳୁଚରଣ ସ୍ୱାଇଁ, ପୂର୍ବତନ ସଭାପତି ରଣଜିତ ଦାଶ, ପ୍ରସନ୍ନ ରଥ, ବରିଷ୍ଠ ଆଇନଜୀବୀ ବିରଞ୍ଚି ଦାଶ, ପ୍ରଣବ ବିଶୋଇ ପ୍ରମୁଖ ଦିବଂଗତ ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରିଥିଲେ । କୋର୍ଟର ଜରୁରୀ କାର୍ଯ୍ୟ ବନ୍ଦ ରହିଥିଲା । ଭୁବନେଶ୍ୱର ସତ୍ୟନଗର ଶ୍ମଶାନଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

## ୧୦ ହଜାର ଟଙ୍କା ଜରିମାନା ଆଦାୟ

ନୟାଗଡ଼ ଅଫିସ,୧୮।୫

ନୟାଗଡ଼ ସଦର ଥାନା ପୋଲିସ ବାଲୁଗାଁ ଅଞ୍ଚଳରେ ଚଢ଼ାଉ କରି ମାସ୍କ ନ ପିନ୍ଧିବା, ସାମାଜିକ ଦୂରତ୍ୱ ନିୟମ ନ ମାନିବା ଲୋକଙ୍କଠାରୁ ମଙ୍ଗଳବାର ୧୦ ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ କରିଛି । ଗାଁରେ କରୋନା କଟକଣାକୁ ଅଣଦେଖା କରୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ ପରେ ସାଧାରଣରେ ଭୟ ସୃଷ୍ଟି ହୋଇଛି ।

## ତାସଖେଳ, ଭୋଜିଭାତ ବନ୍ଦ କର

ନୟାଗଡ଼ ଅଫିସ,୧୮।୫

**ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ସମୀକ୍ଷା ବୈଠକ**

ମଙ୍ଗଳବାର ଅପରାହ୍ନରେ ଭର୍ଚ୍ଚୁଆଲ ମାଧ୍ୟମରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଗ୍ରାମ ପଞ୍ଚାୟତର କୋଭିଡ୍ ସ୍ଥିତି ଉପରେ ସମୀକ୍ଷା କରିଛନ୍ତି। ବୈଠକରେ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ ସାହୁ ଉପସ୍ଥିତ ଥିଲେ। ମନ୍ତ୍ରୀ ଦର୍ଶାଇଥିଲେ କୋଭିଡ୍‌ର ଦ୍ୱିତୀୟ ଲହର ସାଙ୍ଘାତିକ ଭାବେ ବ୍ୟାପୀ ଚାଲିଛି। ଏହା ଅନେକ ଲୋକଙ୍କ ଜୀବନ ନେଇ ସାରିଲାଣି। ଏବେ ସହରଠାରୁ ଗାଁ ପର୍ଯ୍ୟନ୍ତ ସବୁଠି କରୋନା ରୋଗୀ ଚିହ୍ନଟ ହେଉଛନ୍ତି। ଏହାର କାରଣ ଲୋକମାନଙ୍କ ଅସାବଧାନତା, ଖାମଖିଆଲ ମନୋଭାବ। ମାସ୍କ ବ୍ୟବହାର ନ କରିବା, ଆମକୁ କରୋନା ହେବ ନାହିଁ ବୋଲି ବହୁ ଲୋକଙ୍କ ଭାବନା ରହିଛି। ସେହିଭଳି କରୋନା ଲକ୍ଷଣଗୁଡିକୁ ଅତି ହାଲକା ଭାବେ ଗ୍ରହଣ କରି ରୋଗୀଙ୍କୁ ଘରେ ଲୁଚାଇବା , ସଙ୍ଗରୋଧରେ ନ ରହିବା ଆଦି ରୋଗ ବଢ଼ାଇବାର କାରଣ ହୋଇଛି। ଏହାଛଡ଼ା ଗାଁରେ ଅଷ୍ଟପ୍ରହରୀ , ଭୋଜିଭାତ , ବିବାହ ଆଦି କାର୍ଯ୍ୟକ୍ରମ ଚାଲିଛି। ଗାଁରେ ମେଳି ହୋଇ ତାସ ଖେଳ ହେଉଛି। ଏ ସବୁ ଉପରେ ନଜର ରଖିବାକୁ ସମସ୍ତ ସରପଞ୍ଚଙ୍କୁ ମନ୍ତ୍ରୀ ଅନୁରୋଧ କରିଛନ୍ତି। ମନ୍ତ୍ରୀ କହିଛନ୍ତି, ଜିଲାପାଳ ଓ ଜିଲା ପ୍ରଶାସନ ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ବହୁ ଚେଷ୍ଟା ଚଳାଇଛନ୍ତି। ସମସ୍ତଙ୍କ ସହଯୋଗ ନ ମିଳିଲେ କରୋନାକୁ ରୋକି ହେବନାହିଁ। ଲୋକମାନଙ୍କୁ ସଚେତନ କରିବା , ପ୍ରଶାସନକୁ ଜଣାଇବା ଆଦି କାର୍ଯ୍ୟକ୍ରମ ସରପଞ୍ଚ ଦେଖନ୍ତୁ। ଅଧିକାଂଶ ସମୟରେ ଅଭିଯୋଗ ଆସୁଛି କଣ୍ଟେନମେଣ୍ଟ ଜୋନ୍ , ଗୃହ ସଙ୍ଗରୋଧରେ ରହିଥିବା ରୋଗୀମାନେ ବାହାରକୁ ଆସୁଛନ୍ତି। ଏ ସବୁକୁ ଜଣେ ସରପଞ୍ଚ ଚାହିଁଲେ ଅଟକାଇ ପାରିବେ ବୋଲି ସେ କହିଥିଲେ।

ଉକ୍ତ ବୈଠକରେ ଉପସ୍ଥିତ ନୟାଗଡ଼ ଓ ଓଡ଼ଗାଁ ବିଡିଓ , ନୟାଗଡ଼ ଏବଂ ଓଡ଼ଗାଁ ପୌର ନିର୍ବାହୀ ଅଧିକାରୀ, ତହସିଲଦାର ତଥା ମେଡିକାଲ ଅଫିସର ଉପସ୍ଥିତ ଥିଲେ। କୋଭିଡ୍‌ର ପ୍ରତିଟି ବିଷୟ ଉପରେ ଜିଲାପାଳ ଟୁଡୁ ସମୀକ୍ଷା କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳ କହିଛନ୍ତି, ପ୍ରତି ରୋଗୀଙ୍କୁ ଏକ ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ଯୋଗାଯୋଗ କରାଯାଉଛି। ଜିଲାରେ ଆବଶ୍ୟକ ଔଷଧ ଗଚ୍ଛିତ ଅଛି। ଦରକାର ପଡ଼ିଲେ ଅଧିକ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ କରାଯାଇ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ସରପଞ୍ଚ , ଜିଲା ପରିଷଦ ସଦସ୍ୟମାନଙ୍କ ସହ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ , ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ , ଉପଜିଲାପାଳ ଲଗ୍ନଜିତ ରାଉତ , ବନଖଣ୍ଡ ଅଧିକାରୀ ଧନରାଜ ଏଚ ଡ଼ି , ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶକ୍ତି ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଟିକାକରଣ ବନ୍ଦକୁ ନେଇ ଚିନ୍ତା

ଖଣ୍ଡପଡ଼ା,୧୮।୫(ସ୍ୱ.ପ୍ର.)

ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ

**ଘରକୁ ଘର ବୁଲି ଟିକାକରଣ ପାଇଁ ଦାବି**

ଟିକାକରଣ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି। ଟିକା ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଟିକା ନେବାକୁ ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବତୀ,ଯୁବକଙ୍କଠାରୁ ଆରମ୍ଭ କରି ବରିଷ୍ଠ ନାଗରିକମାନେ ଅପେକ୍ଷା କରିଛନ୍ତି। କେବେ ଟିକା ଆସିବ ସେ ନେଇ ଅନିଶ୍ଚିତତା ଦେଖାଦେଇଛି। ରାଜ୍ୟ ଓ କେନ୍ଦ୍ର ସରକାର କୋଭିଡ୍ ସ୍ଥିତିର ସମୀକ୍ଷା କରିବା ସହ ସୁପରିଚାଳନା ଉପରେ ବିଶେଷ ଗୁରୁତ୍ୱାରୋପ କରୁଥିବା ବେଳେ ଖଣ୍ଡପଡ଼ା ଅଞ୍ଚଳରେ ଉପରୋକ୍ତ କାର୍ଯ୍ୟକ୍ରମର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲା ପ୍ରଶାସନ, ମୁଖ୍ୟ ଚିକିତ୍ସାଧିକାରୀ ଓ ସ୍ୱାସ୍ଥ୍ୟ ବିଭାଗ ସଚିବ, ନିର୍ଦ୍ଦେଶକ ଏ ଦିଗରେ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଜନସାଧାରଣ ଦାବି କରିଛନ୍ତି। ଅନ୍ୟପକ୍ଷେ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଘରକୁ ଘର ବୁଲି ଲୋକମାନଙ୍କୁ ଟିକା ଦେବାକୁ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସେ ପତ୍ର ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସଚିବ, ୫-ଟି ସଚିବ ଓ ନୟାଗଡ଼ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

**MARKFED-ODISHA**
OLD STATION ROAD, BHUBANESWAR-751006
Ref. No.: 1691/MKTG/264/2019-20 Date: 18.05.2021
**TENDER CANCELLATION NOTICE**
No. CAD-308:- Due to some unavoidable technical reasons, the tender floated vide No.1648/Mktg./264/2019-20 dated 12.5.2021 is hereby cancelled. Inconvenience caused is regretted.
OIPR-39017/11/0005/2122 Sd./- Managing Director

GOVERNMENT OF ODISHA
OFFICE OF THE EXECUTIVE ENGINEER
P.H. DIVISION, BALANGIR
Ph.No.- (06652)-234647, Email ID- eephbgr@yahoo.co.in
No.C-266-
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. EE PH BGR 07/2021-22 Dt.15.05.2021
01. Name of the work : 7 Nos.
02. Estimated cost : Rs.9.46 to 38.55 lakhs
03. Period of completion : 2 (Two) to 3 (Three) calendar months
04. Date & time of availability of bid document in the portal : From 11.00A.M. of dt.21.05.2021 to 5.00 P.M. of dt.31.05.2021
05. Last date / time of receipt of bids in the portal : 5 P.M. of dt.31.05.2021
06. Date & time of opening of bids : At 11.30 A.M. of dt.02.06.2021
07. Name and address of the Officer inviting bid : Executive Engineer, P.H. Division, Balangir, At- Tulsinagar, Dist.- Balangir- 767001
Further details can be seen from the website http://tenders.ori.nic.in or www.tendersorissa.gov.in.
Sd./- Executive Engineer, P.H. Division, Balangir
OIPR-13005/11/0007/2122

OFFICE OF THE EXECUTIVE ENGINEER,
RWS&S DIVISION, BALASORE
Tel.: 06782-262249, Fax: 262931, email: eerwss_bls@nic.in, eerwssbls@gmail.com
NATIONAL COMPETITIVE BIDDING THROUGH e-Tendering
No.O-193.- Identification No. 10 Dt.15.05.2021
1. Nos. of work : 4 Nos. RPWS schemes in Balasore district
2. Estimated cost : Rs.121.02 lakhs to Rs.291.25 lakhs
3. Period of completion : 330 days
4. Availability of bid document in portal : Dt.21.05.2021 at 10.00 hours to 31.05.2021 upto 17.00 hours through online.
5. Seeking of clarification : Dt.21.05.21 at 10.00 hours to Dt.28.05.2021 upto 15.00 hours.
6. Date of opening of bid : Dt.01.06.2021 at 11.00 hours in the O/o EE, RWSS Division, Balasore.
7. Name and address of the Officer inviting tender : Executive Engineer, RWS&S Division, Balasore.
Bid cost & bid security will be receipt through electronic payment by NEFT/RTGS. Further details can be seen from the e-Procurement Portal: http://tendersodisha.gov.in.
Sd./- EXECUTIVE ENGINEER, RWS&S DIVISION, BALASORE
OIPR-25013/11/0003/2122

No. CAD-303
idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR
Tender Call Notice No.
BBSR/ELECT/E-4031/18-19 1199 Dt. 12.05.2021
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
Name of the Work: Up-gradation of 11KV line and Construction of 11/0 4KV, 250KVA Plinth Mounted Substation with service connection towards Power supply to Cold Store unit, Srikona I/E, Balaramgdi, Balasore

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT/e-02/21-22 | 20.05.2021 at 17.00 Hrs. | 28.05.2021 at 17.00 Hrs. |

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.
Sd./- Divisional Head (Elect) IDCO, Bhubaneswar
OIPR-14003/11/0022/2122

କୃଷକ ଭାଇ ଓ ଭଉଣୀମାନଙ୍କ ପାଇଁ ସୂଚନା
No.L-17:-
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଭୁବନେଶ୍ୱର ଡିବିଟି (DBT) ମାଧ୍ୟମରେ ୨୦୨୧-୨୨ ବର୍ଷରେ ଅତିରିକ୍ତ କୃଷି ଯନ୍ତ୍ରପାତି ପାଇଁ ଅନ୍‌ଲାଇନ୍ (Online) ଆବେଦନ ଆସନ୍ତା **୨୦ ମଇ ୨୦୨୧ ତାରିଖ ଦିବା ୧୦.୩୦** ଠାରୁ ବିଭିନ୍ନ ଯନ୍ତ୍ରପାତି ପାଇଁ ପର୍ଯ୍ୟାୟ କ୍ରମେ ସର୍ବସାଧାରଣଙ୍କ ନିମନ୍ତେ ଖୋଲିବ ।
ଇଚ୍ଛୁକ ଆବେଦନକାରୀ ଉପଯୁକ୍ତ କୃଷକ ପଞ୍ଜୀକରଣ ସଂଖ୍ୟା ସହିତ **https://odishafarmmachinery.nic.in** ରେ ଆବେଦନ କରିପାରିବେ ।
OIPR-01034/11/0004/2122
କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା

GOVERNMENT OF ORISSA
OFFICE OF THE EXECUTIVE ENGINEER
RURAL WORKS DIVISION NO-I, KEONJHAR
E-mail: eerw_kjr1@yahoo.com
No.O-192:-
"e" Procurement Notice for Road Works
Identification No. Online NCB - 02/2021-22
1. Type of the work : Road Work. 2. Total number of work : 21 Nos. 3. Estimated cost : Rs. 5.82 lakhs to Rs.36.28 lakhs. 4. Class of contractor : 'B', 'C'& 'D' Class. 5. Period of completion : One month & two months calendar.

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o E.E.R.W. Divn. No.I, Keonjhar | Date & time of lottery at O/o E.E.R.W. Divn. No.I, Keonjhar |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Divn., Keonjhar | Road Works N.C.B. No. 02/2021-22 | Dt.24.05.21 at 7.00 A.M. | Dt.31.05.2021 upto 1.00 P.M. | Dt.29.05.2021 upto 1.00 P.M. | Dt.01.06.2021 at 9.00 A.M. | Will be intimated later |

Further details can be seen from the Website www.tendersorissa.gov.in.
OIPR-25110/11/0002/2122 Sd./- Executive Engineer, R.W. Divn. No.-I, Keonjhar

ଧରିତ୍ରୀ
DHARITRI
ବୁଧବାର, ୧୯ ମେ, ୨୦୨୧

## ତହସିଲଦାରଙ୍କ ଚଢ଼ାଉ, ଜରିମାନା ଆଦାୟ

ଶେରଗଡ, (ଡି.ଏନ.ଏ): ଶେରଗଡ ତହସିଲଦାର ପ୍ରଶାସନ ପକ୍ଷରୁ ଗତ ୧୫ ଦିନ ମଧ୍ୟରେ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୫୫ ହଜାର ଟଙ୍କା କରାଯାଇଛି। ତହସିଲଦାର ଡ.ଦୟାସିନ୍ଧୁ ପରିଡା ଏହି ସୂଚନା ଦେଇଛନ୍ତି। ଏହା କେବଳ ଲୋକଙ୍କୁ ସଜାଗ ରହିବାକୁ ଆଦାୟ କରାଯାଇଛି ବୋଲି ସେ କହିଛନ୍ତି। ରବିବାର ରାତିରେ ପଥରପୁଞ୍ଜି, ବଳିଆରସିଂହପୁର, ଗୋବିନ୍ଦପୁର, ବାଜିଳିକଣା ଗ୍ରାମରେ ଦୋକାନ ଖୋଲଥିବା ନେଇ ଖବର ପହଞ୍ଚିବା ପରେ ତହସିଲଦାର ପରିଡା, ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ, ସୁପରଭାଇଜର ପ୍ରମୁଖ ଚଢାଉ କରିଥିଲେ।

## ସଂକ୍ଷେପରେ

### ସେବା ନିବୃତ୍ତ ସେନା କର୍ମଚାରୀଙ୍କ ଦେହାନ୍ତ

ବୁଗୁଡ଼ା,୧୮।୫(ଡି.ଏନ.ଏ.): ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ଅରବିନ୍ଦନଗର ବାସିନ୍ଦା ତଥା ସେବା ନିବୃତ୍ତ ସେନା କର୍ମଚାରୀ ବିନୋଦ ଚନ୍ଦ୍ର ପଟ୍ଟନାୟକ (୬୩)ଙ୍କ ପରଲୋକ ଘଟିଛି। ଗତ ରବିବାର ଅପରାହ୍ନରେ ସେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୯ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ମଙ୍ଗଳବାର ମୃତ୍ୟୁ ଖବର ପ୍ରଘଟ ହେବା ପରେ ସାହିରେ ଶୋକର ଛାୟା ଖେଳିଯାଇଛି। ବିନୋଦଙ୍କ ବିୟୋଗରେ ସ୍ଥାନୀୟ ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

### ଏମ୍‌ପିଙ୍କ ପକ୍ଷରୁ ଅସହାୟଙ୍କୁ ରନ୍ଧାଖାଦ୍ୟ

ଜି.ଉଦୟଗିରି,୧୮।୫(ଡି.ଏନ.ଏ.): କନ୍ଧମାଳ ଏମ୍‌ପି ଡ.ଅଚ୍ୟୁତ ସାମନ୍ତଙ୍କ ତରଫରୁ ଜିଲାର ବିଭିନ୍ନ ସ୍ଥାନରେ ଅସହାୟମାନଙ୍କ ପାଇଁ ରନ୍ଧାଖାଦ୍ୟ ବାଣ୍ଟାଯାଉଥିବା ବେଳେ ଜି.ଉଦୟଗିରି ଏନ୍ଏସିରେ ମଙ୍ଗଳବାରରୁ ଆରମ୍ଭ ହୋଇଛି। ଏନଏସିର ଗୌଡସାହି, ଲେପ୍ରୋସି କଲୋନି, କନ୍ଧସାହି, ହାତୀବାଲି, ବସଷ୍ଟାଣ୍ଡ ସାହି ଆଦି ସ୍ଥାନରେ ଅସହାୟ ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ପୂର୍ବତନ ଏନ୍ଏସି ଅଧକ୍ଷ ସଞ୍ଜିବ କୁମାର ପାତ୍ର, ବୁଲୁ ତ୍ରିପାଠୀ, ଅନୀଲ ଦଳବେହେରା, ରାଜବାଳା ସିଂ, ନବିନ ନାୟକ, ମିଥୁନ ପ୍ରଧାନ, ବୁଲୁ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଲକଡାଉନ ଥିବା ପର୍ଯ୍ୟନ୍ତ ପ୍ରତିଦିନ ଏହିଭଳି ଖାଦ୍ୟ ବଣ୍ଟନ କରାଯିବ।

### ଉଠା ଦୋକାନୀ ସଂଘର ଭେଣ୍ଡିଂଜୋନ ଦାବି

ଗଞ୍ଜାମ,୧୮।୫(ଡି.ଏନ.ଏ.): ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ମହାମାରୀ ଯୋଗୁ ଜନସାଧାରଣ ଅସ୍ତବ୍ୟସ୍ତ ହୋଇପଡିଲେଣି। କରୋନା କଟକଣା ଲାଗି ଏନ୍ଏସି ପ୍ରଶାସନ ସହରର ଉଠା ଦୋକାନୀଙ୍କୁ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମକୁ ପରିବା ବିକ୍ରି ପାଇଁ ସ୍ଥାନାନ୍ତର କରାଯାଇଛି। ଫଳରେ ଉହ ଉହ ଖରାରେ ସେମାନେ ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଛତା ହିଁ ସେମାନଙ୍କର ଏକ ମାତ୍ର ଭରସା। ଏନ୍ଏସି ପ୍ରଶାସନ ସେମାନଙ୍କ ନିମନ୍ତେ କିଛି ବିକଳ୍ପ ବ୍ୟବସ୍ଥା ନ କରିବାରୁ ବ୍ୟବସାୟୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ତେବେ ଭେଣ୍ଡିଂ ଜୋନ୍ ନିର୍ମାଣ କରି ସେମାନଙ୍କୁ ଥଇଥାନ କରିବାକୁ ଉଠା ଦୋକାନୀ ସଂଘ ଦାବି କରିଛି।

### ଅଙ୍ଗନୱାଡ଼ି କର୍ମୀଙ୍କ ସ୍ମାରକପତ୍ର ପ୍ରଦାନ

ପାରଳାଖେମୁଣ୍ଡି,୧୮।୫(ଡି.ଏନ୍.ଏ.): ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ ମୋହନା ବ୍ଲକ ସଂଘ ପକ୍ଷରୁ ୬ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରିଣୀ ଲଳିତା ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କରୋନା ସମୟରେ ଅଙ୍ଗନୱାଡି କର୍ମୀମାନେ ନିଜ ପରିବାରକୁ ପଛରେ ପକାଇ ଦାୟିତ୍ୱ ତୁଲାଉଥିବା ସଂକ୍ରମିତ ହେଉଛନ୍ତି। ଏପରକି କରୋନାରେ କେତେଜଣଙ୍କ ମୃତ୍ୟୁ ଘଟିଥିଲେ ମଧ ସେମାନଙ୍କୁ ସରକାରଙ୍କ ଘୋଷଣା ଅନୁଯାୟୀ ସହାୟତା ଏ ପର୍ଯ୍ୟନ୍ତ ମିଳୁନାହିଁ। ତେଣୁ ବର୍ତ୍ତମାନ ସମୟରେ ଅଙ୍ଗନୱାଡି କର୍ମୀ ଘର ଘର ବୁଲି ସ୍ୱାସ୍ଥ୍ୟ ଯାଞ୍ଚ କରିବାକୁ ନ ଯିବା ପାଇଁ ସଂଘ ନିଷ୍ପତ୍ତି ନେଇଛି । ସରକାରଙ୍କ ଘୋଷଣା ଅନୁସାରେ କରୋନାରେ ମୃତ କର୍ମୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା, ବୀମା ରାଶି, ପେନ୍‌ସନ, ପରିବାରର ଜଣଙ୍କୁ ନିଯୁକ୍ତି, ଅଙ୍ଗନାୱାଡି କର୍ମଚାରୀମାନଙ୍କୁ କରୋନା ଯୋଦ୍ଧା ଘୋଷଣା ଏବଂ କରୋନା କାର୍ଯ୍ୟ ପାଇଁ ମାସିକ ୫ ହଜାର ଟଙ୍କା ସହାୟତା ଆଦି ଦାବି ଉଲ୍ଲେଖ କରାଯାଇଛି।

### ଝାଲରସିଂରେ ସ୍ୱାସ୍ଥ୍ୟ ପରୀକ୍ଷା

ନୂଆଗଡ଼,୧୮।୫: ନୂଆଗଡ ବ୍ଲକ ଝାଲରସିଂ ଗ୍ରାମରେ ଘର ଘର ବୁଲି ସୋମବାର ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆରଆର ଟିମ୍ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା.ନିବେଦିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମମତା ପାଢ଼ୀ, ଡା.ସୁନୀଲ କୁମାର ମାଝୀ, ଏଏନ୍‌ଏମ୍ ସନ୍ଧ୍ୟାରାଣୀ ଚୌଧୁରୀ ଓ ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନାରାଣୀ ପାଣିଗ୍ରାହୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଟିମ୍ ୩ ଶହ ଘର ବୁଲି ୧୫୦୦ ଲୋକଙ୍କ ମଧ୍ୟରୁ ପ୍ରାୟ ୮୦୦ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା।

# ଗଞ୍ଜାମରେ ୨୦୫୯ ସକ୍ରିୟ କରୋନା ରୋଗୀ

## ଆଉ ୨୦୩ ପଜିଟିଭ୍ ଚିହ୍ନଟ, ୨୩୩ ସୁସ୍ଥ

ଛତ୍ରପୁର,୧୮।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଆଉ ୨୦୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ କରୋନାରୁ ୨୩୩ ଜଣ ସୁସ୍ଥ ହୋଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି। ବର୍ତ୍ତମାନ ଜିଲାରେ ୨୦୫୯ ଜଣ ସକ୍ରିୟ କରୋନା ରୋଗୀ ଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଟୁଇଟ୍ କରି ସୂଚନା ଦେଇଛନ୍ତି।

ସୋମବାର ଜିଲାରେ ୨,୩୩୦ ଜଣଙ୍କ କୋଭିଡ୍ ଟେଷ୍ଟ ହୋଇଥିଲା। ସେଥିମଧ୍ୟରୁ ପଜିଟିଭ ଚିହ୍ନଟଙ୍କ ମଧ୍ୟରେ ବ୍ରହ୍ମପୁର ସହରରୁ ସର୍ବାଧିକ ୬୧ ଜଣ, ଆସିକା ଓ ହିଞ୍ଜିଳିରୁ ଜଣେ ଲେଖାଏ, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ, ପାତ୍ରପୁର ଓ ସୋରଡ଼ାରୁ ୫ ଜଣ ଲେଖାଏ, ବେଗୁନିଆପଡାରୁ ୧୦, ଭଞ୍ଜନଗରରୁ ୧୪, ଛତ୍ରପୁରରୁ ୧୪, ଚିକିଟି, ଶେରଗଡ଼ ଓ ଖଲ୍ଲିକୋଟରୁ ୩ ଜଣ ଲେଖାଏ, ଦିଗପହଣ୍ଡିରୁ ୮, ଧରାକୋଟରୁ ୭, କବିସୂର୍ଯ୍ୟନଗର ଓ କୁକୁଡାଖଣ୍ଡିରୁ ୨ ଜଣ ଲେଖାଏ, ପୋଲସରାରୁ ୯, ରଙ୍ଗେଇଲୁଣ୍ଡା ଓ ସାନଖେମୁଣ୍ଡିରୁ ୧୫ ଜଣ ଲେଖାଏ, ବୁଗୁଡ଼ା, ଗଞ୍ଜାମରୁ ୪ ଜଣ ଲେଖାଏ ଏବଂ ଅନ୍ୟ ସ୍ଥାନରୁ ୪ ଜଣ ଅଛନ୍ତି । ଗଞ୍ଜାମ ପୋଲିସ ଜିଲାରେ ପୋଲିସ ପକ୍ଷରୁ ମାସ୍କ, ସାମାଜିକ ଦୂରତା ସହ ଗାଡି ଯାଞ୍ଚ କଡାକଡି କରାଯାଉଛି । ଗତ ୨୪ ଘଣ୍ଟାରେ ଏହି ପୋଲିସ ଜିଲାର ବିଭିନ୍ନ ଥାନା ପକ୍ଷରୁ ମାସ୍କ ଓ ଗାଡି ଯାଚଂ କରି ଅମାନିଆ ଓ ଖିଲାପକାରୀଙ୍କ ଠାରୁ ୨ ଲକ୍ଷ ୪୭ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ମଙ୍ଗଳବାର ଏସପି ବ୍ରିଜେଶ କୁମାର ଟୁଇଟ କରି ସୂଚନା ଦେଇଛନ୍ତି । କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ ନେଇ ପୋଲିସ ଗୋଟିଏ ଦୋକାନ ସିଲ କରିବା ସହ ୨ ହଜାର ଟଙ୍କା ଜରିମାନା ଆଦାୟ କରିଛି । ବେଆଇନ ମଦ କାରବାର ଅଭିଯୋଗରେ ୧୬ ଜଣଙ୍କୁ ଗିରଫ କରାଯିବା ସହ ୧୩୩୧.୨ ଲିଟର ମଦ ଜବତ ହୋଇଥିବା ଏସପି ସୂଚନା ଦେଇଛନ୍ତି ।

## ଆମ୍ବୁଲାନ୍ସ-ଟ୍ରକ୍ ମୁହାଁମୁହିଁ, ଜଣେ ଗୁରୁତର



ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସ।

ବାଲିଗୁଡ଼ା,୧୮।୫(ଡି.ଏନ.ଏ.)

ବାଲିଗୁଡ଼ା ଉପଖଣ୍ଡ ତୁମୁଡ଼ିବନ୍ଧ ଥାନା କୁର୍ତ୍ତମଗଡ ପନ୍ଦରମାଇଲ ଛକ ନିକଟରେ ମଙ୍ଗଳବାର ୧୦୮ ଆମ୍ବୁଲାନ୍ସ ସହ ଏକ ମାଲବାହୀ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଛି। ଦୁର୍ଘଟଣାରେ ଆମ୍ବୁଲାନ୍ସ ଚାଳକ ଆସ୍ତିକ ମଲ୍ଲିକ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। ଅଞ୍ଚଳବାସୀ ଆସ୍ତିକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ସେହି ରାସ୍ତା ଦେଇ ଆସୁଥିବା କୋଟଗଡ଼ ବନବିଭାଗ ରେଞ୍ଜର ସୂର୍ଯ୍ୟକାନ୍ତ ବେହେରା ନିଜ ଗାଡ଼ିରେ ଆଣି ଗୁରୁତର ଚାଳକଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରୁ ତାଙ୍କୁ ଫୁଲବାଣୀ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତୁମୁଡ଼ିବନ୍ଧ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଟ୍ରକ ଡ୍ରାଇଭର ଓ ହେଲପର ସୁରକ୍ଷିତ ଥିବା ଜଣାପଡ଼ିଛି।

# ଜୁନ୍ ୧ ଯାଏ ଚାଲିବ ‘ଆମେ ଅଛୁ’ କାର୍ଯ୍ୟକ୍ରମ



ଗରିବ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଉଛି।

## ପ୍ରତିଟି ଜୀବନ ସୁରକ୍ଷିତ ପାଇଁ ମନ୍ତ୍ରୀଙ୍କ ଶପଥ

ଭଞ୍ଜନଗର,୧୮।୫(ଡି.ଏନ.ଏ)

ଲକ୍‌ଡାଉନ ସମୟରେ ଗରିବ, ଭିକ୍ଷୁକ, ମାନସିକ ବିକାରଗ୍ରସ୍ତଙ୍କୁ ଖାଦ୍ୟ ଯୋଗାଇ ଦେବା ନିମନ୍ତେ କନ୍ଧମାଳ ଏମ୍‌ପି ତଥା କିସ୍ ପ୍ରତିଷ୍ଠାତା ଡ୍.ଅଚ୍ୟୁତ୍ ସାମନ୍ତ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ମିଳିତ ଉଦ୍ୟମରେ ଭଞ୍ଜନଗର ଅଞ୍ଚଳରେ ଗତ ୫ଦିନ ହେବ ‘ଆମେ ଅଛୁ’ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ । ସାଇ ଗୁରୁକୁଳ ଆବାସିକ ବିଦ୍ୟାଳୟର ଚେୟାରମ୍ୟାନ୍ ଅଜିତ କୁମାର ଶତପଥୀ, ସମାଜିକ କର୍ମୀ ପଞ୍ଚାନନ ପାଳ, ଶୁଳପାଣି ଶତପଥୀ, ଗୋପାଳ ପ୍ରଧାନ, ଜଗଦିଶ୍ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରୁଛନ୍ତି। ଅନ୍ୟପକ୍ଷରେ ମନ୍ତ୍ରୀ ଆରୁଖ କରୋନା ମୁକାବିଲାରେ ସହଯୋଗ କରିବେ ବୋଲି ଶପଥ ନେଇଛନ୍ତି । ମଙ୍ଗଳବାର ସେ ସୋସିଆଲ ମିଡ଼ିଆରେ ଲେଖିଛନ୍ତି, ମୋ ନିର୍ବାଚନମଣ୍ଡଳୀର ଲୋକେ ଯେଭଳି ଠିକ୍ ଭାବେ ମାସ୍କ ପିନ୍ଧିବେ, ବାରମ୍ବାର ହାତ ଧୋଇବେ ଓ ସାମାଜିକ ଦୂରତା ରକ୍ଷା କରିବେ ସେ ନେଇ ନିଷ୍ଠାର ସହ କାମ କରିବି । କୋଭିଡ୍ ଯୋଦ୍ଧାମାନଙ୍କୁ ପୁରା ସହଯୋଗ ଯୋଗାଇଦେବି। ଓଡ଼ିଶାର ପ୍ରତ୍ୟକ ପରିବାର, ପ୍ରତିଟି ଜୀବନ ଯେପରି ସୁରକ୍ଷିତ ରହିବ ସେଥିପାଇଁ ଦାୟିତ୍ୱର ସହ କାମ କରିବି । ସବୁ ଭେଦ ଭାବ ଭୁଲି ସମସ୍ତଙ୍କୁ ସାଥିରେ ନେଇ କୋଭିଡ୍ ବିରୋଧରେ ସମ୍ପୂର୍ଣ୍ଣ ବିଜୟ ହାସଲ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ ବୋଲି ମନ୍ତ୍ରୀ ଆରୁଖ ଶପଥ ନେଇଛନ୍ତି ।

## କରୋନା ମୁକାବିଲା ସ୍ଥିତି ସମୀକ୍ଷା କଲେ ବିଧାୟିକା

ବେଗୁନିଆପଡ଼ା,୧୮।୫(ଡି.ଏନ.ଏ.)

କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ମଙ୍ଗଳବାର ବେଗୁନିଆପଡା ବ୍ଲକ ଗସ୍ତ କରି କରୋନା ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ବିଷୟରେ ସମୀକ୍ଷା କରିଥିଲେ। ବ୍ଲକରେ ଚାଲିଥିବା ଟିକାକରଣର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ ଏବଂ ପ୍ରଥମ ଡୋଜ ଟିକାକରଣକୁ ବ୍ଲକରେ ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଥିଲେ। ମେଡିସିନ ଷ୍ଟୋର ଓ ଗ୍ରାମାଞ୍ଚଳରେ ଥିବା ବେଆଇନ କ୍ଲିନିକ ଉପରେ ଚଢ଼ାଉ କରି ପଦକ୍ଷେପ ନେବା ପାଇଁ ତହସିଲଦାରଙ୍କୁ ବିଧାୟିକା କହିଥିଲେ। ସମସ୍ତ ସରପଞ୍ଚ ଓ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ହ୍ୱାଟସଆପ୍ ଗ୍ରୁପ କରି ସମସ୍ତ ସୁବିଧା ଓ ଅସୁବିଧା ଜଣାଇବା, ଘର ଘର ବୁଲି ସର୍ଭେ କରିବାକୁ ଆଲୋଚନା କରିଥିଲେ। ଏହି ସମୟରେ ବିଡିଓ ବେଦବର ପ୍ରଧାନ, ତହସିଲଦାର ଅବନୀ କାନ୍ତ ସାହୁ, କୋଦଳା ଆଇଆଇସି ଦେବାଶିଷ ମହାନ୍ତି, କୋଦଳା ସ୍ୱାସ୍ଥ୍ୟ ଅଧିକାରୀ ସୁଜିତ କୁମାର ବେହେରା, ବିଇଓ କମଳ କାନ୍ତ ସାହୁ, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଜିଲା ପରିଷଦ ସଦସ୍ୟ ମନୋଜ କୁମାର ପାଣ୍ଡୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ନୟାଗଡ଼ ସବ୍‌ଜେଲର ୫୧ କଏଦୀ ପଜିଟିଭ୍

ନୟାଗଡ଼ ଅଫିସ,୧୮।୫

ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସରକାର କହୁଥିଲେ ହେଁ ବାସ୍ତବ ସ୍ଥିତି ଅଲଗା। ଜିଲାରେ ଅଧିକାଂଶ ପରିବାରରୁ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସବୁ ରୋଗୀ ଆର୍‌ଟିପିସିଆର ଟେଷ୍ଟ କରୁ ନ ଥିବାରୁ ପ୍ରକୃତ ଚିତ୍ର ସାମ୍ନାକୁ ଆସି ପାରୁନାହିଁ। ଆଣ୍ଟିଜେନ ପରୀକ୍ଷାରୁ ନୟାଗଡ଼ ସବ୍‌ଜେଲର ୫୧ଜଣ କଏଦୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ମଙ୍ଗଳବାର ଜଣାପଡ଼ିଛି। ୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ଆର୍‌ଟିପିସିଆର ଟେଷ୍ଟ ପାଇଁ ପଠାଯାଇଛି। ଅପରପକ୍ଷେ ଓଡ଼ଗାଁ ତହସିଲ ପଞ୍ଚମୁ ପଞ୍ଚାୟତର ଦୟଣାଝରି, ଗଣିଆ ତହସିଲର ଓସ୍ତିଆ କେନ୍ଦୁପଲ୍ଲୀ ମୁଣ୍ଡିଆସାହି ଓ ହାତିଆପଲ୍ଲୀ ଗାଁ, ଭାପୁର ତହସିଲର ବାଇଗୁଣିଆ ବଡସାହି, ନୂଆଗାଁ ତହସିଲର ସମ୍ପଡ଼ା ବଡ଼ସାହିକୁ ମଙ୍ଗଳବାର ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ସେହିଭଳି ୪୫ରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିଙ୍କ ପାଇଁ ପ୍ରଥମ ଡୋଜ କରୋନା ଭ୍ୟାକ୍ସିନ୍ ଜିଲାର ୫ଟି ସ୍ଥାନରେ ବୁଧବାର ଦିଆଯିବ ବୋଲି ଘୋଷଣା କରାଯାଇଛି। ଜିଲାର ଦଶପଲ୍ଲା ବ୍ଲକ ମର୍ଦ୍ଦମାଡି ଅଙ୍ଗନୱାଡି ସେଣ୍ଟର, ଗଣିଆ ବ୍ଲକର ଗୋଛାବାରୀ ୟୁପି ସ୍କୁଲ, ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପିଏଚ୍‌ସି, ନୟାଗଡ଼ ବ୍ଲକର ବଡପଣ୍ଡୁସର ସିଏଚ୍‌ସି ଓ ବାଉଁଶିଆପଡା ପଞ୍ଚାୟତରେ ଟିକା ଦିଆଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଅପରପକ୍ଷେ କରୋନାର ପ୍ରଥମ ଓ ୨ୟ ଲହର ନୟାଗଡ଼ ଜିଲାରୁ ୪୮ ଜୀବନ ନେଇ ସାରିଲାଣି। ମଙ୍ଗଳବାର ରିପୋର୍ଟରେ ନୟାଗଡ଼ ଜିଲାରେ ୨୭୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୨ୟ ଲହରରେ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫୫୭୩ରେ ପହଞ୍ଚିଛି। ସୋମବାର ରିପୋର୍ଟରେ ଭାପୁର ବ୍ଲକରେ ୮, ଦଶପଲ୍ଲା ବ୍ଲକରେ ୧୮, ଗଣିଆ ବ୍ଲକରେ ୨୩, ଖଣ୍ଡପଡ଼ା ବ୍ଲକରେ ୩୧, ନୟାଗଡ଼ ବ୍ଲକରେ ୪୫, ନୂଆଗାଁ ବ୍ଲକରେ ୪୬, ଓଡ଼ଗାଁ ବ୍ଲକ ୩୩, ରଣପୁର ବ୍ଲକ ୩୪, ନୟାଗଡ଼ ପୌରାଞ୍ଚଳରୁ ୩୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# କୋଟିନଡ଼ାରେ ୨ ଗୋଷ୍ଠୀ ମୁହାଁମୁହିଁ

## ୪ ଦିନ ପରେ ଉଭୟ ପକ୍ଷଙ୍କ ଏତଲା

ଦିଗପହଣ୍ଡି,୧୮।୫(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କୋଟିନଡ଼ା ଗାଁରେ ଦୁଇ ପ୍ରତିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ନିର୍ଦ୍ଦିଷ୍ଟ ଗୋଷ୍ଠୀର ସଂଘବଦ୍ଧ ଆକ୍ରମଣରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ମନୋଜ କୁମାର ସ୍ୱାଇଁ ଓରଫ ଟିକି ଘଟଣାର ୪ ଦିନ ପରେ ସୋମବାର ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୧୧୩/୨୧ରେ ୯ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଗାଁର ନିର୍ଦ୍ଦିଷ୍ଟ ଗୋଷ୍ଠୀ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିର୍ମାଣ ଓ ମରାମତି ନାଁରେ ବ୍ୟାପକ ଅର୍ଥ ଆତ୍ମସାତ କରିଥିବା ଅଭିଯୋଗ ଆଣିବା ପରେ ଗୋଷ୍ଠୀ ବିବାଦ ହୋଇଥିଲା। ଏହାକୁ ବିରୋଧ କରିବାରୁ ମନୋଜଙ୍କୁ ତାଙ୍କ ପ୍ରତିପକ୍ଷ ଗୋଷ୍ଠୀର ଲୋକେ ଗତ ଶନିବାର ଘରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ପ୍ରତିବାଦ କରିବାରୁ ତାଙ୍କ ବାପା, ମା’ଙ୍କୁ ମଧ ସେମାନେ ମାଡ଼ ମାରିଥିଲେ। ଭୟରେ ମନୋଜ ତାଙ୍କ ସାନ ଭାଇଙ୍କ ଘରକୁ ପଳାଇବାରୁ ସେମାନେ ସେଠାରେ ଯାଇ ଭଙ୍ଗାରୁଜା କରିଥିବା ଏତଲାରେ ଉଲ୍ଲେଖ ରହିଛି। ମନୋଜ ଏବେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ପରିବାର ଲୋକେ କହିଛନ୍ତି। ଅପରପକ୍ଷରେ ମନୋଜ ଘଟଣା ଦିନ ରାତିରେ ଗାଁର ମଝି ସାହିରେ ଥିବା ରାଧାକୃଷ୍ଣ ମନ୍ଦିରରେ ଦାନବାକ୍ସ ଓ ପିତଳ ଘଣ୍ଟ ଚୋରି ଉଦ୍ୟମ କରୁଥିବା ଜଣାପଡିବା ପରେ କିଛି ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ। ମନୋଜ ସେମାନଙ୍କୁ ଭୁଜାଲି ଧରି ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ ବୋଲି ଗ୍ରାମର ମାଗତା ସ୍ୱାଇଁ ଏତଲା ଦେଇଥିବା ପୋଲିସ କହିଛି। ଏ ନେଇ ପୋଲିସ ନଂ.୧୧୨/୨୧ ଅନୁଯାୟୀ ମନୋଜଙ୍କ ନାଁରେ ମକଦ୍ଦମା ରୁଜୁ କରିଛି। ଘଟଣାକୁ ନେଇ ଗାଁରେ ଚାପା ଉତ୍ତେଜନା ଲାଗି ରହିଥିଲେ ମଧ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ପୋଲିସ କହିଛି।

## ଆସିକା ତହସିଲରେ ଗଡ଼ିଲା ରାଜସ୍ୱ ରଥ

ଆସିକା,୧୮।୫ (ଡି.ଏନ.ଏ)

ଆସିକା ତହସିଲରେ ମଙ୍ଗଳବାର ରାଜସ୍ୱ ରଥ ପରିକ୍ରମା ଆରମ୍ଭ ହୋଇଛି । ପ୍ରଥମ ଦିବସରେ ଏହି ରଥ ହରିଡାପଦର ରାଜସ୍ୱ ସର୍କଲର ହରିଡାପଦର, ମଣ୍ଡାପଡ଼ା, ଭେଙ୍କଟରାଇପଲ୍ଲୀ, କଲେଜଛକ, ମାଗୁରା, କୁମ୍ଭାରୀ ଆଦି ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ ୭୨ ହିତାଧିକାରୀଙ୍କୁ ତହସିଲଦାର ସଦାନନ୍ଦ ସେଠୀ ଜମି ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଭାଗୀୟ ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ, ରାଜସ୍ୱ ନିରୀକ୍ଷକ ବିଶ୍ୱନାଥ ଲେଙ୍କା, ରାଜସ୍ୱ ପରିଦର୍ଶକ ଭାଗୀରଥି ବେହେରାଙ୍କ ସମେତ ରାଜସ୍ୱ ବିଭାଗୀୟ କର୍ମଚାରୀ ସାମିଲ ଥିଲେ।

## ବାଲ୍ୟ ବିବାହ ରୋକିବା ଲାଗି ଶପଥ ପାଠ



ଅଙ୍ଗନୱାଡିକର୍ମୀ ଶପଥ ପାଠ କରୁଛନ୍ତି।

ନୂଆଗଡ଼,୧୮।୫

ନୂଆଗଡ ବ୍ଲକ ଝାଲରସିଂ ଗ୍ରାମରେ ଅଙ୍ଗନୱାଡିକର୍ମୀମାନେ ଘର ଘର ବୁଲି ବାଲ୍ୟ ବିବାହ ରୋକିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସୋମବାର ଉକ୍ତ ଗାଁରେ ଶପଥ ପାଠ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାଗର ପରିଚ୍ଛା, ସୁରେଶ ଗାଁଣ୍ଟ, ଅକ୍ଷୟ ମାଳି, ଆହାଶ କରାଡ, ହାବେଲ ମାଳି, ଅଙ୍ଗନୱାଡି କର୍ମୀ ଜ୍ୟୋସ୍ନା ରାଣୀ, ନିବେଦିତା କରାଡ, ସସ୍ମିତା ପାଇକ, ଆଶା ସ୍ୱର୍ଣ୍ଣଲତା ପରିଚ୍ଛା, ରେଣୁ ପାଣି, ରମଣୀ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ବାଲ୍ୟ ବିବାହ ନ କରିବା ପାଇଁ ଗ୍ରାମବାସୀଙ୍କୁ ଶପଥ ପାଠ କରାଇଥିଲେ।

## ପିଡିଙ୍କ ୭ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ଶେରଗଡ,୧୮।୫(ଡି.ଏନ.ଏ)

ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତାତ୍ରେୟ ଭାଉସାହେବ ମଙ୍ଗଳବାର ଶେରଗଡ଼ ବ୍ଲକ ଗସ୍ତରେ ଆସି ୭ଟି ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଛନ୍ତି। ଉଚ୍ଚ ବିଦ୍ୟାଳୟଗୁଡିକର ଡିଜିଟାଇଜେଶନ କାମ ଆସନ୍ତା ୩୦ ତାରିଖ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶେରଗଡସ୍ଥିତ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ,ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟ, କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟ,ବି ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ, ଧବଳପୁର ଉଚ୍ଚ ବିଦ୍ୟାଳୟ, ଧନନ୍ତର ଉଚ୍ଚ ବିଦ୍ୟାଳୟ ଓ ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟକୁ ଯାଇ ସମ୍ପୃକ୍ତ ସରପଞ୍ଚ ଓ ବିଦ୍ୟାଳୟ ଶିକ୍ଷାକମିଟିମାନଙ୍କୁ ଭେଟି ସସ୍କୁଲ ଡିଜିଟାଇଜେଶନ କାମ ତୁରନ୍ତ ସାରିବାକୁ କହିଥିଲେ । ପିଡିଙ୍କ ଗସ୍ତ ବେଳେ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ଯନ୍ତ୍ରୀ ରାଜେନ୍ଦ୍ର କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ପିଡି କୃଷ୍ଣଛାଇ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

# ଛତ୍ରପୁରରେ ପଜିଟିଭ ସଂଖ୍ୟା ବଢୁଛି

ଛତ୍ରପୁର,୧୮।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁରରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ କରେନା ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବର୍ତ୍ତମାନ ଛତ୍ରପୁରରେ ୧୦୦ରୁ ଊର୍ଦ୍ଧ୍ୱ ସକ୍ରିୟ କରୋନା ରୋଗୀ ଅଛନ୍ତି।

ସୂଚନା ଅନୁସାରେ, ଗତ ୧୭ ଓ ୧୬ ତାରିଖରେ ୧୪ ଜଣ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୧୫ରେ ୧୭ ଜଣ, ୧୪ରେ ୧୮ ଜଣ ଓ ୧୩ରେ ୨୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ହୋମ ଆଇସୋଲେଶନରେ ଅଛନ୍ତି। ରୋଗୀ ଘରେ ରହୁଥିବାରୁ ପରିବାର ସଦସ୍ୟ ଓ ପରେ ପଡୋଶୀ ଏବଂ ଅନ୍ୟମାନେ ସଂକ୍ରମିତ ହେଉଛନ୍ତି। ଛତ୍ରପୁରରେ ଯେତିକି କରୋନା ସଂକ୍ରମିତ ହେଉଛନ୍ତି ସମସ୍ତେ ଅନ୍ୟ ପଜିଟିଭଙ୍କ ସଂସ୍ପର୍ଶରେ ଆସି ରୋଗରେ ପଡୁଛନ୍ତି। ଛତ୍ରପୁରରେ ଥିବା ଜିଲ୍ଲାପାଳ, ଉପଜିଲ୍ଲାପାଳ, ସବ୍‌ଜେଲ, ବିଭିନ୍ନ ଜିଲାସ୍ତରୀୟ କାର୍ଯ୍ୟାଳୟର କେତେଜଣ ଅଧିକାରୀ ଓ କର୍ମଚାରୀ କରୋନାରେ ସଂକ୍ରମିତ ହେଲେଣି। ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ କରୋନା ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବ ବୋଲି ଘୋଷଣା ହୋଇଥିଲା ଏଠାକୁ ଶଯ୍ୟା ଓ ଅନ୍ୟାନ୍ୟ ଜିନିଷ ଆସିଥିଲେ ମଧ ଏଯାବତ ଏହା ଖୋଲିନି। ଯଦ୍ୱାରା ବ୍ରହ୍ମପୁର ଓ ଅନ୍ୟ ସ୍ଥାନକୁ କରୋନା ରୋଗୀଙ୍କୁ ଯିବାକୁ ପଡୁଛି। ଛତ୍ରପୁର ହସ୍ପିଟାଲରେ ୨୦ଟି ଓ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦ଟି ଅକ୍ସିଜେନ ସହିତ ଶଯ୍ୟା ବ୍ୟବସ୍ଥା କରି ମାଇଲ୍ଡ ଲକ୍ଷଣ ଥିବା କରୋନା ସଂକ୍ରମିତଙ୍କୁ ଚିକିତ୍ସା କରିବାକୁ ଜିଲାପାଳ ନିର୍ଦ୍ଦେଶନାମା ଜାରି କର ସାରିଛନ୍ତି। ଯେଉଁ ସାହି ଓ ୱାର୍ଡରେ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ଉକ୍ତ ଅଞ୍ଚଳକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ କରାଯାଉଥିବା ଛତ୍ରପୁର ଏନଏସି ପକ୍ଷରୁ ସୂଚନା ଦିଆଯାଇଛି। ସଂକ୍ରମଣକୁ ପ୍ରତିହତ କରିବା ପାଇଁ କୋଭିଡ ମନିଟରିଂ କମିଟିର ନିୟମିତ ବୈଠକ ବସୁଛି। ଏଥିସହ ପରିବା ମାର୍କେଟ ଅଞ୍ଚଳରେ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଉଥିବା ଛତ୍ରପୁର ଏନଏସି ପକ୍ଷରୁ ସୂଚନା ଦିଆଯାଇଛି ।



ସଂକ୍ରମିତ ଅଂଚଳରେ ସାନିଟାଇଜ କରାଯାଉଛି